# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଜାନୁୟାରୀ ୨୧/୨୦୨୩ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, January 21/2023 Page 20 ₹ 7.00

୪୯ଶ ଭାଗ ୫୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 59 ମୂଲ୍ୟ₹୭/-







ଚଳିତ ବର୍ଷ ଭାରତ ଅଧ୍ୟକ୍ଷତା କରୁଥିବା ଜି୨୦ ସମ୍ମିଳନୀରେ ଯୋଗଦେବା ପାଇଁ ବିଦେଶୀ ପ୍ରତିନିଧିମାନେ ଆସିବେ। ଫେବୃୟାରୀ ୧୩ ଓ ୧୪ରେ ସେମାନଙ୍କୁ ସ୍ୱାଗତ କରିବା ଲାଗି ଉତ୍ତର ପ୍ରଦେଶର ଲକ୍ଷ୍ନୌ ବିମାନବନ୍ଦରରେ ଏକ ବିଶାଳ ଲକ୍ଷ୍ମଣ ମୂର୍ତ୍ତି ପ୍ରତିଷ୍ଠା କରାଯାଉଛି। ରାମାୟଣର ଲକ୍ଷ୍ମଣଙ୍କ ନାମାନୁସାରେ ରାଜଧାନୀର ନାମକରଣ ହୋଇଥିବାରୁ ତାଙ୍କ ମୂର୍ତ୍ତି ସ୍ଥାପନ କରାଯାଉଥିବା ବିଷୟ ସହରାଞ୍ଚଳ ବିକାଶ ମନ୍ତ୍ରୀ ଏ.କେ. ଶର୍ମା ସୂଚନା ଦେଇଛନ୍ତି।



## ସଂକ୍ଷେପରେ

### ମମତାଙ୍କ କାର୍ଟୁନ୍: ୧୧ ବର୍ଷ ପରେ ପ୍ରଫେସର ଦୋଷମୁକ୍ତ



ଅମ୍ବିକେଶ ମହାପାତ୍ର

**କୋଲକାତା,୨୦।୧:** ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀ ଏବଂ ଦଳୀୟ ନେତା ମୁକୁଲ ରାୟଙ୍କ ବ୍ୟଙ୍ଗଚିତ୍ର ଶେୟାର କରିଥିବା ଯାଦବପୁର ୟୁନିଭର୍ସିଟି ପ୍ରଫେସର ଅମ୍ବିକେଶ ମହାପାତ୍ର ୧୧ ବର୍ଷର ଆଇନଗତ ଲଢ଼େଇ ପରେ ଦୋଷମୁକ୍ତ ହୋଇଛନ୍ତି। କାର୍ଟୁନ ଶେୟାର କରି ମର୍ଯ୍ୟାଦା ହାନି କରିଥିବା ଅଭିଯୋଗରେ ମହାପାତ୍ରଙ୍କ ବିରୋଧରେ ୨୦୧୨ ଏପ୍ରିଲ ୧୨ରେ ଇଷ୍ଟ ଯାଦବପୁର ଥାନାରେ ମାମଲା ରୁଜୁ ହେବା ପରେ ତାଙ୍କୁ ଗିରଫ କରାଯାଇଥିଲା। ଫୌଜଦାରି ମାମଲାରୁ ତାଙ୍କୁ ମୁକ୍ତ କରିବାକୁ ଆଲିପୁର ଜିଲା କୋର୍ଟ ତଳକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିରୋଧୀ ସ୍ୱରକୁ ଚାପିଦେବା ପାଇଁ ପଶ୍ଚିମବଙ୍ଗ ସରକାର, ପୋଲିସ ପ୍ରଶାସନ ଏବଂ ଶାସକ ଦଳର ଗୁଣ୍ଡାମାନେ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରିଥିଲେ ବୋଲି ପ୍ରଫେସର କହିଛନ୍ତି। ପ୍ରଫେସରଙ୍କ ବିରୋଧରେ ରାଜ୍ୟ ସରକାରଙ୍କ ସୂଚନା ପ୍ରଯୁକ୍ତି ଆଇନର ଧାରା ୬୬ଏ ଏବଂ ଆଇପିସିର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଥିଲା।

### କାର୍ ବନେଟ୍‌ରେ ୧ କି.ମି. ଘୋଷାଡ଼ିଲେ ମହିଳା

**ନୂଆଦିଲ୍ଲୀ,୨୦।୧:** ଦୁର୍ଘଟଣା ପରେ ଯାତ୍ରୀଙ୍କୁ ଗାଡ଼ିରେ ଘୋଷାଡ଼ିନେବା ଘଟଣା ଗତ କିଛିଦିନ ହେଲା ବାରମ୍ବାର ଘଟିଚାଲିଛି। ବେଙ୍ଗାଲୁରୁରେ ଶୁକ୍ରବାର ଜଣେ ମହିଳା ତାଙ୍କ କାର୍ ବନେଟରେ ଜଣେ ବ୍ୟକ୍ତିଙ୍କୁ ଝୁଲାଇ ୧ କିଲୋମିଟର ପର୍ଯ୍ୟନ୍ତ ନେଇଯିବା ଘଟଣାରେ ଉତ୍ତେଜନା ପ୍ରକାଶ ପାଇଛି। ଅଭିଯୋଗ ଅନୁଯାୟୀ ପ୍ରିୟଙ୍କା ନାମ୍ନୀ ମହିଳା ବେଙ୍ଗାଲୁରୁର ଜ୍ଞାନଭାରତୀ ନଗରରେ ତାଙ୍କ ଟାଟା ନେକ୍ସନ ନେଇ ଯାଉଥିବାବେଳେ ଦର୍ଶନ ନାମକ ବ୍ୟକ୍ତିଙ୍କ ମାରୁତି ସୁଜୁକି ସ୍ୱିଫ୍ଟକୁ ଧକ୍କା ଦେଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଦର୍ଶନ ମହିଳାଙ୍କୁ ଅଟକାଇବାକୁ ଉଦ୍ୟମ କରୁଥିବାବେଳେ ସେ ଗାଡ଼ି ଷ୍ଟାର୍ଟ କରି ପଳାଇଯାଇଥିଲେ। ଫଳରେ ଦର୍ଶନ କାର୍ ବନେଟରେ ଝୁଲି ରହିଥିଲେ। ଏହି ଘଟଣାରେ ପୋଲିସ ଉଭୟ ପ୍ରିୟଙ୍କା, ଦର୍ଶନଙ୍କ ସମେତ ୫ ଜଣଙ୍କୁ ଗିରଫ କରିଛି। ପ୍ରିୟଙ୍କାଙ୍କ ନାମରେ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଛି।

### ୭୧ ହଜାର ନିଯୁକ୍ତିପତ୍ର ବାଣ୍ଟିଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୨୦।୧:** ରୋଜଗାର ମେଳା ଅଭିଯାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଯୁବତୀଯୁବକମାନଙ୍କୁ ୭୧,୪୨୬ ନିଯୁକ୍ତିପତ୍ର ଭର୍ଚୁଆଲି ବଣ୍ଟନ କରିଛନ୍ତି। କ୍ରମାଗତ ରୋଜଗାର ମେଳା କାର୍ଯ୍ୟକ୍ରମ ସରକାରଙ୍କ ପରିଚୟ ପାଲଟିଛି ଏବଂ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରାଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ତେବେ ବିଭିନ୍ନ ସରକାରୀ ବିଭାଗରେ ୩୦ ଲକ୍ଷ ପଦବୀ ଖାଲି ପଡ଼ିଥିବାବେଳେ ୭୧ ହଜାର ନିଯୁକ୍ତିପତ୍ର ବଣ୍ଟନ ବହୁତ କମ୍ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ବର୍ଷକୁ ୨ କୋଟି ନିଯୁକ୍ତି ପ୍ରଦାନ କରାଯିବ ବୋଲି ମୋଦି ୮ ବର୍ଷ ପୂର୍ବେ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିଲେ। ସରକାର ତାଙ୍କ ପ୍ରତିଶ୍ରୁତି ରକ୍ଷା କରି ୮ ବର୍ଷରେ ୧୬ କୋଟି ନିଯୁକ୍ତି ଦିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି।

### ଇଜିପ୍ଟ ରାଷ୍ଟ୍ରପତିଙ୍କ ଗସ୍ତ ବେଳେ ୬ ଚୁକ୍ତି ସ୍ୱାକ୍ଷର ହେବ

**ନୂଆଦିଲ୍ଲୀ,୨୦।୧:** ଆସନ୍ତା ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ରୂପେ ଇଜିପ୍ଟ ରାଷ୍ଟ୍ରପତି ଅବ୍‌ଦେଲ ଫତ୍ତାହ ଏଲ୍-ସିସି ଯୋଗଦେବେ। ସେ ଜାନୁୟାରୀ ୨୪ରେ ନୂଆଦିଲ୍ଲୀରେ ପହଞ୍ଚିବେ। ଭାରତର ସାଧାରଣତନ୍ତ୍ର ଦିବସରେ ଯୋଗଦେବାରେ ଅଲ୍-ସିସି ହେଉଛନ୍ତି ଇଜିପ୍ଟର ପ୍ରଥମ ରାଷ୍ଟ୍ରପତି ତଥା ମଧ୍ୟପ୍ରାଚ୍ୟର ପଞ୍ଚମ ନେତା। ଆରବ ଦୁନିଆରେ ପ୍ରମୁଖ ଭୂମିକା ନେଉଥିବା ଇଜିପ୍ଟ ସହ ନୂଆଦିଲ୍ଲୀ ସମ୍ପର୍କ ସୁଦୃଢ଼ କରିବାକୁ ଚାହୁଁଛି। ତେଣୁ ତାଙ୍କ ଗସ୍ତ ବେଳେ ଭାରତ ଓ ଇଜିପ୍ଟ ମଧ୍ୟରେ ପ୍ରତିରକ୍ଷା ଓ ସୁରକ୍ଷା ସହଯୋଗ, କୃଷି, ଆଇଟି ସମେତ ୬ଟି କ୍ଷେତ୍ରରେ ଚୁକ୍ତି ସ୍ୱାକ୍ଷର ହେବା ନେଇ ଆଶା କରାଯାଉଛି। ଅଲ୍-ସିସି ୨୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିବା କାର୍ଯ୍ୟକ୍ରମ ରହିଛି।



# ୨୯ ଫୁଟ୍ ମୋବାଇଲ ଟାୱାର ଚୋରି

ପାଟନା,୨୦।୧



ବିହାରର ପାଟନାରେ ଏକ ଡକାୟତ ଗ୍ୟାଙ୍ଗ୍ ନିଜକୁ ଟେଲିକମ୍ କମ୍ପାନୀର କର୍ମଚାରୀ ପରିଚୟ ଦେଇ ୨୯ ଫୁଟ୍ ଉଚ୍ଚତାର ଏକ ମୋବାଇଲ ଟାୱାରକୁ ଚୋରିକରି ନେଇଯାଇଛି। ଚୋରି ସମ୍ପର୍କରେ କେହି କୌଣସି ଆଭାସ ପାଇ ନ ଥିଲେ। ୫ଜି ସେବା ଆରମ୍ଭ କରିବା ଲାଗି ଟେଲିକମ୍ କମ୍ପାନୀର ଟେକ୍‌ନିସିଆନମାନେ ସର୍ଭେ କରୁଥିବାବେଳେ ଏକ ମୋବାଇଲ ଟାୱାର ଏବଂ ଏଥିରେ ଲାଗିଥିବା ଉପକରଣ ଗାଏବ ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଟାୱାରରେ ଲାଗିଥିବା ଟ୍ରାନ୍ସମିଶନ ସିଗ୍‌ନାଲ ଉପକରଣଗୁଡ଼ିକର ମୂଲ୍ୟ ଲକ୍ଷ ଲକ୍ଷ ଟଙ୍କା। ଶାହିନ କାୟୁମ୍ ନାମକ ବ୍ୟକ୍ତିଙ୍କ ଚାରିମହଲା ବିଲ୍ଡିଂ ଉପରେ ଏହି ଟାୱାର ସ୍ଥାପନ କରାଯାଇଥିଲା। ଟାୱାର କେବେ ଚୋରିହେଲା ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ଗୁରୁବାର ଏହି ଖବର ଭାଇରାଲ ହୋଇଛି। ସେବା ପ୍ରଦାନକାରୀ କମ୍ପାନୀ ଗତବର୍ଷ ଅଗଷ୍ଟରେ ସର୍ଭେ କରିଥିବାବେଳେ ସବୁ ଠିକ୍‌ଠାକ୍ ଥିଲା। ଗତ ୧୬ ତାରଖରେ ଜିଟିଏଲ୍ କମ୍ପାନୀର ଏରିଆ ମ୍ୟାନେଜର ମହମ୍ମଦ ଶାହନୱାଜ ଅନୱର ଟାୱାର ଚୋରି ସମ୍ପର୍କରେ ପୋଲିସରେ ଅଭିଯୋଗ କରିଥିଲେ। ଏହି ଘଟଣାରେ କେତେଜଣ ଅଜ୍ଞାତ ବ୍ୟକ୍ତିଙ୍କ ନାମରେ ଆଇପିସିର ଧାରା ୩୭୯ରେ ମାମଲା ରୁଜୁ ହୋଇଛି।

ଏୟାରସେଲ୍ ୨୦୦୬ରେ ଉକ୍ତ ମୋବାଇଲ ଟାୱାର ବସାଇଥିଲା। ୨୦୧୭ରେ ଏୟାରସେଲ୍ ଏହାକୁ ଜିଟିଏଲ୍ କମ୍ପାନୀକୁ ବିକ୍ରି କରିଦେଇଥିଲା। ଟାୱାରଟି ଅକାମୀ ହୋଇଯାଇଥିବାରୁ କମ୍ପାନୀ ଘର ମାଲିକଙ୍କୁ କିଛି ମାସ ହେଲା ଭଡ଼ା ଦେଉ ନ ଥିଲା। ସେଥିପାଇଁ ଘର ମାଲିକ ଟାୱାରକୁ ଛାତ ଉପରୁ ହଟାଇନେବାକୁ କମ୍ପାନୀକୁ କହିଥିଲେ। ଘର ମାଲିକ କାୟୁମ୍‌ଙ୍କୁ ପୋଲିସ ପଚାରିବାରୁ ସେ କହିଥିଲେ, କିଛିଦିନ ପୂର୍ବରୁ ଟାୱାର ଖୋଲିବା ପାଇଁ କେତେଜଣ ଆସିଥିଲେ। ସେମାନେ ନିଜକୁ ଏୟାରସେଲ୍ କମ୍ପାନୀ କର୍ମଚାରୀ ପରିଚୟ ଦେଇଥିଲେ। ଟାୱାରରେ ବୈଷୟିକ ତ୍ରୁଟି ଥିବାରୁ ଏହାକୁ ଖୋଲି ଆଉ ଏକ ଟାୱାର ଲଗାଇବେ ବୋଲି ସେମାନେ କହିଥିଲେ। ତେବେ କମ୍ପାନୀ କର୍ମଚାରୀ ଏହାକୁ ଖୋଲି ନ ଥିବା ଜିଟିଏଲ୍ କହୁଥିବାରୁ ଏହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ପୋଲିସ ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ, ଗତବର୍ଷ ବିହାରର ରୋହତକରେ ଚୋରମାନେ ଏକ ଲୁହାବ୍ରିଜ୍ ସମ୍ପୂର୍ଣ୍ଣ କାଟି ଚୋରିକରି ନେଇଯାଇଥିଲେ। ଏହାର କିଛିଦିନ ପରେ ବେଗୁସରାଇରେ ଏକ ରେଳ ଇଞ୍ଜିନକୁ ଅନୁରୂପ ଭାବେ ଚୋରି କରିଥିଲେ। ଏଭଳି ଅଦ୍ଭୁତ ଚୋରି ଧରିବାରେ ପୋଲିସର ବିଫଳତାକୁ ସାଧାରଣରେ ସମାଲୋଚନା କରାଯାଇଛି।

# ‘ପୁଟିନ୍ ଜୀବିତ ଥିବା ସନ୍ଦେହ’

ଡାଭୋସ୍,୨୦।୧

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଜୀବିତ କି ମୃତ ଜଣାନାହିଁ ବୋଲି ୟୁକ୍ରେନ୍ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍‌ସ୍କି ପ୍ରକାଶ କରିଛନ୍ତି। ରୁଷିଆ ଓ ପୁଟିନ୍ ନ ରହନ୍ତୁ ବୋଲି ୟୁକ୍ରେନୀୟ ରାଷ୍ଟ୍ରପତି ଚାହୁଁଥିବା ଏହାର ଜବାବରେ ରୁଷୀୟ ନେତାମାନେ କହିଛନ୍ତି। ସୁଇଜରଲାଣ୍ଡର ଡାଭୋସ୍‌ରେ ଚାଲିଥିବା ୱାର୍ଲ୍ଡ ଇକୋନୋମିକ୍ ଫୋରମ୍ (ଡବ୍ଲ୍ୟୁଇଏଫ୍)ର ୫୩ତମ ସମ୍ମିଳନୀକୁ ଗୁରୁବାର ଭର୍ଚୁଆଲି ସମ୍ବୋଧନ କରି ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କି କହିଛନ୍ତି, ବୁଝିହେଉ ନାହିଁ କାହା ସାଙ୍ଗରେ ଓ କେଉଁ ବିଷୟରେ ଆଲୋଚନା କରାଯିବ। ବେଳେବେଳେ ଟିଭି ପରଦାରେ ମୁହଁ ଦେଖାଉଥିବା ଏବେ ପୁଟିନ୍ ଜୀବିତ ଥିବା ସମ୍ପର୍କରେ ସେ ଜାଣିନାହାନ୍ତି। ରୁଷିଆରେ କିଏ ନିଷ୍ପତ୍ତି ନେଉଛନ୍ତି ତାହା ମଧ୍ୟ ଜଣାନାହିଁ। କାରଣ ମସ୍କୋ ୟୁରୋପୀୟ ନେତାମାନଙ୍କୁ ଯୁଦ୍ଧ ବନ୍ଦର ପ୍ରତିଶ୍ରୁତି ଦେବାର ପରଦିନ ପୁଣି ଆକ୍ରମଣ କରୁଛି। ଏସବୁ କିଏ କରାଉଛି। କାହା ସାଙ୍ଗରେ ଶାନ୍ତି ଆଲୋଚନା କରିବେ ବୋଲି ଜେଲେନ୍‌ସ୍କି ପ୍ରଶ୍ନ କରିଛନ୍ତି। ଜେଲେନ୍‌ସ୍କିଙ୍କ ଭାଷଣର କିଛି ସମୟ ପରେ କ୍ରେମ୍‌ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ୍ ଏକ ନ୍ୟୁଜ୍ ଚ୍ୟାନେଲକୁ କହିଛନ୍ତି, ଉଭୟ ରୁଷିଆ ଓ ପୁଟିନ୍ ୟୁକ୍ରେନ୍ ତଥା ଜେଲେନ୍‌ସ୍କିଙ୍କ ପାଇଁ ବଡ଼ ସମସ୍ୟା ବୋଲି ଏଥିରୁ ସ୍ପଷ୍ଟ ହୋଇଛି। ରୁଷିଆ ତିଷ୍ଠି ନ ରହୁ ଏବଂ ପୁଟିନ୍ ଜୀବିତ ନ ରୁହନ୍ତୁ ବୋଲି ଜେଲେନ୍‌ସ୍କି ଚାହୁଁଛନ୍ତି।



ଭୋଲୋଡିମିର ଜେଲେନ୍‌ସ୍କି

## ବହୁବିବାହ, ନିକା ହଲାଲାକୁ ଚ୍ୟାଲେଞ୍ଜ

# ସାମ୍ବିଧାନିକ ପୀଠରେ ଶୁଣାଣି ହେବ

ନୂଆଦିଲ୍ଲୀ,୨୦।୧(ପି.ଟି.)

ମୁସଲମାନଙ୍କ ବହୁବିବାହ ଏବଂ ନିକା ହଲାଲା ପ୍ରଥାର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନଗୁଡ଼ିକର ଶୁଣାଣି ପାଇଁ ସୁପ୍ରିମକୋର୍ଟ ୫ ଜଣିଆ ସାମ୍ବିଧାନିକ ପୀଠ ଗଠନ କରିବେ ବୋଲି ଶୁକ୍ରବାର କହିଛନ୍ତି। ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟଙ୍କ ପକ୍ଷରୁ ଦାଏର ପିଟିଶନରେ ବହୁବିବାହ ଏବଂ ନିକା ହଲାଲାକୁ ଅସାମ୍ବିଧାନିକ ଓ ବେଆଇନ ଘୋଷଣା କରିବାକୁ ନିବେଦନ କରାଯାଇଥିଲା। ପୂର୍ବରୁ ଥିବା ସାମ୍ବିଧାନିକ ବେଞ୍ଚର ଦୁଇ ବିଚାରପତି ଇନ୍ଦିରା ବାନାର୍ଜୀ ଏବଂ ହେମନ୍ତ ଗୁପ୍ତା ଅବସର ନେଇଥିବାରୁ ନୂଆ ୫ ଜଣିଆ ବେଞ୍ଚ୍ ଗଠନ କରିବାକୁ ପଡ଼ିବ ବୋଲି ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ପି.ଏସ୍. ନରସିଂହଙ୍କ ଖଣ୍ଡପୀଠ କହିଛନ୍ତି। ଜଷ୍ଟିସ ଇନ୍ଦିରା ବାନାର୍ଜୀ, ହେମନ୍ତ ଗୁପ୍ତା, ସୂର୍ଯ୍ୟ କାନ୍ତ, ଏମ୍.ଏମ୍. ସୁନ୍ଦ୍ରେଶ ଏବଂ ସୁଧାଂଶୁ ଧୁଲିଆଙ୍କୁ ନେଇ ଗଠିତ ୫ ଜଣିଆ ପୀଠ ଗତବର୍ଷ ଅଗଷ୍ଟ ୩୦ରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି), ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଏବଂ ଜାତୀୟ ସଂଖ୍ୟାଲଘୁ କମିଶନ (ଏନ୍‌ସିଏମ୍)କୁ ପକ୍ଷଭୁକ୍ତ କରିବା ସହ ସେମାନଙ୍କୁ ଜବାବ ମାଗିଥିଲେ। ଜଷ୍ଟିସ୍ ବାନାର୍ଜୀ ଏବଂ ଜଷ୍ଟିସ୍ ଗୁପ୍ତା ଗତ ସେପ୍ଟେମ୍ବର ୨୩ ଏବଂ ଅକ୍ଟୋବର ୧୬ରେ ଅବସର ନେଇଥିଲେ। ବହୁବିବାହ ଏବଂ ନିକା ହଲାଲା ବିରୋଧରେ ୮ଟି ପିଟିଶନ୍‌ର ଶୁଣାଣି ହେବାକୁ ଥିବାବେଳେ ଏଥିପାଇଁ ସାମ୍ବିଧାନିକ ପୀଠ ପୁନର୍ଗଠନ କରିବାକୁ ପଡ଼ିବ ବୋଲି ସିଜେଆଇ କହିଛନ୍ତି।



## ବିହାର ଜାତିଗତ ଜନଗଣନା: ହସ୍ତକ୍ଷେପ କରିବେନି ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୦।୧(ପି.ଟି.)

ବିହାରରେ ଜାତିଭିତ୍ତିକ ଜନଗଣନା ଲାଗି ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନଗୁଡ଼ିକରେ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। ଆବେଦନଗୁଡ଼ିକ ଶୁଣାଣି ଯୋଗ୍ୟ ନୁହେଁ କହି ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ବିକ୍ରମ ନାଥଙ୍କ ଖଣ୍ଡପୀଠ ସେଗୁଡ଼ିକ ଖାରଜ କରିଦେଇଛନ୍ତି। ଆବେଦନକାରୀ ସମ୍ପୃକ୍ତ ହାଇକୋର୍ଟରେ ଆବେଦନ କରିପାରିବେ ବୋଲି ଖଣ୍ଡପୀଠ କହିଛନ୍ତି। ଏଗୁଡ଼ିକ ପ୍ରଚାର ସ୍ୱାର୍ଥ ମାମଲା। କେଉଁ ଜାତିଙ୍କ ଲାଗି କେତେ ପରିମାଣର ସଂରକ୍ଷଣ ଦିଆଯିବା ଆବଶ୍ୟକ ବୋଲି କିପରି ନିର୍ଦ୍ଦେଶନାମା ଦିଆଯିବ ଏବଂ ଏହା ରାଜ୍ୟ କିପରି ନିର୍ଦ୍ଧାରଣ କରିବେ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ।

## ୟୁକ୍ରେନ୍‌କୁ ୨୭.୫ ବିଲିୟନ୍ ଡଲାର ସାମରିକ ସହାୟତା ଦେଲାଣି ଆମେରିକା

ୱାଶିଂଟନ୍,୨୦।୧

୨୦୨୨ ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ରୁଷିଆ ପ୍ରଥମ ଆକ୍ରମଣ କରିଥିଲା। ଏହି ଯୁଦ୍ଧକୁ ଶୁକ୍ରବାର ୩୩୧ ଦିନ ପୂରିଥିବାବେଳେ ଆମେରିକା ଆଉ ୨.୫ ବିଲିୟନ୍ ଡଲାର ସାମରିକ ସହାୟତା ଘୋଷଣା କରିଛି। ଏହାକୁ ମିଶାଇ କିଭ୍‌କୁ ଆମେରିକାର ମୋଟ ସହାୟତା ମୂଲ୍ୟ ୨୭.୫ ବିଲିୟନ୍ ଡଲାରରେ ପହଞ୍ଚିଛି। ୱାଶିଂଟନ୍‌ର ସଦ୍ୟ ପ୍ୟାକେଜ୍‌ରେ ୟୁକ୍ରେନ୍‌କୁ ଅତିରିକ୍ତ ଏୟାର ଡିଫେନ୍ସ ସପୋର୍ଟ ମିଳିବ। ଆଭେଞ୍ଜର ଏୟାର ଡିଫେନ୍ସ ସିଷ୍ଟମ୍, ଭୂପୃଷ୍ଠରୁ ଭୂପୃଷ୍ଠକୁ ଲକ୍ଷ୍ୟଭେଦୀ କ୍ଷେପଣାସ୍ତ୍ର ଆଦି ପ୍ରଦାନ କରାଯିବ ବୋଲି ପେଣ୍ଟାଗନ୍ ସୂଚନା ଦେଇଛି।

## ଛଟେଇ ହେବେ ଗୁଗଲର ୧୨ ହଜାର କର୍ମଚାରୀ

**ୱାଶିଂଟନ,୨୦।୧ :** ଗୁଗଲର ମୂଳ କମ୍ପାନୀ ଆଲ୍‌ଫାବେଟ୍ ୧୨,୦୦୦ କର୍ମଚାରୀ ବା ଏହାର ଶ୍ରମଶକ୍ତିର ୬ ପ୍ରତିଶତଙ୍କୁ ଛଟେଇ କରିବାକୁ ଘୋଷଣା କରିଛି। ଆଲ୍‌ଫାବେଟ୍ ସିଇଓ ସୁନ୍ଦର ପିଚାଇ ଏକ ଷ୍ଟାଫ୍ ମେମୋ ଶେୟାର କରି ଏହା ଜଣାଇଛନ୍ତି। କମ୍ପାନୀ ଭିନ୍ନ ଅର୍ଥନୈତିକ ବାସ୍ତବତାକୁ ଲକ୍ଷ୍ୟ କରି ନିକଟ ଅତୀତରେ ବହୁସଂଖ୍ୟାରେ କର୍ମଚାରୀଙ୍କୁ ନିଯୁକ୍ତି ଦେଇଥିଲା। ଏବେ ଏହା ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଥିବା ପିଚାଇ କହିଛନ୍ତି। କର୍ମଚାରୀ ଛଟେଇ ନିଷ୍ପତ୍ତି ଲାଗି ସେ ନିଜକୁ ଦାୟୀ କରିଛନ୍ତି। ଗୁଗଲ୍‌ର ପ୍ରତିଦ୍ୱନ୍ଦ୍ୱୀ ମାଇକ୍ରୋସଫ୍ଟ ମଧ୍ୟ ୧୦ ହଜାର କର୍ମଚାରୀ ଛଟେଇ କରିବ ବୋଲି ପୂର୍ବରୁ ଘୋଷଣା କରିଥିଲା।



ବିହାରର ବୋଧଗୟାସ୍ଥିତ ମହାବୋଧି ମନ୍ଦିରରେ ଶୁକ୍ରବାର ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମାଙ୍କ ପ୍ରାର୍ଥନା ବେଳେ ଉପସ୍ଥିତ ଭକ୍ତବୃନ୍ଦ।

# ଲିନାଙ୍କୁ ସୁପ୍ରିମକୋର୍ଟ ସୁରକ୍ଷା

ନୂଆଦିଲ୍ଲୀ,୨୦।୧

‘କାଳୀ’ ଫିଲ୍ମର ପ୍ରଯୋଜିକା ଲିନା ମନିମେକାଲାଇଙ୍କୁ ଶୁକ୍ରବାର ସୁପ୍ରିମକୋର୍ଟ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ଏହି ଡକ୍ୟୁମେଣ୍ଟାରି ଫିଲ୍ମ ପୋଷ୍ଟରରେ ଦେବୀ କାଳୀଙ୍କ ଭୂମିକାରେ ଲିନା ସିଗାରେଟ ଟାଣୁଥିବା ଓ ସମଲିଙ୍ଗୀ ସମ୍ପର୍କକୁ ସମର୍ଥନ ପ୍ରଦାନକାରୀ ଏକ ବ୍ୟାନର ଧରିଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ବିବାଦ ସୃଷ୍ଟି ହେବା ପରେ ଦେଶର ବିଭିନ୍ନ ଭାଗରେ ଲିନାଙ୍କ ବିରୋଧରେ ଏକାଧିକ ମାମଲା ରୁଜୁ ହୋଇଛି। ଏପରି କି ତାଙ୍କ ବିରୋଧରେ ଲୁକ୍ ଆଉଟ୍ ସର୍କୁଲାର ମଧ୍ୟ ଜାରି କରାଯାଇଛି। ଗିରଫଦାରିରୁ ବର୍ତ୍ତିବା ପାଇଁ ଲିନା ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏଥିସହ ନିଜ ବିରୋଧରେ ଥିବା ଆପରାଧିକ ମାମଲାଗୁଡ଼ିକରେ ଏକତରଫା ରାୟ ଦେବା ପାଇଁ ସେ ସୁପ୍ରିମକୋର୍ଟଙ୍କୁ ନିବେଦନ କରିଛନ୍ତି। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ପି.ଏସ୍. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଲିନାଙ୍କ ଆବେଦନ ଉପରେ କେନ୍ଦ୍ର, ଦିଲ୍ଲୀ, ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ ଓ ଉତ୍ତରାଖଣ୍ଡ ସରକାରଙ୍କୁ ନୋଟିସ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଏଫ୍‌ଆଇଆର୍‌ଗୁଡ଼ିକୁ ନେଇ ଆବେଦନକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ। ଆଇନାନୁସାରେ ସବୁ ଏଫ୍‌ଆଇଆର୍‌କୁ ଏକାଠି କରାଯିବା ପାଇଁ ନୋଟିସ ଜାରି କରାଯାଉଛି। ଶୁଣାଣି ବେଳେ ଲିନା ନିଜ ବୟାନ ରେକର୍ଡ କରାଇଥିଲେ। କାହାର ଧର୍ମୀୟ ଭାବାବେଗକୁ ଆଘାତ ଦେବା ତାଙ୍କ ଉଦ୍ଦେଶ୍ୟ ନୁହେଁ ବୋଲି ଲିନା ଅଦାଲତଙ୍କୁ ଜଣାଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଫେବୃୟାରୀ ୨୦ରେ କରିବାକୁ ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି। ସେତେବେଳ ଯାଏ କୌଣସି ରାଜ୍ୟର ପୋଲିସ କାନାଡାରେ ରହୁଥିବା ଲିନାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେଇପାରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।






# ୧୦ ବର୍ଷ ଧରି ଗୋପନରେ ସହାୟତା

ୱାଶିଂଟନ,୨୦।୧

## କୃଷକଙ୍କ ମୃତ୍ୟୁ ପରେ ଜଣାପଡ଼ିଲା ବଦାନ୍ୟତା

ଆମେରିକାର ଆଲବାମାସ୍ଥିତ ଛୋଟ ସହର ଗେରାଲ୍ଡାଇନ୍‌ରେ ଜଣେ କୃଷକ ବର୍ଷ ବର୍ଷ ଧରି ଗୋପନରେ ଲୋକଙ୍କ ବିଲ୍ ପଇଠ କରିଚାଲିଥିଲେ। ଅସହାୟ ଲୋକଙ୍କୁ ଔଷଧ କିଣିବା ପାଇଁ କୃଷକ ହୋଡି ବୁଫୋର୍ଡ ଚିଲ୍‌ଡ୍ରେସ୍ ଅନେକ ହଜାର ଡଲାର ଦାନ କରିଥିଲେ। ନୂଆବର୍ଷରେ ତାଙ୍କ ମୃତ୍ୟୁ ପରେ ସହରବାସୀ ଏହି ବିଷୟ ଜାଣି ଆଶ୍ଚର୍ଯ୍ୟ ଚକିତ ହୋଇଯାଇଛନ୍ତି।

ପ୍ରାୟ ୧୦ ବର୍ଷ ତଳେ ହୋଡି ଚିଲ୍‌ଡ୍ରେସ୍ ଗେରାଲ୍‌ଡାଇନ୍‌ର ଏକ ଔଷଧ ଦୋକାନକୁ ଯାଇଥିଲେ। ଔଷଧ ଦୋକାନୀ ବ୍ରୁକ୍ ୱାକରଙ୍କୁ ସେ ପଚାରିଥିଲେ, ଏପରି କୌଣସି ପରିବାର ଅଛନ୍ତି କି, ଯେଉଁମାନେ ନିଜ ଔଷଧ କିଣିବା ପାଇଁ ସକ୍ଷମ ନୁହନ୍ତି। ୩୮ ବର୍ଷୀୟା ୱାକର କହିଥିଲେ, ହଁ, ଦୁର୍ଭାଗ୍ୟବଶତଃ ଏପରି ହୋଇଥାଏ। ହୋଡି ସେତେବେଳେ ୱାକରଙ୍କୁ ୧୦୦ ଡଲାର ଦେଇ କହିଥିଲେ, ଔଷଧ କିଣିପାରୁ ନ ଥିବା ଲୋକଙ୍କ କାମରେ ଏହାକୁ ଲଗାଇବ। କିନ୍ତୁ ଏହି ବିଷୟ କାହାକୁ ଜଣାଇବ ନାହିଁ। ଯଦି କେହି ପଚାରନ୍ତି ଏହା ଭଗବାନଙ୍କ ଆଶୀର୍ବାଦ ବୋଲି ତାଙ୍କୁ କହିଦେବ। ମାସକ ପରେ ହୋଡି ପୁଣି ୱାକରଙ୍କ ପାଖକୁ ଆସି ୧୦୦ ଡଲାର ଦେଇଥିଲେ। ଏହିପରି ଭାବେ ସେ ପ୍ରତି ମାସ ସେହି ଔଷଧ ଦୋକାନକୁ ଯାଇ ୱାକରଙ୍କୁ ଅର୍ଥ ଦେଉଥିଲେ। ବର୍ଷ ବର୍ଷ ଧରି ଲୋକଙ୍କୁ ସହାୟତା ପ୍ରଦାନ ବେଳେ ସେ ୱାକରଙ୍କ ଆଗରେ ଦୋହରାଉଥିଲେ, ଅର୍ଥର ସ୍ରୋତ କାହାକୁ ଜଣାଇବ ନାହିଁ। ଗତବର୍ଷ ଶେଷ ଆଡ଼କୁ ହୋଡି ହଠାତ୍ ଫୁସ୍‌ଫୁସ୍‌ଜନିତ ରୋଗରେ ପଡ଼ି ଦୁର୍ବଳ ହୋଇଯାଇଥିଲେ। ଫଳରେ ସେ ଆଉ ଔଷଧ ଦୋକାନୀଙ୍କ ପାଖକୁ ଯାଇପାରି ନ ଥିଲେ।

**୨୦୨୩ ଜାନୁୟାରୀ ୧ରେ ୮୦ ବର୍ଷ ବୟସରେ ହୋଡିଙ୍କ ପରଲୋକ ହୋଇଯାଇଛି। ଗତ ୫ ତାରିଖ ଅପରାହ୍ନ ୨ଟାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ହୋଡିଙ୍କ ସ୍ତ୍ରୀ ମାର୍ଥା ଜୋ ଚିଲ୍‌ଡ୍ରେସ୍, ଝିଅ ଟାନିଆ ଲିନ୍ନ ନିକ୍ସ, ପୁଅ ଡୋଗ୍‌ଲାସ୍ ରେୟ ଚିଲ୍‌ଡ୍ରେସ୍‌ଙ୍କ ସମେତ ନାତୁଣୀନାତିମାନେ ଏବେ ତାଙ୍କୁ ଝୁରୁଛନ୍ତି।**

ଗତ ଜାନୁୟାରୀ ୧ରେ ୮୦ ବର୍ଷୀୟ ହୋଡିଙ୍କ ମୃତ୍ୟୁ ଘଟିବା ପରେ ୱାକର ତାଙ୍କ ପରିବାରକୁ ଏହି ଦାନ ସମ୍ପର୍କରେ ଜଣାଇବାକୁ ନିଷ୍ପତ୍ତି ନେଲେ। ହଣ୍ଟସ୍‌ଭିଲେରୁ ୬୦ ମାଇଲ ଦୂରରେ ବସବାସ କରୁଥିବା କୃଷକମାନଙ୍କୁ ହୋଡି କିପରି ଆର୍ଥିକ ସହାୟତା ଯୋଗାଇଆସିଥିଲେ ତାହା କହିବା ପାଇଁ ସେ ମନସ୍ଥ କଲେ। ହୋଡିଙ୍କ ପରିବାରକୁ ୱାକର ଫୋନ୍ କରିବା ପାଇଁ ଯାଉଥିବାବେଳେ ଜାନୁୟାରୀ ୫ରେ ତାଙ୍କ ଝିଅ ଟାନିଆ ନିକ୍ସ ସ୍ୱର୍ଗତ ପିତାଙ୍କ ବଦାନ୍ୟତା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ଲାଗି ପ୍ରସ୍ତୁତ ହେଉଥିଲେ। ବାପା ନିଜ ମୃତ୍ୟୁ ପୂର୍ବରୁ ଏହି ଦାନ ସମ୍ପର୍କରେ କେବଳ ମୋତେ ଜଣାଇଥିଲେ ବୋଲି ୫୮ ବର୍ଷୀୟା ହେୟାରଷ୍ଟାଇଲିଷ୍ଟ ଟାନିଆ ନିକ୍ସ ଗଣମାଧ୍ୟମକୁ କହିଛନ୍ତି। ନିକ୍ସଙ୍କ ସାବତ ମା’ ମାର୍ଥା ଜୋ ଚିଲ୍‌ଡ୍ରେସ୍ ମଧ୍ୟ ଏହି ବିଷୟରେ ଜାଣି ନ ଥିଲେ। ସବୁ କଥା ପ୍ରଘଟ ହେବା ପରେ ହୋଡିଙ୍କ ବନ୍ଧୁ ସମ୍ପର୍କୀୟ ଓ ତାଙ୍କୁ ଜାଣିଥିବା ଲୋକେ ତାଙ୍କ ଘରକୁ ଯାଇ ଧନ୍ୟବାଦ ଜଣାଉଛନ୍ତି। ଔଷଧ ଦୋକାନୀ ତାଙ୍କ ଦାନ ପାଣ୍ଠିକୁ ଜୀବିତ ରଖିବା ପାଇଁ ବଳକା ଅର୍ଥରେ ‘ହୋଡି ଚିଲ୍‌ଡ୍ରେସ୍ ଫଣ୍ଡ୍’ ଗଠନ କରିଛନ୍ତି।



ସ୍ୱର୍ଗତ ହୋଡି ଚିଲ୍‌ଡ୍ରେସ୍‌ଙ୍କ ସହ ଝିଅ ଟାନିଆ ନିକ୍ସ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଜାନୁୟାରୀ ୨୧/୨୦୨୩ | Bhubaneswar, Saturday, January 21/2023 | ପୃଷ୍ଠା-୧



## କୋର୍ଡା ଚତୁର୍ଥ ରାଉଣ୍ଡରେ

ଆମେରିକାର ଯୁବ ଟେନିସ ଖେଳାଳି ସେବାଷ୍ଟିଆନ୍ କୋର୍ଡା ଅଷ୍ଟ୍ରେଲିଆନ ଓପନ ପୁରୁଷ ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

୧୮ | ୦୨

## ଏଲ୍ଏସିରେ ଯୁଦ୍ଧ ପ୍ରସ୍ତୁତି ଦେଖିଲେ ଜିନ୍‌ପିଙ୍ଗ୍

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ଭିଡିଓ କନ୍‌ଫରେନ୍ସ ଜରିଆରେ ପୂର୍ବ ଲଦାଖ ସଂଲଗ୍ନ ଏଲ୍ଏସିରେ ନିଜ ସୈନ୍ୟଙ୍କ ଯୁଦ୍ଧ ପ୍ରସ୍ତୁତି ସମୀକ୍ଷା କରିଛନ୍ତି।






ମହିଳା କୁସ୍ତିବିତ୍‌ଙ୍କୁ ଯୌନ ଶୋଷଣ ଅଭିଯୋଗରେ ଡବ୍ଲ୍ୟୁଏଫ୍ଆଇ ମୁଖ୍ୟ ବ୍ରିଜ୍ ଭୂଷଣ ଶରଣ ସିଂଙ୍କୁ ପଦବୀରୁ ବହିଷ୍କାର ଦାବିରେ ଶୁକ୍ରବାର ନୂଆଦିଲ୍ଲୀର ଯନ୍ତରମନ୍ତରରେ ଧାରଣା ଦେଇଥିବା ବିଶିଷ୍ଟ ରେସ୍‌ଲର ଓ ଅନ୍ୟମାନେ।

# କଲେଜିୟମ-କେନ୍ଦ୍ର ମୁହାଁମୁହିଁ

- **କିର୍ପାଲଙ୍କ ନିଯୁକ୍ତି ଉପରେ କେନ୍ଦ୍ର ଆପତ୍ତିକୁ କଲେଜିୟମର ପ୍ରତ୍ୟାଖ୍ୟାନ**
- **ମାଡ୍ରାସ, ବମ୍ବେ ହାଇକୋର୍ଟ ପାଇଁ ୨ ବିଚାରପତିଙ୍କ ନାମ ପୁନଃ ସୁପାରିସ**

**ନୂଆଦିଲ୍ଲୀ,୨୦।୧**

ବିଚାରପତି ନିଯୁକ୍ତିକୁ ନେଇ କିଛି ମାସ ହେଲା କେନ୍ଦ୍ର ସରକାର ଏବଂ ସୁପ୍ରିମକୋର୍ଟ କଲେଜିୟମ ମଧ୍ୟରେ ଟଣାଓଟରା ଲାଗିରହିଛି। ବିଚାରପତି ନିଯୁକ୍ତି ଲାଗି କଲେଜିୟମଙ୍କ ସୁପାରିସକୁ ସରକାର ଅନେକ ସମୟରେ କାର୍ଯ୍ୟକାରୀ ନ କରି ଫାଇଲ ଫେରାଇ ଦେଉଛନ୍ତି। କଲେଜିୟମରେ ସରକାରଙ୍କ ପ୍ରତିନିଧିଙ୍କୁ ସାମିଲ କରିବା ଲାଗି ୪ ଦିନ ପୂର୍ବରୁ କେନ୍ଦ୍ର ଆଇନ ମନ୍ତ୍ରୀ କିରେନ ରିଜିଜୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ପତ୍ର ଲେଖି ପ୍ରସ୍ତାବ ଦେଇଥିଲେ। ସୁପ୍ରିମକୋର୍ଟ ଏବଂ ହାଇକୋର୍ଟ ବିଚାରପତି ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଓ ନିରପେକ୍ଷତା ବଜାୟ ରଖିବା ପାଇଁ ରହିଥିବା କଲେଜିୟମ ବ୍ୟବସ୍ଥା ଉପରେ କେନ୍ଦ୍ରର ହସ୍ତକ୍ଷେପକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି।

ବରିଷ୍ଠ ଆଇନଜୀବୀ ସୌରଭ କିର୍ପାଲଙ୍କୁ ଦିଲ୍ଲୀ ହାଇକୋର୍ଟ ବିଚାରପତି ଭାବେ ନିଯୁକ୍ତି ଦେବା ଲାଗି ସୁପ୍ରିମକୋର୍ଟ କଲେଜିୟମ ୫ ବର୍ଷ ମଧ୍ୟରେ ୨ ଥର ସୁପାରିସ କରିଥିଲେ। ତେବେ କିର୍ପାଲ ଜଣେ ସମଲିଙ୍ଗୀ ଏବଂ ତାଙ୍କ ପାର୍ଟନର ଜଣେ ବିଦେଶୀ ହୋଇଥିବା କହି କେନ୍ଦ୍ର ସରକାର ଏହାକୁ ଗ୍ରହଣ କରିନାହାନ୍ତି। କଲେଜିୟମ ତୃତୀୟ ଥର ପାଇଁ କିର୍ପାଲଙ୍କ ନାମ ସୁପାରିସ କରିଛନ୍ତି। ଫଳରେ ଏହାକୁ ନେଇ କେନ୍ଦ୍ର ଓ କଲେଜିୟମ ପୁଣିଥରେ ମୁହାଁମୁହିଁ ହୋଇଛନ୍ତି। କିର୍ପାଲଙ୍କୁ ବିଚାରପତି ନିଯୁକ୍ତି ଦେବା ପ୍ରସ୍ତାବ ଉପରେ କେନ୍ଦ୍ରର ପ୍ରତିବାଦକୁ କଲେଜିୟମ ଖାରଜ କରିଦେଇଛନ୍ତି। ଏହା ବ୍ୟତୀତ କଲେଜିୟମ ଆଉ ୪ ଜଣଙ୍କ ନାଁ ବିଚାରପତି ନିଯୁକ୍ତି ଲାଗି ସୁପାରିସ କରିଛନ୍ତି। କାଲକାଟା ହାଇକୋର୍ଟ ପାଇଁ ୨ ପ୍ରାର୍ଥୀଙ୍କ ନାମ ପୁନର୍ବାର ସୁପାରିସ କରାଯାଇଛି। କିର୍ପାଲଙ୍କ ନିଯୁକ୍ତି ଫଳରେ ବେଞ୍ଚ୍ ସମ୍ମାନ ବଢ଼ିବା ସହ ଏଥିରେ ବିବିଧତାର ସମାବେଶ ହୋଇପାରିବ ବୋଲି ଦର୍ଶାଇ ୨୦୨୧ ନଭେମ୍ବର ୧୧ରେ କଲେଜିୟମ କହିଥିବା ବିଷୟକୁ ଏବେ ନାମ ସୁପାରିସ ବେଳେ ପୁନର୍ବାର ଦୋହରାଇଛନ୍ତି। ସମଲିଙ୍ଗୀ ହେବା ଜଣକ ବ୍ୟକ୍ତିଗତ ଅଭିରୁଚି। ବିଚାରପତି ପାଇଁ ସମ୍ଭାବ୍ୟ ପ୍ରାର୍ଥୀ ହୋଇ ମଧ୍ୟ ସେ ତାଙ୍କ ଅଭିରୁଚିକୁ ଗୋପନ ରଖିନାହାନ୍ତି। ପ୍ରାର୍ଥୀଙ୍କ ବିବାହ ଅଧିକାରକୁ ସମ୍ବିଧାନ ସ୍ୱୀକୃତି ଦେଇଛି। ତେଣୁ ତାଙ୍କୁ ସମଲିଙ୍ଗୀ ଦର୍ଶାଇ ପ୍ରାର୍ଥିତ୍ୱକୁ ଖାରଜ କରିଦେବା ସାମ୍ବିଧାନିକ ନୀତିର ବିରୁଦ୍ଧାଚରଣ କରୁଛି ବୋଲି ସିଜେଆଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଏସ୍.କେ. କୌଲ ଏବଂ କେ.ଏମ୍. ଜୋସେଫ୍‌ଙ୍କୁ ନେଇ ଗଠିତ ୩ ଜଣିଆ କଲେଜିୟମ କହିଛନ୍ତି।

ଏତଦ୍‌ବ୍ୟତୀତ ଗୋଇନ୍ଦା ବ୍ୟୁରୋ ରିପୋର୍ଟକୁ ଅଗ୍ରାହ୍ୟ କରି କଲେଜିୟମ ମାଡ୍ରାସ ହାଇକୋର୍ଟ ବିଚାରପତି ଭାବେ ଆଇନଜୀବୀ ଆର୍ ଜନ୍ ସଥ୍ୟନ ଏବଂ ବମ୍ବେ ହାଇକୋର୍ଟ ବିଚାରପତି ଭାବେ ଆଡଭୋକେଟ ସୋମଶେଖର ସୁନ୍ଦେରେସାନଙ୍କ ନାମକୁ ପୁନଃ ସୁପାରିସ କରିଛନ୍ତି। ପୂର୍ବରୁ ସଥ୍ୟନ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରି ସୋସିଆଲ ମିଡିଆରେ କେତେକ ପୋଷ୍ଟ କରିଥିଲେ। ସେହିପରି ସୁନ୍ଦରେସନ କେତେକ ଗୁରୁତ୍ୱପୂର୍ଣ୍ଣ ନୀତି, ପଦକ୍ଷେପ ଓ ସରକାରଙ୍କ ନିର୍ଦ୍ଦେଶନାମାକୁ ସୋସିଆଲ ମିଡିଆ ଜରିଆରେ ବିରୋଧ କରିଥିଲେ। ଜଣେ ପ୍ରାର୍ଥୀଙ୍କ ଦକ୍ଷତା, ମେଧା ଏବଂ ସାଧୁତାକୁ ଆଧାର କରି ତାଙ୍କୁ ବିଚାରପତି ନିଯୁକ୍ତି ଲାଗି ପ୍ରସ୍ତାବ ଦିଆଯାଇଥିବାବେଳେ ☞ପୃଷ୍ଠା-୨

## ବ୍ରିଜ୍ ଭୂଷଣଙ୍କ ବିରୋଧରେ ତଦନ୍ତ ନିର୍ଦ୍ଦେଶ

- **ଡବ୍ଲ୍ୟୁଏଫ୍ଆଇ ମୁଖ୍ୟ ପଦରୁ ହଟିବେ: କ୍ରୀଡ଼ାମନ୍ତ୍ରୀ**
- **ଆଶ୍ୱାସନା ପରେ ବିକ୍ଷୋଭରୁ ଓହରିଲେ ରେସ୍‌ଲର୍ସ**



ବ୍ରିଜ୍ ଭୂଷଣ ଶରଣ ସିଂ

**ନୂଆଦିଲ୍ଲୀ,୨୦।୧**

ଯୌନ ଉତ୍ପୀଡ଼ନ ଓ ହତ୍ୟା ଧମକ ଅଭିଯୋଗ ଭାଜପା ଏମ୍‌ପି ତଥା ରେସଲିଂ ଫେଡେରେଶନ୍ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍ଆଇ) ଅଧ୍ୟକ୍ଷ ବ୍ରିଜ୍ ଭୂଷଣ ଶରଣ ସିଂଙ୍କୁ ମହଙ୍ଗା ପଡ଼ିଛି। ତାଙ୍କ ବିରୋଧରେ ଆଗତ ଅଭିଯୋଗଗୁଡ଼ିକର ତଦନ୍ତ ପାଇଁ ଶୁକ୍ରବାର ଏକ କମିଟି ଗଠନ କରାଯାଇଛି। ଭାରତୀୟ ଅଲିମ୍ପିକ୍ ସଂଘ (ଆଇଏଲ୍ଓ) ପକ୍ଷରୁ ଗଠିତ ଏହି ୭ ଜଣିଆ କମିଟିରେ ମେରି କମ୍, ଡୋଲା ବାନାର୍ଜୀ, ଅଳକାନନ୍ଦା ଅଶୋକ, ଯୋଗେଶ୍ୱର ଦତ୍ତ, ସହଦେବ ଯାଦବ ☞ପୃଷ୍ଠା-୨

## ସ୍କୁଲ ପରିସରରେ ଛାତ୍ରଙ୍କୁ ଛୁରାମାଡ଼

**ବାଙ୍କୀ,୨୦।୧(ସ୍ୱ.ପ୍ର.)**

କଟକ ଜିଲା ବାଙ୍କୀ ଏନ୍ଏସି ଅନ୍ତର୍ଗତ ଚର୍ଚ୍ଚିକା ସରକାରୀ ସ୍କୁଲ ପରିସରରେ ତୃତୀୟ ଶ୍ରେଣୀର ଛାତ୍ର ସାଇ ପ୍ରସାଦ ରଣାଙ୍କୁ କେହି ଅଜଣା ବ୍ୟକ୍ତି ଛୁରାମାଡ଼ କରିଛନ୍ତି। ଗୁରୁବାର ଅପରାହ୍ନ ୨ଟାରେ ବିଦ୍ୟାଳୟ ପରିସରରେ ସାଇ ଠିଆ ହୋଇଥିବା ବେଳେ ଜଣେ ବ୍ୟକ୍ତି ମୁହଁରେ ମାସ୍କ ପିନ୍ଧି ସାଇଙ୍କ ଗୋଡକୁ ଏକ ଛୁରିରେ ଆକ୍ରମଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଓ ଅନ୍ୟ ଶିକ୍ଷକମାନେ ତାଙ୍କୁ ଉପଖଣ୍ଡ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଇଥିଲେ। ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ଗୋଚ୍ଛି ବାଙ୍କୀ ଥାନାରେ କରିଥିବା ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସ୍କୁଲର ୨ଟି କ୍ୟାମ୍ପସ ରହିଛି। ପ୍ରଧାନ ଶିକ୍ଷୟିତ୍ରୀଙ୍କ କାର୍ଯ୍ୟାଳୟ କ୍ୟାମ୍ପସ୍-୧ରେ ଥିବାବେଳେ ବିପରୀତ ଦିଗରେ କ୍ୟାମ୍ପସ୍-୨ ରହିଛି। ମଝିରେ ରାସ୍ତା ରହିଛି। ଉଭୟ କ୍ୟାମ୍ପସ୍‌ରେ ☞ପୃଷ୍ଠା-୨

## ହକି ବିଶ୍ୱକପ୍

ଶୁକ୍ରବାର ମ୍ୟାଚ ଫଳାଫଳ



ଅଷ୍ଟ୍ରେଲିଆ-୯
ଦକ୍ଷିଣ ଆଫ୍ରିକା-୨

ଫ୍ରାନ୍ସ-୫
ଆର୍ଜେଣ୍ଟିନା-୫

ବେଲଜିୟମ-୭
ଜାପାନ-୧

ଜର୍ମାନୀ-୭
ଦକ୍ଷିଣ କୋରିଆ-୨

## ଏୟାର ଇଣ୍ଡିଆକୁ ୩୦ ଲକ୍ଷ ଜରିମାନା

**ପାଇଲଟଙ୍କ ଲାଇସେନ୍ସ ୩ ମାସ ରଦ୍ଦ**

**ନୂଆଦିଲ୍ଲୀ,୨୦।୧**

**ବିମାନରେ ପରିସ୍ରା କରିବା ଘଟଣା**

ନ୍ୟୁୟର୍କରୁ ଦିଲ୍ଲୀ ଆସୁଥିବା ବିମାନରେ ଜଣେ ମଦ୍ୟପ ଯାତ୍ରୀ ମହିଳା ସହଯାତ୍ରୀଙ୍କ ଉପରେ ପରିସ୍ରା କରିବା ଘଟଣାରେ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଶୁକ୍ରବାର ଏୟାର ଇଣ୍ଡିଆ ଉପରେ ୩୦ ଲକ୍ଷ ଟଙ୍କା ଜରିମାନା ଲଗାଇଛି। ବିମାନରେ ବିଶୃଙ୍ଖଳିତ ଯାତ୍ରୀଙ୍କ ଆଚରଣକୁ ନିୟନ୍ତ୍ରଣ କରିବା ଲାଗି ଥିବା ନିୟମକୁ ଏୟାରଲାଇନ୍ସ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
କର୍ପୋରେଟ ପ୍ରୋତ୍ସାହନ



**ଆଜିର ମନ୍ତବ୍ୟ**

"ଭାରତରେ ଦୃତ ଅଭିବୃଦ୍ଧି ଯୋଗୁ ଭିତ୍ତିଭୂମି ବିକାଶ ସହ କର୍ମନିଯୁକ୍ତି ଓ ଆତ୍ମନିଯୁକ୍ତିର ଅଧିକ ସୁଯୋଗ ସୃଷ୍ଟି ହେଉଛି।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଇଅଁର ପୋଖରୀ ଡଅଁର ଗଣ୍ଡରେ**
**ଫୁଟିଅଛି ପଦ୍ମଫୁଲ**
**ଏବେ ତ କରୁଛୁ କେତେ ମଉଜ**
**କେ ଜାଣେ ପୀରତି ମୂଲ।**

ସମୟ ସହ ତାଳ ଦେଇ ମଣିଷ ହାବଭାବରେ ଅନେକ ପରିବର୍ତ୍ତନ ଘଟିଥାଏ। ଆଜି ଯେ ଏକାନ୍ତ ନିଜର, ଆପଣାର ଲାଗିଥାଏ କାଲିକୁ ହୁଏତ ସାତପର ହୋଇଯାଇଥାଏ। ଏପରି ସ୍ଥଳେ ନିଜ ଭଲ ପାଇବା ପ୍ରତିବଦଳରେ ପ୍ରେମୀ ପାଖରୁ ସେପରି ଆପଣାର ଭାବ ମିଳିପାରିବ କି ନାହିଁ ସେନେଇ ମନରେ ଆଶଙ୍କା ସୃଷ୍ଟି ହେବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଇଆଡ଼େ ଗଲି ସିଆଡ଼େ ଗଲି**
**ତାଳଗଛ ମୂଳେ ହାବୁଡ଼ି ଗଲି**
**ତାଳଗଛ ମୂଳେ ଢମଣା**
**ତୁ ଯହିଁ ପାଇଁ ନହର ପହର**
**ତତେ କିଏ ଦବ ମାଗଣା।**

କିଛି ପାଇବା ପାଇଁ ହେଲେ କିଛି ଦେବାକୁ ପଡ଼ିଥାଏ। ସେହିପରି ଭଲ ପାଇବା ପ୍ରତିବଦଳରେ ସେମିତି ସ୍ନେହ ଓ ସଦିଚ୍ଛା ଦେବାକୁ ହୋଇଥାଏ। ପ୍ରେମିକ ଓ ପ୍ରେମିକାର ମିଳନ ସ୍ଥଳ ତଥା ପ୍ରେମର ପରିଭାଷା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ଓଡ଼ିଶା କଳା, ହସ୍ତଶିଳ୍ପର ଚମତ୍କାର ରାଜ୍ୟ: ମୁଖ୍ୟମନ୍ତ୍ରୀ

## ବ୍ୟାସନଗରରେ ଅନ୍ତର୍ଜାତୀୟ ହସ୍ତଶିଳ୍ପ ସମ୍ମିଳନୀ ଉଦ୍‌ଘାଟିତ




**ଯାଜପୁର ଅଫିସ/ଯାଜପୁର ରୋଡ୍‌,୨୦।୧**

ଯାଜପୁର ଜିଲା ବ୍ୟାସନଗରର ଚାନ୍ଦମା ପଡ଼ିଆରେ ଶୁକ୍ରବାର ଅନ୍ତର୍ଜାତୀୟ ହସ୍ତଶିଳ୍ପ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଭର୍ଚୁଆଲ ପ୍ଲାଟ୍‌ଫର୍ମରେ ଉଦ୍‌ଘାଟନ କରି ଏହି ଅବସରକୁ ଏକ ଐତିହାସିକ ଘଟଣା ବୋଲି ଅଭିହିତ କରିଛନ୍ତି। ଜାତିସଂଘର ପରିବେଶ ଗୁଡ୍‌ୱିଲ୍‌ ଆମ୍ବାସାଡର ତଥା ଜଣାଶୁଣା ବଲିଉଡ୍‌ ଅଭିନେତ୍ରୀ ଦିୟା ମିର୍ଜା ଉପସ୍ଥିତ ରହି ଓଡ଼ିଶାର ହସ୍ତଶିଳ୍ପର ବିକାଶ ଯେପରି ସାରା ବିଶ୍ୱରେ ପରିଚିତ ହୋଇପାରିବ ସେ ନେଇ ପଦକ୍ଷେପ ଆରମ୍ଭ ହୋଇଛି ବୋଲି କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଯାଜପୁର ଓଡ଼ିଶାର ପ୍ରାଚୀନ ରାଜଧାନୀ। ଏଠାକାର ପୌରାଣିକ ଓ ଐତିହାସିକ ପର୍ଯ୍ୟଟନସ୍ଥଳୀ ସମେତ ବୌଦ୍ଧ କୀର୍ତ୍ତିରାଜି ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ହେବାର ସମ୍ଭାବନା ସୃଷ୍ଟି କରିଛି। ରାଜ୍ୟର ସାଂସ୍କୃତିକ ଗୌରବ ବିଷୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ଏକ ଅମୂଲ୍ୟ କଳା ଏବଂ ହସ୍ତଶିଳ୍ପର ଏକ ଚମତ୍କାର ରାଜ୍ୟ। ଆମର ସଭ୍ୟତା, ଯାତ୍ରା, କଳା ସଂସ୍କୃତି, କାରିଗରମାନଙ୍କ କଳାକୃତି ଅନେକ ଉପାୟରେ ପ୍ରତିଫଳିତ ହୋଇଛି। ରାଜ୍ୟର ବିଭିନ୍ନ ମନ୍ଦିରର ଭାସ୍କର୍ଯ୍ୟ, ମୂର୍ତ୍ତି କାରିଗରି, ହାତରେ ବୁଣା ପୋଷାକ, ପାଟଶାଢ଼ି, କାଠ କାର୍ଯ୍ୟ, ଧାତୁ କାର୍ଯ୍ୟ ଆଦି ସର୍ବଜନ ବିଦିତ। ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛି। ଜୀବିକା ତଥା ନିଯୁକ୍ତି ସୁଯୋଗ ଯୋଗାଇବା ଏବଂ ନିବେଶକଙ୍କୁ ଆକର୍ଷିତ କରିବା ପାଇଁ ଓଡ଼ିଶା ସରକାର ପ୍ରୟାସ କରୁଛନ୍ତି। ପର୍ଯ୍ୟଟନ, ହସ୍ତତନ୍ତ ଏବଂ ହସ୍ତଶିଳ୍ପ କ୍ଷେତ୍ରରେ ସାମଗ୍ରିକ ବିକାଶ ପାଇଁ ଅନେକ ଯୋଜନା ପ୍ରଣୟନ କରାଯାଇଛି। ରାଜ୍ୟ ପର୍ଯ୍ୟଟନ ନୀତି, ହସ୍ତତନ୍ତ ନୀତି, ପୋଷାକ ଏବଂ ବୈଷୟିକ ବୟନ ନୀତି ଭଳି ଯୋଜନା ହାତକୁ ନିଆଯାଇଛି। ବିଭିନ୍ନ ସ୍ଥାନରେ କଳା ଗ୍ୟାଲେରି ଖୋଲିବା, ଐତିହ୍ୟ ପଦଯାତ୍ରା ଆୟୋଜନ କରାଯିବା ଏବଂ ପର୍ଯ୍ୟଟନ ଓ ସଂସ୍କୃତିର ପ୍ରଚାର ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସେ କହିଛନ୍ତି। ଏହି ଅବସରରେ ଯାଜପୁର ଜିଲାର ପର୍ଯ୍ୟଟନ ଲୋଗୋ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଜାତିସଂଘର ୪ଟି ଏଜେନ୍ସି ଏବଂ ୫ଟି ୟୁନେସ୍କୋ କ୍ରିଏଟିଭ ସିଟିର ସହଭାଗିତାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ଏହି ଦୁଇଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ପ୍ରଥମ କରି ଆୟୋଜନ ହୋଇଛି। ଏଥିରେ ଅଗ୍ରଗାମୀ କାରିଗର, ସଂସ୍କୃତି ଏବଂ କଳା ଉତ୍ସାହୀଙ୍କ ମିଳନ ଘଟିଛି। ୧୫ ଦେଶର ପ୍ରତିନିଧି ଏଥିରେ ଯୋଗଦେଇଛନ୍ତି।

ସମ୍ମିଳନୀରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ପଣ୍ଡା, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ, ହସ୍ତତନ୍ତ, ବୟନଶିଳ୍ପ ଏବଂ ହସ୍ତଶିଳ୍ପ ମନ୍ତ୍ରୀ ରୀତା ସାହୁ ଅଂଶଗ୍ରହଣ କରି ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଏବଂ ଆଧୁନିକ ଯୁଗରେ ଏହାର ମହତ୍ତ୍ୱ ଉପରେ ଆଲୋକପାତ କରିଛନ୍ତି। ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ସ୍ୱାଗତ ଭାଷଣ ଏବଂ ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହେରା ଧନ୍ୟବାଦ ଦେଇଛନ୍ତି। ୟୁନେସ୍କୋ ସାଂସ୍କୃତିକ ମୁଖ୍ୟ କାର୍ଯ୍ୟକ୍ରମ ବିଶାରଦ ଜୁହ୍ନି ହାନ୍‌ ଯୋଗଦେଇ ଓଡ଼ିଶାର ହସ୍ତଶିଳ୍ପ ଓ କୁଟୀର ଶିଳ୍ପ, ଭାସ୍କର୍ଯ୍ୟକୁ ଅନ୍ତର୍ଜାତୀୟ ସ୍ତରରେ ପ୍ରୋତ୍ସାହିତ କରିବ ବୋଲି ବକ୍ତବ୍ୟ ରଖିଛନ୍ତି। ସମ୍ମିଳନୀରେ ମୋଟ ୧୦ଟି ଅଧିବେଶନ ହେବ। ମହିଳାଙ୍କ ହସ୍ତଶିଳ୍ପ, ହସ୍ତଶିଳ୍ପର ଭବିଷ୍ୟତ, ସଂସ୍କୃତି, ବର୍ଜ୍ୟବସ୍ତୁ ପରିଚାଳନା, ହସ୍ତଶିଳ୍ପର ସୁରକ୍ଷା, ପର୍ଯ୍ୟଟନ, ଲୁପ୍ତପ୍ରାୟ ହସ୍ତଶିଳ୍ପ ଇତ୍ୟାଦି ବିଷୟରେ ଆଲୋଚନା କରାଯାଉଛି। ଯାଜପୁର ଜିଲାର ପଥର ଶିଳ୍ପୀ, ବାଉଁଶ, ହସ୍ତକଳା, ଟେରାକୋଟା, ଝୋଟ ହସ୍ତକଳା, କଂସା ପିତ୍ତଳ, ବସ୍ତ୍ର, କାଇଁଚ ହସ୍ତଶିଳ୍ପୀ ଆଦି ୪୦ ଜଣ ପ୍ରତିଷ୍ଠିତ କାରିଗର ଭାଗନେବାର ସୁଯୋଗ ପାଇଛନ୍ତି।

# ଇଡିରେ ହାଜର ହେଲେ ତାଳଚେର ବିଧାୟକ

**ଭୁବନେଶ୍ୱର,୨୦।୧(ବ୍ୟୁରୋ)**



ବ୍ରଜ କିଶୋର ପ୍ରଧାନ

ତାଳଚେରର ବିଜେଡି ବିଧାୟକ ବ୍ରଜ କିଶୋର ପ୍ରଧାନ ଶୁକ୍ରବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କାର୍ଯ୍ୟାଳୟରେ ହାଜର ହୋଇଥିଲେ। ଅପରାହ୍ଣ ପ୍ରାୟ ସାଢ଼େ ୧ଟାରେ ସେ ନୟାପଲ୍ଲୀସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଅଧିକାରୀମାନେ ତାଙ୍କୁ ଜେରା କରିଥିଲେ। ତେବେ ଏନେଇ ଇଡି ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିଲେ ମଧ୍ୟ ବେଆଇନ ଅର୍ଥ କାରବାର ଦିଗରେ ବ୍ରଜଙ୍କୁ ପଚରାଉଚରା କରାଯାଇଥିବା ସୂଚନା ମିଳିଛି। ୭ ଘଣ୍ଟା ପରେ ଅର୍ଥାତ ରାତି ପ୍ରାୟ ୮ଟାବେଳେ ବ୍ରଜ ଇଡି କାର୍ଯ୍ୟାଳୟରୁ ବାହାରିଥିଲେ। ଏହି ସମୟରେ ସେ ଗଣମାଧ୍ୟମକୁ କହିଥିଲେ, ଇଡି ଯାହା ତଥ୍ୟ ମାଗିଲେ, ତାହା ପ୍ରଦାନ କରିଛି। ଅନୁଗୋଳ ଜିଲାରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଲଜିଷ୍ଟିକ୍‌ କମ୍ପାନୀରେ ବ୍ରଜ ଓ ନିଜ ସମ୍ପର୍କୀୟ ଦ୍ୱାରା କରାଯାଇଥିବା ଅର୍ଥ ବିନିଯୋଗରେ ଆର୍ଥିକ ଅନିୟମିତତାର ଯାଞ୍ଚ ପାଇଁ ତାଙ୍କୁ ସମନ କରାଯାଇଥିଲା ବୋଲି ସୂଚନା ମିଳିଛି। ବ୍ରଜ ନିଜର ପାନ୍‌, ଆଧାର ଓ ବିଭିନ୍ନ ବ୍ୟାଙ୍କର ତଥ୍ୟ ଦେଇଛନ୍ତି। ୨-୩ଦିନ ମଧ୍ୟରେ ପୁଣି ଇଡି କାର୍ଯ୍ୟାଳୟରେ ହାଜର ହେବେ ବୋଲି ଜଣେ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ, ଚମ୍ପୂଆ ବିଧାୟକ ତଥା ଖଣି ମାଲିକ ଜିତୁ ପଟ୍ଟନାୟକଙ୍କ ସହ ତାଙ୍କ ବ୍ୟବସାୟିକ ଲିଙ୍କ୍‌କୁ ନେଇ ବ୍ରଜଙ୍କୁ ପଚରାଉଚରା କରାଯାଇଥିବା ମଧ୍ୟ କୁହାଯାଉଛି।

# ଘାଟିରେ ବସ୍‌ ଓଲଟି ୨ ମହିଳା ମୃତ, ୧୩ ଆହତ

**ପାତ୍ରପୁର, ୨୦।୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ଜରଡ଼ା ଥାନା ଖାରିଆଗୁଡ଼ା ଫାଣ୍ଡି ଝଗଡ଼ାପଲ୍ଲୀ ନିକଟସ୍ଥ ମାଙ୍କଡ଼ଡିଆଁ ଘାଟିରେ ଶୁକ୍ରବାର ଏକ ମିନିବସ୍‌ ଓଲଟି ୨ ଜଣ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ୧୩ ଯାତ୍ରୀ ଆହତ ହୋଇଛନ୍ତି। ଶୁକ୍ରବାର ଅପରାହ୍ଣ ପ୍ରାୟ ୩ଟା ସମୟରେ 'ରଘୁନାଥ' (ଓଆର୍‌ ୦୨ ବିବି ୯୭୭୭) ନାମକ ଏକ ଘରୋଇ ବସ୍‌ ଗଜପତି ଜିଲା ରାଇଗଡ଼ରୁ ପ୍ରାୟ ୩୦ଜଣ ଯାତ୍ରୀଙ୍କୁ ନେଇ ଗଞ୍ଜାମ ଜିଲାର ବୁରାତାଲକୁ ଫେରୁଥିଲା। ଝଗଡ଼ାପଲ୍ଲୀ ନିକଟ ମାଙ୍କଡ଼ଡିଆଁ ଘାଟି ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ମୋହନା ବ୍ଲକ ଶିକୁଳିପଦର ଗ୍ରାମର ସରସ୍ୱତୀ ଶବର (୧୬) ଏବଂ ଦିଗପହଣ୍ଡି ବ୍ଲକ ଭ୍ରମରପୁର ପଞ୍ଚାୟତ ଅରଖପଦା ଗ୍ରାମର ସୁମତି ରଇତ (୨୮)ଙ୍କ ମୃତ୍ୟୁ ଘଟିଥିବା ବେଳେ ୧୩ଜଣ ଆହତ ହୋଇଛନ୍ତି। ଜରଡ଼ା ଥାନା ଅଧିକାରୀ, ଖାରିଆଗୁଡ଼ା ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ ଶତପଥୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ଆହତମାନଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଥିବା ଅନିତା ଶବର, ଈପ୍ସିତା ବଳିଆରସିଂ, ପାର୍ବତୀ ନାୟକ, ବାବୁଲା ଶବର, ନମିତା ପାଣିଗ୍ରାହୀ, ଟୁନା ବିଷୋୟୀ, ଜାନକୀ ଦଳାଇଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଯାଇଛି। ପାତ୍ରପୁର ବିଡିଓ ପ୍ରକାଶ ଦାସ ଦୁର୍ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ପାତ୍ରପୁର ମେଡିକାଲ ଯାଇ ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ବସ୍‌ଟିକୁ ପୋଲିସ ଜବତ କରି ଦୁଇ ମହିଳାଙ୍କ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ମେଡିକାଲ ପଠାଇଛି। ପରେ ଜିଲାପାଳଙ୍କ ନିର୍ଦ୍ଦେଶ ପରେ ପାତ୍ରପୁର ବିଡିଓ ଦାସ ଦୁଇ ମୃତକଙ୍କ ପରିବାରକୁ ୩୦ ହଜାର ଟଙ୍କା ଲେଖାଏଁ ରେଡକ୍ରସ ପାଣ୍ଠିରୁ ପ୍ରଦାନ କରିଛନ୍ତି। ଅଧିକ ଗୁରୁତର ବ୍ୟକ୍ତିମାନଙ୍କୁ ୧୦ ହଜାର ଓ ସାମାନ୍ୟ ଆହତଙ୍କୁ ୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି।



ମାଙ୍କଡ଼ଡିଆଁ ଘାଟିରେ ଶୁକ୍ରବାର ଓଲଟି ପଡ଼ିଥିବା ବସ୍‌ ।

# ଏଲ୍‌ଏସିରେ ଯୁଦ୍ଧ ପ୍ରସ୍ତୁତି ଦେଖିଲେ ଜିନ୍‌ପିଙ୍ଗ୍‌



**ବେଜିଂ,୨୦।୧**

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ ଶୁକ୍ରବାର ଭିଡିଓ କନ୍‌ଫରେନ୍ସ ଜରିଆରେ ପୂର୍ବ ଲଦାଖ ସଂଲଗ୍ନ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ନିଜ ସୈନ୍ୟଙ୍କ ଯୁଦ୍ଧ ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ପିପୁଲ୍ସ ଲିବରେଶନ୍‌ ଆର୍ମି (ପିଏଲ୍‌ଏ)ର ବେଜିଂ ମୁଖ୍ୟାଳୟରୁ ସେ ଭାରତ-ଚାଇନା ସୀମାରେ ଥିବା ଶିଞ୍ଜିଆନ୍‌ ମିଲିଟାରି କମାଣ୍ଡ ସୈନ୍ୟମାନଙ୍କ ସହ ଭିଡିଓ ଲିଙ୍କ୍‌ରେ ଆଲୋଚନା କରିଛନ୍ତି। କିଛି ବର୍ଷ ହେଲା ଏହି ଅଞ୍ଚଳରେ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଏହା ଆମ ସେନାକୁ ପ୍ରଭାବିତ କରିଛି ବୋଲି ସେ କହିବା ସହ ଯୁଦ୍ଧ ପ୍ରସ୍ତୁତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଜଣେ ସୈନ୍ୟ ତାଙ୍କୁ ଉତ୍ତର ଦେଇଥିଲେ, ସୀମା ଉପରେ ଆମେ ୨୪ ଘଣ୍ଟା ନଜର ରଖୁଛୁ। ପ୍ରକାଶ ଯେ ସୀମା ବିବାଦକୁ ନେଇ ଭାରତ ଓ ଚାଇନା ମଧ୍ୟରେ ୧୭ଟି ପର୍ଯ୍ୟାୟରେ ଉଚ୍ଚସ୍ତରୀୟ ବୈଠକ ହେଲାଣି। କିନ୍ତୁ ଏହି ବୈଠକଗୁଡ଼ିକରୁ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍କର୍ଷ ବାହାରିପାରି ନାହିଁ। ଏଲ୍‌ଏସିରେ ଶାନ୍ତି ବଜାୟ ରଖିବା ଉପରେ ଭାରତ ଜୋର୍‌ ଦେଇଆସୁଛି।

# ୧୦ ଜିଲାରେ ପ୍ରବଳ କୁହୁଡ଼ି ସମ୍ଭାବନା

**ଭୁବନେଶ୍ୱର,୨୦।୧(ବ୍ୟୁରୋ)**

ଗୁରୁଚାପ ବଳୟ ପ୍ରଭାବରେ ରାଜ୍ୟରେ ଗତ କିଛିଦିନ ହେବ ଘନକୁହୁଡ଼ି ଜାରି ରହିଛି। ଆହୁରି ଦୁଇଦିନ ପ୍ରବଳ କୁହୁଡ଼ି ସମ୍ଭାବନା ରହିଛି। କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, କଟକ, ନୟାଗଡ଼, କନ୍ଧମାଳ, ବଲାଙ୍ଗୀର, କଳାହାଣ୍ଡି, ରାୟଗଡ଼ା ଓ କୋରାପୁଟ ଆଦି ୧୦ ଜିଲାର କେତେକ ସ୍ଥାନରେ ଘନ କୁହୁଡ଼ି ହେବା ସମ୍ଭାବନା ରହିଛି। ଏହି ସବୁ ଜିଲାରେ ୫୦ରୁ ୨୦୦ ମିଟର ଦୂରତା ପର୍ଯ୍ୟନ୍ତ ଦେଖାଯିବ ନାହିଁ। ସେହିପରି ୨୨ ତାରିଖ ସକାଳେ ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା ଓ କୋରାପୁଟ ଜିଲାର କେତେକ ସ୍ଥାନରେ ଘନକୁହୁଡ଼ି ହୋଇପାରେ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆଗାମୀ ୫ ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବ। ଗୁରୁଚାପ ଯୋଗୁ ରାଜ୍ୟରେ ଶୀତ ଉଭେଇ ଯାଇଛି। ରାଜ୍ୟରେ ଶୁକ୍ରବାର ସର୍ବନିମ୍ନ ତାପମାତ୍ରା ୧୩ରୁ ୨୧ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିଛି।

## ପ୍ରଥମ ପୃଷ୍ଠାରୁ...

### କଲେଜିୟମ-କେନ୍ଦ୍ର ...

ତାଙ୍କର ଅଭିବ୍ୟକ୍ତିକୁ ନେଇ ନିଯୁକ୍ତିରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି କଲେଜିୟମ କହିଛନ୍ତି। ସେହିପରି କାଲକାଟା ହାଇକୋର୍ଟ ବିଚାରପତି ଭାବେ ଆଇନଜୀବୀ ଅମିତେଶ ବାନାର୍ଜୀ ଏବଂ ସାକ୍ୟ ସେନ୍‌ଙ୍କ ପଦୋନ୍ନତିକୁ କଲେଜିୟମ ଦ୍ୱିତୀୟ ଥର ସୁପାରିସ କରିଛନ୍ତି। ୨୦୨୧ ସେପ୍ଟେମ୍ବର୧ରେ କଲେଜିୟମ ଉପରୋକ୍ତ ନାମକୁ ପୁନଃ ସୁପାରିସ କରିଥିଲେ। ସରକାରଙ୍କ ଆପତ୍ତିକୁ ବିଚାରକୁ ନେବା ପରେ ପ୍ରାର୍ଥୀମାନଙ୍କ ନାମକୁ ପୁନର୍ବାର ସୁପାରିସ କରାଯାଉଥିବା କଲେଜିୟମ ସ୍ପଷ୍ଟ କରିଛନ୍ତି। ପୂର୍ବତନ ସିଜେଆଇ ବି.ଏନ୍‌. କିର୍ପାଲଙ୍କ ପୁଅ ସୌରଭ କିର୍ପାଲଙ୍କୁ ବିଚାରପତି ଭାବେ ନିଯୁକ୍ତି ଦେବା ନିମନ୍ତେ ୨୦୧୭ ଅକ୍ଟୋବର ୧୩ରେ ଦିଲ୍ଲୀ ହାଇକୋର୍ଟ କଲେଜିୟମ ସର୍ବସମ୍ମତିକ୍ରମେ ସୁପାରିସ କରିଥିଲେ, ଯାହାକୁ ସୁପ୍ରିମକୋର୍ଟ କଲେଜିୟମ ୨୦୨୧ ନଭେମ୍ବର ୧୧ରେ ଅନୁମୋଦନ କରିଥିଲେ। ତେବେ କିର୍ପାଲ ଜଣେ ସମଲିଙ୍ଗୀ ଏବଂ ତାଙ୍କ ପାର୍ଟନର ସୁଇଜରଲାଣ୍ଡ ନାଗରିକ ହୋଇଥିବା ଦର୍ଶାଇ ଉକ୍ତ ସୁପାରିସକୁ ଆଇନ ମନ୍ତ୍ରଣାଳୟ ୨୦୨୨ ନଭେମ୍ବର ୨୫ରେ ଫେରାଇ ଦେଇଥିଲା।

### ଏୟାର ଇଣ୍ଡିଆକୁ ...

ଉଲ୍ଲଂଘନ କରିଥିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଥିସହିତ ବିମାନ ପାଇଲଟ୍‌ଙ୍କ ଲାଇସେନ୍ସକୁ ୩ ମାସ ପାଇଁ ରଦ୍ଦ କରିଦିଆଯାଇଛି। ଗତବର୍ଷ ନଭେମ୍ବର ୨୬ରେ ଶଙ୍କର ମିଶ୍ରା ଏୟାର ଇଣ୍ଡିଆ ବିମାନରେ ନ୍ୟୁୟର୍କରୁ ଆସୁଥିବାବେଳେ ଜଣେ ବୟସ୍କା ମହିଳା ସହଯାତ୍ରୀଙ୍କ ଉପରେ ପରିସ୍ରା କରିଥିଲେ। ବିମାନ ଅବତରଣ ପରେ ଅଭିଯୁକ୍ତ ଯାତ୍ରୀଙ୍କୁ ନ ଅଟକାଇ ଛାଡ଼ିଦିଆଯାଇଥିଲା। ଏପରିକି ପରିସ୍ରା କରିବା ସମ୍ପର୍କରେ ପାଇଲଟ ବିମାନ ବନ୍ଦରର ସୁରକ୍ଷା କର୍ମୀଙ୍କୁ ଜଣାଇ ନ ଥିଲେ କି ପୋଲିସରେ ଅଭିଯୋଗ କରି ନ ଥିଲେ। ଏୟାରଲାଇନ୍ସ ମଧ୍ୟ ଏହି ଘଟଣା ସମ୍ପର୍କରେ ଡିଜିସିଏକୁ ଅବଗତ କରାଇ ନ ଥିଲା। ୪ ମାସ ପାଇଁ ଶଙ୍କର ମିଶ୍ରାଙ୍କ ବିମାନ ଯାତ୍ରା ଉପରେ ଏୟାର ଇଣ୍ଡିଆ ନିଷେଧାଦେଶ ଲଗାଇଛି। ମିଶ୍ରାଙ୍କ ଜାମିନ ଆବେଦନକୁ କୋର୍ଟ ଖାରଜ କରିଦେବା ପରେ ସେ ଜେଲରେ ରହିଛନ୍ତି। ପରିସ୍ରା କରିବା ଅଭିଯୋଗ ପରେ ମିଶ୍ରାଙ୍କୁ ଆମେରିକା ଫାଇନାନ୍ସ ସର୍ଭିସ କମ୍ପାନୀ ୱେଲ୍ସ ଫାର୍ଗୋ ଚାକିରିରୁ ବହିଷ୍କାର କରିଥିଲା।

### ସ୍କୁଲ ପରିସରରେ ...

ଛାତ୍ରୀ ଓ ଛାତ୍ର ଉଭୟ ପଢୁଛନ୍ତି। କ୍ୟାମ୍ପସ୍‌ -୨ର ଗେଟ୍‌ ବନ୍ଦ ରହିଥିଲା। ଏହାର ଗେଟ୍‌ ଭିତରେ ସାଇ ଠିଆ ହୋଇଥିଲେ। ଏହି ସମୟରେ ଜଣେ ମୁଖାପିନ୍ଧା ବ୍ୟକ୍ତି ଧଳା ସ୍କୁଟିରେ ଆସି ଗେଟ୍‌ ବାହାରେ ରହିଥିଲେ। ଏହାପରେ ସେ ଗେଟ୍‌ ଫାଙ୍କରେ ହାତ ଗଳାଇ ଏକ ଧାରୁଆ ଅସ୍ତ୍ରରେ ସାଇଙ୍କ ଆଣ୍ଠୁକୁ ଆଘାତ କରି ପଳାଇ ଯାଇଥିଲେ। ଛାତ୍ରଙ୍କ ବାପା ମାଧବ ଚନ୍ଦ୍ର ରଣା ଶୁକ୍ରବାର ବାଙ୍କୀ ଥାନାରେ ଲିଖିତ ଅଭିଯୋଗ କରିଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ଗୋଚ୍ଛି ମଧ୍ୟ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଡମପଡା ବିଇଓଙ୍କୁ ନରେନ୍ଦ୍ର ବେହେରାଙ୍କୁ ପଚାରିବାରେ ଏହା ଏକ ସମ୍ବେଦନଶୀଳ ଘଟଣା। ବିଦ୍ୟାଳୟ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଏହା ପୋଲିସ ତଦନ୍ତାଧୀନ ଥିବା କହିଛନ୍ତି।

### ବ୍ରିଜ୍‌ ଭୂଷଣଙ୍କ ...

ଏବଂ ଦୁଇଜଣ ଓକିଲଙ୍କୁ ରଖାଯାଇଛି। ଏହି କମିଟି ୪ ସପ୍ତାହ ମଧ୍ୟରେ ବ୍ରିଜ୍‌ ଭୂଷଣଙ୍କ ବିରୋଧରେ ଆସିଥିବା ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବ। କ୍ରୀଡ଼ାମନ୍ତ୍ରୀଙ୍କ ସହ ଦୀର୍ଘ ସମୟ ଧରି ଚାଲିଥିବା ଆଲୋଚନା ବେଳେ ଖେଳାଳିମାନେ ବ୍ରିଜ୍‌ ଭୂଷଣଙ୍କୁ ବହିଷ୍କାର କରିବା ନେଇ ନିଜ ଦାବି ଦୋହରାଇଥିଲେ। ଏହି ପ୍ରସଙ୍ଗର ତୁରନ୍ତ ସମାଧାନ ହୋଇଯିବ ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ସେମାନଙ୍କୁ ଆଶ୍ୱାସନା ଦେଇଥିଲେ। ଏପରିକି ତଦନ୍ତ ଶେଷ ହେବା ଯାଏ ବ୍ରିଜ୍‌ ଭୂଷଣ ଡବ୍ଲ୍ୟୁଏଫ୍‌ଆଇ ଅଧ୍ୟକ୍ଷ ପଦରେ ରହିବେ ନାହିଁ ବୋଲି ଅନୁରାଗ ବିଳମ୍ବିତ ରାତିରେ ସୂଚନା ଦେବା ପରେ ଖେଳାଳିମାନେ ବିକ୍ଷୋଭରୁ ଓହରି ଯାଇଥିଲେ। ତେବେ ଅନେକ ପ୍ରସଙ୍ଗରେ ଆଲୋଚନା ହୋଇପାରି ନ ଥିବାରୁ ଶନିବାର ସକାଳେ କ୍ରୀଡ଼ାମନ୍ତ୍ରୀଙ୍କ ସରକାରୀ ବାସଭବନରେ ପୁନର୍ବାର ବୈଠକ ବସିବ। ପ୍ରକାଶ ଯେ କୁସ୍ତି ଯୋଦ୍ଧାମାନେ ବ୍ରିଜ୍‌ ଭୂଷଣଙ୍କ ବିରୋଧରେ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଣି ନୂଆଦିଲ୍ଲୀର ଯନ୍ତରମନ୍ତରରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ସେମାନେ ବ୍ରିଜ୍‌ ଭୂଷଣଙ୍କ ଇସ୍ତଫା ଦାବିରେ ଅଡ଼ିବସିଥିବାବେଳେ ସେ ଡବ୍ଲ୍ୟୁଏଫ୍‌ଆଇ ଅଧ୍ୟକ୍ଷ ପଦ ଛାଡ଼ିବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ଏଥିସହ ସେ ମୁହଁ ଖୋଲିଲେ ସୁନାମି ଆସିବ ବୋଲି ଓଲଟା ଧମକ ଦେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ବିଶିଷ୍ଟ ବ୍ୟକ୍ତିମାନଙ୍କ ସଂସ୍ପର୍ଶରେ ଆସିବେ ଓ ସମ୍ମାନ, ପ୍ରତିଷ୍ଠା ମଧ୍ୟ ଲାଭ କରିବେ। ଭଲ କଥା କହିଲେ ମଧ୍ୟ ତାହାକୁ ଅନ୍ୟମାନେ ଭିନ୍ନାର୍ଥରେ ଗ୍ରହଣ କରିପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ। ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ। ପାରିବାରିକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ।

**ବୃଷ** – ପ୍ରତ୍ୟେକ କାମକୁ ସୁରୁଖୁରୁରେ କରାଇନେବେ କିନ୍ତୁ ସାମାନ୍ୟ ପ୍ରତିବନ୍ଧକ ମଧ୍ୟ ଲାଗି ରହିବ। ପାରିବାରିକ ଅଶାନ୍ତି କାରଣରୁ ମାନସିକ ଉଦ୍‌ବେଗ ବଢ଼ିପାରେ। କଳା ସାହିତ୍ୟ ଓ ସାମ୍ବାଦିକତା, ଚୁକ୍ତିପତ୍ର କ୍ଷେତ୍ରରୁ ସୁଫଳ ମିଳିବ। ପରିବହନ କ୍ଷେତ୍ରରେ, ପ୍ରଶାସନିକ ସ୍ତରରେ ସମସ୍ୟା ଆସିପାରେ।

**ମିଥୁନ** – ଆଜି ଶାରୀରିକ ସ୍ୱାସ୍ଥ୍ୟ ସାଙ୍ଗକୁ ମାନସିକ ସ୍ଥିତି ମଧ୍ୟ ସେତେଟା ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିବ, ତଥାପି କୌଣସି ଅସୁବିଧା ହେବନାହିଁ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ଆଶଙ୍କା ଦେଖାଦେବ। ସରକାରୀ କ୍ଷେତ୍ରରୁ ଋଣସୂତ୍ରରେ ଅର୍ଥଲାଭର ଆଶା ରହିଛି।

**କର୍କଟ** – ଗଜକେଶରୀ ଯୋଗ ପ୍ରଭାବରୁ କର୍ମକ୍ଷେତ୍ରରେ ପ୍ରତିଷ୍ଠିତ ହେବେ। ପ୍ରତ୍ୟେକ କାମ ସହଜରେ ସମ୍ପନ୍ନ ହେବ। ଭାବପ୍ରବଣତାରେ ଭାସିଯାଇ ଗୁରୁତ୍ୱପୂର୍ଣ୍ଣ କଥାକୁ ପାସୋରି ଦେବାରୁ ପରିବାରରେ ଉଚ୍ଚବାଚ ଘଟିବ। ନିର୍ମାଣ, ଯୋଗାଯୋଗ, ପ୍ରେସ୍‌, ପବ୍ଲିକେଶନ, ଆଲୋଚନାଦି କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବ।

**ସିଂହ** – ପାରିବାରିକ ଅଶାନ୍ତି ମନ ଭିତରେ ଭରି ରହିଥିଲେ ମଧ୍ୟ କୌଣସି କାର୍ଯ୍ୟ ଅଟକି ରହିବ ନାହିଁ। ଆଜି ହଠାତ୍‌ କୌଣସି ନୂତନ ଯୋଜନାରମ୍ଭରେ ପ୍ରଥମେ ମୌଖିକ ଆଲୋଚନା କରିବା ଭଲ ହେବ। ମିତ୍ର ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ। ଅବହେଳା କାରଣରୁ କେତେକ ସୁଯୋଗ ହାତଛଡ଼ା ହୋଇପାରେ।

**କନ୍ୟା** – ଶନିଙ୍କ କୁପ୍ରଭାବରୁ ଆଜି ଯାହା କରିବାକୁ ଯୋଜନା କରୁଛନ୍ତି ତାହା ସଫଳ ହେବା କଷ୍ଟକର ହୋଇପାରେ। ସନ୍ଦେହୀ ମନୋଭାବ ହେତୁ କେତେକ ଅନାକାଂକ୍ଷିତ ସମସ୍ୟା ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ଭୁଲ୍‌ ବୁଝାମଣାବଶତଃ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ।

**ତୁଳା** – କେତେକ ଅପୂରଣୀୟ ଆଶା ମନରେ ଆଲୋଡ଼ନ ସୃଷ୍ଟି କରି ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି କରିବ। ଆଜି ଅଫିସରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବେ କିନ୍ତୁ ପରିସ୍ଥିତି ସରଗରମ ରହିବ। କୌଣସି ବିବାଦୀୟ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳିନେବେ। ମାଲିମକଦ୍ଦମା, ବନ୍ଧୁଙ୍କ ସହ ଆଲୋଚନା ମୂଲ୍ୟହୀନ ହୋଇ ନ ପାରେ।

**ବିଛା** – ଯାହାକୁ ନିଜର ଭାବୁଛନ୍ତି, ଆପଣଙ୍କ ପ୍ରତିଷ୍ଠାରେ ସେ ଈର୍ଷାନ୍ୱିତ ହେବେ। ଆପୋସ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସରଳ ସମାଧାନ କରିପାରିବେ। କଳା, ସାହିତ୍ୟ, ସାମ୍ବାଦିକତା, ପ୍ରଶାସନରେ ସମସ୍ୟା ସମାଧାନ ହେବାର ଆଶା ରହିଛି। ରୋଗ ଯନ୍ତ୍ରଣା ତୀବ୍ର ହେବ କିନ୍ତୁ କିଛି କ୍ଷଣ ପରେ ଉପଶମ ହେବାର ସୂଚନା ରହିଛି।

**ଧନୁ** – ସବୁ ଭଲ ହେଲେ ମଧ୍ୟ କଥାର କଠୋରତା ସବୁ ବିଷୟକୁ ପିତା କରିଦେବ। ଅର୍ଥନୈତିକ, ସାମାଜିକ ସ୍ଥିତି ମଜଭୁତ ରହିବ। ଯେତେ ପ୍ରକାର ସମସ୍ୟା ଆସିଲେ ମଧ୍ୟ ତାହାର ଠିକ୍‌ ସାମ୍ନା କରିବା ପାଇଁ ଚେଷ୍ଟା କରି ସଫଳତା ପାଇବେ। ବ୍ୟବସାୟ, ପରିବହନ, ପ୍ରକାଶ, ନିର୍ମାଣ, ସଭାସମିତି ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**ମକର** – ଏକାଧିକ କାର୍ଯ୍ୟରେ ଅନୁପ୍ରବେଶ କୌଣସିଟାରେ ମଧ୍ୟ ସଫଳତା ଦେବ ନାହିଁ। ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବା ଆଶାରେ ବନ୍ଧୁଙ୍କୁ ବିଭିନ୍ନ ପ୍ରକାର ବିନୟପୂର୍ଣ୍ଣ କଥା କହି ସଫଳତା ହାସଲ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ସାମାଜିକ ସ୍ତରରେ ନୀରବଦ୍ରଷ୍ଟା ଭଳି କାମ କରିବେ।

**କୁମ୍ଭ** – ଅଶାନ୍ତ ମନ ଭିତରୁ ମଧୁର କଥା ବାହାରିବା କଷ୍ଟକର ମନେହେବ। ପରିବାରରେ ଭାବୁଥିବା କଥାକୁ ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ପରିବାରରେ ନିକଟ ସମ୍ପର୍କୀୟଙ୍କ ପକ୍ଷପାତିତାକୁ ନାପସନ୍ଦ କରିବେ। ଜଣେ ସମ୍ପର୍କୀୟ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇ ଆଶା ପୂରଣ କରିପାରନ୍ତି।

**ମୀନ** – ବିଶେଷ କାରଣ ନ ଥାଇ ମଧ୍ୟ ଆଜି ପରିବାରରେ ଟଣାଓଟରା ଅବଶ୍ୟମ୍ଭାବୀ। ବନ୍ଧୁଙ୍କ ଖାପଛଡ଼ା କଥା ଓ ବେଖାତିର ମନୋଭାବ ଯୋଗୁ ଚିନ୍ତାପ୍ରକଟ କରିବେ। ଋଣ ପରିଶୋଧ ପାଇଁ ବ୍ୟଗ୍ରତା, ସମ୍ପର୍କୀୟଙ୍କ ଅଭିଯୋଗ ଏବଂ ପଡ଼ୋଶୀଙ୍କ ଟାହିଟାପରା ମନକୁ ବିଭ୍ରାନ୍ତ କରିପାରେ। କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ମାଘ ଅମାବସ୍ୟା, ଶନିବାର, ବିରଜାଦେବୀଙ୍କ ଜନ୍ମୋତ୍ସବ, ଠାକୁର ଶ୍ରୀଅଭିରାମ ପରମହଂସଙ୍କ ଜୟନ୍ତୀ, ଅମାବାସ୍ୟାର ନିଶାପାଳନ, ଜାନୁୟାରୀ ୨୧ ତାରିଖ, ରାଶିନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୧୦।୩୫ ଗତେ ଘ.୦୧।୦୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୯।୧୨ ଗତେ ଘ.୧୦।୩୫ ମଧ୍ୟେ ରାହୁକାଳ ।।




# ଆଜି କ୍ୟାବିନେଟ

**ଭୁବନେଶ୍ୱର,୨୦।୧(ବ୍ୟୁରୋ)**

ଶନିବାର ପୂର୍ବାହ୍ନ ୧୧ଟା ୧୫ ମିନିଟରେ ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ମୋଟ ୧୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିବା ସମ୍ଭାବନା ରହିଛି। ପଞ୍ଚାୟତିରାଜ, ଉଚ୍ଚଶିକ୍ଷା, ସାଧାରଣ ପ୍ରଶାସନ ବିଭାଗ, କ୍ରୀଡା ଓ ଯୁବ ସେବା, ସ୍ୱାସ୍ଥ୍ୟ, ଜଳ ସମ୍ପଦ, କୃଷି ଆଦି ବିଭାଗର କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ଲାଗିବ। ଏଥିସହିତ ପାନୀୟ ଜଳ ପ୍ରକଳ୍ପ ଟେଣ୍ଡର, କ୍ୟାଡର ରୁଲ ସଂଶୋଧନ, ନମଦୀବନ୍ଧ ଯୋଜନା, ଶିକ୍ଷକଙ୍କୁ ସପ୍ତମ ବେତନ କମିଶନ, ପ୍ରକଳ୍ପ ପାଇଁ ଜମି ଆବଣ୍ଟନ ଆଦି କେତେକ ପ୍ରସ୍ତାବକୁ ମଞ୍ଜୁରୀ ମିଳିବା ସମ୍ଭାବନା ରହିଛି। ତେବେ କ୍ୟାବିନେଟ ଏଜେଣ୍ଡାକୁ ସମ୍ପୂର୍ଣ୍ଣ ଗୁପ୍ତ ରଖାଯାଇଛି।



ଆକାଶବାଣୀ କଟକ କେନ୍ଦ୍ର ପରିସରରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ଅପୂର୍ବ ଚନ୍ଦ୍ରା ଶୁକ୍ରବାର ବୃକ୍ଷରୋପଣ କରୁଛନ୍ତି। ନିକଟରେ ଅନ୍ୟାନ୍ୟ ଅଧିକାରୀଗଣ।

# ଓଡ଼ିଶା ଗସ୍ତରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ଅପୂର୍ବ ଚନ୍ଦ୍ରା

**ଭୁବନେଶ୍ୱର, ୨୦।୧ (ବ୍ୟୁରୋ)**

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ଅପୂର୍ବ ଚନ୍ଦ୍ରା ଶୁକ୍ରବାର ଭୁବନେଶ୍ୱରସ୍ଥିତ ଦୂରଦର୍ଶନ କେନ୍ଦ୍ର, ନ୍ୟାଶନାଲ ଏକାଡେମୀ ଅଫ୍ ବ୍ରଡ୍‌କାଷ୍ଟିଂ ଆଣ୍ଡ୍ ମଲ୍ଟିମିଡିଆ(ଏନ୍‌ଏବିଏମ୍), ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଏବଂ ସେଣ୍ଟ୍ରାଲ ବ୍ୟୁରୋ ଅଫ୍ କମ୍ୟୁନିକେଶନ ପରିଦର୍ଶନ କରିଥିଲେ। ଏହି ଅବସରରେ ଅଧିକାରୀଙ୍କ ସହ ସମୀକ୍ଷା ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହାପରେ କଟକସ୍ଥିତ ଆକାଶବାଣୀ କେନ୍ଦ୍ର ପରିଦର୍ଶନ କରି ଏହାର କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଥିଲେ। ଏଥିସହ ଦୂରଦର୍ଶନ, ଏନ୍‌ଏବିଏମ୍ ଏବଂ ଆକାଶବାଣୀ କେନ୍ଦ୍ର ପରିସରରେ ବୃକ୍ଷ ରୋପଣ କରିଥିଲେ।







" ଯାହା କିଛି ଘଟୁନା କାହିଁକି, ନିଶ୍ଚଳ ଓ ପ୍ରଶାନ୍ତ ରୁହ । ଏକ ବିଶୁଦ୍ଧ ଶାନ୍ତି ଏବଂ ଈଶ୍ୱରଙ୍କ କରୁଣା ଉପରେ ସଂପୂର୍ଣ୍ଣ ବିଶ୍ୱାସ ଓ ନିର୍ଭରଶୀଳତା ରଖ । ଯଦି ଏହା ରଖିପାର ତେବେ ନିଶ୍ଚିତ ଥାଅ ଯେ, ତୁମର କିଛି ଅନିଷ୍ଟ ଘଟିବ ନାହିଁ । –ଶ୍ରୀମା

# କର୍ପୋରେଟ ପ୍ରୋତ୍ସାହନ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସିଭିଲ ସର୍ଭିସ୍‌କୁ ଅଧିକ ପ୍ରଭାବୀ ସୁଶାସନ ଯୋଗାଇଦେବାକୁ ହେଲେ ସେଥିରେ ବ୍ୟାପକ ସୁଧାର ଆଣିବା ଦରକାର ବୋଲି ପ୍ରାୟ ସମସ୍ତେ ଏକମତ ହେବେ। ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାବୁମାନଙ୍କ ପାଇଁ ସୁଧାର, ପ୍ରଦର୍ଶନ ଏବଂ ବଦଳିର ଆବଶ୍ୟକତା ଉପରେ ଲଗାତର କହିଆସିଛନ୍ତି। ଏହି ଦିଗରେ କେତେକ ପଦକ୍ଷେପ ବି ନିଆଯାଇଛି। କିନ୍ତୁ ବର୍ତ୍ତମାନ ମୌସୋରିସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ନ୍ୟାଶନାଲ ଏକାଡେମୀ ଅଫ୍ ଆଡ୍‌ମିନିଷ୍ଟ୍ରେଶନରେ ପ୍ରଶିକ୍ଷଣ ନେଉଥିବା ବାବୁମାନଙ୍କୁ ଆୟତ୍ତକୁ ନେବା ପାଇଁ ଚେଷ୍ଟା କରାଯାଇଛି। କର୍ପୋରେଟ ସେକ୍ଟର ଦ୍ୱାରା ମୋଦି ସରକାର ଏବକାର ସ୍ଥିତିରେ ପରିବର୍ତ୍ତନ ଆଣିବା ଏବଂ ବିଶ୍ୱସ୍ତରୀୟ ବିଶେଷଜ୍ଞମାନଙ୍କ ମାଧ୍ୟମରେ ଯୁବ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ପ୍ରୟାସ କରିଛନ୍ତି। ପ୍ରଶିକ୍ଷଣ ଦେବା ଲାଗି ଉକ୍ତ ଏକାଡେମୀ ବିଶ୍ୱ ବ୍ୟାଙ୍କ, ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି, ଲି କୁଆନ ୟୁଉ ସ୍କୁଲ ଅଫ୍ ପବ୍ଲିକ ପଲିସି ଏବଂ କ୍ରାନିଜି ମିଲୋନ ୟୁନିଭର୍ସିଟି ଭଳି ଅନୁଷ୍ଠାନଗୁଡ଼ିକର ବିଭିନ୍ନ କ୍ଷେତ୍ରରେ ଥିବା ବିଶେଷଜ୍ଞମାନଙ୍କୁ ଜଡ଼ିତ କରୁଥିବା ଜାଣିବାକୁ ମିଳିଛି। ଏହାସହ ଅଧିକାରୀମାନଙ୍କ ମନରେ ରାଷ୍ଟ୍ରବାଦ ସୃଷ୍ଟିକରିବା ଲାଗି ଏବକାର ପାଠ୍ୟକ୍ରମଗୁଡ଼ିକର ନବୀକରଣ କରାଯାଇଛି। ଏହା କରିବାର ଲକ୍ଷ୍ୟ ହେଉଛି ଦକ୍ଷତା ଆଣିବା ଏବଂ କାର୍ଯ୍ୟର ଏକ ପ୍ରଦର୍ଶନ କୈନ୍ଦ୍ରିକ ପ୍ରତିଯୋଗୀ ଢାଞ୍ଚା ଗଠନ କରିବା ବୋଲି ଏକାଡେମୀ ନିର୍ଦ୍ଦେଶକ ଶ୍ରୀନିବାସ କାତିକିଥାଲା ବିଶ୍ୱାସ କରନ୍ତି । ତେବେ ନୂଆ ପଦକ୍ଷେପକୁ ସମସ୍ତେ ପସନ୍ଦ କରିନାହାନ୍ତି। ଅନେକ ବରିଷ୍ଠ ଅଧିକାରୀ ବିଶ୍ୱାସେ କରନ୍ତି ଯେ ଅଧିକାରୀମାନେ କାର୍ଯ୍ୟକ୍ଷେତ୍ରରେ ସେମାନଙ୍କ ବାସ୍ତବ ଅଭିଜ୍ଞତାରୁ ଶିକ୍ଷା କରିବା ଦରକାର, ଅନ୍ତର୍ଜାତୀୟ ନୀତି ବିଶେଷଜ୍ଞଙ୍କଠାରୁ ନୁହେଁ। କର୍ପୋରେଟ ୱାର୍ଲ୍ଡରୁ ବିଶେଷଜ୍ଞମାନଙ୍କୁ ଆଣିବାକୁ ନେଇ କେତେଜଣ ଅନୁଭବ କରନ୍ତି ଯେ, ଏହାଦ୍ୱାରା କିଛି ବିଶ୍ଳେଷଣାତ୍ମକ କୌଶଳ କିମ୍ବା ବୈଷୟିକ ଜ୍ଞାନ ଅଣାଯାଇପାରିବ ; କିନ୍ତୁ ଗ୍ରାମୀଣ ଭାରତରେ ଏବଂ ନିଆରା ଓ ଜଟିଳ ସାମାଜିକ ବ୍ୟବସ୍ଥାରେ କାମ କରି ସେଥିରୁ ଆମ ଅଧିକାରୀମାନେ ଯେଉଁ ଶିକ୍ଷା ଲାଭ କରିଥାନ୍ତି ଏହା ତାହାର ବିକଳ୍ପ ହୋଇପାରିବ ନାହିଁ।

### ପୁନର୍ବାର ବଦଳି

ହରିୟାଣା ଆଇଏଏସ୍ ଅଧିକାରୀ ଅଶୋକ ଖେମ୍‌କା ତାଙ୍କ ଖରାପ କ୍ୟାରିୟର ଲାଗି ଜଣାଶୁଣା। ତାଙ୍କ କ୍ୟାରିୟରରେ ବାରମ୍ବାର ବଦଳି ହେବା ପ୍ରଶାସକମାନଙ୍କ ପାଇଁ ବିଶେଷକରି ଯେଉଁମାନେ ରୁଲ୍‌ବୁକ୍ ଅନୁସାରେ ଅନୁଶାସନପୂର୍ବକ କାମ କରୁଛନ୍ତି ସେମାନଙ୍କ ପାଇଁ ଏକ ସତର୍କ ସୂଚନା। ସିଭିଲ ସର୍ଭିସରେ ଖେମ୍‌କାଙ୍କ ଭଳି ଖୁବ୍ କମ୍ ବାବୁ ଥିବେ ଯେଉଁମାନେ ୩ ଦଶନ୍ଧିର ବାବୁଗିରି ମଧ୍ୟରେ ପ୍ରତ୍ୟେକ ନିଯୁକ୍ତିରେ ହାରାହାରି ୬ମାସ ରହିଥିବେ। ସରକାରଙ୍କ ଅଭିଲେଖାଗାର ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ପଦବୀକୁ ଖେମକାଙ୍କୁ ଏବେ ବଦଳି କରାଯାଇଛି। ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ସେ ଅତିରିକ୍ତ ମୁଖ୍ୟ ସଚିବ ଥିଲେ। କିନ୍ତୁ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଏବଂ ଉଚ୍ଚ ଶିକ୍ଷା ବିଭାଗର ସମ୍ମିଶ୍ରଣ ପରେ ତାଙ୍କ ପାଇଁ ଅଧିକ କାମ ନାହିଁ ବୋଲି ସରକାରଙ୍କୁ ଚିଠି ଲେଖି ଜଣାଇବା ଯୋଗୁ ଏଭଳି ବଦଳି କରାଯାଇଛି। ଏହା କ'ଣ ତାଙ୍କର ୫୫ତମ ନା ୫୬ତମ ବଦଳି ? ଏହି ବଦଳି ପରେ ସେ ଅଭିଲେଖାଗାରର ଐତିହାସିକ ରେକର୍ଡରେ ସ୍ଥାନ ପାଇଲେ ବୋଲି ଟୁଇଟରରେ ଦର୍ଶାଇଥିଲେ। ପୂର୍ବ ଦଶନ୍ଧିଗୁଡ଼ିକରେ ଖେମ୍‌କା ଅନ୍ୟ ଆଇଏଏସ୍ ଅଧିକାରୀମାନଙ୍କଠାରୁ ସବୁଠୁ ଅଧିକ ଥର ବଦଳି ହୋଇଛନ୍ତି। ଅଭିଲେଖାଗାର ବିଭାଗରେ ଏହା ତାଙ୍କର ତୃତୀୟ ନିଯୁକ୍ତି। ତାଙ୍କୁ ସବୁବେଳେ ଗୌଣ କରିବାରେ ସରକାରଙ୍କ ପ୍ରୟାସକୁ ଖାତିର ନ କରି ସେ ଧୀରେଧୀରେ ଆଗକୁ ବଢୁଛନ୍ତି। ନିକଟରେ ହ୍ୱିସିଲ ବ୍ଲୋୟର ଖେମ୍‌କାଙ୍କର ରୋହତକ ଡିଭିଜନ କମିଶନର ସଞ୍ଜୀବ ବର୍ମାଙ୍କ ସହ ବି ଏକ ଦୁର୍ନୀତି ଅଭିଯୋଗକୁ ନେଇ ବିବାଦ ଉପୁଜିଛି।

### ସିବିଆଇ ନଜରରେ ବାବୁ

ପୂର୍ବତନ ଅର୍ଥ ସଚିବ ଅରବିନ୍ଦ ମାୟାରାମ ଏବଂ ଅର୍ଥ ମନ୍ତ୍ରଣାଳୟର ଆଉ କେତେଜଣ ଅଧିକାରୀଙ୍କ ବିରୋଧରେ ସିବିଆଇ ଏକ ମାମଲ ପଞ୍ଜୀକୃତ କରିଛି। କାଗଜ ମୁଦ୍ରା ବା ନୋଟ୍ ପାଇଁ ସିକ୍ୟୁରିଟି ଥ୍ରେଡ୍ ଯୋଗାଣରେ ଅନିୟମିତତା ଅଭିଯୋଗକୁ କେନ୍ଦ୍ରକରି ହୋଇଥିବା ଉକ୍ତ ମାମଲା ବାବୁ ପରିସରକୁ ଅଶାନ୍ତ କରିଦେଇଛି। ସଂଯୋଗବଶତଃ ଦୁଇଟି ଘଟଣା ଏକାବେଳକେ ଘଟିଛି। ମାୟାରାମ ଏବଂ ତାଙ୍କ ସ୍ତ୍ରୀ କଂଗ୍ରେସର ଭାରତ ଯୋଡୋ ଯାତ୍ରାରେ ଯୋଗ ଦେବାର ଠିକ୍ ଗୋଟିଏ ଦିନ ପରେ ସିବିଆଇ ତାଙ୍କ ବିରୋଧରେ ମାମଲା ଦାୟର କରିଛି। ଜଣାପଡ଼ିଛି, ଏହି ମାମଲା ୫ ବର୍ଷ ପୂର୍ବର। ଏକ ଅଭିଯୋଗକୁ ଆଧାର କରି ମନ୍ତ୍ରଣାଳୟ ଦ୍ୱାରା ୨୦୧୭ରେ ଏହା ଦାୟର କରାଯାଇଥିଲା। କାହିଁକି ଏବେ ତାହା ଉଠୁଛି ବୋଲି ଲୋକେ ଆଲୋଚନା କରୁଛନ୍ତି। କିନ୍ତୁ ସୂତ୍ରରୁ ଜଣାପଡ଼ିଛି, ସେବେଠାରୁ ଏହା ଉପରେ ତଦନ୍ତ ଚାଲିଛି ଓ ଶେଷରେ ମାୟାରାମଙ୍କ ଦିଲ୍ଲୀ ଓ ଜୟପୁରସ୍ଥିତ ଗୃହରେ ଚଢ଼ଉ କରାଯାଇଛି। ଏହି ବାବୁ ଜଣକ ଏବେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ପ୍ରମୁଖ ଆର୍ଥିକ ପରାମର୍ଶଦାତା ଅଛନ୍ତି। କେତେଜଣ ପର୍ଯ୍ୟବେକ୍ଷକ କହନ୍ତି, ପୂର୍ବ ସରକାରରେ ଥିବା ଜଣେ ମନ୍ତ୍ରୀ ସିବିଆଇର ଟାର୍ଗେଟରେ ରହିଛନ୍ତି ଓ ମାୟାରାମଙ୍କୁ ଆକ୍ରମଣ କରିବା ଏକ ବାହାନା। ଜଣେ ଯାହା ଭାବନ୍ତୁ ନା କାହିଁକି ଏହି ମାମଲା ଏକ ଦୀର୍ଘ ନ୍ୟାୟିକ ଯୁଦ୍ଧର ଆରମ୍ଭ ମାତ୍ର।

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 1 | | 4 | | |
| | | | | | 3 | 9 | | |
| | | | 2 | | | 7 | 3 | |
| | 7 | 6 | | | | | 2 | 8 |
| 4 | | | | | 8 | 5 | | 1 |
| | | | | | | | | 7 |
| | 4 | 3 | | | 7 | | | |
| | 6 | 7 | | 2 | | | | |
| 2 | | | 8 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 8 | 5 | 6 | 4 | 7 | 2 | 1 |
| 6 | 7 | 5 | 2 | 1 | 8 | 9 | 4 | 3 |
| 4 | 2 | 1 | 7 | 9 | 3 | 6 | 8 | 5 |
| 3 | 6 | 4 | 8 | 7 | 5 | 2 | 1 | 9 |
| 2 | 8 | 7 | 1 | 3 | 9 | 4 | 5 | 6 |
| 5 | 1 | 9 | 4 | 2 | 6 | 3 | 7 | 8 |
| 1 | 5 | 3 | 6 | 4 | 7 | 8 | 9 | 2 |
| 7 | 9 | 2 | 3 | 8 | 1 | 5 | 6 | 4 |
| 8 | 4 | 6 | 9 | 5 | 2 | 1 | 3 | 7 |

ଗତକାଲିର ଉତ୍ତର

# ନିର୍ଦ୍ଦୋଷ ଦଣ୍ଡିତ ନ ହେଉ



ବୈକୁଣ୍ଠନାଥ ମିଶ୍ର

ଭାରତ ସମ୍ବିଧାନର ଧାରା ୨୧ ପ୍ରତ୍ୟେକ ଭାରତୀୟଙ୍କୁ ବଞ୍ଚିବାର ଅଧିକାର (ରାଇଟ୍ ଟୁ ଲାଇଫ୍) ପ୍ରଦାନ କରିଛି। ଯେତେବେଳେ ସେହି ଅଧିକାର ଉପରେ ଆଘାତ ଲାଗେ, ସେତେବେଳେ ବ୍ୟକ୍ତିର ମାନବିକ ଅଧିକାର କ୍ଷୁଣ୍ଣ ହୁଏ ବୋଲି ବିବେଚନା କରାଯାଏ। ମାନବିକ ଅଧିକାର କ'ଣ ଓ ଏହାର ସୁରକ୍ଷା କିପରି ବଳବତ୍ତର ରହିବ, ତାହା ବର୍ତ୍ତମାନ ସମୟର ଏକ ବିତର୍କ। କାରଣ ମାନବିକ ଅଧିକାର ସଂଜ୍ଞା ଅସ୍ପଷ୍ଟ। ଦେଖାଯାଉଛି ଯେ ସମାନ ଅପରାଧ ପାଇଁ ଜଣେ ବିଚାରପତି ଫାଶୀ ଦଣ୍ଡାଦେଶ ପ୍ରଦାନ କରୁଥିବା ସମୟରେ ଅନ୍ୟଜଣେ ବିଚାରପତି ଆଜୀବନ ଜେଲ ଦଣ୍ଡାଦେଶ ପ୍ରଦାନ କରନ୍ତି। ଜଣେ ନ୍ୟାୟାଧୀଶ ଫାଶୀଦଣ୍ଡକୁ ମାନବିକ ଅଧିକାରର ହନନ ରୂପେ ବିବେଚନା କରୁଥିବାବେଳେ ଆଉ ଜଣେ ବିଚାରପତି ବିରଳରୁ ଅତିବିରଳ ଅପରାଧ ପାଇଁ ଫାଶୀଦଣ୍ଡ ଏକ ସମୁଚିତ ବିକଳ୍ପ ରୂପେ ବିବେଚନା କରନ୍ତି। ବିଚାରପତିଙ୍କର ବିଚାରଧାରା ପରସ୍ପରଠାରୁ ଭିନ୍ନ। ଉଦାହରଣ ସ୍ୱରୂପ ବିମୁଦ୍ରୀକରଣ ବିପକ୍ଷରେ ସର୍ବୋଚ୍ଚ ନ୍ୟାୟାଳୟରେ ୫୮ଟି କେସ୍‌କୁ ୫ଜଣିଆ ଖଣ୍ଡପୀଠ ବିଚାର କଲାବେଳେ ୪ଜଣ ଏହାର ସପକ୍ଷରେ ମତ ଦେଉଥିବା ବେଳେ ଖଣ୍ଡପୀଠର ଏକମାତ୍ର ମହିଳା ବିଚାରପତି ଜଷ୍ଟିସ ବି.ଭି. ନାଗରତ୍ନା ଏହା ବିପକ୍ଷରେ ମତ ଦେଇଥିଲେ। ସେ କହିଲେ, ବିମୁଦ୍ରୀକରଣ ପରି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ପାର୍ଲାମେଣ୍ଟର ବିନା ସ୍ୱୀକୃତିରେ ଗ୍ରହଣ କରିବା ଆଦୌ ଉଚିତ ହୋଇନାହିଁ। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜଣେ ବ୍ୟକ୍ତି ଯେତେ କ୍ଷମତାଶାଳୀ ହୋଇଥାନ୍ତୁ ନା କାହିଁକି ସେ କେବେ ବି ପାର୍ଲାମେଣ୍ଟର ଊର୍ଦ୍ଧ୍ୱରେ ନୁହନ୍ତି।

ମାନବିକ ଅଧିକାରର ହନନକୁ ଏକ ଦଣ୍ଡରୂପେ ବିବେଚନା କରାଯାଇପାରେ। ମାନବିକ ଅଧିକାର ହନନ ସ୍ୱରୂପ ବିନା ଦୋଷରେ ଦୀର୍ଘଦିନ ଧରି କାରାଦଣ୍ଡ ଭୋଗ କରିବା ଆମ ଦେଶରେ ଏକ ପ୍ରଚଳିତ ଧାରାର ରୂପ ନେଇସାରିଲାଣି। ତଦନ୍ତ ଅଧିକାରୀଙ୍କ ଯଥେଚ୍ଛାଚାରିତାରୁ ହେଉ ଅଥବା ଜେଲ କର୍ତ୍ତୃପକ୍ଷଙ୍କ ଅଦୂରଦର୍ଶିତା ଓ ସରକାରଙ୍କ ନିଷ୍ଠାର ଅଭାବରୁ ହେଉ ବିନା ଦୋଷରେ କିଛିବ୍ୟକ୍ତି ଦୀର୍ଘଦିନ ଧରି ଜେଲଦଣ୍ଡ ଭୋଗ କରୁଛନ୍ତି। ଏହା କୌଣସି ସାଧାରଣ ବ୍ୟକ୍ତିର ମତ ନୁହେଁ। ନିକଟରେ ଭାରତର ସମ୍ବିଧାନ ଦିବସ ପାଳନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଲେ ଯେ ଆମ ଦେଶର ଜେଲମାନଙ୍କରେ ଏମିତି ଅନେକ କଏଦୀ ଅଛନ୍ତି ଯେଉଁମାନେ ବିନା ଦୋଷରେ ୧୦ବର୍ଷ, ୨୦ବର୍ଷ, ଏପରି କି ୩୦ବର୍ଷ ଧରି ଜେଲଦଣ୍ଡ ଭୋଗୁଛନ୍ତି। ସେମାନେ ସାଧାରଣତଃ ସେମାନଙ୍କ ଜେଲଦଣ୍ଡର କାରଣ ସମ୍ବନ୍ଧରେ ଅଜ୍ଞ। ସେମାନେ ନିରପରାଧ ଓ କିଂକର୍ତ୍ତବ୍ୟବିମୂଢ଼। ରାଷ୍ଟ୍ରପତିଙ୍କ ମତରେ, ଏହା ମୂଳରେ ଦୁଇଟି କାରଣ ନିହିତ। ପ୍ରଥମତଃ ତଦନ୍ତକାରୀ ସଂସ୍ଥାର ତ୍ରୁଟିପୂର୍ଣ୍ଣ ତଦନ୍ତ ଏବଂ ଦ୍ୱିତୀୟତଃ ଆମ ବିଚାର ବ୍ୟବସ୍ଥାର ନ୍ୟାୟ ପ୍ରଦାନରେ ଅହେତୁକ ବିଳମ୍ବ। ନିଜସ୍ୱ ଅନୁଭୂତିରୁ ରାଷ୍ଟ୍ରପତି କହିଲେ ଯେ ସେ ବିଧାୟିକା ଥିବା ସମୟରେ ହୋମ୍‌ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଥିଲେ ଓ ସେ ଓଡ଼ିଶାର ପ୍ରାୟ ସମସ୍ତ କାରାଗାର ପରିଦର୍ଶନର ସୁଯୋଗ ପାଇଥିଲେ। ସେହି ସମୟରେ ସେ ଏହା ଜ୍ଞାତ ହୋଇଥିଲେ ଯେ କାରାଗାରଗୁଡ଼ିକରେ ଏପରି କେତେକ ନିରୀହ ବ୍ୟକ୍ତି ଅଛନ୍ତି ଯେଉଁମାନେ ବିନା ଦୋଷରେ ଦୀର୍ଘଦିନ ଧରି କାରାଦଣ୍ଡ ଭୋଗୁଛନ୍ତି। କେବଳ ସେମାନେ ନୁହନ୍ତି ତାଙ୍କ ପରିବାର ମଧ୍ୟ ବିନା କାରଣରେ ସମାଜରେ ଲାଞ୍ଛିତ, ଅପମାନିତ ହୋଇ ଘୋର ମାନସିକ ଅବସାଦ ମଧ୍ୟରେ କାଳାତିପାତ କରୁଛନ୍ତି। ବଡକଥା ହେଲା ଏହି ନିରପରାଧ କଏଦୀଙ୍କ ପାଇଁ କୌଣସି ବ୍ୟକ୍ତି ବିଶେଷ, ସାମାଜିକ ସଂଗଠନ, ରାଜନେତା, ବୁଦ୍ଧିଜୀବୀ କେହିହେଲେ ଆଗେଇ ଆସୁନାହାନ୍ତି। ଯେତେବେଳେ ସାଧାରଣ ନିରପରାଧ ବ୍ୟକ୍ତି ତ୍ରୁଟିପୂର୍ଣ୍ଣ ତଦନ୍ତର ଶିକାର ହୋଇ ଦୀର୍ଘଦିନ ଜେଲରେ ରହେ, ସେତେବେଳେ କେବଳ ସମାଜ ନୁହେଁ, ତା' ସ୍ତ୍ରୀ ପିଲା ମଧ୍ୟ ସନ୍ଦେହ ପ୍ରକାଶ କରନ୍ତି ଯେ ତାଙ୍କ ନିଜ ଲୋକ କ'ଣ ସତରେ ଅପରାଧୀ!



ଏ ସମ୍ବନ୍ଧରେ ପ୍ରସିଦ୍ଧ ରୁଷୀୟ ଲେଖକ କାଉଣ୍ଟଲିଓ ଟଲଷ୍ଟୟଙ୍କର ଏକ ହୃଦୟ ବିଦାରକ କାହାଣୀ ଏଠାରେ ପ୍ରାସଙ୍ଗିକ ମନେହୁଏ। ରୁଷର ଭ୍ଲାଦିମିର ସହରରେ ରହୁଥିଲେ ଇଭାନ ଆକ୍ସିନୋଭ ନାମକ ଜଣେ ପ୍ରତିଷ୍ଠିତ ଯୁବ ବଣିକ। ଦିନେ ସେ ବ୍ୟବସାୟିକ କାର୍ଯ୍ୟରେ ଦୂର ସହର ନିଜନୀକୁ ଯାତ୍ରା ଆରମ୍ଭ କଲେ। ମଝିବାଟରେ ତାଙ୍କର ଜଣେ ଦୂର ପରିଚିତ ବଣିକ ସହ ଦେଖାହେଲା ଓ ଦୁହେଁ ସାଥି ହୋଇ ଏକ ପଥପ୍ରାନ୍ତ ଧର୍ମଶାଳାରେ ରାତ୍ରିଯାପନ କଲେ। ପରଦିନ ପ୍ରତ୍ୟୁଷରୁ ଇଭାନ ତାଙ୍କ ଯାତ୍ରା ଆରମ୍ଭ କରିଦେଲେ। କିଛିବାଟ ଗଲା ପରେ ତାଙ୍କୁ ପୋଲିସ ଅଟକାଇଲେ ଓ ତାଙ୍କ ସାଙ୍ଗ ବଣିକଙ୍କୁ ହତ୍ୟା କରି ତାଙ୍କ ଧନରତ୍ନ ଲୁଣ୍ଠନ କରିଥିବା ଅଭିଯୋଗ ବାଡିଲେ। ଇଭାନଙ୍କ ଗଣ୍ଠିଲି ମଧ୍ୟରୁ ପୋଲିସ ଏକ ରକ୍ତଲଗା ଛୁରି ମଧ୍ୟ ପାଇଲେ। ଇଭାନଙ୍କୁ ସେମାନେ ବନ୍ଦୀକରି ସୁଦୂର ସାଇବେରିଆ ଜେଲକୁ ପଠାଇଦେଲେ। ଜେଲରେ ଜଣେ ଜଘନ୍ୟ ହତ୍ୟାକାରୀର ଆଖ୍ୟା ବହନ କରି ଇଭାନଙ୍କୁ ରହିବାକୁ ହେଲା। ଏପରି କି ତାଙ୍କ ପତ୍ନୀ ଜେଲରେ ତାଙ୍କୁ ସାକ୍ଷାତ କରିବା ଅବସରରେ କହିଲେ, ଇଭାନ! ତୁମେ ମୋ ମୁଣ୍ଡ ଛୁଇଁ କୁହ ତୁମେ କ'ଣ ଏ କାମ କରିଛ ? ଇଭାନ ଦେଖିଲେ ଶେଷରେ ଧର୍ମପତ୍ନୀ ମଧ୍ୟ ତାଙ୍କୁ ସନ୍ଦେହ କଲେ। ତେଣୁ ସେ ନୀରବ ରହିଲେ। ଇତି ମଧ୍ୟରେ ଜେଲରେ ତାଙ୍କୁ ୨୬ବର୍ଷ ବିତେଇବାକୁ ହେଲା। ନିଜର ଅମାୟିକ ବ୍ୟବହାର, ସତ୍ୟ ଏବଂ ପ୍ରିୟବାଦିତା ଯୋଗୁ ଜେଲ କର୍ତ୍ତୃପକ୍ଷ ଓ ସାଥୀ ବନ୍ଦୀଙ୍କ ନିକଟରେ ସେ ହୋଇ ଉଠିଲେ ଜଣେ ସମ୍ମାନସ୍ପଦ ବ୍ୟକ୍ତି। ପ୍ରତ୍ୟହ ଜେଲ ପ୍ରକୋଷ୍ଠରେ ଈଶ୍ୱର ଆରାଧନା ସମୟରେ ସେ ପ୍ରାର୍ଥନା କରନ୍ତି, ହେ ପରମାତ୍ମା ! ମୋ ପରି ବିନା ଦୋଷରେ କାହାକୁ ଏପରି ଦଣ୍ଡ ଭୋଗିବାକୁ ନ ହେଉ। ଜେଲ କର୍ତ୍ତୃପକ୍ଷ ଏକଥା ମଧ୍ୟ ଶୁଣିପାରିଲେ। ଆଉ ଦିନେ ସନ୍ଧ୍ୟା ସମୟରେ ସମସ୍ତ ବନ୍ଦୀ ଏକତ୍ରିତ ହୋଇ ଇଭାନଙ୍କ ଅଧ୍ୟକ୍ଷତାରେ ଏକ ସଭାକଲେ, ଯେଉଁଥିରେ ସମସ୍ତେ ନିଜ ନିଜର ଦୋଷ ସ୍ୱୀକାର କରିବେ। ଜଣେ ବନ୍ଦୀ କହିଲେ, ଆଜକୁ ପ୍ରାୟ ୨୬ବର୍ଷ ତଳେ ଭ୍ଲାଦିମିର ଓ ନିଜନୀର ସଂଯୋଗ ରାସ୍ତାର ଏକ ଧର୍ମଶାଳାରେ ଜଣେ ବଣିକକୁ ହତ୍ୟାକରି ତା'ର ଧନରତ୍ନ ଲୁଣ୍ଠନ କଲି ଓ ତା' ସାଙ୍ଗ ଗଣ୍ଠିଲିରେ ରକ୍ତଲଗା ଛୁରିଟିକୁ ରଖିଦେଇ ଆସିଲି। ଏହାପରେ ମୁଁ ଅନେକ ଅପରାଧ କରିଥିଲେ ମଧ୍ୟ ପରିଶେଷରେ ଏକ ଛୋଟ ଭୁଲ ପାଇଁ ମୁଁ ବନ୍ଦୀ ହେଲି । ଏହା ଶୁଣି ଇଭାନ କହିଲେ ମୁଁ ସେହି ହତଭାଗ୍ୟ ଯେ ତୁମ ଅପରାଧର ଦଣ୍ଡ ଭୋଗୁଛି।

ଜେଲ କର୍ତ୍ତୃପକ୍ଷ ଏକଥା ଶୁଣିଲେ। ଇଭାନ ଯେ ନିରପରାଧ ଏ ବିଶ୍ୱାସ ତାଙ୍କର ସୁଦୃଢ ହେଲା। ପରଦିନ ଜେଲ ଅଧୀକ୍ଷକ ଇଭାନଙ୍କ ମୁକ୍ତିପତ୍ର ନେଇ ତାଙ୍କ ପ୍ରକୋଷ୍ଠରେ ପହଞ୍ଚିଲା ବେଳକୁ ଇଭାନ ଆଉ ଇହ ଜଗତରେ ନ ଥିଲେ। ପ୍ରାର୍ଥନା କରୁଥିବା ସମୟରେ ହିଁ ତାଙ୍କ ପ୍ରାଣବାୟୁ ଉଡିଗଲା।

ଆଜି ମଧ୍ୟ ଅନେକ ଇଭାନ ମିଥ୍ୟା ଅପରାଧରେ ଆରୋପିତ ହୋଇ ବିଭିନ୍ନ ଜେଲରେ କଏଦୀ ଜୀବନ ଅତିବାହିତ କରୁଛନ୍ତି। ଅନୁସନ୍ଧାନ ଦାୟିତ୍ୱ ନିର୍ବାହ କରୁଥିବା ଅଧିକାରୀ, ସରକାର, କାରାଗାର ଅଧୀକ୍ଷକ କିମ୍ବା ସର୍ବୋପରି ବିଚାର ବ୍ୟବସ୍ଥା ଏଥିପାଇଁ ସମ୍ବେଦନଶୀଳ ଥିବା ପରି ମନେହେଉନି। କୌଣସି ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିବିଶେଷଙ୍କୁ ବଞ୍ଚାଇବାକୁ ଯାଇ ଜଣେ ନିରୀହ ବ୍ୟକ୍ତିକୁ ଦଣ୍ଡିତ କରିବା ହୁଏତ ପୃଥିବୀରେ ସମ୍ଭବ, ମାତ୍ର ଈଶ୍ୱରଙ୍କ ଦରବାରରେ ଏହା ସମ୍ଭବ ନୁହେଁ। ତେଣୁ ତଦନ୍ତକାରୀ ଅଧିକାରୀ, ନ୍ୟାୟପାଳିକା ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଦରକାର ଯେ ଶହେ ଦୋଷୀ ପଛେ ଖସିଯାନ୍ତୁ ମାତ୍ର ଜଣେ ହେଲେ ନିର୍ଦ୍ଦୋଷ ଯେପରି ଦଣ୍ଡ ନ ପାଉ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ: ୯୯୩୭୪୫୦୫୪୦

# ସହମତିରେ ଦୁର୍ଗତି



ଦ୍ୟୁତି ଚନ୍ଦ୍ର ସାହୁ

ଖରା ଛୁଟି ସରିଲା। ପିଲାଏ ବିଦ୍ୟାଳୟକୁ ଫେରିଲେ। ହଷ୍ଟେଲରେ ରହୁଥିବା ଛୁଆ ରହିବା ଆରମ୍ଭ କଲେ। ବଢ଼ିଲା ଝିଅଙ୍କ ସମସ୍ୟା ଟିକେ ଅଧିକ। କର୍ମଚାରୀଙ୍କୁ ଭାରି ଟେନ୍‌ସନ। ରେଡ୍ ରେକର୍ଡକୁ ତନଖି କରାଗଲା। ମାସିକ ରତୁସ୍ରାବ ତାରିଖ ଯାଞ୍ଚ କରାଗଲା। ପ୍ରାୟତଃ ସବୁ ଠିକ୍‌ଠାକ୍ ଥିଲା। କିନ୍ତୁ ମାସେ ପରେ ବି ଜଣେ ବଢ଼ିଲା ଛୁଆର ମାସିକ ଧର୍ମ ହେଲାନି। ଭାବିଲେ ରକ୍ତହୀନତା ଅଥବା ଅନିୟମିତତା ହେତୁ ଏମିତି ହୋଇଥାଇପାରେ। ଡାକ୍ତରଙ୍କ ପରାମର୍ଶ ନିଆଗଲା, ତଥାପି କିଛି ସୁଫଳ ମିଳିଲାନି। ତା'ପରେ ଗର୍ଭଧାରଣ କିଟ୍ ପରୀକ୍ଷା କରାଗଲା। ମୁଣ୍ଡରେ ହାତ ଦେଲେ ବିଦ୍ୟାଳୟ କର୍ତ୍ତୃପକ୍ଷ। ଆରମ୍ଭ ହେଲା କାଉନ୍‌ସେଲିଂ। ଶେଷରେ ସ୍ୱୀକାର କଲା ଝିଅ। ଗାଁରେ ସହମତିରେ ନିଜ ପୁଅ ସାଙ୍ଗ ସହ ଯୌନ ସମ୍ପର୍କ ସ୍ଥାପନ କରିଛି। ପୁଅର ନାମ ଓ ଠିକଣା ଲିପିବଦ୍ଧ ହେଲା। ବିଦ୍ୟାଳୟ ପକ୍ଷରୁ ଏକ ରିପୋର୍ଟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଗଲା। ତେଣିକି ଆରମ୍ଭ ହେଲା ତନାଘନା। ଶିଶୁ ସୁରକ୍ଷା କମିଟି, ଶିଶୁ କଲ୍ୟାଣ କମିଟି ପଛକୁ ପଛ ଅଫିସରଙ୍କ ତୁହାକୁ ତୁହା ବିଦ୍ୟାଳୟକୁ ଗସ୍ତ ଚାଲିଲା। ଥାନାରେ ଏତଲା ଦେବାକୁ ପଡ଼ିଲା। ସହମତିରେ ଯୌନ ସମ୍ପର୍କ ସ୍ଥାପନ ହୋଇଥିଲେ ମଧ୍ୟ ନାବାଳକ ହେତୁ ପୋକ୍ସୋ ଆଇନ ମୁତାବକ ତାକୁ ଅପରାଧ ବିବେଚନା କରାଗଲା। ବାଳ ଅପରାଧୀକୁ ପୋଲିସ ଧରି ଆଣିଲା। ଆରମ୍ଭ ହେଲା ତାଡ଼ନା। ଦୁଇ ଜନଜାତି ପରିବାର ଗାଁରେ ବୈଠକ ହେଲା। ଉଭୟ ପକ୍ଷ ସହମତିରେ ବିବାହ ପାଇଁ ସମ୍ମତି ପ୍ରକଟ କଲେ। କିନ୍ତୁ ବିବାହ ବୟସ ହୋଇ ନ ଥିବାରୁ ବାଲ୍ୟ ବିବାହ କରିବାର ସୁଯୋଗ ଦେଲାନି ଆଇନ। ଏଣେ ଗଣମାଧ୍ୟମର ଶିରୋନାମା ପାଲଟିଲା ଖବର। ଘାଣ୍ଟି ହୋଇଗଲେ ବିଦ୍ୟାଳୟର ସମସ୍ତ କର୍ମଚାରୀ। ତିଳେ ମାତ୍ର ଭୁଲ ନ ଥିବା ସତ୍ତ୍ୱେ ଜଣେ ଜଣେ ଅପରାଧୀ ଭଳି ସମସ୍ତଙ୍କୁ ବିବେଚନା କରାଗଲା।

ସୁରକ୍ଷିତ ପ୍ରସବ ଉପରେ ଗୁରୁତ୍ୱଦେଲା ପ୍ରଶାସନ ଓ ଆଇନ। ଅପରପକ୍ଷେ ଝିଅ ଓ ପୁଅ ଗୋଷ୍ଠୀର ଲୋକେ ବିଦ୍ୟାଳୟକୁ ଆସି ତୁହାକୁତୁହା ନିଜ ଇଚ୍ଛା ମୁତାବକ ଭଲମନ୍ଦ କହି ଚାଲିଲେ। ବିଚରା ବିଦ୍ୟାଳୟ କର୍ତ୍ତୃପକ୍ଷ ଚାକିରିର ଦାୟରେ ନୀରବରେ ସବୁ ସହିବାକୁ ବାଧ ହେଲା। ସେମାନଙ୍କ କହିବା କଥା– ଘଟଣା ଜଣାଇବା ପରେ ପୋଲିସରେ ଏତଲା ଦେଲେ କ'ଣ ପାଇଁ ? ଉଭୟ ପକ୍ଷକୁ ଜଣେଇ କଥା ପ୍ରଘଟ ନ ହୋଇ ସହମତିରେ ସମାଧାନ ହୋଇପାରନ୍ତା। ଉଭୟଙ୍କର ବାହାଘର ହୋଇପାରନ୍ତା। ଏଭଳି ପ୍ରଶ୍ନର ଉତ୍ତର ଦେବା ଭାରି କଷ୍ଟ। ମୁହଁ ଖୋଲିଲେ ବିସ୍ଫୋରଣ ହେବ, ଅତ୍ୟନ୍ତ ସ୍ପର୍ଶକାତର ପ୍ରସଙ୍ଗ। ସେମାନଙ୍କଠାରୁ ଆକ୍ରମଣ ବି ହୋଇପାରିବ। ବିଚରା ସ୍କୁଲ କର୍ତ୍ତୃପକ୍ଷଙ୍କୁ ତତ୍କାଳ ସୁରକ୍ଷା ଦେବ କିଏ ? ପୁଣି ତାକୁ ନେଇ ଥାନା କଚେରୀ ଝାମେଲାରେ ପଶିବ କିଏ ? ବରଂ ଏଭଳି ସ୍ଥିତିରେ ସବୁ ସହିଯିବା ବୁଦ୍ଧିମାନର କାମ ବୋଲି ସହିଗଲେ ସମସ୍ତେ। ଦିନ ଗଡ଼ିଲା। ଛୁଆ ପ୍ରସବ ହେଲା। ଏଭଳି ଘଟଣା ପରେ ଏଇ ସ୍ପର୍ଶକାତର ଘଟଣାର ପୂର୍ଣ୍ଣଚ୍ଛେଦ ପଡ଼ିନି ଏଇଠି। ବରଂ ବର୍ତ୍ତମାନ ପରିସ୍ଥିତିରେ ସହମତିରେ ଯୌନ ସମ୍ପର୍କ ଓ ଗର୍ଭଧାରଣ ଘଟଣା ସମାଜରେ ହୁ ହୁ ହୋଇ ବଢ଼ିଚାଲିଛି।



ସହମତିରେ ହେଉଛି ଦୁର୍ଗତି। ଅନେକ ଘଟଣା ପଦାକୁ ଆସୁଛି। ବହୁ ଘଟଣା ଚାପି ହୋଇଯାଉଛି। ଲୋକଲଜ୍ଜା ଭୟରେ ଝିଅ ପକ୍ଷ ପରିବାର ଘଟଣାକୁ ରଫାଦଫା କରିବା ଲାଗି ସବୁ ସାଧ୍ୟମତେ ଉଦ୍ୟମ କରୁଛନ୍ତି। ହାଇସ୍କୁଲ ସ୍ତରରୁ ଏଇ ଘଟଣାମାନ ଘଟିବାରେ ଲାଗିଛି। କଲେଜ ସ୍ତରରେ ଏବେ ଏହା ଉତ୍କଟ ପ୍ରସଙ୍ଗ। କିଶୋର ବୟସର ଅନୁସନ୍ଧିତ୍ସୁ ମନ ଏଭଳି ବାଟବଣା କରିବାକୁ ବାଧ କରୁଛି। ବିଶେଷକରି ବହୁଳ ଭାବରେ ମୋବାଇଲ ଓ ଇଣ୍ଟରନେଟର ବ୍ୟବହାର ପିଲାଙ୍କୁ କୁପଥରେ ନେବାକୁ ସହାୟକ ହୋଇଛି। ଏହା ଯେତିକି ସତ୍ୟ ବଦଳୁଥିବା ସାମାଜିକ ପରିସ୍ଥିତି ଓ ଆମ ପାରିବାରିକ ବ୍ୟବସ୍ଥା ବି ସେତିକି ପରିମାଣରେ ଦାୟୀ ବୋଲି ବିଚାର କରିବାକୁ ହେବ।

ନିକଟରେ ସୁପ୍ରିମକୋର୍ଟ ପ୍ରମୁଖ ବିଚାରପତି ଡି. ୱାଇ. ଚନ୍ଦ୍ରଚୂଡ଼ କିଶୋରୀ କିଶୋରଙ୍କ ମଧ୍ୟରେ ସହମତିରେ ହେଉଥିବା ଯୌନ ସମ୍ପର୍କ ଓ ତଜ୍ଜନିତ ସମସ୍ୟାକୁ ନେଇ ଏକ ଚିନ୍ତାଶୀଳ ପ୍ରସ୍ତାବ ଦେଇଛନ୍ତି। ୨୦୧୨ ପୋକ୍ସୋ ଆଇନରେ ନିର୍ଦ୍ଧାରିତ ବୟସ ସୀମା ଉପରେ ପୁନର୍ବିଚାର କରିବା ଲାଗି ବ୍ୟବସ୍ଥାପିକା ସଭାକୁ ପ୍ରସ୍ତାବ ଦେଇଛନ୍ତି। ସହମତିରେ ଯୌନ ସ୍ଥାପନ ପରେ ବି ପୁଅ ସାଙ୍ଗକୁ ଅପରାଧୀ ବିଚାର କରାଯାଇ ଦଣ୍ଡବିଧାନ କରାଯାଉଛି। ଝିଅର ସହମତି ଥାଇ ବି ଅନେକ ବାଳକ କିଶୋରାବସ୍ଥାରୁ ଅପରାଧୀ ହୋଇ ଦଣ୍ଡ ଭୋଗିବାକୁ ବାଧ ହେଉଛନ୍ତି। ଏପରିକି ପୀଡ଼ିତା ନାବାଳିକାର ପରିବାର ନିଜର ସାମାଜିକ ପ୍ରତିଷ୍ଠାକୁ ବଞ୍ଚେଇବାକୁ ଉଦ୍ଦେଶ୍ୟମୂଳକ ଭାବେ ମାମଲା ରୁଜୁ କରିବାକୁ ଆଗ୍ରହ ପ୍ରକଟ କରୁଥିବା ସେ ଦର୍ଶାଇଛନ୍ତି। ମୁଖ୍ୟ ବିଚାରପତି ସାମ୍ପ୍ରତିକ ସାମାଜିକ ସ୍ଥିତିର ବାସ୍ତବ ଦିଗକୁ ଉନ୍ମୋଚନ କରିଛନ୍ତି। ଶିଶୁମାନଙ୍କ ଉପରେ ଯୌନ ନିର୍ଯାତନାର ପ୍ରଭାବ କମାଇବା ପାଇଁ ବିଦ୍ୟାଳୟସ୍ତରରେ ଜୀବନ କୌଶଳ ଶିକ୍ଷା ପ୍ରଦାନ କରାଯାଉଛି। ଯୌନ ସମ୍ପର୍କ ସ୍ଥାପନର ଭୟାବହ ସ୍ଥିତିକୁ ନେଇ କିଶୋରୀ କିଶୋରଙ୍କୁ ବିଦ୍ୟାଳୟସ୍ତରରୁ ସଚେତନ କରାଯାଉଛି। ଏ ଦିଗରେ କିଛି ଲାଭ ମିଳୁଛି ସତ, କିନ୍ତୁ ବେଳେବେଳେ ଏମିତି ପରିସ୍ଥିତି ଉପୁଜୁଛି ଶିକ୍ଷୟିତ୍ରୀ ଶିକ୍ଷକମାନେ ଏଭଳି ସ୍ପର୍ଶକାତର ଘଟଣାରେ ନିଜକୁ ଯଥାସମ୍ଭବ ଦୂରେଇ ରଖିବାକୁ ଚେଷ୍ଟା କରୁଛନ୍ତି। ଅନେକ କ୍ଷେତ୍ରରେ ଉଭୟ ପରିବାରର ମିଳିତ ଆକ୍ରମଣରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଚେପା ହୋଇପଡୁଛନ୍ତି। ହଷ୍ଟେଲରେ ରହି ପଢୁଥିବା କିଶୋରୀ କିଶୋରଙ୍କୁ ନେଇ ବିଦ୍ୟାଳୟ ଓ କଲେଜସ୍ତରରେ ପରିସ୍ଥିତି ଆହୁରି ଭୟଙ୍କର। କଡ଼ା କଟକଣା ସତ୍ତ୍ୱେ କିଛି ଅଘଟଣ ଘଟିଲେ ଅନେକ ସମୟରେ ପୁଅଝିଅ ମିଳିତ ଭାବେ ନିଜକୁ ବଞ୍ଚେଇବା ପାଇଁ ବିଚରା କର୍ମଚାରୀଙ୍କୁ ଟାର୍ଗେଟ କରି ଦୋଷ ଢାଳିବାକୁ ପଛାଉନାହାନ୍ତି। ତେଣିକି ପରିସ୍ଥିତି ଗମ୍ଭୀର। ଏମିତି ବହୁ କାରଣରୁ ଏବେ ସବୁଠି ସମସ୍ତେ ଏଭଳି ପରିସ୍ଥିତି ଉପୁଜିଲେ ଭିତିରି ଭିତିରି ଘଟଣାକୁ ପ୍ରଶମିତ କରିବାକୁ ଉଦ୍ୟମ କରାଯାଉଛି। ସବୁକିଛି ରଫାଦଫା କରାଯାଉଛି, କିନ୍ତୁ ଏହା ସମସ୍ୟାର ସ୍ଥାୟୀ ସମାଧାନ ନୁହେଁ। ବରଂ ପ୍ରଧାନ ବିଚାରପତିଙ୍କ ଭାଷାରେ ବ୍ୟାପକ ସଚେତନତା ଶିକ୍ଷା ଜରୁରୀ। ହୁଏତ ଏଥିରେ କିଛି ଆଶ୍ୱସ୍ତି ମିଳିପାରିବ!

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା
ମୋ: ୯୪୩୭୯୦୯୬୭୧

## ଏଇ ଭାରତରେ

ଯୁବକମାନଙ୍କ ପାଇଁ ପୁଣେର ହର୍ଷବର୍ଦ୍ଧନ ପଟବର୍ଦ୍ଧନ ଏକ ଆଦର୍ଶ। ୩୧ ବର୍ଷୀୟ ହର୍ଷବର୍ଦ୍ଧନ ଏମ୍‌ବିଏରେ ଡିଗ୍ରୀ ହାସଲ କରିଛନ୍ତି। ସେ ତ୍ରୟଦଶ କିମ୍ବା ଚତୁର୍ଦ୍ଦଶ ଶତାବ୍ଦୀ ମଧ୍ୟରେ ଆରମ୍ଭ ହୋଇଥିବା କୋହ୍ଲାପୁରୀ ଚପଲର ଲୋକପ୍ରିୟତା ବଢ଼ାଇବାରେ ସଫଳ ହୋଇଛନ୍ତି। ଚପଲ ତିଆରି କରିବାରେ ସେ ୨୦୧୫ରେ ମାତ୍ର ୫,୦୦୦ ଟଙ୍କା ନିବେଶ କରିଥିଲେ, ଯାହା ଏବେ ୯ କୋଟି ଟଙ୍କାରେ ପହଞ୍ଚିଲାଣି। ସେ ସେଥିରେ ପାରମ୍ପରିକ ପଦ୍ଧତିରେ ନୂଆ ଡିଜାଇନ୍ ଦେଉଛନ୍ତି ଓ ଏଥିପାଇଁ ହର୍ଷବର୍ଦ୍ଧନ କାନପୁର, ଆଗ୍ରା, ଚେନ୍ନାଇ ଯାଇ ସେଠାରୁ ଚପଲ ତିଆରି କୌଶଳ ଶିକ୍ଷା କରିଛନ୍ତି। ପ୍ରଥମେ ସେ ଚପଲ ତିଆରି କରି ସାଙ୍ଗମାନଙ୍କୁ ଦେଇଥିଲେ। ସେ ପୁଣେରେ ଏକ ଷ୍ଟଲ୍ ଖୋଲି ଦିନକରେ ୧୦୦ ଚପଲ ବିକ୍ରି କରିଥିଲେ। ପରେ ତାଙ୍କ ଚପଲର ଆଦର ବଢ଼ିବାରେ ଲାଗିଲା ଓ ଦିନକୁ ଦିନ ସେ ଅଧିକରୁ ଅଧିକ ଅର୍ଡର ପାଇବାକୁ ଲାଗିଲେ। ଏବେ ସେ ଚପଲ ତିଆରିରେ ୨୫ ଜଣ ଲୋକଙ୍କୁ ନିଯୁକ୍ତ କରିଛନ୍ତି ଓ ମାସକୁ ୧,୫୦୦ ଅର୍ଡର ପାଉଛନ୍ତି। ତାଙ୍କ ଚପଲର ମୂଲ୍ୟ ୨,୦୦୦ରୁ ଆରମ୍ଭ ହୋଇ ୫୦,୦୦୦ ଟଙ୍କା ଯାଏ ରହିଛି। କେବଳ ପୁଣେରେ ଏହି ଚପଲର ୩୫,୦୦୦ରୁ ଊର୍ଦ୍ଧ୍ୱ ଉପଭୋକ୍ତା ସୃଷ୍ଟି କରିଛନ୍ତି। ଏହାବ୍ୟତୀତ ଦେଶର ପ୍ରାୟ ସବୁ ବଡ଼ ସହର ସମେତ ୟୁରୋପ ଓ ଆମେରିକା ଭଳି ୨୭ଟି ଦେଶରେ ତାଙ୍କ ଚପଲର ଚାହିଦା ବଢ଼ିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଜାନୁୟାରୀ ୧୯୯୮

- କର୍ଣ୍ଣାଟକରେ କ୍ଷମତାସୀନ କେ.ଏଚ୍. ପଟେଲ ମନ୍ତ୍ରିମଣ୍ଡଳରୁ ୩ ଜଣ ବରିଷ୍ଠ ମନ୍ତ୍ରୀଙ୍କ ଇସ୍ତଫା ପ୍ରଦାନ।
- ନ୍ୟୁ ଦିଲ୍ଲୀ ଟେଲିଭିଜନ (ଏନ୍‌ଡିଟିଭି)ର ମୁଖ୍ୟ ପ୍ରଣୟ ରାୟ, ଷ୍ଟାର୍ ଟିଭି ମୁଖ୍ୟ ଆର୍. ବାସୁ ଏବଂ ଦୂରଦର୍ଶନର ୫ ବରିଷ୍ଠ କର୍ମକର୍ତ୍ତାଙ୍କ ବିରୁଦ୍ଧରେ ସିବିଆଇ ମାମଲା ରୁଜୁ।
- ପୂର୍ବତନ ଏଆଇସିସି ସାଧାରଣ ସମ୍ପାଦକ ବି.ପି. ମୌର୍ଯ୍ୟଙ୍କ ଭାଜପାରେ ଯୋଗଦାନ।

## ଚିରନ୍ତନୀ

କେତେ ରୂପ ହେଲାଣି ଅରୁପ
ଏ ଜୀବନ-ପଥେ ରଖି ଦାଗ
ନିକଟ ଯେ ହୋଇଯାଏ ଦୂର
ଖାଲି କରି ମୋର ସୁଖ ପୁର
ନିଭିଯାଏ କେତେ ଅନୁରାଗ
ଏ ଜୀବନ-ପଥେ ରଖି ଦାଗ।
–(ପୌଷ-ମଳୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କ୍ରୀଡ଼ା ଶିକ୍ଷକ ନିଯୁକ୍ତ କରାଯାଉ

ମହାଶୟ,

ରାଜ୍ୟରେ ୨୦୧୮ରେ ହକି ବିଶ୍ୱକପ୍ ଅନୁଷ୍ଠିତ ହୋଇଥିଲା ଓ ଏବେ ପୁନର୍ବାର ଖେଳ ହେଉଛି। ବର୍ତ୍ତମାନ ସରକାର ଏଥିପାଇଁ ଅନେକ କୋଟି ଟଙ୍କା ବ୍ୟୟ କରୁଛନ୍ତି। କେବଳ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ନିର୍ମାଣ ଓ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମର ସୌନ୍ଦର୍ଯ୍ୟକରଣ ପାଇଁ ପ୍ରାୟ ବିପୁଳ ଟଙ୍କା ଖର୍ଚ୍ଚ କରାଯାଇଛି। ହକି ଖେଳ ହେଲେ ଆମର ସମ୍ମାନ ବଢୁଛି ସତ କିନ୍ତୁ ତୃଣମୂଳ ସ୍ତରରେ ଖେଳକୁ ପ୍ରୋତ୍ସାହନ ଦେବା ଦରକାର। ରାଜ୍ୟର ଅନ୍ନଦାତାମାନେ ଅଭାବୀ ଧାନ ଓ ପନିପରିବା ବିକ୍ରିର ଶିକାର ହେଉଛନ୍ତି। ବର୍ତ୍ତମାନ ରାଜ୍ୟର ମୁଣ୍ଡପିଛା ଋଣ ଭାର ହେଉଛି ୩୫ ହଜାର ଟଙ୍କା। ଏପରି ଖର୍ଚ୍ଚ କରିଚାଲିଲେ ରାଜ୍ୟର ଋଣଭାର ଆହୁରି ବଢ଼ିଯିବ। ହକି ବିଶ୍ୱକପ୍‌କୁ ଯେମିତି ଗୁରୁତ୍ୱ ଦିଆଯାଉଛି ରାଜ୍ୟର କ୍ରୀଡ଼ା ସମସ୍ୟା ପ୍ରତି ସରକାର ସେଭଳି ଦୃଷ୍ଟି ଦେବା ଦରକାର। ସବୁ ସ୍କୁଲରେ ଖାଲିଥିବା କ୍ରୀଡ଼ାଶିକ୍ଷକ ପଦବୀ ପୂରଣ କରାଯାଉ। ପ୍ରତି ବ୍ଲକରେ କ୍ରୀଡ଼ା ପ୍ରତିଭା ଚିହ୍ନଟ ପ୍ରକ୍ରିୟା ଜାରି ରହୁ। ଫଳରେ ରାଜ୍ୟରେ ସବୁ କ୍ରୀଡ଼ାରେ ଦକ୍ଷ ପିଲା ବାହାରିବେ ଓ ରାଜ୍ୟ ପାଇଁ ସଫଳତା ଆଣିବେ।

–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୧୦ କୁମ୍ଭୀର ମମି ଠାବ



କାଇରୋ

ପ୍ରତ୍ନତତ୍ତ୍ୱବିତ୍‌ମାନେ ଇଜିପ୍ଟରେ ୨୫୦୦ ବର୍ଷ ପୂର୍ବର ୧୦ଟି କୁମ୍ଭୀର ମମି ଠାବ କରିଛନ୍ତି। ଇଜିପ୍ଟ ପରମ୍ପରାରେ କୁମ୍ଭୀରଙ୍କ ପ୍ରମୁଖ ଭୂମିକା ରହିଥିବାରୁ ପ୍ରଥା ଅନୁସାରେ ସେମାନଙ୍କ ମୃତଦେହକୁ ପୋତା ଯାଉଥିଲା। ଠାବ ହୋଇଥିବା ଉକ୍ତ ୧୦ କୁମ୍ଭୀର ପ୍ରାପ୍ତବୟସ୍କ। ନୀଳ ନଦୀର ପଶ୍ଚିମ ଘାଟରେ ଥିବା କୁବତ ଅଲ୍ ହୱାର ସମାଧି ସ୍ଥଳରେ ସେହି ମମିଗୁଡ଼ିକ ଠାବ ହୋଇଛି। ସେଠାରେ କୁମ୍ଭୀରଙ୍କ ୨ ପ୍ରଜାତି ଥିବା ଜଣାପଡ଼ିଛି। ଏମାନଙ୍କ ସହ ଉକ୍ତ ସମାଧି ସ୍ଥଳରେ ବୃହଦାକାର ବାନର, ବିଲେଇ, ଲମ୍ବା ବେକ ଥିବା ବଗକୁ ପୋତା ଯାଇଥାଏ। ରୟାଲ୍ ବେଲ୍‌ଜିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନାଚୁରାଲ୍ ସାଇନ୍ସେସ୍ ଏବଂ ସହଲେଖକ ବିଏ ଡି କୁପେରେ କହିଛନ୍ତି, ସମାଧି ସ୍ଥଳରେ ୧୦ଟି କୁମ୍ଭୀର ମମି ମିଳିବା ଏକ ବିଶେଷ କଥା।

# ମାର୍ଚ୍ଚ ୧୭ରେ 'ଜ୍ୱିଗାଟୋ'



କପିଲ ଶର୍ମା

ମୁମ୍ବାଇ: ନିଜ କମେଡିରେ ସମସ୍ତଙ୍କୁ ହସାଇ ବେଦମ କରୁଥିବା କପିଲ ଶର୍ମା କିଛି ବର୍ଷ ପରେ ପୁଣି ଫିଲ୍ମ ଇଣ୍ଡଷ୍ଟ୍ରିକୁ କମବ୍ୟାକ କରୁଛନ୍ତି । ନନ୍ଦିତାଙ୍କ ଆଗାମୀ ସିନେମା 'ଜ୍ୱିଗାଟୋ'ରେ କପିଲ ତାଙ୍କ ଅଭିନୟର ଯାଦୁ ଦେଖାଇବେ। ଆପ୍‌ଲାଉଜ୍ ଏଣ୍ଟରଟେନ୍‌ମେଣ୍ଟ ଦ୍ୱାରା ନିର୍ମିତ ଉକ୍ତ ଚଳଚ୍ଚିତ୍ରକୁ ନିକଟରେ ଟରଣ୍ଟୋ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ସାମିଲ କରାଯାଇଥିଲା। ଏବେ 'ଜ୍ୱିଗାଟୋ'ର ରିଲିଜ୍ ତାରିଖ ଜାରି ହୋଇଛି। ଆସନ୍ତା ମାର୍ଚ୍ଚ ୧୭ରେ ଏହି ଚଳଚ୍ଚିତ୍ର ବଡ଼ ପରଦାରେ ମୁକ୍ତିଲାଭ କରିବ। ଏଥିରେ କପିଲ ଜଣେ ଫୁଡ୍ ଡେଲିଭରି ବୟ ଭୂମିକାରେ ନଜରକୁ ଆସିବେ, ଯିଏକି ନିଜ ଆବଶ୍ୟକତାକୁ ପୂରଣ କରିବାକୁ ସଂଘର୍ଷ କରୁଥିବା ଦେଖିବାକୁ ମିଳିଛି। ଏନେଇ ଆପ୍‌ଲାଉଜ୍ ଏଣ୍ଟରଟେନ୍‌ମେଣ୍ଟ ଏହାର ସୋସିଆଲ ମିଡିଆ ଆକାଉଣ୍ଟରେ ବାଇକ୍‌ରେ ଡେଲିଭରି ନେଇ ଯାଉଥିବା କପିଲଙ୍କ ଫଟୋ ଶେୟାର କରିଛି। ଫିଲ୍ମରେ କପିଲଙ୍କ ସ୍ତ୍ରୀ ଭୂମିକାରେ ଶାହାନା ଗୋସ୍ୱାମୀ ନଜରକୁ ଆସିବେ। ବୁସାନ ଫିଲ୍ମ ଫେଷ୍ଟିଭାଲରେ ଏହାର ସ୍କ୍ରିନିଂ ପୂର୍ବରୁ କପିଲ ଶର୍ମା ଇନ୍‌ଷ୍ଟାଗ୍ରାମ୍‌ରେ 'ଜ୍ୱିଗାଟୋ'ର ଟ୍ରେଲର ଶେୟାର କରିଥିଲେ। ପୂର୍ବରୁ ସେ କେତେକ କମେଡ଼ି ଫିଲ୍ମରେ କାମ କରିଛନ୍ତି।

# ୧୨୪ ଏକରରେ ମେସିଙ୍କ ଚିତ୍ର



ବ୍ୟୁନସ୍ ଆୟର୍ସ

ଗତ ମାସରେ କାତାରରେ ଆୟୋଜିତ ଫିଫା ୱାର୍ଲ୍ଡ କପ୍‌ରେ ଆର୍ଜେଣ୍ଟିନା ଚାମ୍ପିୟନ ହୋଇଥିଲା। ଏଥିରେ ଲିଓନେଲ ମେସିଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ଏହି ବିଜୟ ପାଇଁ ଦେଶରେ ଅନେକ ପ୍ରକାର ଉତ୍ସବ ଅନୁଷ୍ଠିତ ହୋଇଥିଲା। ତେବେ ଆର୍ଜେଣ୍ଟିନାର ଚାଷୀ ଏହି ବିଜୟ ଏକ ଭିନ୍ନ ଉପାୟରେ ପାଳନ କରିଛନ୍ତି। ସେମାନେ ଲସ୍ କଣ୍ଡୋରେସ୍‌ର ୧୨୪ ଏକର କ୍ଷେତରେ ମକା ଗଛ ଲଗାଇ ସେଥିରେ ମେସିଙ୍କ ଛବି ତିଆରି କରିଛନ୍ତି।







**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Ltd.)
Gondwana Place, Kanke Road, Ranchi-834031, Jharkhand, India

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM portal **https://gem.gov.in**."


# ୨.୭ କେଜିର ବେଙ୍ଗ

କାନବେରା

ଉତ୍ତର ଅଷ୍ଟ୍ରେଲିଆର କୁଇନ୍ସଲାଣ୍ଡ ଜିଲାରେ ଅବସ୍ଥିତ କନ୍‌ୱେ ଜାତୀୟ ଉଦ୍ୟାନରୁ ଏକ ବିଶାଳକାୟ ବିଷାକ୍ତ ବେଙ୍ଗ ଉଦ୍ଧାର ହୋଇଛି। ସେହି ବେଙ୍ଗର ଓଜନ ୨.୭ କିଲୋଗ୍ରାମ, ଯାହାକି ଜଣେ ନବଜାତ ଶିଶୁର ଓଜନ ସହ ସମାନ। ଅଷ୍ଟ୍ରେଲୀୟ ରେଞ୍ଜର ଏହି ବେଙ୍ଗକୁ ଠାବ କରିଛନ୍ତି। ଏ ପର୍ଯ୍ୟନ୍ତ ଠାବ ହୋଇଥିବା ଉଭୟଚର ପ୍ରାଣୀଙ୍କ ମଧ୍ୟରେ ଏହି ବେଙ୍ଗ ଆକୃତି ଏବଂ ଆକାରରେ ବହୁତ ବଡ଼। ବେଙ୍ଗ ସାଧାରଣତଃ ଆକାରରେ ୫.୯ ଇଞ୍ଚ ହୋଇଥିବାବେଳେ ଠାବ ହୋଇଥିବା ଏହି ବେଙ୍ଗର ଲମ୍ବ ୩୯.୩ ସେଣ୍ଟିମିଟର। ତେବେ ୧୯୯୧ରେ ଠାବ ହୋଇଥିବା ୨.୬ କେ.ଜି. ଓଜନର ବେଙ୍ଗ ସବୁଠାରୁ ବଡ଼ ବେଙ୍ଗ ଭାବେ ଗିନିଜ୍ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଥିଲା। ରେଞ୍ଜର କେଲି ଗେ ଜଙ୍ଗଲରେ ଯାଉଥିବାବେଳେ ସେହି ବେଙ୍ଗକୁ ଖୁଣ୍ଟିଥିଲେ। ସେ ପ୍ରଥମ ଥର ପାଇଁ ଏପରି ଏକ ବଡ଼ ବେଙ୍ଗକୁ ଦେଖି ବିଶ୍ୱାସ କରିପାରି ନ ଥିଲେ।


**GOVERNMENT OF ODISHA** No.O-1672:

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
email:serwsbd2003@yahoo.com

No. Date:

**e-Procurement Notice for Road & Bridge Works**

1. Name of the Work: Construction of Road & Bridges as per Annexure (08 Nos.). 2. Class of Contractor: "A" & Special Class of (Odisha PWD) or relevant class of other licensing authority. 3. Estimated Cost: Varies from Rs.316.61 Lakhs to Rs.1612.33 Lakhs (Approximately). 4. Details projects as per Annexure attached:

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construcrtion Engineer, Rural Works Circle, Sunabeda | CCER-WCSBD- On-line-44/2022-23 | 25.01.2023 at 11.00 A.M. | 14.02.2023 upto 5.30 P.M. | 13.02.2023 upto 2.00 P.M. | 15.02.2023 at 11.00 A.M. | To be intimated separately |

5. The details of works can be seen from the website https://www.tendersodisha.gov.in.
6. Any Corrigendum/Addendum will be displayed in the above e-tender website.

**Sd./- Chief Construction Engineer, Rural Works Circle, Sunabeda**
**OIPR-25182/11/0058/2223**



**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କନ୍ଧମାଳ, ଫୁଲବାଣୀ**
(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)

ପତ୍ର ସଂଖ୍ୟା: ୨୯ ତାରିଖ: ୨୦।୦୧।୨୦୨୩

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ଶିଶୁକୁ ଉଦ୍ଧାର କରାଯାଇ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ବନବାସୀ ସେବା ସମିତି, ବାଲିଗୁଡ଼ାଠାରେ ସୁରକ୍ଷିତ ଭାବରେ ରଖାଯାଇଅଛି। ଏହି ଶିଶୁଟିର ଯଦି କେହି ପିତାମାତା/ଅଭିଭାବକ ବା ଆଇନ୍‌ସିଦ୍ଧ ଦାବିଦାର ଥାନ୍ତି ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ ଦିନ (୩୦) ମଧ୍ୟରେ **ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କନ୍ଧମାଳ, ମିଶନଶକ୍ତି ଭବନ, ଡି.ଆର୍.ଡି.ଏ. ଛକ, ଫୁଲବାଣୀ – ୭୬୨୦୦୧, ଫୋନ୍ ନଂ.: ୦୬୮୪୨–୨୫୪୪୫୩, ମୋ ନଂ.: ୯୪୩୭୪୨୩୪୨୭କୁ** ଯୋଗାଯୋଗ କରନ୍ତୁ। ଏହି ସମୟ ପରେ ନିମ୍ନଲିଖିତ ଶିଶୁ ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ୍, ୨୦୧୫ ଧାରା ୩୮ ଅନୁଯାୟୀ ଥଇଥାନ କରାଯିବ।

| କ୍ରମିକ. ନଂ. | ଲିଙ୍ଗ | ବୟସ | ଉଦ୍ଧାର ହୋଇଥିବା ସ୍ଥାନ ଓ ତାରିଖ | ଫଟୋ |
|---|---|---|---|---|
| ୧ | ଝିଅ | ୧ ବର୍ଷ ୬ମାସ ୧୭ଦିନ (ତା୧୭।୧୨।୨୦୨୨ ସୁଦ୍ଧା) | ଗ୍ରାମ: କୁଡ଼ିପୁଞ୍ଜା (ସାମସନ ପ୍ରଧାନଙ୍କ ବାସଗୃହ), ପୋଷ୍ଟ: ସୀମନବାଡ଼ି, ଥାନା: ଦାରିଙ୍ଗବାଡ଼ି, ଜିଲ୍ଲା: କନ୍ଧମାଳ ୦୨।୦୭।୨୦୨୧ |  |

ସ୍ୱା./– ଜିଲ୍ଲାପାଳ, କନ୍ଧମାଳ



Annexure-1
**Government of Odisha**
**OFFICE OF THE ASSISTANT DIRECTOR OF SERICULTURE, BHUBANESWAR**
**Near Sikharchandi Temple, PO.-KIIT, Dist. Khordha, PIN-751024**
**mail Id: bhubaneswarads@yahoo.com, Mobile No. 8984338274**

**QUOTATION/ TENDER CALL NOTICE**

**No.L-123:**Sealed quotation/tenders are invited from interested reputed Travel Agencies/ Tour Operators or Private Individuals for providing 01(one) number of AC Petrol Tiago driven vehicle having sitting capacity not more than five including Driver, which shall conform to the Terms & Conditions (Annexure-II) of the **Notification No. 34085/F dated 29.09.12 and subsequent No. 30464/F dated 06.09.19** of the Govt. of Odisha in Finance Department for this office (Assistant Director of Sericulture, Bhubaneswar) on monthly rent basis.

1. The Vehicle must be in Road Worthy Condition, shall not be more than **3 years** old from the date of initial Registration and must have **valid Registration Certificate, Insurance Certificate, Fitness Certificate, valid Contract Carriage Permit, Proof of up-to-date Tax payment etc**. which are mandatory for plying of the vehicle.
2. The Driver of the vehicle must have a **valid Driving License for driving light transport passenger vehicle** and should be sufficiently experienced in driving transport passenger vehicle.
3. The Driver should be **well behaved, gentle and obedient in nature.**
4. A sum of **Rs. 5,000/- (Rupees Five thousand)** only shall be deposited by the intending bidders in shape of Account Payee Bank draft drawn in favour of the Joint Director of Textiles, Central Division, Bhubaneswar and submit along with the Quotation / Tender as Security Deposit. After compliance of Quotation/Tender process, the amount will be refunded to un-successful bidders.
5. The monthly rate of hire charges to be quoted separately in the general bid information (excluding fuel & lubricants).
6. The vehicle must achieve a fuel efficiency of **17 KMs per Litre.**
7. The details of the make and year of manufacture of the vehicle, Registration No., Mileage (KMs covered per litre) and name of the Driver with Driving License No. and period of validity should be specifically provide in the general bid information to the furnished with the Quotation/Tender (Annexure-III).
8. The Quotation completed in all respect should be reach the undersigned **on or before 08.02.2023 by 3.00 PM** and shall be opened on the same day at 4.00 PM in presence of the bidders or their authorized representatives.
9. The application form or Quotation/ Tender containing General Bid information and Terms & Conditions for hiring of vehicle etc. will be available with this office of the Assistant Director of Sericulture, Bhubaneswar office on payment of **Rs. 100/- (Rupees One hundred)** only **from 11 AM to 5 PM** latest by 07.02.2023 or can be down loaded from Odisha Govt. Website www.odisha.gov.in within the schedule date of quotation. In case the Application Form is downloaded from Govt. Website, the applicant shall furnish a Demand Draft for an amount of **Rs. 100/- (Rupees One hundred)** only towards the cost of application along with the application in favour of the **Assistant Director of Sericulture, Bhubaneswar, Khordha**.
10. The undersigned reserve all rights to accept/cancel any / all bid without assigning reason thereof.

**Sd./- (P.C.Padhy)**
**Assistant Director of Sericulture, Bhubaneswar**
**OIPR-01440/11/0004/2223** **Seal & Signature of Quotation Tender Calling Authority**


# ରିଲିଜ୍ ଆଗରୁ ବୁକିଂରେ ୧୨ କୋଟି ରୋଜଗାର




**ମୁମ୍ବାଇ:** ବଲିଉଡ୍ ସୁପରଷ୍ଟାର ଶାହରୁଖ୍ ଖାନ୍‌ଙ୍କ ଆଗାମୀ ଚଳଚ୍ଚିତ୍ର 'ପଠାନ'କୁ ନେଇ ଅନେକ ବିବାଦ ଦେଖାଦେଇଥିଲା। ଏହା ମଧ୍ୟରେ ଫିଲ୍ମ ଆସନ୍ତା ୨୫ରେ ରିଲିଜ୍ ହେଉଛି। ଦର୍ଶକ ଏହାକୁ ନେଇ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ବିଦେଶରେ 'ପଠାନ' ଆଡଭାନ୍ସ ଟିକେଟ୍ ବୁକିଂରେ ବମ୍ପର ରୋଜଗାର କରିଛି। ଭାରତରେ ଏହି ଚଳଚ୍ଚିତ୍ର ପାଇଁ ଆଡ୍‌ଭାନ୍ସ ଟିକେଟ୍ ବୁକିଂ ଗୁରୁବାରଠାରୁ ଆରମ୍ଭ ହୋଇଛି। ସିନେମାର ଆଡ୍‌ଭାନ୍ସ ବୁକିଂରୁ ୧୨ କୋଟି ଟଙ୍କା ରୋଜଗାର ହୋଇଛି। ତେବେ ଶାହରୁଖଙ୍କ 'ପଠାନ' ବକ୍ସ ଅଫିସରେ ଉଦ୍‌ଘାଟନୀ ଦିନରେ ରେକର୍ଡ ସୃଷ୍ଟି କରିପାରିବ ବୋଲି କୁହାଯାଉଛି।

# ଚା' ପିଇ ୭୬ ବର୍ଷ



**କୋଲକାତା:** ସୁସ୍ଥ ଶରୀର ପାଇଁ ପୋଷକତତ୍ତ୍ୱର ଆବଶ୍ୟକତା ରହିଛି। ଶରୀର ପାଇଁ ଜରୁରୀ ଭିଟାମିନ୍ ସବୁ ଖାଦ୍ୟରୁ ମିଳିଥାଏ। ପଶ୍ଚିମବଙ୍ଗର ଜଣେ ମହିଳା ବିନା ଖାଦ୍ୟରେ ୭୬ ବର୍ଷ କାଟିସାରିଛନ୍ତି। ହୁଗଳି ଜିଲା ବେଲଡିହ ଗ୍ରାମରେ ଅନୀମା ଚକ୍ରବର୍ତ୍ତୀଙ୍କ ଘର। କେବଳ ଚା' ଏବଂ ହେଲ୍‌ଦି ଡ୍ରିଙ୍କ ପିଇ ସେ ଏତେଗୁଡ଼ାଏ ଦିନ କାଟି ସାରିଲେଣି। ପାଖାପାଖି ୫୦ ବର୍ଷ ହେବ ଅନୀମା ସମ୍ପୂର୍ଣ୍ଣ ଭାବେ ଖାଦ୍ୟ ଛାଡ଼ିଦେଇ କେବଳ ପାନୀୟ ଦ୍ରବ୍ୟକୁ ଗ୍ରହଣ କରୁଛନ୍ତି। ପୂର୍ବରୁ ଅନୀମାଙ୍କ ଘରର ଆର୍ଥିକ ସ୍ଥିତି ସେତେ ଭଲ ନ ଥିଲା। ଅନ୍ୟଘରେ କାମ କରି ସେ ଘର ଚଳାଉଥିଲେ। ଯେଉଁମାନଙ୍କ ଘରେ ଅନୀମା କାମ କରନ୍ତି ସେଠାରୁ ଯେଉଁ ବଳକା ଖାଦ୍ୟ ସେ ଆଣନ୍ତି ତାକୁ ପିଲାମାନଙ୍କ ମଧ୍ୟରେ ବାଣ୍ଟି ଦେଲାପରେ ତାଙ୍କ ପାଇଁ ଆଉ କିଛି ନ ଥାଏ। ଅନେକ ଦିନ ଧରି ଅନୀମା ପାଣି, ଚା' ପିଇ ରହିଯାଉଥିଲେ। ସେତେବେଳର ଅଭ୍ୟାସ ଏ ପର୍ଯ୍ୟନ୍ତ ସେ ଛାଡ଼ି ପାରି ନ ଥିବା ଅନୀମାଙ୍କ ପୁଅ କହିଛନ୍ତି। ମଣିଷ ଜୀବତ ରହିବାକୁ ହେଲେ, ଶକ୍ତିର ଆବଶ୍ୟକତା ରହିଛି। ଏହି ଶକ୍ତି ଆମକୁ ଖାଦ୍ୟରୁ ହିଁ ମିଳିଥାଏ ବୋଲି ହୁଗଳିର ଜଣେ ଡାକ୍ତର ବିଲ୍ଲେଶ୍ୱର ବଲ୍ଲାଭ କହିଛନ୍ତି। ଖାଦ୍ୟ ବଦଳରେ ଅନୀମା ଯେଉଁ ଚା' ଓ ହେଲ୍‌ଦି ଡ୍ରିଙ୍କ୍ ପିଉଛନ୍ତି ସେଥିରୁ ତାଙ୍କ ଶରୀରକୁ ପୋଷକତତ୍ତ୍ୱ ମିଳୁଛି। ଯେଉଁ କାରଣରୁ ସେ ଖାଦ୍ୟ ନ ଖାଇ ମଧ୍ୟ ସୁସ୍ଥ ରହିଥିବା ବଲ୍ଲାଭ କହିଛନ୍ତି।


**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIRED**
Fresh candidate **SALES EXECUTIVE** Male or Female person (Age between 18 to 30) with good communication skills. For Garment Shop, Near Rajmahal Square, Bhubaneswar.
**Contact: 9437003463**

**WANTED**
**Accountant / Marketing / Sales Person required**
with experience in similar line
**Contact:**
**Rajrani Trading, Jaydurga Nagar, Bomikhal, Bhubaneswar**
**Mob.: 9437210342/7008671875**

**SPARSHA SPA WANTED**
1- Receptionist (1 No)
2- ମହିଳା ଥେରାପିଷ୍ଟ
Plot No-99, Jharapada Jail Road, Bhubaneswar
**Contact : 9777220450**
Email : sparshaluxuryspa@gmail.com

**REQUIRED**
GALAXY CONSULTANCY SERVICES & Job providing, consultancy services srsgalaxycs.com https// srsgalaxycs.com/ Need to job registrar now.
ନୟାଗଡ କୋର୍ଟ ପାଇଁ ଆବଶ୍ୟକ ଅଛି +୨ ପାସ୍ କିମ୍ବା +୩ ପାସ୍ କରିଥିବା ପୁଅ ଝିଅ ଦରକାର। ପିଜିଡିସିଏ କରିଥିବା ଜରୁରୀ।

**WANTED**
ଧରିତ୍ରୀ DHARITRI Oriya daily
is looking for
**EVENTS' EXECUTIVES**
- Graduates, fluent in English, in the age group of 25-35 years could apply.
- Planning events & implementing from start to finish will be required.
- Experience in event management will be preferred.
- Developing event feedback surveys.

Apply immediately to :
recruitment@dharitri.com
N.B.: All postings will be in Bhubaneswar, Odisha
Attractive salary commensurate with experience



Estd.-1979
Ph:7682032632
**THE KOSALA SCHOOL**
An English Medium Residential Public School
(CBSE Affiliation No.1530003)
UA-KHAIRPALI, PO.-LARASARA, DIST.-BARGARH-768027 (ODISHA)
Email: thekosalaschool1979@gmail.com
Mob- 6370708544/ 7682032632

**REQUIRES THE FOLLOWING TEACHING & NON TEACHING STAFF**

| Sl. No. | Post Name | Subject | Minimum Educational Qualification | Salary |
|---|---|---|---|---|
| 1 | TGT | English/ Physics/ Chemistry / Biology/ Mathematics/ Odia/ Hindi/ Social Science | B.A or B.Sc. & B.Ed./ B.H.Ed with OTET/ CTET/OSSTET | (Salary is not a constraint for deserving candidates) |
| 2 | PRT | English/ Mathematics/ Science/ Social Science/ Hindi/ Odia | B.A. or B.Sc. & D.El. Ed/ B.Ed./ B.H.Ed with OTET/ CTET | |
| 3 | PET | | B.A or B.Sc & C.P.Ed./ B.P. Ed with OSSTET | |
| 4 | Special Educator | | B.A. or B.Sc with B.Ed (Special Education) | |
| 5 | Data Entry Operator | | B.A. or B.Sc with PGDCA | |
| 6 | Hostel Warden (Male) Age- 35 to 40 years | | +3 | |

- Candidates having teaching experience in English Medium Schools, good Spoken English, computer knowledge and not crossed 45 years of age will be preferred.
- Couples will be given preference and provided with rent free accommodation.
- Selected candidates shall have to stay inside the Hostel campus on free of rent. Selected temporary teachers will get free boarding and lodging.
- Interested candidates can send their filled up bio-data to the email address:- thekosalaschool1979@gmail.com on or before 05/02/2023.
- Original Certificates to be produced at the time of interview for verification.
- No TA/DA will be given for attending the interview.
- For any clarification candidates may call to the phone No. (Given above) from 10.00 A.M. to 2.00 P.M.

**Sd./- (Principal)**

## ବ୍ଲକ ଅଧ୍ୟକ୍ଷାଙ୍କ ଭଣଜାଙ୍କୁ ହତ୍ୟା

ବେଗୁନିଆପଡ଼ା,୨୦।୧: ଗଞ୍ଜାମ ଜିଲା ବେଗୁନିଆପଡ଼ା ବ୍ଲକ ଅଧକ୍ଷା ରେଣୁ ଗୌଡ଼ଙ୍କ ଭଣଜାଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ସେ ହେଲେ ତାଳସର ପଞ୍ଚାୟତ ଅନ୍ତର୍ଗତ ଭାବିନିପୁର ଗ୍ରାମର ପଙ୍କଜ ଗୌଡ଼। ଗାଁ କମିଟିକୁ ନେଇ ପୂର୍ବରୁ ବିବାଦ ଲାଗି ରହିଥିବା ବେଳେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ସୂଚନା ଅନୁଯାୟୀ, ପଙ୍କଜ କୌଣସି କାମସାରି ନିଜ ଗ୍ରାମ ଭାବିନିପୁର ଫେରୁଥିବା ବେଳେ ରାଗପୁର କୋଠଘର ନିକଟରେ ୬ରୁ ଊର୍ଦ୍ଧ୍ୱ ଯୁବକ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ତାଙ୍କୁ ଖଣ୍ଡାରେ ବୀଭତ୍ସ ଭାବେ ହାଣି ଯୁବକମାନେ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ପଙ୍କଜଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସରେ ନେଇ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବେଗୁନିଆପଡ଼ା ପୋଲିସ ଖଲ୍ଲିକୋଟ ମେଡିକାଲରେ ପହଞ୍ଚି ଅନୁସନ୍ଧାନ କରିବା ସହ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।



### ସଂକ୍ଷେପରେ

## ସମସ୍ତେ ସଚେତନ ହେଲେ ବହୁମୂଲ୍ୟ ଜୀବନ ରକ୍ଷା କରିପାରିବା: ମନ୍ତ୍ରୀ

ଭୁବନେଶ୍ୱର,୨୦।୧(ବ୍ୟୁରୋ): ମୁଖ୍ୟମନ୍ତ୍ରୀଙ୍କ ନୀତିରେ ଆମ ପାଇଁ ପ୍ରତ୍ୟେକ ଜୀବନ ମୂଲ୍ୟବାନ୍। ସେଥିପାଇଁ ସମସ୍ତେ ଅହରହ ଉଦ୍ୟମ କରୁଛୁ ବୋଲି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି। ଶୁକ୍ରବାର ଭୁବନେଶ୍ୱରସ୍ଥିତ ପୋଲିସ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ସଡ଼କ ସୁରକ୍ଷା ସପ୍ତାହ ସମାପନ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସାହୁ କହିଛନ୍ତି, ଆମେ ପଞ୍ଚାୟତରୁ ୱାର୍ଡ ସ୍ତର ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ସଂକ୍ରାନ୍ତରେ ସଚେତନତା ଜାରି ରଖିଛୁ। ତେଣୁ ଆମେ ବ୍ୟାପକ ପ୍ରଚାର ପ୍ରସାର ଜରିଆରେ ଏ ବାବଦରେ ସଚେତନତା ସୃଷ୍ଟି କରିବା। ଏହାସହିତ ଗାଡ଼ି ଚାଳକଙ୍କ ଦକ୍ଷତା ବିକାଶ ହେଲେ ଆମେ ଏ କ୍ଷେତ୍ରରେ ଅଧିକ ସଫଳତା ପାଇବା ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସଡ଼କ ସୁରକ୍ଷା ସପ୍ତାହ ପାଳନର ସଫଳତା ପାଇଁ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ଧନ୍ୟବାଦ ଦେଇଛନ୍ତି।

## ରୋଜଗାର ମେଳାରେ ୧୨୮ ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ

ଭୁବନେଶ୍ୱର,୨୦।୧(ବ୍ୟୁରୋ): ଭୁବନେଶ୍ୱରସ୍ଥିତ ସିଏସ୍ଆଇଆର୍-ଆଇଏମ୍ଏମ୍ଟି ଠାରେ ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରୋଜଗାର ମେଳାର ତୃତୀୟ ସଂସ୍କରଣର ଶୁଭାରମ୍ଭ କରିବା ସହ ଭାରତ ସରକାରଙ୍କ ବିଭିନ୍ନ ବିଭାଗରେ ୧୨୮ ଜଣ ନବନିଯୁକ୍ତ ଯୁବତୀଯୁବକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଳିତବର୍ଷ ୧୦ ଲକ୍ଷ ଯୁବତୀଯୁବକଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସମଗ୍ର ଦେଶରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୭୧ ହଜାର ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଭୁବନେଶ୍ୱରରେ ରୋଜଗାର ମେଳା ମାଧ୍ୟମରେ ରେଳ ବିଭାଗ ସହ ଆସାମ ରାଇଫଲ୍ସ, ଇନ୍‌କମ ଟ୍ୟାକ୍ସ, ଷ୍ଟାଟିଷ୍ଟିକ୍ସ, ଆଇଆଇଟି ଭୁବନେଶ୍ୱର, ଇପିଏଫ୍ଓ, ଭାରତୀୟ ଡାକ, ନାଲ୍‌କୋ, ଇଏସ୍ଆଇସି, ବିଏସ୍ଏଫ୍, ସେଲ୍, ଏସ୍ଏଲ୍‌ବିସି ଏବଂ ଜିଏସ୍‌ଟି ଓ ଇନ୍‌ଡାଇରେକ୍ଟ ଟାକ୍ସ ବିଭାଗରେ ୧୨୮ ଜଣ ନିଯୁକ୍ତି ପାଇଛନ୍ତି। ଏହି ପଦକ୍ଷେପ ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ସରପଞ୍ଚଙ୍କ ସ୍ତ୍ରୀଙ୍କୁ ଥାନା ଅଧିକାରିଣୀଙ୍କ ମାଡ଼ ଅଭିଯୋଗ

ସମ୍ବଲପୁର,୨୦।୧(ବ୍ୟୁରୋ): ସମ୍ବଲପୁର ଜିଲା ଧନୁପାଲି ଥାନା ଅଧିକାରୀ ଅନିତା ପଧାନଙ୍କ ନାମରେ ସାଙ୍ଘାତିକ ଅଭିଯୋଗ ହୋଇଛି। ଯୁଯୁମୁରା ବ୍ଲକ କବରାପାଲି ସରପଞ୍ଚ ଅନ୍ତର୍ଯାମୀ ପଧାନଙ୍କ ସ୍ତ୍ରୀଙ୍କୁ ଥାନା ଅଧିକାରୀ ଥାନା ସମ୍ମୁଖରେ ମାଡ଼ ମାରିଛନ୍ତି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣା ପ୍ରଚାର ହେବା ପରେ ପୋଲିସର ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଘଟଣା ସମ୍ପର୍କରେ ପଧାନ କହିଛନ୍ତି, ମାଡ଼ ମାରିବା ବା ଜୀବନରୁ ମାରିଦେବାକୁ ଉଦ୍ୟମ କରିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ଝିଅ ପ୍ରାପ୍ତ ବୟସ୍କ ହୋଇଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି କୁହାଯାଇଥିଲା। କବରାପାଲି ଅଞ୍ଚଳର ନିଖୋଜ ଥିବା ଜଣେ ଯୁବତୀଙ୍କ ପରିବାରର ଅଭିଯୋଗ କ୍ରମେ ସେମାନଙ୍କ କଲେଜ ପଢୁଆ ଝିଅ ୮ଦିନ ପୂର୍ବେ ଟୁଇଶନ ଯାଇ ଆଉ ଘରକୁ ଫେରି ନ ଥିଲେ। ଖୋଜାଖୋଜି ପରେ ମଧ୍ୟ ସନ୍ଧାନ ମିଳି ନ ଥିଲା। ଏ ନେଇ ଅଭିଯୋଗ ପାଇଁ ସଦର ଥାନାକୁ ଯାଇଥିଲେ ମଧ୍ୟ ସେଠାକାର ପୋଲିସ ଧନୁପାଲି ଥାନାକୁ ପଠାଇଥିଲେ। ଧନୁପାଲି ଥାନାରେ ଅଭିଯୋଗ ପରେ ପୋଲିସ ଏକ ନିଖୋଜ ମାମଲା ରୁଜୁ କରିଥିଲା। ହେଲେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଏପରିସ୍ଥଳେ ଶୁକ୍ରବାର ପୋଲିସ ଝିଅ ସହ ଜଣେ ଯୁବକଙ୍କୁ ଧରି ଥାନାରେ ଅଟକ ରଖିଥିବା ଜାଣି ସମ୍ପର୍କୀୟ ତଥା କବରାପାଲି ସରପଞ୍ଚ ଓ ତାଙ୍କ ସ୍ତ୍ରୀ ଥାନାକୁ ଆସି ପଚାରିଥିଲେ। ହେଲେ ପୋଲିସ ସେମାନଙ୍କୁ ଝିଅ ସହ ଭେଟ କରିବାକୁ ନ ଦେଇ ମାଡ଼ ମାରିଥିଲା ବୋଲି ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି।




ନୂଆଦିଲ୍ଲୀରେ ସାହସିକତା ପୁରସ୍କାର ଗ୍ରହଣ ଅବସରରେ ୧୭ ରାଜ୍ୟରୁ ଆସିଥିବା ପିଲାମାନେ।

# ୫୬ ପିଲାଙ୍କୁ ସାହସିକତା ପୁରସ୍କାର

ନୂଆଦିଲ୍ଲୀ,୨୦।୧(ପି.ଟି.)

ଶିଶୁ ଅଧିକାର ପାଇଁ କାର୍ଯ୍ୟ କରୁଥିବା ଭାରତୀୟ ଶିଶୁ କଲ୍ୟାଣ ପରିଷଦ (ଆଇସିସିଡବ୍ଲ୍ୟୁ) ଦେଶର ୧୭ଟି ରାଜ୍ୟରୁ ୫୬ ଜଣ ପିଲାଙ୍କୁ ସାହସିକତା ପୁରସ୍କାର ପ୍ରଦାନ କରିଛି। ସେମାନଙ୍କ ମଧ୍ୟରେ ବୁଡ଼ିଯାଉଥିବା ଲୋକଙ୍କୁ ଉଦ୍ଧାର କରିଥିବା ୨ ବାଳକ ଏବଂ ପଞ୍ଜାବରେ ଜଳନ୍ତା ଗାଡ଼ିରୁ ୪ ପିଲାଙ୍କୁ ଉଦ୍ଧାର କରିଥିବା ଜଣେ ନାବାଳିକା ରହିଛନ୍ତି। କରୋନା ମହାମାରୀ ଯୋଗୁ ୨ ବର୍ଷ ପୁରସ୍କାର ବିତରଣ ବନ୍ଦ ରହିବା ପରେ ଚଳିତ ବର୍ଷ ୩ ବର୍ଷ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଶୁକ୍ରବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ୨୦୨୦ର ୨୨ ଜଣଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ୨୦୨୧ର ୧୬ ଜଣ ଏବଂ ୨୦୨୨ର ୧୮ ଜଣ ସମ୍ବର୍ଦ୍ଧିତ ହୋଇଛନ୍ତି। ଆଇସିସିଡବ୍ଲ୍ୟୁର ଅନ୍ୟ ୬ଟି ପୁରସ୍କାର ମଧ୍ୟରେ ରହିଛି ମାର୍କଣ୍ଡେୟ ଆୱାର୍ଡ, ପ୍ରହଲ୍ଲାଦ ଆୱାର୍ଡ, ଏକଲବ୍ୟ ପୁରସ୍କାର, ଅଭିମନ୍ୟୁ ପୁରସ୍କାର, ଶ୍ରବଣ ପୁରସ୍କାର ଏବଂ ଧ୍ରୁବ ପୁରସ୍କାର। ୨୦୨୦ ପାଇଁ ମାର୍କଣ୍ଡେୟ ଆୱାର୍ଡ ୧୮ ବର୍ଷୀୟ ମୋହିତ ଚନ୍ଦ୍ର ଉପ୍ରେତିଙ୍କୁ ଦିଆଯାଇଛି, ଯିଏ କଲରାପତରିଆ ବାଘ ସହ ଲଢ଼ି ସାଙ୍ଗ ଜୀବନ ବଞ୍ଚାଇଥିଲେ। ୬୫ ବର୍ଷ ହେଲା ସାହସୀ ପିଲାମାନଙ୍କୁ ଆଇସିସିଡବ୍ଲ୍ୟୁ ପୁରସ୍କୃତ କରିଆସୁଛି। ୧୯୫୭ରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ ୨ ଜଣ ପିଲାଙ୍କୁ ସାହସିକତା ପାଇଁ ପୁରସ୍କୃତ କରିଥିଲେ।

# ବୋହୂଙ୍କୁ ଧର୍ମ ପରିବର୍ତ୍ତନ ପାଇଁ ବାଧ କରାଯାଇନାହିଁ

## ହ୍ୟୁମାନ୍ ସାଗରଙ୍କ ଘରୋଇ କଳି ପ୍ରସଙ୍ଗ

କଟକ ଅଫିସ,୨୦।୧

କାଉନ୍‌ସେଲିଂ ପରେ କଟକ ମହିଳା ଥାନା ବାହାରକୁ ଆସି ପରସ୍ପରକୁ ଆକ୍ଷେପ-ପ୍ରତିଆକ୍ଷେପ କରିଥିବା ଓଲିଉଡ୍ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମାମଲା ଶୁକ୍ରବାର ଟିକେ ଅଲଗା ଅଲଗା ଲାଗିଛି। ହ୍ୟୁମାନ ଓ ତାଙ୍କ ମା' ଶେଫାଳୀ ସୁନା ବୋହୂ ଶ୍ରୀୟା ମିଶ୍ର ଓ ତାଙ୍କ ବାପାଙ୍କୁ କଟୁକ୍ତି କରିଥିଲେ। ହେଲେ ଏବେ ସମ୍ପୂର୍ଣ୍ଣ ଭାବେ ସଚେତନ ହୋଇ ବୋହୂଙ୍କୁ ଘରକୁ ଫେରାଇ ଆଣିବାକୁ ଚାହୁଁଥିବା ଶେଫାଳୀ କହିଛନ୍ତି। ଏଥିସହ ସେ ଆହୁରି କହିଛନ୍ତି, ବୋହୂଙ୍କୁ ଧର୍ମ





ପରିବର୍ତ୍ତନ ପାଇଁ ବାଧ କରାଯାଇନାହିଁ। ସେ ଶାଶୁଘରେ ଜଗନ୍ନାଥ, ଗଣେଶଙ୍କ ମୂର୍ତ୍ତି ରଖି ପୂଜା କରିଥାନ୍ତି। ତାଙ୍କୁ କୌଣସି କାମ ପାଇଁ ବାଧ କରାଯାଇନାହିଁ। ବୋହୂ ଘରେ ସ୍ୱଇଚ୍ଛାରେ ପୂଜା କରିବା ସହ ତାଙ୍କ ମାଆବାପା ଆସିଲେ ସେମାନେ ମଧ୍ୟ ପୂଜା କରିଥାନ୍ତି। ନାତୁଣୀ ଓ ବୋହୂଙ୍କୁ ବେଶି ମନେ ପକାଉଛି। ପୁଅବୋହୂ ଏକାଠି ରୁହନ୍ତୁ, ଏତିକି ଚାହୁଁଛନ୍ତି ବୋଲି ଶେଫାଳୀ କହିଛନ୍ତି। ସେହିପରି ହ୍ୟୁମାନ୍ ସାଗର ଗଣମାଧ୍ୟମକୁ କହିଛନ୍ତି, ଶ୍ରୀୟା ଓ ତାଙ୍କ ପରିବାରକୁ ଆମ ପରିବାର ବହୁତ ଭଲପାଉ। ସବୁ ଧର୍ମକୁ ସମ୍ମାନ କରୁ। କାହାକୁ ଆମ ଧର୍ମକୁ ଆସିବାକୁ ଚାପ ଦେଇନୁ। ଆମେ ଆପୋସ ସମାଧାନ ଚାହୁଁଛୁ। ସେମାନେ ୨ ଦିନ ସମୟ ନେଇଛନ୍ତି। ଅଭିଯୋଗ ଶୁଣି ଚକିତ, ମିଛ ଅଭିଯୋଗ ଲଗାଇଲେ ଦୁଃଖ ଲାଗିବ ବୋଲି ସେ କହିଛନ୍ତି। ତେବେ ହ୍ୟୁମାନ ଓ ଶ୍ରୀୟାଙ୍କ ମଧ୍ୟରେ ଆପୋସ ବୁଝାମଣା ଦ୍ୱାରା ଘରୋଇ କଳି ସମାଧାନ ହେବ ବୋଲି ଚର୍ଚ୍ଚା ହେଉଛି। ଯଦିଓ ଶ୍ରୀୟା ଏ ବାବଦରେ କୌଣସି ମନ୍ତବ୍ୟ ଦେଇନାହାନ୍ତି, ତେବେ ୨ ଦିନର ମହଲତ ଅବଧି ମଧ୍ୟରେ ତାଙ୍କର ମନୋଭାବ ଜଣାପଡ଼ିବ ବୋଲି ଆଶା କରାଯାଉଛି।

# ଆମେରିକାର ନୂଆ ନେତା ହୋଇପାରିବି

## ରାଷ୍ଟ୍ରପତି ଦୌଡ଼ରେ ସାମିଲ ହେବେ ନିକ୍କି ହାଲି

ୱାଶିଂଟନ,୨୦।୧



ନିକ୍କି ହାଲି

ଆଗଧାଡ଼ିର ଭାରତୀୟ ବଂଶୋଦ୍ଭବ ରିପବ୍ଲିକାନ୍ ନେତ୍ରୀ ନିକ୍କି ହାଲି ଆମେରିକା ରାଷ୍ଟ୍ରପତି ପ୍ରାର୍ଥୀ ଦୌଡ଼ରେ ସାମିଲ ହେବାକୁ ଯାଉଛନ୍ତି। ଫକ୍ସ ନ୍ୟୁଜ୍‌କୁ ସାକ୍ଷାତ୍‌କାର ଦେବାବେଳେ ୫୧ ବର୍ଷୀୟା ନିକ୍କି ନିଜେ ଏନେଇ ସଙ୍କେତ ଦେଇଛନ୍ତି। ଦେଶକୁ ଏକ ନୂଆ ଦିଗରେ ଅଗ୍ରସର କରାଇବା ପାଇଁ ସେ 'ନୂଆ ନେତା' ହୋଇପାରିବେ ବୋଲି ମନେକରୁଥିବା କହିଛନ୍ତି। ୮୦ ବର୍ଷୀୟ ଡେମୋକ୍ରାଟ୍ ଜୋ ବାଇଡେନ୍‌ଙ୍କୁ ଆମେରିକା ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି କରାଇବାକୁ ଚାହିଁବ ନାହିଁ। ତେଣୁ ନିଜ ସମ୍ଭାବ୍ୟ ପ୍ରାର୍ଥିତ୍ୱ ପାଇଁ ଉଦ୍ୟମ ଚଳାଇଥିବା ସାଉଥ୍ କାରୋଲିନାର ପୂର୍ବତନ ଗଭର୍ନର ତଥା ଜାତିସଂଘରେ ଆମେରିକାର ପ୍ରାକ୍ତନ ପ୍ରତିନିଧି ନିକ୍କି ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କାର୍ଯ୍ୟକାଳରେ ନିକ୍କି ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ଅଳଙ୍କୃତ କରିଥିଲେ। ୨୦୧୮ ଅକ୍ଟୋବରରେ ସେ ଟ୍ରମ୍ପ ପ୍ରଶାସନରୁ ଇସ୍ତଫା ଦେଇଥିଲେ। ୨୦୨୪ ନଭେମ୍ବର ୫ରେ ଆମେରିକାର ପରବର୍ତ୍ତୀ ରାଷ୍ଟ୍ରପତିଙ୍କୁ ବାଛିବା ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଏହି ନିର୍ବାଚନରେ ପୁନର୍ବାର ଲଢ଼ିବା ପାଇଁ ଟ୍ରମ୍ପ ଆଗ୍ରହୀ ଥିବାବେଳେ ଫ୍ଲୋରିଡା ଗଭର୍ନର ରୋ ଡିସାଣ୍ଟିସ୍ ମଧ୍ୟ ମଇଦାନକୁ ଓହ୍ଲାଇବା ଲାଗି ସବୁ ପ୍ରକାର ପ୍ରସ୍ତୁତି ଚଳାଇଛନ୍ତି।

# ସମ୍ବାଦ କର୍ପୋରେଟ୍ ଏକ୍ସଲେନ୍ସ ଆୱାର୍ଡ୍ସ: ୧୩ ସଂସ୍ଥା ପୁରସ୍କୃତ

ଭୁବନେଶ୍ୱର,୨୦।୧(ବ୍ୟୁରୋ)

ସମ୍ବାଦ କର୍ପୋରେଟ୍ ଏକ୍ସଲେନ୍ସ ଆୱାର୍ଡ୍ସ-୨୦୨୩ର ପୁରସ୍କାର ବିତରଣ ସମାରୋହ ଶୁକ୍ରବାର ମେ'ଫେୟାର କନ୍‌ଭେନଶନ ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। ସମ୍ବାଦ ଗ୍ରୁପ୍ ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ, କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସମ୍ବାଦ ଗ୍ରୁପ୍ ପରିଚାଳନା ନିର୍ଦ୍ଦେଶିକା ମୋନିକା ନେୟାର ପଟ୍ଟନାୟକ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଷଷ୍ଠ ସଂସ୍କରଣର ଏହି ସମାରୋହରେ ୧୩ଟି ସଂସ୍ଥାକୁ ପୁରସ୍କୃତ କରାଯାଇଛି। କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍), ବୃହତ୍, ମଧ୍ୟମ, ସ୍ମଲ୍ ଓ ଇମର୍ଜିଂ/ଷ୍ଟାର୍ଟଅପ୍ ଭଳି ପାଞ୍ଚଟି ବର୍ଗର ବିଜେତାମାନଙ୍କୁ ଅତିଥିମାନେ ପୁରସ୍କୃତ କରିଛନ୍ତି। ସିଏସ୍ଆର୍ ବର୍ଗରେ ବେଦାନ୍ତ ଲିମିଟେଡ୍, ଲାଞ୍ଜିଗଡ଼(ପ୍ଲାଟିନମ୍) ଏବଂ ବୃହତ୍ ବର୍ଗରେ ଫୁଡ୍ ପ୍ରଡକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ (ଗୋଲ୍ଡ) ପୁରସ୍କୃତ ହୋଇଛନ୍ତି। ମଧ୍ୟମ ବର୍ଗରେ ହରି ଉଦ୍ୟୋଗ ପ୍ରାଇଭେଟ୍ ଲିମିଟେଡ୍ (ଗୋଲ୍ଡ) ଓ ଭାୟୋଟ୍ରୋନିକ୍ ଫିଡ୍ସ ପ୍ରାଇଭେଟ୍ ଲିମିଟେଡ୍ (ଜୁରି ସ୍ୱତନ୍ତ୍ର) ବିଜେତା ଭାବେ ପୁରସ୍କାର ପାଇଛନ୍ତି। କ୍ଷୁଦ୍ର ବର୍ଗରେ ୬ଟି ସଂସ୍ଥା ତଥା ଆବିସିସ୍ ଇନ୍‌ଫର୍ମେସନ୍ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ୍ (ପ୍ଲାଟିନମ୍), ଜୈବିକ ଶ୍ରୀ ଫାର୍ମସ୍ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍ (ଗୋଲ୍ଡ), ଏକ୍ସପୋଜ୍‌ଆଡ୍‌ଭର୍ଟାଇଜିଂ (ସିଲଭର) ଏବଂ ଏସ୍‌କେ ଇଞ୍ଜିନିୟର୍ସ ପ୍ରାଇଭେଟ୍ ଲିମିଟେଡ୍, ଲେକ୍ସ ପ୍ରୋଟେକ୍ଟର ଓ ଫିଲ୍ଟର୍‌ନକ୍ସ ସିଷ୍ଟମ୍ସ ପ୍ରାଇଭେଟ୍ ଲିମିଟେଡ୍‌କୁ ଜୁରି ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଇମର୍ଜିଂ/ଷ୍ଟାର୍ଟଅପ୍ ବର୍ଗରେ କ୍ଲାଉଡ୍‌ଜୀ ଆନିମେଶନ୍ ଆଣ୍ଡ ରିସର୍ଚ୍ଚ ପ୍ରାଇଭେଟ୍ ଲିମିଟେଡ୍(ଗୋଲ୍ଡ), ଅଟୋମୋବାଇଲ୍ ଡକ୍ଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ସିଲ୍‌ଭର) ଓ ଇଣ୍ଟରସନ୍ସ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ (ଜୁରି ସ୍ୱତନ୍ତ୍ର)କୁ ପୁରସ୍କୃତ କରାଯାଇଛି।

# ୨୫ରେ ମହାପ୍ରଭୁଙ୍କ ପଦ୍ମବେଶ



## ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି ପ୍ରସ୍ତୁତି

ପୁରୀ ଅଫିସ, ୨୦।୧

ଚଳିତ ମାସ ୨୫ ତାରିଖରେ ଦୁର୍ଲ୍ଲଭ ପଦ୍ମବେଶରେ ସଜ୍ଜିତ ହେବେ ମହାପ୍ରଭୁ। ଏହି ବେଶ ପାଇଁ ଶ୍ରୀମନ୍ଦିର ପ୍ରଶାସନ ସମେତ ସେବକ ଓ କଳାକାରମାନେ ଚଳାଇଥିବା ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପରମ୍ପରା ଅନୁଯାୟୀ, ପଦ୍ମ ବେଶ ପାଇଁ ବଡ଼ଛତା ମଠ ସମସ୍ତ ସାମଗ୍ରୀ ଯୋଗାଇଦେଇଥାଏ। ପରେ କାରିଗର ଓ ଚିତ୍ରକରମାନେ ନିଷ୍ଠାର ସହ ପଦ୍ମବେଶ ପ୍ରସ୍ତୁତ କରିଥାନ୍ତି। ପଣ୍ଡୁପୂର୍ଣ୍ଣିମାଠାରୁ ପଦ୍ମବେଶ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ମାଘ ମାସ ଅମାବାସ୍ୟାଠାରୁ ବସନ୍ତପଞ୍ଚମୀ ମଧ୍ୟରେ ପଡୁଥିବା ବୁଧବାର କିମ୍ବା ଶନିବାର ଶ୍ରୀବିଗ୍ରହମାନଙ୍କୁ ଏହି ବେଶ କରାଯାଇଥାଏ। ଶ୍ରୀବିଗ୍ରହମାନେ ପ୍ରତ୍ୟେକ ରାତିରେ ବଡ଼ସିଂହାର ବେଶରେ ପହୁଡ଼ ଯାଇଥାନ୍ତି, ମାତ୍ର ବର୍ଷକରେ କେବଳ ଏହି ଗୋଟିଏ ଦିନ ପଦ୍ମବେଶରେ ପହୁଡ଼ ହୋଇଥାନ୍ତି। ମହାପ୍ରଭୁଙ୍କ ପଦ୍ମ ବେଶକୁ ଆଉ ଅଳ୍ପ କିଛିଦିନ ବାକିଥିବାବେଳେ ମୁଖ୍ୟ କାରିଗର ବସନ୍ତ ରଣାଙ୍କ ନେତୃତ୍ୱରେ ଜୋରସୋରରେ କାର୍ଯ୍ୟ ଆଗେଇ ଚାଲିଛି। ୭ଜଣ କାରିଗର ଅରୁଆନ୍ନ ଭକ୍ଷଣ କରି ବେଶ ତିଆରି କରୁଛନ୍ତି। ବେଶ ଲାଗି ଆବଶ୍ୟକ ଚୂଳ, ଶ୍ରୀମୁଖ ପଦ୍ମ, କର ପଲ୍ଲବ, ପଦ୍ମକଢ଼ି, ଗଛ, ଡାଳିଲତା ପ୍ରଭୃତି ସୋଲରେ ତିଆରି କରାଯାଉଛି। ପଦ୍ମବେଶ ପଛରେ ରହିଛି ଏକ ଲୋକକଥା। ଏକଦା ମନୋହର ଦାସ ନାମକ ସାଧୁ ପୁରୀ ଆସୁଥିବା ବେଳେ ଏକ ପୋଖରୀରୁ କିଛି ପଦ୍ମଫୁଲ ମହାପ୍ରଭୁଙ୍କ ଲାଗି ଆଣିଥିଲେ। ମାତ୍ର ଶ୍ରୀକ୍ଷେତ୍ରରେ ପହଞ୍ଚିବାବେଳକୁ ସେଗୁଡ଼ିକ ଶୁଖିଯାଇଥିଲା। ସେହି ଶୁଖିଲା ଫୁଲକୁ ସେବକମାନେ ଗ୍ରହଣ କରି ନ ଥିଲେ। ତେବେ ମହାପ୍ରଭୁ ସେହିଦିନ ରାତିରେ ଗଜପତି ମହାରାଜାଙ୍କୁ ସ୍ୱପ୍ନାଦେଶ କରି ଉକ୍ତ ଫୁଲକୁ ଲାଗିକରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ଗଜପତିଙ୍କ ନିର୍ଦ୍ଦେଶ କ୍ରମେ ସେହି ପଦ୍ମଫୁଲରେ ମହାପ୍ରଭୁଙ୍କ ବେଶ ହୋଇଥିଲା। ସେହିପରି କେତେଜଣ ଗବେଷକଙ୍କ ମତରେ ବଡ଼ଛତା ମଠର ସନ୍ଥ ରଘୁବର ଦାସ ହେଉଛନ୍ତି ପଦ୍ମବେଶର ପ୍ରବର୍ତ୍ତକ।

# ଦେଶରେ ଆସିକା ଥାନା ଶ୍ରେଷ୍ଠ

## ଟ୍ରଫି ଗ୍ରହଣ କଲେ ଥାନା ଅଧିକାରୀ



କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କଠାରୁ ଆସିକା ଥାନା ଅଧିକାରୀ ଟ୍ରଫି ଗ୍ରହଣ କରୁଛନ୍ତି।

ଆସିକା,୨୦।୧(ଡି.ଏନ୍.ଏ.)

କେନ୍ଦ୍ର ଗୃହ ମନ୍ତ୍ରାଳୟ ପକ୍ଷରୁ ହୋଇଥିବା ସର୍ଭେରେ ଦେଶର ଶ୍ରେଷ୍ଠ ୩ଟି ଥାନା ମଧ୍ୟରେ ଆସିକା ଥାନା ରହିଥିଲା। ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ଜାତୀୟ କୃଷି ବିଜ୍ଞାନ ଭବନ ପରିସରରେ ଅନୁଷ୍ଠିତ ବିଭିନ୍ନ ରାଜ୍ୟର ପୋଲିସ ମହାନିର୍ଦ୍ଦେଶକମାନଙ୍କ ସମ୍ମିଳନୀରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କୁ ଟ୍ରଫି ପ୍ରଦାନ କରିଛନ୍ତି। ଥାନା ଅଧିକାରୀ ସାହୁ ଏହି ସମ୍ମାନ ଗ୍ରହଣ କରିବା ପରେ ଆସିକା ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି।

କେନ୍ଦ୍ର ଗୃହ ମନ୍ତ୍ରାଳୟ ପକ୍ଷରୁ ୨୦୨୨ରେ ଦେଶର ବିଭିନ୍ନ ଥାନାର କାର୍ଯ୍ୟଦକ୍ଷତା ଉପରେ ସର୍ଭେ କରାଯାଇଥିଲା। ଥାନା ପରିଚାଳନାରେ ବୃତ୍ତିଗତ ପାରଦର୍ଶିତା, ସ୍ୱଚ୍ଛତା, ନିଷ୍ଠାପରତା, ତ୍ୱରିତ କାର୍ଯ୍ୟାନୁଷ୍ଠାନ, ଜନସାଧାରଣଙ୍କ ପ୍ରତି ଉତ୍ତମ ବ୍ୟବହାର, କର୍ତ୍ତବ୍ୟ ପ୍ରତିବଦ୍ଧତା, ଦଣ୍ଡବିଧାନ, ଦଳଗତ କାର୍ଯ୍ୟ, ପ୍ରଯୁକ୍ତି ବିଦ୍ୟା, ପରିବର୍ତ୍ତନ ଏବଂ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପାଦନ ଭଳି ୧୬୫ଟି ବିଷୟ ଆଧାରରେ ଉତ୍ତମ ପ୍ରଦର୍ଶନ କରି ଆସିକା ଥାନା ସଫଳତା ହାସଲ କରିଥିଲା। ଯାହାକି ସର୍ବ ଭାରତୀୟ ସ୍ତରରେ ଓଡ଼ିଶା ପୋଲିସ ପାଇଁ ଏହା ପ୍ରଥମ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, କିଛିଦିନ ପୂର୍ବେ ଓଡ଼ିଶା ଅପରାଧ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପ୍ରଥମ କରି ରାଜ୍ୟର ୬୪୩ ଥାନାର ବିଭିନ୍ନ କାର୍ଯ୍ୟର ସମୀକ୍ଷା ଲାଗି କରାଯାଇଥିବା ପ୍ରଗତି ଡ୍ୟାସ ବୋର୍ଡରେ ଆସିକା ଥାନା ପ୍ରଥମ ସ୍ଥାନ ହାସଲ କରିଥିଲା।

# ଅଧିକାରୀଙ୍କୁ ତତ୍ପର ହେବାକୁ ନିର୍ଦ୍ଦେଶ

## କୃଷି, ମତ୍ସ୍ୟସମ୍ପଦ ବିକାଶ ବିଭାଗର ସମୀକ୍ଷା

ଭୁବନେଶ୍ୱର, ୨୦।୧(ବ୍ୟୁରୋ)

ଚାଷୀଙ୍କ ଆୟବୃଦ୍ଧି ଓ ଆର୍ଥିକ ବିକାଶ ଦିଗରେ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ସମସ୍ତ ଯୋଜନାର ସଫଳ ରୂପାୟନ ଦିଗରେ ବିଭାଗୀୟ ଅଧିକାରୀ ଅଧିକ ତତ୍ପର ହେବାକୁ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର କୃଷି ଭବନଠାରେ ଆୟୋଜିତ ବୈଠକରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ମନ୍ତ୍ରୀ କହିଲେ, ବିଭାଗୀୟ ଯୋଜନାଗୁଡ଼ିକ ଧାର୍ଯ୍ୟ ସମୟରେ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିଲେ ଉତ୍ପାଦନ ବଢ଼ିବ। ଚାଷୀଙ୍କ ରୋଜଗାର ମଧ୍ୟ ବୃଦ୍ଧି ପାଇବ ବୋଲି ମନ୍ତ୍ରୀ କହିଛନ୍ତି। ଏଥିସହ ଜିଲା ନୋଡାଲ ଅଧିକାରୀ ଏବଂ ସ୍କିମ୍ ଅଧିକାରୀମାନେ ନିୟମିତ କ୍ଷେତ୍ର ପରିଦର୍ଶନ କରିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି। ମତ୍ସ୍ୟ ଉତ୍ପାଦନ ବୃଦ୍ଧି ଲାଗି ରାଜ୍ୟରେ ୨୦୨୨-୨୩ ବର୍ଷରେ ଅଦ୍ୟାବଧି ୩,୦୩୫ ବାୟୋଫ୍ଲକ୍ ଟାଙ୍କ ପ୍ରତିଷ୍ଠା କରାଯାଇଛି। ୪,୨୮୩ ଏସ୍ଏଚ୍‌ଜି ଦ୍ୱାରା ୩,୯୫୦ ହେକ୍ଟର ପଞ୍ଚାୟତ ପୋଖରୀରେ ମାଛ ଚାଷ କରାଯାଉଛି। ବଜେଟରେ ପାରିତ ଅର୍ଥ ନିର୍ଦ୍ଧାରିତ ସମୟରେ ଖର୍ଚ୍ଚ କରିବା ଲାଗି ମନ୍ତ୍ରୀ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ୧୦୦୨ ହିତାଧିକାରୀଙ୍କୁ ଦିଆଗଲାଣି ପ୍ରାପ୍ୟ

ଓଟିଏମ୍ ପୁନରୁଦ୍ଧାର ମାମଲା

## ଆହୁରି ୩ ସପ୍ତାହ ସମୟ ନେଲେ ଅଫିସିଆଲ ଲିକ୍ୟୁଡେଟର

କଟକ ଅଫିସ,୨୦।୧

କଟକ ଜିଲା ଚୌଦ୍ୱାରସ୍ଥିତ ଓଡ଼ିଶା ଟେକ୍ସଟାଇଲ୍ ମିଲ୍ସ (ଓଟିଏମ୍) ପୁନରୁଦ୍ଧାର ମାମଲାରେ ଅଦ୍ୟାବଧି ୧୦୦୨ ହିତାଧିକାରୀଙ୍କୁ ବକେୟା ଅର୍ଥ ପ୍ରଦାନ କରାଯାଇଥିବା ନେଇ ଅଫିସିଆଲ ଲିକ୍ୟୁଡେଟର ଶୁକ୍ରବାର ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ବିଚାରପତି ବିଶ୍ୱନାଥ ରଥଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ଆସନ୍ତା ଫେବୃୟାରୀ ୧୭ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ଓଟିଏମ୍ ଶ୍ରମିକମାନଙ୍କୁ ବକେୟା ପ୍ରାପ୍ୟ ପ୍ରଦାନ ପ୍ରକ୍ରିୟା ଗତ ଡିସେମ୍ବର ୧୫ ତାରିଖରୁ ଆରମ୍ଭ ହୋଇଛି। ୨ ସପ୍ତାହ ମଧ୍ୟରେ ପ୍ରାପ୍ୟ ପ୍ରଦାନ ଶେଷ କରାଯିବ ବୋଲି ଅଫିସିଆଲ ଲିକ୍ୟୁଡେଟର ହିମାଂଶୁ ଶେଖର ହାଇକୋର୍ଟଙ୍କୁ ପୂର୍ବରୁ ଅବଗତ କରାଇଥିବାବେଳେ ଏପର୍ଯ୍ୟନ୍ତ ତାହା ଶେଷ ହୋଇନାହିଁ। ଏନେଇ ଶୁକ୍ରବାର ଶୁଣାଣି ସମୟରେ ଅଫିସିଆଲ ଲିକ୍ୟୁଡେଟର ଅଦାଲତଙ୍କୁ ଜଣାଇଛନ୍ତି ଯେ, ପ୍ରାପ୍ୟ ପ୍ରଦାନ ପାଇଁ ମୋଟ ୩୦୨୩ ହିତାଧିକାରୀଙ୍କୁ ନୋଟିସ ଦେବା କାର୍ଯ୍ୟ ଚାଲିଛି। ସେମାନଙ୍କ ମଧ୍ୟରୁ ୨୦୦୦ ହିତାଧିକାରୀଙ୍କୁ ନୋଟିସ ଦିଆଯାଇଛି। ୧୬୦୦ ଜଣ ନୋଟିସ ପାଇବା ପରେ ପ୍ରାପ୍ୟ ପାଇବା ପାଇଁ ଅଫିସିଆଲ ଲିକ୍ୟୁଡେଟର ନିକଟରେ ଦାଖଲ କରିସାରିଲେଣି। ୧୦୦୨ ଜଣ ବକେୟା ପ୍ରାପ୍ୟ ପାଇସାରିଲେଣି। ଆଉ ୨୦୦ ଜଣଙ୍କ ପ୍ରାପ୍ୟ ପ୍ରଦାନ ନିମନ୍ତେ ପ୍ରକ୍ରିୟା ଚାଲୁରହିଛି। ହେଲେ ୪୦୦ ହିତାଧିକାରୀଙ୍କ ମୃତ୍ୟୁ ହୋଇଯାଇଛି। ପ୍ରମାଣପତ୍ର ଗ୍ରହଣ କରାଯାଇ ସେମାନଙ୍କ ଉତ୍ତରାଧିକାରୀଙ୍କୁ ପ୍ରାପ୍ୟ ପ୍ରଦାନ ନିମନ୍ତେ ଉଦ୍ୟମ କରାଯାଉଛି। ତେବେ ଅଦାଲତ ୧୦୨୬ ଜଣଙ୍କୁ ଏଯାଏ ନୋଟିସ ଦିଆଯାଇ ନ ଥିବା ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ସେହି ହିତାଧିକାରୀଙ୍କ ଠିକଣାରେ ମିଳୁ ନ ଥିବା କାରଣରୁ ସେମାନଙ୍କୁ ନୋଟିସ ଦିଆଯାଇପାରୁନାହିଁ। ତେବେ ମୃତ ହିତାଧିକାରୀ ବା ଠିକଣାଜନିତ ଅସୁବିଧା ହେତୁ ନୋଟିସ୍ ଦିଆଯାଇପାରୁ ନ ଥିବା ହିତାଧିକାରୀଙ୍କ ସମ୍ପର୍କରେ ୩ ସପ୍ତାହ ମଧ୍ୟରେ ଅଦାଲତଙ୍କୁ ଅବଗତ କରାଯିବ ବୋଲି ଅଫିସିଆଲ ଲିକ୍ୟୁଡେଟର କହିଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭକ୍ତକବି ବଳରାମ ଦାସଙ୍କ ମହାପ୍ରୟାଣ ଦିବସ ପାଳନ, ଭଞ୍ଜକଳା ମଣ୍ଡପ ସମ୍ମୁଖ ପ୍ରତିମୂର୍ତ୍ତି ସ୍ଥଳୀ, ସକାଳ ୮ଟା ୩୦।
- ଡଟ୍ ଫେଷ୍ଟ: ସେବେ-ଓ-ଏବେ ଫଟୋ ପ୍ରଦର୍ଶନୀ, ଇଡ୍‌କୋ ପଡ଼ିଆ, ପୂର୍ବାହ୍ନ ୧୦ଟା। ନାଇଟ୍ ଫ୍ଲିଏ ମାର୍କେଟ୍, ଏକାମ୍ର ହାଟ, ଅପରାହ୍ନ ୫ଟା। ଅନ୍ତର୍ଜାତୀୟ ଫୁଡ୍ ଫେଷ୍ଟିଭାଲ୍, ଇଡ୍‌କୋ ପଡ଼ିଆ, ସନ୍ଧ୍ୟା ୬ଟା। ଭୁବନେଶ୍ୱର ଲାଇଭ୍, ଇଡ୍‌କୋ ପଡ଼ିଆ, ସନ୍ଧ୍ୟା ୭ଟା।
- ଉତ୍କଳ ବିକାଶ ଯୁବ ପରିଷଦ ପକ୍ଷରୁ ନେତାଜୀ ସୁଭାଷ ଉତ୍ସବ, ବୁଦ୍ଧ ମନ୍ଦିର, ପୂର୍ବାହ୍ନ ୧୧ଟା।
- ରୟାଲ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସ ଓ ଟେକ୍‌ନୋଲୋଜିର ୨୦ତମ ପ୍ରତିଷ୍ଠା ଦିବସ, ସ୍କୁଲ ପରିସର, ରସୁଲଗଡ଼, ଅପରାହ୍ନ ୫ଟା।
- ଦର୍ଶନ ଏକାଡେମୀର ୭ମ ବାର୍ଷିକ ଉତ୍ସବ ସମାରୋହ, ଭଞ୍ଜକଳା ମଣ୍ଡପ, ଅପରାହ୍ନ ୫ଟା।
- ଆମ ଭାଷା, ସାହିତ୍ୟ ଓ ସଂସ୍କୃତି ଆନୁକୂଲ୍ୟରେ ଆଲୋଚନାଚକ୍ର ଆଜିର ସୃଜନୀ, ବୁଦ୍ଧ ମନ୍ଦିର, ଅପରାହ୍ନ ୫ଟା ୩୦।
- ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଜୟଦେବ ସମାରୋହ-୨୦୨୩, ଉତ୍କଳ ମଣ୍ଡପ, ସନ୍ଧ୍ୟା ୬ଟା।
- ଗୁରୁକୁଳ ଗୀତାଞ୍ଜଳିର ୧୪ତମ ବାର୍ଷିକ ଦିବସ ଉପଲକ୍ଷେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଶିଶିର ସରସ ମେଳା ୨୦୨୩, ବିଜୁ ପଟ୍ଟନାୟକ ଖେଳ ପଡ଼ିଆ, ବରମୁଣ୍ଡା, ସନ୍ଧ୍ୟା ୬ଟା ୩୦।
- ଜ୍ଞାନଯଜ୍ଞ ଶିବିର, ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ ଦୁର୍ଗାପୂଜା ପଡ଼ିଆ, ସନ୍ଧ୍ୟା ୬ଟା ୩୦।
- ଉତ୍ତର ପୁରୁଷ ନାଟକ ଉତ୍ସବ 'ସୂର୍ଯ୍ୟାସ୍ତ ପୂର୍ବରୁ' ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା ୧୫।

କଟକ

- ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶା ପକ୍ଷରୁ ପ୍ରଥମ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ଉଦ୍‌ଘାଟନ, ବିଶ୍ୱବିଦ୍ୟାଳୟ ପରିସର, ଅପରାହ୍ନ ୨ଟା ।

## ପ୍ରେମିକାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରି ପ୍ରେମିକ ଗିରଫ

**ଯାଁଳା,୨୦ା୧(ଡି.ଏନ୍.ଏ.):** ପ୍ରେମିକାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିବା ଘଟଣାରେ ଇନ୍‌ଫୋଭ୍ୟାଲି ଥାନା ପୋଲିସ ଶୁକ୍ରବାର ପ୍ରେମିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଅନୁଗୋଳ ଜିଲା ହଣ୍ଡପା ଅଞ୍ଚଳର ପିକୁନ ଦୁବେ ଓରଫ ଅନ୍‌ମୋଲ(୨୧)। ତାଙ୍କ ନିକଟରୁ ଏକ ମୋବାଇଲ ଫୋନ୍ ଜବତ ହୋଇଛି। ସୂଚନା ମୁତାବକ, ଯାଁଳା ଫାଣ୍ଡି ଅଞ୍ଚଳର ଜଣେ ଯୁବତୀ ୩ ବର୍ଷ ହେବ ଅଭିଯୁକ୍ତ ପିକୁନଙ୍କ ସହ ପ୍ରେମ ସମ୍ପର୍କରେ ରହିଥିଲେ। ଫୋନ୍‌ରେ କଥା ହେଉ ହେଉ ସେମାନଙ୍କ ମଧ୍ୟରେ ଅନ୍ତରଙ୍ଗତା ବଢ଼ିଥିଲା। ଏହାର ସୁଯୋଗ ନେଇ ପିକୁନ ସମ୍ପୃକ୍ତା ଯୁବତୀଙ୍କୁ ଅଶ୍ଳୀଳ ଭିଡିଓ କଲ୍ କରିବାକୁ କହିଥିଲେ। ତେବେ କଲ୍ କରିବା ସମୟରେ ଯୁବତୀଙ୍କ ଅଜାଣତରେ ଅଭିଯୁକ୍ତ ମୋବାଇଲରେ ତାହା ରେକର୍ଡ କରିନେଇଥିଲେ। ପରବର୍ତ୍ତୀ ସମୟରେ ପିକୁନ ଶାରୀରିକ ସମ୍ପର୍କ ରଖିବା ପାଇଁ କହିବାରୁ ଯୁବତୀ ଜଣକ ମନାକରି ଦେଇଥିଲେ। ଏଥିପାଇଁ ସେ ତାଙ୍କୁ ବାରମ୍ବାର ଚାପ ପକାଇବାରୁ ସେ ଅତିଷ୍ଠ ହୋଇ ପିକୁନଙ୍କ ମୋବାଇଲ ନମ୍ବରକୁ ବ୍ଲକ କରିଦେଇଥିଲେ। ଫଳରେ ପିକୁନ ପ୍ରତିଶୋଧ ପରାୟଣ ହୋଇ ଯୁବତୀଙ୍କ ନାମରେ ଏକ ନକଲି ଇନ୍‌ଷ୍ଟାଗ୍ରାମ ଆଇଡି ତିଆରି କରିଥିଲେ। ଉକ୍ତ ଆଇଡିରେ ସମ୍ପୃକ୍ତା ଯୁବତୀଙ୍କ ପୂର୍ବରୁ ରଖିଥିବା ଅଶ୍ଳୀଳ ଫଟୋ ଏବଂ ଭିଡିଓ ପୋଷ୍ଟ କରିଥିଲେ। ଏନେଇ ଯୁବତୀ ଜଣଙ୍କ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ଗୁରୁବାର ପୋଲିସ ପିକୁନଙ୍କୁ ଧରି ଥାନାକୁ ଆଣିଥିଲା। ପଚରାଉଚରା ବେଳେ ଅଭିଯୁକ୍ତ ନିଜର ଦୋଷ ସ୍ୱୀକାର କରିଥିଲେ।

# 'ଭିଡିଓ କ୍ଲିପ୍ ବିକ୍ରି ନେଇ ତଦନ୍ତ କରାଯିବ'

### ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଇବା ଘଟଣା

### ଗିରଫ ୟୁଟ୍ୟୁବରଙ୍କଠାରୁ ଡ୍ରୋନ୍, ମୋବାଇଲ ଜବତ

**ପୁରୀ ଅଫିସ, ୨୦ା୧**

ଶ୍ରୀମନ୍ଦିର ନୋ ଫ୍ଲାଇଂ ଜୋନ୍‌ରେ ଡ୍ରୋନ ଉଡ଼ାଇ ଭିତରବେଢ଼ାର ଭିଡିଓ ଭାଇରାଲ କରିବା ସହ ଏହି କ୍ଲିପ୍ ଦେବା ପାଇଁ ଟଙ୍କା ମାଗିବା ଘଟଣାରେ ଅଭିଯୁକ୍ତ ବଙ୍ଗୀୟ ୟୁଟ୍ୟୁବର ଅନିମେଷ ଚକ୍ରବର୍ତ୍ତୀଙ୍କୁ ଗତ ୧୮ ତାରିଖରେ ପୁରୀ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ପଶ୍ଚିମବଙ୍ଗର ନିମ୍‌ତା ଥାନା ଅଞ୍ଚଳରୁ ଗିରଫ କରି ବାରାକପୁର କୋର୍ଟରେ ହାଜର କରାଇଥିଲେ। ପରେ ତାଙ୍କୁ ଟ୍ରାଞ୍ଜିଟ ରିମାଣ୍ଡରେ ଆଣି ପୁରୀ ଜେଏମ୍ଏଫ୍‌ସି କୋର୍ଟରେ ହାଜର କରାଯାଇଛି। ସେ ବ୍ୟବହାର କରିଥିବା ଡ୍ରୋନ୍ ଓ ଗୋଟିଏ ମୋବାଇଲ ଫୋନ୍ ଜବତ କରାଯାଇଛି। ସେ କେଉଁମାନଙ୍କୁ ଭିଡିଓ କ୍ଲିପ୍ ବିକ୍ରି ପାଇଁ ଯୋଗାଯୋଗ କରିଥିଲେ ସେ ନେଇ ତଦନ୍ତ କରାଯିବ ବୋଲି ଶୁକ୍ରବାର ଟାଉନ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି କେ.କେ. ହରିପ୍ରସାଦ ସୂଚନା ଦେଇଛନ୍ତି।

ସିଟି ଡିଏସ୍‌ପି ହରିପ୍ରସାଦ କହିଛନ୍ତି,



ଜବତ ଡ୍ରୋନ୍ ଓ ମୋବାଇଲ ଫୋନ୍।

ଗତବର୍ଷ ଡିସେମ୍ବରରେ ଶ୍ରୀମନ୍ଦିର ନିଷେଧାଞ୍ଚଳ ତଥା ନୋ ଫ୍ଲାଇଂ ଜୋନ୍‌ରେ ବିନାନୁମତିରେ ଅନିମେଷ ଡ୍ରୋନ୍ ଉଡ଼ାଇ ଭିଡିଓ ଭାଇରାଲ କରିଥିବା ଜଣାପଡ଼ିଥିଲା। ଏଥିସହ ସେ ଓଡ଼ିଶା ପୋଲିସର ଲୋଗୋ ବ୍ୟବହାର କରିଥିଲେ। ସେ ପତିତପାବନ ବାନା ପରିବର୍ତ୍ତନ ଓ ଶ୍ରୀମନ୍ଦିର ଭିତରବେଢ଼ାର ଦୃଶ୍ୟକୁ କଏଦ୍ କରି ୟୁନିଫାଏଡ୍ ନାମକ ୟୁଟ୍ୟୁବ୍ ଚ୍ୟାନେଲରେ ଅପ୍‌ଲୋଡ୍ କରିଥିଲେ। ଏହାକୁ ସାରା ବିଶ୍ୱବାସୀ ଦେଖିଥିଲେ। ଉକ୍ତ ଚ୍ୟାନେଲରେ ଦିଆଯାଇଥିବା ଫୋନ୍ ନମ୍ବରରେ ଯୋଗାଯୋଗ କରିବାରୁ ପ୍ରତି ଆଙ୍ଗେଲ୍ ପିଛା ଫୁଟେଜ୍ ନେବା ପାଇଁ ୨୦ ହଜାର ଟଙ୍କା ଦାବି କରାଯାଉଥିବା ଜଣାପଡ଼ିଥିଲା। ଏନେଇ ଡିସେମ୍ବର ୪ରେ ପୋଲିସ ପକ୍ଷରୁ ସିଂହଦ୍ୱାର ଥାନାରେ ଏକ ମାମଲା (ନଂ.୧୫୦/୨୨) ରୁଜୁ କରାଯାଇଥିଲା। ତଦନ୍ତ ଲାଗି ଅନିମେଷଙ୍କୁ ଥାନାରେ ହାଜର ହେବାକୁ ୧୬୦ ସିଆର୍‌ପିସିରେ ନୋଟିସ ପଠାଯାଇଥିଲା। ତେବେ ସେ ଥାନାରେ ହାଜର ନ ହୋଇ ଗିରଫଦାରି ଭୟରେ ସ୍ଥାନ ବଦଳାଇବା ସହ ଓଡ଼ିଶା ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ହାଇକୋର୍ଟ ତାଙ୍କ ଆବେଦନକୁ ଅଗ୍ରାହ୍ୟ କରିଦେଇଥିଲେ। ପୁରୀ ଜେଏମ୍ଏଫ୍‌ସି କୋର୍ଟରେ ଏନ୍‌ବିଡବ୍ଲ୍ୟୁ ନେଇ ଆବେଦନ ପରେ ଏସ୍‌ପି କନୱର ବିଶାଲ ସିଂଙ୍କ ନିର୍ଦ୍ଦେଶ କ୍ରମେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଓ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିଥିଲେ। ଶେଷରେ ଅନିମେଷଙ୍କୁ ପଶ୍ଚିମବଙ୍ଗର ନିମତା ଥାନା ଅଞ୍ଚଳରୁ ଗିରଫ କରାଯାଇଥିଲା। ଡିଜିସିଏ ନିୟମ ଅନୁଯାୟୀ, ଡ୍ରୋନ୍ ଲାଇସେନ୍ସ ପାଇଁ ଅନୁମତି ନେବା ସହ ଫ୍ଲାଇଂ ଲାଗି ସମ୍ବେଦନଶୀଳ ସ୍ଥାନଗୁଡ଼ିକୁ ରେଡ୍, ୟେଲୋ ଓ ଗ୍ରୀନ୍ ଜୋନରେ ବିଭକ୍ତ କରାଯାଇଥାଏ। ଶ୍ରୀମନ୍ଦିର ରେଡ୍ ଜୋନ୍ ଅନ୍ତର୍ଭୁକ୍ତ ହୋଇଥିବାବେଳେ ଅନିମେଷ ବେଆଇନ ଭାବେ ଡ୍ରୋନ୍ ଉଡ଼ାଇଥିବାରୁ ତାଙ୍କ ବିରୋଧରେ ଆଇପିସିର ଦଫା ୪୬୮, ୪୨୦, ୫୧୧, ୧୯୩୪ ଏୟାରକ୍ରାଫ୍ଟ ଆକ୍ଟ ୧୦(୨) ଏବଂ ଶ୍ରୀଜଗନ୍ନାଥ ମନ୍ଦିର ଆଇନ୍ ୧୯୫୪ ଏବଂ ୩୦(ଏ), ୪ (ସି)ରେ ଆପରାଧିକ ମାମଲା ରୁଜୁ କରାଯାଇଛି। ଅନିମେଷଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି।





ପୁରୀଠାରେ ଶୁକ୍ରବାର ଉଦ୍‌ଘାଟିତ ଗ୍ଲୋରି ଫେଷ୍ଟ-୨୦୨୩ରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଉତ୍କଳ ବିଦ୍ୱତ ପରିଷଦର ଅଧ୍ୟକ୍ଷ ମନୋଜ ରଥ, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏବଂ ଅନ୍ୟ ଅତିଥିମାନେ।

## ଗ୍ଲୋରି ଫେଷ୍ଟ ଉଦ୍‌ଘାଟିତ

### ମନ ମୋହିଲା ନୃତ୍ୟାଭିନୟ

**ପୁରୀ ଅଫିସ, ୨୦ା୧**

ଶ୍ରୀକ୍ଷେତ୍ରର ସାଂସ୍କୃତିକ ଅନୁଷ୍ଠାନ ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର ଆନୁକୂଲ୍ୟରେ ତିନିଦିନିଆ ଗ୍ଲୋରି ଫେଷ୍ଟ-୨୦୨୩ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଉତ୍କଳ ବିଦ୍ୱତ ପରିଷଦର ଅଧ୍ୟକ୍ଷ ମନୋଜ ରଥ ମଞ୍ଚାସୀନ ଥିଲେ। ସେହିପରି ପୁରୀ ବିଧାୟକ ତଥା ଗ୍ଲୋରି ଫେଷ୍ଟ-୨୦୨୩ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଜୟନ୍ତ କୁମାର ଷଡ଼ଙ୍ଗୀ, ଆୟୋଜକ କମିଟି ଅଧ୍ୟକ୍ଷ ଶୁଭାଶିଷ ଖୁଣ୍ଟିଆ, ଅର୍ଥ କମିଟି ଅଧ୍ୟକ୍ଷ ଗୌରହରି ପ୍ରଧାନ, ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ହରେକୃଷ୍ଣ ଶତପଥୀ, କାର୍ଯ୍ୟକାରୀ ଅଧ୍ୟକ୍ଷ ରାଜେଶ କୁମାର ମହାନ୍ତି, ଉପାଧ୍ୟକ୍ଷ ରାକେଶ ସାମଲ, ବିଦ୍ରୋହୀ କେଶରୀ ସିଂ, ପୂର୍ଣ୍ଣେନ୍ଦୁ ପଟ୍ଟନାୟକ, ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ କାନୁନ୍‌ଗୋ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ଦିନରେ କୁଇଜ୍, ସ୍କିଟ୍, ଅନ୍ତାକ୍ଷରୀ, ରେକର୍ଡ ଡ୍ୟାନ୍ସ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦେଶର ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନେ ଏଥିରେ ଅଂଶଗ୍ରହଣ କରିଛନ୍ତି। ପୁରୀ ସଦାଶିବ କ୍ୟାମ୍ପସ୍‌ର ଛାତ୍ରୀଛାତ୍ର ସେମାନଙ୍କ ନୃତ୍ୟାଭିନୟରେ ଶ୍ରୀକ୍ଷେତ୍ରର ଇତିହାସ ଓ ସଂସ୍କୃତିକୁ ପ୍ରଦର୍ଶନ କରିଥିଲେ। ସେହିପରି 'ସମୟର କାଳ'ରେ ସମାଜରେ କିଭଳି ପରିବର୍ତ୍ତନ ହେଲା, ତାହା ଉପରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ସ୍କିଟ୍ ପ୍ରଦର୍ଶନ କରିଥିଲେ। ତିରୁପତି ବିଶ୍ୱବିଦ୍ୟାଳୟର ଛାତ୍ରୀ ରୀତିଶା ଚକ୍ରବର୍ତ୍ତୀଙ୍କ ଦ୍ୱାରା ପରିବେଷିତ 'ଶୈଳ ସୁତା ନନ୍ଦିନୀ' ନୃତ୍ୟାଭିନୟ ମନଛୁଆଁ ହୋଇଥିଲା। ସେହିପରି ରଙ୍ଗାରଙ୍ଗ ରେକର୍ଡ ଡ୍ୟାନ୍ସରେ ଦର୍ଶକ ଝୁମିଥିଲେ। ଉତ୍ସବରେ ସଙ୍ଗଠନ ସମ୍ପାଦକ ଦେବେନ୍ଦ୍ର ପ୍ରସାଦ ମହାପାତ୍ର, କୋଷାଧ୍ୟକ୍ଷ ଦାମୋଦର ଶତପଥୀ, ସାଂସ୍କୃତିକ ସମ୍ପାଦକ ଜିତେନ୍ଦ୍ର ନାଥ କଟିସ, ମୁଖପାତ୍ର ତଥା ପ୍ରଦ୍ୟୁମ୍ନ ସାଥୁଆ ଓ ସୌମିତ୍ର ହରିଚନ୍ଦନ, ସମାଜସେବା ସମ୍ପାଦକ ସୌମ୍ୟରଞ୍ଜନ ମିଶ୍ର, ସଦସ୍ୟ ସଞ୍ଜୀବ କୁମାର ରଥଶର୍ମା ଏବଂ ଆଲୋକ ଚନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।





ରୀତିଶା ଚକ୍ରବର୍ତ୍ତୀଙ୍କ ଦ୍ୱାରା ପରିବେଷିତ 'ଶୈଳ ସୁତା ନନ୍ଦିନୀ' ନୃତ୍ୟାଭିନୟ।

## କ୍ରାନ୍ତିକାରୀ ପୁରୁଷ ଥିଲେ ଚାଖି ଖୁଣ୍ଟିଆ

**ଭୁବନେଶ୍ୱର,୨୦ା୧(ବ୍ୟୁରୋ)**

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଚାଖି ଖୁଣ୍ଟିଆ ସ୍ମୃତି ସମିତି ପକ୍ଷରୁ ଶୁକ୍ରବାର ସୂଚନା ଭବନଠାରେ ମହାନ ବିପ୍ଳବୀ ଚନ୍ଦନ ହଜୁରୀ ଚାଖି ଖୁଣ୍ଟିଆଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ ଚନ୍ଦନ ହଜୁରୀଙ୍କ ଦେଶପ୍ରେମ, ବୀରତ୍ୱ ବିଷୟରେ ଆଲୋକପାତ କରିଥିଲେ। ୧୮୫୭ ସିପାହି ବିଦ୍ରୋହରେ ସେ ସାମିଲ ହୋଇ ଇଂରେଜଙ୍କ ବିରୋଧରେ ସଂଗ୍ରାମ କରି ଓଡ଼ିଶାର ଗର୍ବ ଓ ଗୌରବକୁ ଜାତୀୟସ୍ତରରେ ଉଚ୍ଚତମ ସୋପାନରେ ପହଞ୍ଚାଇ ପାରିଥିଲେ ବୋଲି ଉଲ୍ଲେଖ କରିଥିଲେ । ମୁଖ୍ୟବକ୍ତା ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗର ପୂର୍ବତନ ନିର୍ଦ୍ଦେଶକ ତଥା ଆଲୋଚକ କୃପାସିନ୍ଧୁ ମିଶ୍ର ଚାଖି ଖୁଣ୍ଟିଆଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରି ତାଙ୍କୁ କ୍ରାନ୍ତିକାରୀ ପୁରୁଷ ଓ ପରମ ଯୋଦ୍ଧା ଭାବେ ଅଭିହିତ କରିଥିଲେ। ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଚାଖି ଖୁଣ୍ଟିଆଙ୍କ ଦାୟାଦ ହଜୁରୀ ନୀଳକଣ୍ଠ ଖୁଣ୍ଟିଆ ଉପସ୍ଥିତ ଥିଲେ। ଚାଖି ଖୁଣ୍ଟିଆ ସ୍ମୃତି ସମିତି ସଭାପତି ଡ. ବସନ୍ତ ପତି ପ୍ରାରମ୍ଭିକ ସୂଚନା ଏବଂ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ଧନ୍ୟବାଦ ଦେଇଥିଲେ। ପଞ୍ଚମ ଅନୁଷ୍ଠାନ କଳାକାରଙ୍କ ଦ୍ୱାରା ଚନ୍ଦନ ହଜୁରୀଙ୍କ ରଚନାରୁ ଜଣାଣ ଓ ଭକ୍ତି ସଙ୍ଗୀତ ପରିବେଷିତ ହୋଇଥିଲା। ସୂଚନା ଅଧିକାରୀ ସଚ୍ଚିଦାନନ୍ଦ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।





## କୁଆଖାଇରେ ବିରଳ କଇଁଛ

**ଭୁବନେଶ୍ୱର, ୨୦ା୧ (ବ୍ୟୁରୋ)**

ଭୁବନେଶ୍ୱର ପାଣ୍ଡରା ନିକଟ କୁଆଖାଇ ନଦୀରୁ ଏକ ବିରଳ ହଳଦିଆ ରଙ୍ଗର କଇଁଛ ଉଦ୍ଧାର କରାଯାଇଛି। କଇଁଛଟି ମାଛ ଧରିବା ପାଇଁ ବ୍ୟବହୃତ ହେଉଥିବା ସୂତୀ କଣ୍ଟାରେ ପଡ଼ିଥିଲା। ହଳଦିଆ ରଙ୍ଗର କଇଁଛଟିକୁ ସକାଳୁ ଦେଖିବା ପରେ ସୂତୀ ପକାଇଥିବା ବ୍ୟକ୍ତି ତାକୁ ଗାଁ ଭିତରକୁ ନେଇ ଆସିଥିଲେ। ଏଭଳି ଏକ ବିରଳ ରଙ୍ଗର କଇଁଛକୁ ଦେଖିବା ପାଇଁ ଦେଖଣାହାରୀଙ୍କ ଭିଡ଼ ଜମିଥିଲା। ଖବରପାଇ ସ୍ନେକ ହେଲ୍‌ପ ଲାଇନ ସଦସ୍ୟ ଅମରଜିତ ବେହେରା କଇଁଛଟିକୁ ଉଦ୍ଧାର କରି କାର୍ଯ୍ୟାଳୟକୁ ଆଣିଥିଲେ। ସ୍ନେକ୍ ହେଲ୍‌ପଲାଇନ୍ ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ଏହି କଇଁଛଟି ଆଲ୍‌ବିନୋ ଭାରତୀୟ ପଙ୍କୁଆ କଇଁଛ (Indian Soft Shell Turtle) ବୋଲି ଚିହ୍ନଟ କରିଥିଲେ। କଇଁଛଟିର ସମ୍ପୂର୍ଣ୍ଣ ଦେହ ହାଲୁକା ହଳଦିଆ ରଙ୍ଗର ହୋଇଥିବାବେଳେ ଆଖି ଦୁଇଟି ଈଷତ୍ ଗୋଲାପି ରଙ୍ଗର। ଏହିଭଳି ଆଲବିନୋ କଇଁଛ ପ୍ରକୃତିରେ ଦେଖିବା ଅତ୍ୟନ୍ତ ବିରଳ। ଏନେଇ ଶୁଭେନ୍ଦୁ କହିଛନ୍ତି, ଯେହେତୁ ସୂତୀ କଣ୍ଟାକୁ କଇଁଛ ଗିଳିଥିଲା, ତେଣୁ ସାମାନ୍ୟ ଆଘାତ ହେବା ସ୍ୱାଭାବିକ କଥା। କଇଁଛକୁ ଶନିବାର ଓୟୁଏଟି ଭେଟେରିନାରି କଲେଜରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ବନ ବିଭାଗକୁ ହସ୍ତାନ୍ତର କରାଯିବ। ସୂଚନାଯୋଗ୍ୟ, ୨୦୧୭ରେ ଲୋକସେବା ଭବନ ପରିସରରୁ ସମାନ ପ୍ରଜାତିର ଏକ ଧଳା ରଙ୍ଗର ଦେହ ଏବଂ କଳା ରଙ୍ଗର ଆଖି ଥିବା ବିରଳ ଲିୟୁସିଷ୍ଟିକ କଇଁଛ ଉଦ୍ଧାର ହୋଇଥିଲା। ସେହି କଇଁଛଟିକୁ ଥଇଥାନ କରିବା ପାଇଁ ନନ୍ଦନକାନନ ଚିଡ଼ିଆଖାନାକୁ ଦିଆଯାଇଥିଲା।



## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଦି



@ ପଲ୍ଲିଶ୍ରୀ



@ ପ୍ରଦୀପ୍ତ



@ ଚନ୍ଦ୍ରକାନ୍ତି



@ ସମାପିକା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ଜୀ ସାର୍ଥକ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜୀ ସାର୍ଥକ ଫିଲ୍ମସର ନୂଆ ଚଳଚ୍ଚିତ୍ର 'କନ୍ୟାଦାନ'ର ଅଡିଓ ଓ ପୋଷ୍ଟର ରିଲିଜ ଅବସରରେ ଚ୍ୟାନେଲର ବରିଷ୍ଠ ଅଧିକାରୀଙ୍କ ସମେତ କଳାକାର ଓ ଅନ୍ୟମାନେ।



ଉତ୍ତରପୁରୁଷ ନାଟ୍ୟାନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ନାଟକ ପରିକ୍ରମା ୨୦୨୩ର ଶୁକ୍ରବାର ପରିବେଷିତ ନାଟକ 'ଶେଷ ସନ୍ଧ୍ୟା'ର ଏକ ଦୃଶ୍ୟ।



ରସୁଲଗଡ଼ ଶିକ୍ଷାଞ୍ଚଳସ୍ଥିତ ସଙ୍କଟମୋଚନ ହନୁମାନ ଆଶ୍ରମରେ ଶ୍ରୀ ରାମଚରିତ ମାନସର ଶୁକ୍ରବାର ଉଦ୍‌ଯାପନ ଅବସରରେ ପୂର୍ଣ୍ଣାହୁତି ଦିଆଯାଉଛି।

## ସଂକ୍ଷେପରେ

### ରାତି ୧୦ଟାରେ ଉଠିବ ମହାଦୀପ

**ଶ୍ରୀଲିଙ୍ଗରାଜଙ୍କ ଜାଗର ନେଇ ପ୍ରସ୍ତୁତି ବୈଠକ**

**ପୁରୁଣା ଭୁବନେଶ୍ୱର,୨୦।୧(ଡି.ଏନ୍.ଏ.):** ଆସନ୍ତା ମାସ ୧୮ରେ ମହାଶିବରାତ୍ରି ତଥା ଜାଗର। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଶ୍ରୀଲିଙ୍ଗରାଜ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ମହାଶିବରାତ୍ରି ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଭବାନୀ ମିଶ୍ର ଅଧକ୍ଷତା କରିଥିଲେ। ଚଳିତ ବର୍ଷ ରାତି ୧୦ଟାରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିବା ନେଇ ସମୟ ନିର୍ଘଣ୍ଟ କରାଯାଇଛି। ଏଥିସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ବଡ଼ୁ ଓ ସମର୍ଥା ନିଯୋଗର କେତେଜଣ ପ୍ରମୁଖ ସେବାୟତ ଉପସ୍ଥିତ ଥିବା ବେଳେ ବ୍ରାହ୍ମଣ ଏବଂ ପୂଜାପଣ୍ଡା ନିଯୋଗର କୌଣସି ସେବାୟତ ଯୋଗଦେଇ ନ ଥିଲେ।

### ଟ୍ରେନ୍ ଧକ୍କାରେ ଚାଷୀଙ୍କ ମୃତ୍ୟୁ

**ଜଟଣୀ,୨୦।୧(ଡି.ଏନ୍.ଏ.):** ଖୋର୍ଦ୍ଧାରୋଡ୍ ଜିଆର୍‌ପି ଅଧୀନ ଅରୁଗୁଳ ଷ୍ଟେଶନ ନିକଟରେ ଟ୍ରେନ୍ ଧକ୍କାରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଟଣୀ ବ୍ଲକ ଅନ୍ତର୍ଗତ ବିଶିଆପଡ଼ା ଗ୍ରାମର ସନ୍ତ ମହାପାତ୍ର(୬୮)। ସୂଚନା ମୁତାବକ, ଶୁକ୍ରବାର ସକାଳେ ସନ୍ତ ବିଲକୁ ଯାଉଥିଲେ। ଅରୁଗୁଳ ଷ୍ଟେଶନ ନିକଟରେ ଟ୍ରେନ୍ ଲାଇନ ଅତିକ୍ରମ କରୁଥିବା ବେଳେ ଏକ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ଖୋର୍ଦ୍ଧାରୋଡ୍ ଜିଆର୍‌ପି ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୪/୨୩)ରୁଜୁ ହୋଇଛି ବୋଲି ଖୋର୍ଦ୍ଧାରୋଡ୍ ଜିଆର୍‌ପି ଅଧିକାରୀ ଧରଣୀଧର ପ୍ରଧାନ କହିଛନ୍ତି। ଘନକୁହୁଡ଼ି ପାଇଁ ଏଭଳି ଘଟଣା ଘଟିଥିବା ସାଧାରଣରେ ଆଲୋଚନା ହେଉଛି।

### କୋଲକାତାରୁ ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

**ଅପହରଣ ପରେ ବଳାତ୍କାର**

**ଭୁବନେଶ୍ୱର,୨୦।୧(ବ୍ୟୁରୋ):** ଜଣୈକା ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ କଲିକତାରୁ ଶୁକ୍ରବାର ଗିରଫ କରିଛି। ଏଥିସହ ନାବାଳିକାଙ୍କୁ ମଧ ଅଭିଯୁକ୍ତଙ୍କ କବଳରୁ ଉଦ୍ଧାର କରାଯାଇଛି। ପୋଲିସ ନାବାଳିକାଙ୍କ ୧୬୧ ସିଆର୍‌ପିସିରେ ବୟାନ ରେକର୍ଡ କରିଛି। ତେବେ ଶନିବାର ପିଡ଼ୀତାଙ୍କ ଡାକ୍ତରୀ ପରୀକ୍ଷା ପରେ ଘଟଣା ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯିବ ବୋଲି ଥାନାଧିକାରୀ ସୁଧିର କୁମାର ସାହୁ କହିଛନ୍ତି। ସୂଚନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର ନାବାଳିକାଙ୍କୁ ଅଭିଯୁକ୍ତ ଯୁବକ ଜଣଙ୍କ ୧୦ ଦିନ ତଳେ ଅପହରଣ କରି ନେଇଯାଇଥିବା ପରିବାର ଲୋକଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ପୋକ୍ସ ଆକ୍ଟରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମୋବାଇଲକୁ ଟ୍ରାକ୍ ଓ ଅନ୍ୟ ଦିଗକୁ ନେଇ ପୋଲିସ ଖୋଳତାଡ଼ କରିବା ପରେ ଅଭିଯୁକ୍ତ ଜଣଙ୍କ ପିଡ଼ୀତାଙ୍କୁ କଲାକତା ନେଇଯାଇଥିବା ଜଣାପଡ଼ିଥିଲା।

# ବିବାଦୀୟ ଜାଗାରେ ନିର୍ମାଣ ନେଇ ଉତ୍ତେଜନା



**ବାରଙ୍ଗ,୨୦।୧(ଡି.ଏନ୍.ଏ.)**

- ଟାୟାର ଜାଳି ଗ୍ରାମବାସୀଙ୍କ ରାସ୍ତା ଅବରୋଧ
- ଉପଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଉଠିଲେ

ବାରଙ୍ଗ ତହସିଲ ଅଧୀନ ଫକିରପଡା ଗାଁର ଗୋଚରଜମିରେ ନିର୍ମାଣକୁ ନେଇ ଗତ କିଛିଦିନ ହେବ ଦେଖାଦେଇଥିବା ବିବାଦ ଏବେ ଉଗ୍ରରୂପ ଧାରଣ କରିଛି। ତହସିଲଦାର ଏହି ବିବାଦୀୟ ଜାଗାକୁ ମାପିବା ସହ ଗଦା ହୋଇଥିବା ବାଲିଗୋଡିକୁ ନିଲାମ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସେହି ଜାଗାରେ ଶୁକ୍ରବାର ସକାଳେ ପୁନର୍ବାର ପାଚେରି ନିର୍ମାଣ ହେବାରୁ ଫକିରପଡା ଗାଁରେ ଉତ୍ତେଜନା ଦେଖାଦେଇଥିଲା। ଫଳରେ ଗ୍ରାମବାସୀ ଗାଁମୁଣ୍ଡରେ ବାରଙ୍ଗ-ବାଙ୍କୀ ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ। ଖବରପାଇ ଉପଜିଲାପାଳ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହ ଆଇନ ଅନୁଯାୟୀ ବିବାଦୀୟ ସ୍ଥାନର ମାପ ସହ ଚିହ୍ନଟ କରାଯାଇ ଖେଳପଡ଼ିଆକୁ ଜବରଦଖଲମୁକ୍ତ କରାଯିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ଉଠିଥିଲା।

ପ୍ରକାଶ ଯେ, ଫକିରପଡା ଗାଁମୁଣ୍ଡରେ ଥିବା ଏକ ଗୋଚରଜମିର କିଛି ସ୍ଥାନକୁ ଖେଳପଡ଼ିଆ କରି ଗ୍ରାମର ପିଲାମାନେ ଖେଳୁଥିଲେ। ଏହି ଗୋଚରଜାଗା ପାର୍ଶ୍ୱରୁ ଜଣେ ବ୍ୟକ୍ତି ଜାଗା କିଣିବା ସହ ଖେଳପଡ଼ିଆକୁ କବଜାକୁ ନେଇ ପାଚେରି କରିବା ସହ ବାଲି ଗୋଡି ରଖିଥିଲେ। ଏହାକୁ ବିରୋଧ କରି ଫକିରପଡା ଗ୍ରାମବାସୀ ଜିଲାପାଳଙ୍କ ପାଖରେ ଡିସେମ୍ବର୨୯ରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ବି ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯିବାରୁ ଗତ ସୋମବାର ଗ୍ରାମବାସୀ ତହସିଲଦାର ସ୍ୱସ୍ତିକ ସଙ୍କଳ୍ପ ସାହୁଙ୍କୁ ଭେଟି ଉକ୍ତ ଜାଗାକୁ ନେଇ ଉପୁଜିଥିବା ବିବାଦ ଉପରେ ଆଲୋଚନା କରିଥିଲେ। ୨ଦିନ ମଧ୍ୟରେ ସେଠାରେ ଗଦାହୋଇଥିବା ବାଲିଗୋଡିକୁ ନିଲାମ କରିବାସହ ବିବାଦୀୟ ଜାଗା ଚିହ୍ନଟ ଓ ମାପିବାକୁ ତହସିଲଦାର ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଫେରିଥିଲେ। କିନ୍ତୁ ଶୁକ୍ରବାର ବିବାଦୀୟ ଜାଗାରେ ପୁଣି ପାଚେରି ନିର୍ମାଣ ହେଉଥିବା ଜାଣି ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ଟାୟାର ଜାଳି ସକାଳ ୮ଟାରୁ ବାରଙ୍ଗ-ବାଙ୍କୀ ରାସ୍ତା ଅବରୋଧ କରିଥିଲେ। ଫଳରେ ଗାଡିମୋଟର ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ଖବରପାଇ ବାରଙ୍ଗ ଥାନାଧିକାରୀ ଆକାଶଚନ୍ଦ୍ର ରଣା ଫୋର୍ସ ନେଇ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ମଧ ଗ୍ରାମବାସୀ ବେଆଇନ କାମକୁ ବନ୍ଦ କରିବାକୁ ଜିଦ୍ ଧରିବସିଥିଲେ। ଉପଜିଲାପାଳ କମଳଜିତ ଦାଶ ଆସି ବିବାଦୀୟ ସ୍ଥାନକୁ ଚିହ୍ନଟ ଓ ମାପ କରାଯାଇ ଜବରଦଖଲମୁକ୍ତ କରାଯିବ ଓ ପାଚେରି କାମ ବନ୍ଦକରିବା ନେଇ ପ୍ରତିଶ୍ରୁତି ଦେବାପରେ ରାସ୍ତାରୁ ଗ୍ରାମବାସୀ ହଟିଥିଲେ। ଏହାପରେ ରାସ୍ତାରେ ଗାଡି ଚଳାଚଳ ସାଭାବିକ ହୋଇଥିଲା। ଆଡିସନାଲ ଡିସିପି ଏସ୍.କେ. ସରିଫଉଦ୍ଦିନ, ଜୋନ-୪ ଏସିପି ଚନ୍ଦନ ଘଡେଇ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।

### ୬ଜଣଙ୍କୁ ଉଠାଇ ନେଲା ପୋଲିସ, ଥାନା ଘେରିଲେ ମହିଳା

ଫକିରପଡା ଗ୍ରାମବାସୀ ସ୍ଥାନୀୟ ଏକ ଗୋଚରଜମିରେ କିଛି ସ୍ଥାନକୁ ଜଣେ ବ୍ୟକ୍ତି ଜବରଦଖଲ କରାଯାଇଥିବାର ପ୍ରତିବାଦରେ ଶୁକ୍ରବାର ବାରଙ୍ଗ-ବାଙ୍କୀ ରାସ୍ତାକୁ ଅବରୋଧ କରିଥିଲେ। ପରେ ଉପଜିଲାପାଳ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବସୀଙ୍କୁ ବୁଝାଶୁଝା କରି ବିବାଦୀୟ ଜାଗା ଚିହ୍ନଟ ଓ ମାପ କରିବା ସହ ଜବରଦଖଲ ଉଚ୍ଛେଦ କରିବାର ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ରାସ୍ତାରୁ ଉଠିଥିଲେ। ତେବେ ପୂର୍ବ ସୂଚନା ନ ଦେଇ ରାସ୍ତା ଅବରୋଧ କରି ସାଧାରଣ ଲୋକଙ୍କୁ ହଇରାଣ କରିଥିବା ଅଭିଯୋଗରେ ବାରଙ୍ଗ ଥାନା ପୋଲିସ ରାତିରେ ଫକିରପଡା ଗ୍ରାମର ୬ଜଣଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିଥିଲା। ଏହା ଜାଣିବା ପରେ ଗ୍ରାମର ଶତାଧିକ ମହିଳା ରାତିରେ ଆସି ବାରଙ୍ଗ ଥାନା ଘେରାଉ କରିବା ସହ ଉଠାଇ ଆଣିଥିବା ୬ଜଣଙ୍କୁ ଛାଡ଼ିବାକୁ ଦାବି କରିଥିଲେ। ଦିନରେ ନିଷ୍ପତ୍ତି ହୋଇଥିବାବେଳେ କାହିଁକି ଗିରଫ କରାଗଲା ବୋଲି ପୋଲିସକୁ ପ୍ରଶ୍ନ କରିବା ସହ ୬ଜଣଙ୍କୁ ନ ଛାଡିବା ପର୍ଯ୍ୟନ୍ତ ଯିବୁ ନାହିଁ ବୋଲି ଜିଦ ଧରି ବସିଥିଲେ। ଖବରପାଇ ଆଡସିନାଲ ଡିସିପି ଏସ୍.କେ. ସରିଫ ଉଦ୍ଦିନ, ଜୋନ-୪ ଏସିପି ଚନ୍ଦନ ଘଡେଇ ଥାନାରେ ପହଞ୍ଚି ଉତ୍ତ୍ୟକ୍ତ ମହିଳାମାନଙ୍କୁ ବୁଝାଶୁଝା କରିଥିଲେ ମଧ ସେମାନେ ଜିଦ୍‌ରେ ଅଟଳ ରହିଥିଲେ।



ଥାନା ଘେରାଉ ସମୟରେ ପୋଲିସ ଅଧିକାରୀମାନେ ବୁଝାଶୁଝା କରୁଛନ୍ତି।

### ୨୨ରୁ ନିଖିଳ ଉତ୍କଳ ଦର୍ଶନ ପରିଷଦର ବାର୍ଷିକ ସମ୍ମିଳନୀ

**ଭୁବନେଶ୍ୱର,୨୦।୧(ବ୍ୟୁରୋ)**

ନିଖିଳ ଉତ୍କଳ ଦର୍ଶନ ପରିଷଦର ୩୫ତମ ବାର୍ଷିକ ସମ୍ମିଳନୀ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଆସନ୍ତା ୨୨ ଓ ୨୩ ତାରିଖରେ ଅନୁଷ୍ଠିତ ହେବ। ଏହି ଦୁଇଦିନିଆ ସମ୍ମିଳନୀରେ ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ଫିଲୋସଫିକାଲ ରିସର୍ଚ୍ଚ(ଆଇସିପିଆର୍)ର ସଦସ୍ୟ ପ୍ରଫେସର ସଚ୍ଚିଦାନନ୍ଦ ମିଶ୍ର ଏବଂ ମାଡ୍ରାସ ବିଶ୍ୱ ବିଦ୍ୟାଳୟର ପୂର୍ବତନ ପ୍ରଫେସର ଶିଭାନନ୍ଦମ୍ ପନିରସାଲେଭମ୍ ସମ୍ମାନିତ ଅତିଥି ଭାବେ ଯୋଗଦେବେ। ରେଭେନ୍‌ଶା ବିଶ୍ୱ ବିଦ୍ୟାଳୟର ପୂର୍ବତନ ପ୍ରଫେସର ରାମଚନ୍ଦ୍ର ମାଝୀ, ପ୍ରଫେସର ରଞ୍ଜିତ ଘୋଷ, ରତ୍ନାକର ପତି ପ୍ରମୁଖ ବକ୍ତବ୍ୟ ରଖିବେ। ଏନେଇ ପରିଷଦର ସାଧାରଣ ସମ୍ପାଦକ ଡ଼. ଭାସ୍କର ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

### ମୋକାମା ମଠରେ ମହନ୍ତାଇ ଚାଦର ଉତ୍ସବ

**ପୁରୀ ଅଫିସ, ୨୦।୧**

ବଳଗଣ୍ଡି ଛକ ନିକଟସ୍ଥ ମୋକାମା ମଠରେ ଶୁକ୍ରବାର ବଳରାମ ରାମାନୁଜ ଦାସଙ୍କ ମହନ୍ତାଇ ଚାଦର ଉତ୍ସବ ସମ୍ପନ୍ନ ହୋଇଛି। ମଠ ମହନ୍ତ ରାମାନୁଚାର୍ଯ୍ୟାସ୍ୱାମୀଙ୍କ ଦ୍ୱାରା ଶିଷ୍ୟ ତଥା ଉତ୍ତରାଧିକାରୀ ଶ୍ରୀବଳରାମ ରାମାନୁଜ ଦାସଙ୍କୁ ପ୍ରଥମେ ଚାଦର ପ୍ରଦାନ କରାଯାଇଥିଲା। ପରେ ବରିଷ୍ଠ ଉତ୍ତରପାର୍ଶ୍ୱ ଓ କଟକୀ ମଠାଧୀଶଙ୍କ ଦ୍ୱାରା ଶ୍ରୀଜଗନ୍ନାଥଙ୍କ ଖଣ୍ଡୁଆ ପାଟ ଶାଢ଼ିକା ପ୍ରଦାନ କରାଯାଇଥିଲା। ମଠ ବ୍ୟତୀତ ଅନ୍ୟ ସ୍ଥାନଗୁଡ଼ିକର ଉତ୍ତରାଧିକାରୀ ଭାବେ ଶ୍ରୀବଳରାମ ରାମାନୁଜ ଦାସଙ୍କ ନାମ ମହନ୍ତ ଘୋଷଣା କରିଥିଲେ।

# ଖୋଲିଲା ପାରଦର୍ଶୀ ପୋର୍ଟାଲ

**ଭୁବନେଶ୍ୱର,୨୦।୧(ବ୍ୟୁରୋ)**

ଆମରଣ ଅନଶନ ଓ ଗିରଫ ପରେ ରାଜ୍ୟ ସରକାର ଓଡ଼ିଶା ଅଭିଭାବକ ମହାସଂଘର ଦାବି ମାନି ନେଇଛନ୍ତି। ଏଣିକି ପାରଦର୍ଶୀ ପୋର୍ଟାଲ ଖୋଲିବା ସହ ସ୍କୁଲ ପଞ୍ଜୀକରଣ ଆରମ୍ଭ ହେବ। ଫେବୃୟାରୀ ୧୩ରୁ ୧୬ ପର୍ଯ୍ୟନ୍ତ ପିଲାଙ୍କ ନାମ ପଞ୍ଜୀକରଣ କରାଯିବ। ତେଣୁ ସମସ୍ତ ଅଭିଭାବକ ଏହାର ଲାଭ ନେବାପାଇଁ ମହାସଂଘ ଅଧକ୍ଷ ବାସୁଦେବ ଭଟ୍ଟ ଏକ ଖବରଦାତା ସମ୍ମିଳନୀରେ ଆହ୍ୱାନ କରିଛନ୍ତି। ଏହି ଆଇନ ଅନୁଯାୟୀ ପ୍ରାଇଭେଟ ସ୍କୁଲରେ ମଧ ୨୫% ସିଟରେ ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନେ ମାଗଣାରେ ପଢ଼ିପାରିବେ। ଏହାଦ୍ୱାରା ଓଡ଼ିଶାରେ ପ୍ରାୟ ୪୨ହଜାର ପିଲା ମାଗଣାରେ ପଢ଼ିପାରିବେ। ଆର୍ଥିକ ଅନଗ୍ରସର ଅର୍ଥ ଯେଉଁ ଅଭିଭାବକଙ୍କ ବାର୍ଷିକ ଆୟ ୧,୮୦,୦୦୦ ଟଙ୍କାରୁ କମ ହୋଇଥିବ, ସେମାନେ ଏହି ସୁବିଧା ନେଇପାରିବେ।

ରାଜ୍ୟରେ ଏହି ନିୟମ ଲାଗୁ କରିବା ପାଇଁ ମହାସଂଘ ଦୀର୍ଘ ବର୍ଷ ହେଲା ଅନେକ ଧାରଣା, ଧର୍ମଘଟ, ଆମରଣ ଅନଶନ କରିଥିଲେ। ଏହାପରେ ରାଜ୍ୟରେ ୨୦୨୦-୨୧ ରେ ପ୍ରଥମ କରି ଏହି ଆଇନ ଲାଗୁ ହୋଇ ପ୍ରାୟ ୫୦୦୦ ଓ ଗତବର୍ଷ ୧୪,୫୦୦ରୁ ଊର୍ଦ୍ଧ୍ୱ ପିଲା ପ୍ରାଇଭେଟ ସ୍କୁଲରେ ମାଗଣାରେ ପଢ଼ିଥିଲେ। ତେଣୁ ମହାସଂଘ ବସ୍ତି, ଗଳି, ସାହି ଆଦିରେ ଜନସଚେତନତା କାର୍ଯ୍ୟକ୍ରମ କରି ଏହି ଆଇନରେ ସୁବିଧା ନେଇ ଆଡ୍‌ମିସନ କରିବାକୁ ପିଲାଙ୍କୁ ଚିହ୍ନଟ କରୁଛି। ଗତ ୧୨ ତାରିଖରେ ଗଣଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଆଗରେ ୭ ଦଫା ଦାବିରେ ମହାସଂଘ ଆମରଣ ଅନଶନ କରିବା ସହ ଗିରଫ ହୋଇଥିଲେ। ଶେଷରେ ମହାସଂଘର ଦାବି ଆଗରେ ହାର୍ ମାନି ଗରିବ ପିଲାଙ୍କ ପଞ୍ଜୀକରଣ ପାଇଁ ନିଷ୍ପତ୍ତି ହୋଇଛି। ଅନ୍ୟାନ୍ୟ ଦାବି ସମ୍ପର୍କରେ ବିଭାଗ ସହିତ ଆଲୋଚନା ଚାଲିଛି। ଦାବି କାର୍ଯ୍ୟକାରୀ ନ ହେଲେ ପୁଣିଥରେ ଆସନ୍ତା ମାସ ପ୍ରଥମ ସପ୍ତାହରେ ମନ୍ତ୍ରୀଙ୍କ ବାସଭବନ ଘେରିବ ବୋଲି ମହାସଂଘ ଚେତାବନୀ ଦେଇଛି। ସମ୍ମିଳନୀରେ ମହାସଂଘ ସହ ଅଧକ୍ଷ ପ୍ରସନ୍ନ ବିଶୋଇ, ଭୁମୋହନ ପଟ୍ଟନାୟକ, ରଶ୍ମିରଞ୍ଜନ କାନୁନ୍‌ଗୋ, ସତ୍ୟଜିତ ଦାଶ, କାର୍ତ୍ତିକ ସାହୁ, ସତ୍ୟବ୍ରତ ପରିଜା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ସୂଚନା ଦିଆଯାଉଛି।

**ଓଡ଼ିଶା ଅଭିଭାବକ ସଂଘର ଦାବି ମାନିଲେ ସରକାର**

### ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇ ମହିଳା ଫେରାର

- ଥାନାର ଦ୍ୱାରସ୍ଥ ହେଲେ ସାହିବାସିନ୍ଦା

**ପୁରୀ ଅଫିସ, ୨୦।୧**

ସମୁଦ୍ରକୂଳ ଥାନା ଅନ୍ତର୍ଗତ ବାଲିନୋଳିଆ ସାହିରେ ଜଣେ ମହିଳା ସାହିବାସିନ୍ଦାଙ୍କଠାରୁ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ସାହିବାସିନ୍ଦା ଶୁକ୍ରବାର ସମୁଦ୍ରକୂଳ ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, କାକଟପୁର ଅଞ୍ଚଳର ଜଣେ ମହିଳା ତାଙ୍କ ପରିବାର ସହ ଗତ ୧ ବର୍ଷ ଧରି ବାଲିନୋଳିଆ ସାହିରେ ଏକ ଭଡ଼ାଘରେ ରହୁଥିଲେ। ନିଜ ଦେହ ଅସୁସ୍ଥ ଥିବା କହି ଚିକିତ୍ସା ଲାଗି ସାହିବାସିନ୍ଦାଙ୍କଠାରୁ ସୁଧ ଆକାରରେ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆଣିଥିଲେ। ଦୀର୍ଘଦିନ ଧରି ଟଙ୍କା ନ ଫେରାଇବାରୁ ଲୋକେ ତାଙ୍କୁ ମାଗିଥିଲେ। ତେବେ ଗୁରୁବାର ବିଳମ୍ବିତ ରାତ୍ରିରେ ସେ ତାଙ୍କ ପରିବାର ସହ କେଉଁଆଡ଼େ ଚାଲିଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତାଙ୍କର କୌଣସି ପରିଚୟ ପ୍ରମାଣପତ୍ର ରଖି ନ ଥିବା ସମ୍ପୃକ୍ତ ଘର ମାଲିକ କହିଛନ୍ତି। ଟଙ୍କା ଫେରିପାଇବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାହିବାସିନ୍ଦା ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ବିହାରରୁ ଖୋର୍ଦ୍ଧା ଆସୁଛି ବ୍ରାଉନସୁଗାର

**ଖୋର୍ଦ୍ଧା ଅଫିସ,୨୦।୧**

**୪୦୦ ଗ୍ରାମ ବ୍ରାଉନସୁଗାର, ବୋଲେରୋ ଓ ଟଙ୍କା ଜବତ: ୨ ଗିରଫ**

ଖୋର୍ଦ୍ଧା ବ୍ରାଉନ୍‌ସୁଗାରର ହବ୍ ପାଲଟିଛି। କୋଲ୍‌କାତା, ବାଲେଶ୍ୱର, ଜଳେଶ୍ୱର ଆଦି ଅଞ୍ଚଳରୁ ବିଭିନ୍ନ ଗଳାବାଟ ଦେଇ ବ୍ରାଉନ୍‌ସୁଗାର ଖୋର୍ଦ୍ଧାକୁ ଆସୁଛି। ଏଠାରୁ ପଡ଼ୋଶୀ ଜିଲା ସମେତ ଗ୍ରାମାଞ୍ଚଳକୁ ପଠାଯାଉଛି। ଏସ୍‌ଟିଏଫ୍, ଅବକାରୀ ବିଭାଗ ଓ ପୋଲିସର ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମିବା ପରିବର୍ତ୍ତେ ବଢ଼ିଚାଲିଛି। ବିହାର ରାଜ୍ୟରୁ ଖୋର୍ଦ୍ଧାକୁ ବୋଲେରୋରେ ବ୍ରାଉନ୍‌ସୁଗାର ଚାଲାଣ ହେଉଥିବା ବେଳେ ଗଡ଼ହଳଦିଆ ଛକରେ ଖୋର୍ଦ୍ଧା ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରି ଦୁଇଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଖୋର୍ଦ୍ଧା ଟାଉନ୍ ଥାନା ରାଧାବଲ୍ଲଭ ସାହିର ସନ୍ଦୀପ ମହାନ୍ତି ଓ ଢେଙ୍କାନାଳ ସଦର ଥାନା କାମଧେନୁକୋଟର ଗଣେଶ୍ୱର ବେହେରା। ଏମାନଙ୍କ ନିକଟରୁ ୪ଶହ ଗ୍ରାମ୍ ବ୍ରାଉନ୍‌ସୁଗାର, ୨୬ ହଜାର ୨ଶହ ଟଙ୍କା ଏବଂ ବୋଲେରୋ(ଓଡି୩୩-ଏକ୍ସ-୮୮୩୬) ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୪୬/୨୩) ରୁଜୁ ହୋଇଛି। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତଙ୍କୁ ଜେଲ ପଠାଇ ଦିଆଯାଇଛି। ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୪୦ ଲକ୍ଷ ଟଙ୍କା ହେବ। ଶୁକ୍ରବାର ଟାଉନ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ(ଏଏସ୍‌ପି) ସୁରେନ୍ଦ୍ର ନାଥ ମୁର୍ମୁ ଏହି ସୂଚନା ଦେଇଛନ୍ତି।

ବିହାରରୁ ଏକ ବୋଲେରୋରେ ବ୍ରାଉନ୍‌ସୁଗାର ଖୋର୍ଦ୍ଧା ଆସୁଥିବା ଖବରପାଇ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ଦିଲୀପ ଦାସ, ଟାଉନ ଥାନା ଅଧିକାରୀ ତାରିକ ଅହମ୍ମଦଙ୍କ ନେତୃତ୍ୱରେ ଅତିରିକ୍ତ ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ସ୍ୱାଇଁ, ଏସ୍‌ଆଇ ଏସ୍. ଦଲାଇ, ଏଏସ୍‌ଆଇ ଏସ୍.କେ. ସାହୁ, ହାବିଲଦାର ବିକ୍ରମ ପ୍ରତାପସିଂ ଓ କନ୍‌ଷ୍ଟେବଲ ପ୍ରଦୀପ ହରିଚନ୍ଦନ, ଏସ୍.ପାଟ୍ଟଶାଣୀଙ୍କୁ ନେଇ ଗଠିତ ଟିମ୍ ଗୁରୁବାର ପୂର୍ବାହ୍ନ ୧୦ଟା ୩୦ରେ ଗଡ଼ହଳଦିଆ ଛକରେ ଛକି ରହିଥିଲେ। ଏହି ସମୟରେ ଆସୁଥିବା ଉପରୋକ୍ତ ବୋଲେରୋକୁ ଅଟକାଇ ଯାଞ୍ଚ କରିବା ବେଳେ ବ୍ରାଉନ୍‌ସୁଗାର ଜବତ ହୋଇଥିଲା। ସେମାନଙ୍କୁ ଥାନାକୁ ଆଣି ପଚରାଉଚରା ବେଳେ ବିହାରରୁ ଖୋର୍ଦ୍ଧାକୁ ଆଣୁଥିବା ସ୍ୱୀକାର କରିଥିଲେ।

# ‘ବର୍ଜ୍ୟବସ୍ତୁ ନିଷ୍କାସନ ପାଇଁ ସମସ୍ତେ ଉତ୍ତରଦାୟୀ ହୁଅନ୍ତୁ’

**କଟକ ଅଫିସ,୨୦।୧**

**ନାଗରିକ ଉତ୍ତର ଦାୟିତ୍ୱ କାର୍ଯ୍ୟକ୍ରମ**

କଟକ ମିଶନ ରୋଡ୍‌ସ୍ଥିତ ଷ୍ଟିୱାର୍ଟ ସ୍କୁଲ ପରିସରରେ ନାଗରିକ ଉତ୍ତରଦାୟିତ୍ୱ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପଞ୍ଜାବ, ଜମ୍ମୁ ଓ କଶ୍ମୀର ଏବଂ ଲଦାଖର ମୁଖ୍ୟ ଆୟକର ଆୟୁକ୍ତ ଜାହାଁଜେବ୍ ଅଖତର ଯୋଗଦେଇ କହିଥିଲେ, ବର୍ଜ୍ୟବସ୍ତୁ ସୃଷ୍ଟି ପାଇଁ ପ୍ରକୃତି ନୁହେଁ ବରଂ ମଣିଷ ହିଁ ଦାୟୀ। ବର୍ଜ୍ୟବସ୍ତୁର ପୁନଃଚକ୍ରଣ ଓ ସେଥିରୁ ମୂଲ୍ୟ ସନ୍ଧାନ ବର୍ତ୍ତମାନ ସମୟର ଆବଶ୍ୟକତା। ସମାଜର ସବୁ ନାଗରିକ ବର୍ଜ୍ୟବସ୍ତୁର ଉପଯୋଗିତା ସନ୍ଧାନ କରିବା ସହ ଏହାର ପୃଥକୀକରଣ ଦିଗରେ ଧ୍ୟାନ ଦେବା ଉଚିତ। ବର୍ଜ୍ୟବସ୍ତୁର ନିଷ୍କାସନ ଦିଗରେ ସମସ୍ତଙ୍କୁ ଅଧିକ ଉତ୍ତରଦାୟୀ ହେବାକୁ ସେ ପରାମର୍ଶ ଦେଇଥିଲେ। ପ୍ଲାଷ୍ଟିକ ଆବର୍ଜନାକୁ ପୃଥକ ହୋଇଥିବା ଅନ୍ୟ ବର୍ଜ୍ୟବସ୍ତୁ ସହ ମିଶାଇବା ଉଚିତ୍ ନୁହେଁ। ବର୍ଜ୍ୟବସ୍ତୁ ପରିଚାଳନା ଦିଗରେ ସମସ୍ତେ ଅଧିକ ସଚେତନ ହେବା ଉଚିତ। ଯେଉଁସବୁ ଜିନିଷର ପୁନଃ ଉପଯୋଗ ପଦ୍ଧତି ଆମେ ଜାଣିନାହୁଁ ତାହାକୁ ବ୍ୟବହାର କରିବା ଉଚିତ ନୁହେଁ। ବର୍ତ୍ତମାନ ସମୟରେ ଡଷ୍ଟବିନ ବୋଲି କିଛି ଜିନିଷ ନାହିଁ। ବ୍ୟବହାର କରିବା ପରେ ଯାହାକୁ ଆମେ ବର୍ଜ୍ୟବସ୍ତୁ ବୋଲି ଭାବି ଫିଙ୍ଗି ଦେଉଛୁ ସେଥିରୁ ମଧ ସମ୍ପଦ ସୃଷ୍ଟି କରାଯାଇପାରିବ। ଶେଷ ସୀମା ପର୍ଯ୍ୟନ୍ତ ପ୍ରତ୍ୟେକ ଜିନିଷର ଉପଯୋଗିତା ବିଷୟରେ ଅବଗତ ହେବା ଲାଗି ସେ ଆହ୍ୱାନ ଦେଇଥିଲେ। ଏହାଦ୍ୱାରା ନିଜ ଆଖପାଖ ଅଞ୍ଚଳରେ ସ୍ୱଚ୍ଛତା ବଜାୟ ରଖିବା ସହିତ ପରିବେଶ ସୁରକ୍ଷା ଦିଗରେ ଆମେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇପାରିବା ବୋଲି ଅଖତର କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ବିଭାଗର ସ୍ୱତନ୍ତ୍ର ସଚିବ ବିଶ୍ୱରଞ୍ଜନ ସାସମଲ ଯୋଗଦେଇଥିଲେ। ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ବହୁ ବୁଦ୍ଧିଜୀବୀ ଆଲୋଚନାରେ ସାମିଲ ହୋଇଥିଲେ।




ନାଗରିକ ଉତ୍ତର ଦାୟିତ୍ୱ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

# ସମସ୍ତ ଉଠାଦୋକାନୀଙ୍କୁ ଥଇଥାନ କରାଯିବ : ମେୟର

**ଭୁବନେଶ୍ୱର,୨୦।୧(ବ୍ୟୁରୋ)**

ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ୍ ସୁରକ୍ଷା ଟ୍ରଷ୍ଟ, ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ଓ ଜାତୀୟ ଉଠାଦୋକାନୀ ମହାସଂଘ ପକ୍ଷରୁ ଜାତୀୟ ଉଠାଦୋକାନୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ହଜାର ହଜାର ଉଠାଦୋକାନୀ ମାଷ୍ଟର କ୍ୟାଣ୍ଟିନ ଛକରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ରାଜମହଲ ଛକ ଦେଇ ଭୁବନେଶ୍ୱର ୟୁନିଟ୍-୧ସ୍ଥିତ ଫଳ ଭେଣ୍ଡିଂଜୋନ୍ ନିକଟରେ ପହଞ୍ଚିଥିଲେ। ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥଲା। ଉଠାଦୋକାନୀ ମହାସଂଘର ପ୍ରତିଷ୍ଠାତା ସଭାପତି ପ୍ରତାପ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଏମ୍‌ସି ମେୟର ସୁଲୋଚନା ଦାସ ଯୋଗଦେଇ କହିଲେ, ଭୁବନେଶ୍ୱରରେ କିଛିଦିନ ହେବ ବହୁ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯାଇଛି, ଫଳରେ ସେମାନେ ଜୀବିକା ହରାଇଛନ୍ତି। ଏବେ ମଧ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଏମ୍‌ସି ସେମାନଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଖୁବ୍‌ଶୀଘ୍ର ୩୬ଟି ଭେଣ୍ଡିଂଜୋନ୍ ମାଧମରେ ଉଠାଦୋକାନୀଙ୍କୁ ଥଇଥାନ କରାଯିବ। ଅବଶିଷ୍ଟ ଦୋକାନୀଙ୍କୁ ପର୍ଯ୍ୟାୟକ୍ରମେ ଥଇଥାନ କରାଯିବ। ଭେଣ୍ଡିଂଜୋନ୍‌ଗୁଡ଼ିକରେ ପାନୀୟ ଜଳ, ଶୌଚାଳୟ ଓ ପାର୍କିଂର ବ୍ୟବସ୍ଥା ମଧ କରାଯିବ ବୋଲି ସେ କହିଥିଲେ। ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା କହିଲେ, ଭୁବନେଶ୍ୱର ହେଉଛି ସମସ୍ତଙ୍କର ସହର।

ଗରିବ, ଧନୀ ସମସ୍ତେ ଏଠାରେ ରହିବାର ଅଧିକାର ଅଛି। ଯଦି କୌଣସି ଦୋକାନୀ ଅସୁବିଧାରେ ପଡ଼େ, ଆମ କର୍ପୋରେଟରଙ୍କୁ ସହଯୋଗ ମାଗିଲେ ସହଯୋଗର ହାତ ବଢାଇବେ। ମୁଖ୍ୟବକ୍ତା ଭାବେ ମହାସଂଘର ଉପଦେଷ୍ଟା ତଥା କଟକ ମେୟର ସୁବାସ ସିଂ କହିଲେ, ଉଠାଦୋକାନୀଙ୍କ ଅଧିକାର ପାଇଁ ଆନ୍ଦୋଳନ କରି ବହୁବାର ମୁଁ ଜେଲ୍ ଯାଇଛି। କଟକରେ ଉଠାଦୋକାନୀମାନେ କିଭଳି ଥଇଥାନ ହୋଇପାରିବେ, ଟାଉନ ଭେଣ୍ଡିଂ କମିଟି ଓଡ଼ିଶାର ପ୍ରତ୍ୟେକ ସହରରେ କିପରି ଗଠନ କରାଯିବ ତାହା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଏମ୍‌ସି ଷ୍ଟାଣ୍ଡିଂ କମିଟି (ପ୍ଲାନିଂ, ସାନିଟେସନ, ୱାଟର ସପ୍ଲାଏ)ର ଚେୟାରମ୍ୟାନ ବିରଞ୍ଚି ନାରାୟଣ ମହାସୁପକାର ଯୋଗଦେଇ ଉଠାଦୋକାନୀଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କର୍ପୋରେଟରମାନେ ଉଠାଦୋକାନୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେବେ ବୋଲି କହିଥିଲେ। ଏହି ଅବସରରେ ମହାସଂଘର ମୁଖପତ୍ର ‘ଆଶା’କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ୬୭ଟି ୱାର୍ଡ଼ର ୧୬୪ ସଂଘ ତଥା ୬୦ଟି ଭେଣ୍ଡିଂଜୋନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ଅନୁଜ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।



ଉଠାଦୋକାନୀମାନେ ମାଷ୍ଟରକ୍ୟାଣ୍ଟିନ ଛକରୁ ଶୋଭାଯାତ୍ରାରେ ରାଜମହଲ ଅଭିମୁଖେ ଯାଉଛନ୍ତି।

**ଜାତୀୟ ଉଠାଦୋକାନୀ ଦିବସ**

# ବିହାରରୁ ଖୋର୍ଦ୍ଧାକୁ ଆସୁଛି ବ୍ରାଉନସୁଗାର

- ୪୦୦ ଗ୍ରାମ୍ ଜବତ, ୨ ଗିରଫ
- ବୋଲେରୋ, ୨୬ ହଜାର ଟଙ୍କା ଜବତ

**ଖୋର୍ଦ୍ଧା ଅଫିସ,୨୦।୧**

ଖୋର୍ଦ୍ଧା ବ୍ରାଉନ୍‌ସୁଗାରର ହବ୍ ପାଲଟିଛି। କୋଲ୍‌କାତା, ବାଲେଶ୍ୱର, ଜଳେଶ୍ୱର ଆଦି ଅଞ୍ଚଳରୁ ବିଭିନ୍ନ ଗଳାବାଟ ଦେଇ ବ୍ରାଉନ୍‌ସୁଗାର ଖୋର୍ଦ୍ଧାକୁ ଆସୁଛି। ଏଠାରୁ ପଡ଼ୋଶୀ ଜିଲା ସମେତ ଗ୍ରାମାଞ୍ଚଳକୁ ପଠାଯାଉଛି। କମ୍ ସମୟରେ ଅଧିକ ରୋଜଗାର ଲାଳସାରେ ଯୁବପିଢ଼ି ବ୍ରାଉନ୍‌ସୁଗାର କାରବାରରେ ସାମିଲ ହେଉଛନ୍ତି। ଏପରି କି ମହିଳାମାନେ ମଧ୍ୟ ଏହି କାରବାରରେ ସାମିଲ ହୋଇ ଗିରଫ ହୋଇଥିବା ନଜିର ରହିଛି। ଏସ୍‌ଟିଏଫ୍, ଅବକାରୀ ବିଭାଗ ଓ ପୋଲିସର ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମିବା ପରିବର୍ତ୍ତେ ବଢ଼ିଚାଲିଛି। ବିହାର ରାଜ୍ୟରୁ ଖୋର୍ଦ୍ଧାକୁ ବୋଲେରୋରେ ବ୍ରାଉନ୍‌ସୁଗାର ଚାଲାଣ ହେଉଥିବା ବେଳେ ଗଡ଼ହଳଦିଆ ଛକରେ ଖୋର୍ଦ୍ଧା ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରି ଦୁଇଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଖୋର୍ଦ୍ଧା ଟାଉନ୍ ଥାନା ରାଧାବଲ୍ଲଭ ସାହିର ସନ୍ଦୀପ ମହାନ୍ତି ଓରଫ ପାପୁନି(୫୨) ଓ ଢେଙ୍କାନାଳ ସଦର ଥାନା କାମଧେନୁକୋଟାର ଗଣେଶ୍ୱର ବେହେରା(୨୫)। ଏମାନଙ୍କ ନିକଟରୁ ୪ଶହ ଗ୍ରାମ୍ ବ୍ରାଉନ୍‌ସୁଗାର, ୨୬ ହଜାର ୨ଶହ ଟଙ୍କା ଏବଂ ବୋଲେରୋ(ଓଡି୩୩-ଏକ୍ସ-୮୮୩୬) ଜବତ କରାଯାଇଛି। ଏନେଇ ଥାନାରେ ଏନ୍‌ଡିପିଏସ୍ ଆକ୍ଟ ୨୧(ସି)/୨୯ରେ ଏକ ମାମଲା(ନଂ.୪୬/୨୩) ରୁଜୁ ହୋଇଛି। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତଙ୍କୁ ଜେଲ ପଠାଇ ଦିଆଯାଇଛି। ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୪୦ ଲକ୍ଷ ଟଙ୍କା ହେବ। ଶୁକ୍ରବାର ଟାଉନ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ(ଏଏସ୍‌ପି) ସୁରେନ୍ଦ୍ର ନାଥ ମୁର୍ମୁ ଏହି ସୂଚନା ଦେଇଛନ୍ତି।

ବିହାରରୁ ଏକ ବୋଲେରୋରେ ବ୍ରାଉନ୍‌ସୁଗାର ଖୋର୍ଦ୍ଧା ଆସୁଥିବା ଖବରପାଇ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ଦିଲୀପ ଦାସ, ଟାଉନ ଥାନା ଅଧିକାରୀ ତାରିକ ଅହମ୍ମଦଙ୍କ ନେତୃତ୍ୱରେ ଅତିରିକ୍ତ ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ସ୍ୱାଇଁ, ଏସ୍‌ଆଇ ଏସ୍. ଦଲାଇ, ଏଏସ୍‌ଆଇ ଏସ୍.କେ. ସାହୁ, ହାବିଲଦାର ବିକ୍ରମ ପ୍ରତାପସିଂ ଓ କନ୍‌ଷ୍ଟେବଲ ପ୍ରଦୀପ ହରିଚନ୍ଦନ, ଏସ୍.ପାଟ୍ଟଶାଣୀଙ୍କୁ ନେଇ ଗଠିତ ଟିମ୍ ଗୁରୁବାର ପୂର୍ବାହ୍ନ ୧୦ଟା ୩୦ରେ ଗଡ଼ହଳଦିଆ ଛକରେ ଛକି ରହିଥିଲେ। ଏହି ସମୟରେ ଉପରୋକ୍ତ ବୋଲେରୋ ଉପରେ ସନ୍ଦେହ ହେବାରୁ ଅଟକାଇ ଯାଞ୍ଚ କରିବା ବେଳେ ଜଣଙ୍କଠାରୁ ୩୫୦ ଏବଂ ଅନ୍ୟ ଜଣଙ୍କଠାରୁ ୫୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ହୋଇଥିଲା। ସେମାନଙ୍କୁ ଥାନାକୁ ଆଣି ପଚରାଉଚରା ବେଳେ ବିହାରରୁ ଖୋର୍ଦ୍ଧାକୁ ଆଣୁଥିବା ସ୍ୱୀକାର କରିଥିଲେ। ତେବେ କାହା ପାଖକୁ ଏତେ ପରିମାଣର ବ୍ରାଉନ୍‌ସୁଗାର ଆସୁଥିଲା, କିଏ ଏହାର ମାଷ୍ଟରମାଇଣ୍ଡ ପୋଲିସ ଏହାର ଖୋଳତାଡ଼ ଆରମ୍ଭ କରିଛି। ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ କୌଣସି ସୂଚନା ଦେବାକୁ ପୋଲିସ ମନାକରିଛି। ଅନ୍ୟପଟେ ଜିଲାକୁ ନିଶା କାରବାରମୁକ୍ତ ଲାଗି ପ୍ରୟାସ ଜାରି ରହିଛି ବୋଲି ଅତିରିକ୍ତ ଏସ୍‌ପି ମୁର୍ମୁ କହିଛନ୍ତି।




ଖବରଦାତା ସମ୍ମିଳନୀରେ ଏଏସ୍‌ପି ସୁରେନ୍ଦ୍ର ନାଥ ମୁର୍ମୁ ସୂଚନା ଦେଉଛନ୍ତି। ଜବତ ବ୍ରାଉନ୍‌ସୁଗାର, ଟଙ୍କା ଏବଂ ବୋଲେରୋ।

## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ଚାଷୀଙ୍କ ମୃତ୍ୟୁ

ଜଟଣୀ,୨୦।୧(ଡି.ଏନ୍.ଏ.): ଖୋର୍ଦ୍ଧାରୋଡ୍ ଜିଆର୍‌ପି ଅଧୀନ ଅରୁଗୁଳ ଷ୍ଟେଶନ ନିକଟରେ ଟ୍ରେନ୍ ଧକ୍କାରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଟଣୀ ବ୍ଲକ ଅନ୍ତର୍ଗତ ବିଶିଆପଡ଼ା ଗ୍ରାମର ସନ୍ତ ମହାପାତ୍ର(୬୮)। ସୂଚନା ମୁତାବକ, ଶୁକ୍ରବାର ସକାଳେ ସନ୍ତ ବିଲକୁ ଯାଉଥିଲେ। ଅରୁଗୁଳ ଷ୍ଟେଶନ ନିକଟରେ ଟ୍ରେନ୍ ଲାଇନ ଅତିକ୍ରମ କରୁଥିବା ବେଳେ ଏକ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ଖୋର୍ଦ୍ଧାରୋଡ୍ ଜିଆର୍‌ପି ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୪/୨୩)ରୁଜୁ ହୋଇଛି ବୋଲି ଖୋର୍ଦ୍ଧାରୋଡ୍ ଜିଆର୍‌ପି ଅଧିକାରୀ ଧରଣୀଧର ପ୍ରଧାନ କହିଛନ୍ତି। ଘନକୁହୁଡ଼ି ପାଇଁ ଏଭଳି ଘଟଣା ଘଟିଥିବା ସାଧାରଣରେ ଆଲୋଚନା ହେଉଛି।

### ଜଳବାୟୁ ସହନଶୀଳ ଜୀବିକା ଅଭିବୃଦ୍ଧି ସମ୍ପର୍କିତ କର୍ମଶାଳା

କୃଷ୍ଣପ୍ରସାଦ,୨୦।୧(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ପଞ୍ଚାୟତ ସମିତିର ବ୍ରହ୍ମପୁର ପଞ୍ଚାୟତ ପରିସରରେ ଜଳବାୟୁ ପରିବର୍ତ୍ତନ ଦିଗରେ ଉପକୂଳବର୍ତ୍ତୀ ଲୋକମାନଙ୍କର ଜଳବାୟୁ ସହନଶୀଳ ଜୀବିକା ଅଭିବୃଦ୍ଧି ସମ୍ପର୍କିତ କର୍ମଶାଳା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଏବଂ ହମାରା ବଚ୍‌ପନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉକ୍ତ କର୍ମଶାଳାକୁ ବ୍ରହ୍ମପୁର ସରପଞ୍ଚ ସନ୍ତୋଷ କୁମାର ଜେନା ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଜିଲା ସଂଯୋଜକ ଦେବାଶିଷ ପତି ଯୋଗଦେଇ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏକ୍ରିକ ପ୍ରକଳ୍ପର ଦଳପତି ଅଶୋକ କୁମାର ନାୟକ ପ୍ରକଳ୍ପ ବିଷୟରେ ପାୱାର ପଏଣ୍ଟ ମାଧ୍ୟମରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନନ୍ତ ନାରାୟଣ ଓଝା ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ କୃଷ୍ଣପ୍ରସାଦ, ଖଗେଶ୍ୱର ମାଝୀ ପ୍ରାଣୀଧନ ନିରୀକ୍ଷକ, କୀର୍ତ୍ତିରଞ୍ଜନ ପ୍ରଧାନ ଉଦ୍ୟାନ ସମ୍ପ୍ରସାରଣ କର୍ମୀ, ରାକେଶ ରୋଶନ ଜେନା ଗ୍ରାମସେବକ ବଡ଼ଝାଡ଼, ରୀନା ଜେନା ଗ୍ରାମ ରୋଜଗାର ସେବକ, ବ୍ରହ୍ମପୁର ପଞ୍ଚାୟତ ଏମ୍‌ବିକେ ସୁଚିସ୍ମିତା ଜେନା, ବିନୋଦିନୀ ଜେନା ପ୍ରମୁଖ ଯୋଗଦେଇ ଜଳବାୟୁ ଉପଯୋଗୀ ଓ ସହନଶୀଳ ଜୀବିକା କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ପଞ୍ଚାୟତସ୍ତରୀୟ ମହାସଙ୍ଘର ସଭାନେତ୍ରୀ ଓ ସମ୍ପାଦିକା ଅଂଶଗ୍ରହଣ କରିଥିଲେ। ଏକ୍ରିକ ପ୍ରକଳ୍ପର ଆଞ୍ଚଳିକ ସଂଯୋଜକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବନ୍ଧମୁଣ୍ଡାଇରେ ଆଲୋକୀକରଣ ବ୍ୟବସ୍ଥାର ଶୁଭାରମ୍ଭ

ଗମ୍ଭାରୀମୁଣ୍ଡା,୨୦।୧(ଡି.ଏନ୍.ଏ.): ବାଣପୁର ବ୍ଲକ ନନ୍ଦପୁର ପଞ୍ଚାୟତ ଅଧୀନ ବନ୍ଧମୁଣ୍ଡାଇ ଗ୍ରାମର ଗ୍ରାମ୍ୟ ଆଲୋକୀକରଣ ବ୍ୟବସ୍ଥାକୁ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି ନନ୍ଦପୁର ସରପଞ୍ଚ ପୁଷ୍ପମିତ୍ର ଖୁଣ୍ଟିଆ। ବିଜେଡି ବ୍ଲକ ଉପସଭାପତି ସଞ୍ଜୟ ପ୍ରଧାନ, ଶିବ ପ୍ରଧାନ, ମିଟୁ ପ୍ରଧାନ, ରବି ପ୍ରଧାନ ଉକ୍ତ ବ୍ୟବସ୍ଥାର ତଦାରଖ କରିବା ସହ ଗ୍ରାମବାସୀ ଖୁସିବ୍ୟକ୍ତ କରିଛନ୍ତି। ନନ୍ଦପୁର ପଞ୍ଚାୟତରେ ପ୍ରଥମ ଗ୍ରାମ ଭାବେ ବନ୍ଧମୁଣ୍ଡାଇରେ ଆଲୋକୀକରଣ ବ୍ୟବସ୍ଥାର ଆରମ୍ଭ କରାଯାଇଛି। ଆଗାମୀ ଦିନରେ ପଞ୍ଚାୟତର ପ୍ରତି ଗ୍ରାମକୁ ଏପରି ବ୍ୟବସ୍ଥା କରାଯିବ ବୋଲି ସରପଞ୍ଚ ଖୁଣ୍ଟିଆ କହିଛନ୍ତି।

## ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧିକାରୀଙ୍କ ଟାଙ୍ଗୀ ଶାଖା ପରିଦର୍ଶନ

**ଟାଙ୍ଗୀ(ଖୋର୍ଦ୍ଧା),୨୦।୧(ଡି.ଏନ୍.ଏ.)**

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି, ସମ୍ପାଦକଙ୍କ ସମେତ ସମସ୍ତ ନିର୍ଦ୍ଦେଶକ ଶୁକ୍ରବାର ଟାଙ୍ଗୀ ସମବାୟ ବ୍ୟାଙ୍କ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଟାଙ୍ଗୀ ଶାଖା ପକ୍ଷରୁ ସମସ୍ତ ପଦାଧିକାରୀଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସ୍ୱାଗତ କରାଯାଇଥିଲା। ସଭାପତି ଅଭିଷେକ ସିଂ ସାମନ୍ତ, ସମ୍ପାଦିକା ବନଶ୍ରୀ ମଲ୍ଲିକ, ଅନୁ ମହାପ୍ରବନ୍ଧକ ସନ୍ଦୀପ ପଟ୍ଟନାୟକ, ବ୍ୟାଙ୍କ୍ ଡାଇରେକ୍ଟର ପ୍ରସନ୍ନ କୁମାର ଜାଲି, ସୁକାନ୍ତ ପ୍ରଧାନ ପ୍ରମୁଖ ସାମିଲ ଥିଲେ। ସମବାୟ ବ୍ୟାଙ୍କ ଓ ସମବାୟ ସମିତିର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଟାଙ୍ଗୀ ଶାଖା ପରିଚାଳକ ସୁରେଶ କୁମାର ଦାସ ଧନ୍ୟବାଦ ଦେଇଥିଲେ। ଟାଙ୍ଗୀ ସମବାୟ ସମିତି ସଭାପତି ମହେନ୍ଦ୍ର କୁମାର ସାହୁ, ବଡ଼ପାରୀ ସମବାୟ ସମିତି ସଭାପତି ନଳିନୀ ବେହେରା, ସୁନ୍ଦରପୁର ସମବାୟ ସମିତି ସଭାପତି ପୂର୍ଣ୍ଣଚନ୍ଦ୍ର କଳସ, ଟାଙ୍ଗୋଳ ସମବାୟ ସଭାପତି ବୀରେଶ ରାଜଗୁରୁଙ୍କ ସମେତ ୧୪ଟି ସମବାୟ ସମିତିର ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ।

# ଗୋଚର ଜମି ନିଲାମକୁ ଗ୍ରାମବାସୀଙ୍କ ବିରୋଧ




**ଖୋର୍ଦ୍ଧା ଅଫିସ,୨୦।୧**

ଖୋର୍ଦ୍ଧା ବ୍ଲକ ନିଜିଗଡ଼ ଟାପଙ୍ଗ ସ୍ଥିତ ଗୋଚର ଜମିରେ ମୋରମ, ମାଙ୍କଡ଼ା ପଥର ନିଲାମ ଦେବାକୁ କେନ୍ଦ୍ରକରି ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଶୁକ୍ରବାର ପୂର୍ବାହ୍ନରେ ନିଜିଗଡ ଟାପଙ୍ଗ ଓ ଧଉଳିମୁହଁ ଗ୍ରାମବାସୀ ଘଟଣାସ୍ଥଳରେ ବିରୋଧ କରିଛନ୍ତି। ଏନେଇ ଜିଲାପାଳଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ନିଜିଗଡ ଟାପଙ୍ଗ ରାଜସ୍ୱ ମୌଜାର ପ୍ଲଟ ନମ୍ବର ୨୦୫୪ରେ ଥିବା ଗୋଚର ଜମିକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ନିଲାମ ଦିଆଯାଇଛି। ଏ ସମ୍ପର୍କରେ ୩ମାସ ପୂର୍ବରୁ ଖୋର୍ଦ୍ଧା ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଥିଲା। ତେବେ ତହସିଲ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଉକ୍ତ ଜମିକୁ ନିଲାମ ନେଇଥିବା ସଂସ୍ଥା ପକ୍ଷରୁ ଜେସିବି ଲଗାଇ ମାଟି ଖୋଳିବାକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯାଇଛି। ଉକ୍ତ ଗୋଚର ଜମିରେ ଅଞ୍ଚଳର ଗୋରୁଗାଇ ମାନେ ଚରାବୁଲା ପାଇଁ ଏକମାତ୍ର ଚାରଣ ଭୂମି ରହିଛି। ଗ୍ରାମବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟି ଦେଇ ବିହୀତ ପଦକ୍ଷେପ ଲାଗି ନିବେଦନ କରାଯାଇଛି।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ବେଗୁନିଆ,୨୦।୧(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୨୧ଟି ପଞ୍ଚାୟତର ବିଭିନ୍ନ ଗ୍ରାମର ଦିବ୍ୟାଙ୍ଗମାନେ ନାମ ପଞ୍ଜୀକରଣ କରିଥିଲେ। ଶାରୀରିକ ଅନଗ୍ରସର ୧୭୦ ଜଣ, ମାନସିକ ବିକାରଗ୍ରସ୍ତ ୧୨୩, ଶ୍ରବଣବାଧିତ ୬୨ ଏବଂ ଦୃଷ୍ଟିହୀନ ୪୧ଙ୍କୁ ମିଶାଇ ମୋଟ୍ ୩୯୬ ଜଣ ଆବଶ୍ୟକ ପରିଚୟ ପ୍ରମାଣପତ୍ର ଦାଖଲ କରିଥିଲେ। ବୋଡଳମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ବିଭାଗର ଡାକ୍ତର ଯୋଗଦେଇ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ତେବେ ଶିବିରରେ ୫୧ ଜଣଙ୍କର ତ୍ୱରିତ ସମାଧାନ କରାଯାଇଥିଲା। ଅନ୍ୟ ଦିବ୍ୟାଙ୍ଗଙ୍କ ପ୍ରମାଣପତ୍ରକୁ ସମାଧାନ ପାଇଁ ବିଭିନ୍ନ ବିଭାଗର ଅଧିକାରୀଙ୍କ ନିକଟକୁ ପଠାଯାଇଛି। ବିଡିଓ ଲକ୍ଷ୍ମୀଧର ସାହୁ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଦେବାଶିଷ ସାହୁଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଉନ୍ନୟନ କାର୍ଯ୍ୟର ତଦାରଖ କଲେ ଜିଲାପାଳ

**ବେଗୁନିଆ,୨୦।୧(ଡି.ଏନ୍.ଏ.)**

ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଶୁକ୍ରବାର ବେଗୁନିଆ ବ୍ଲକ କାର୍ଯ୍ୟାଳୟକୁ ହଠାତ୍ ପରିଦର୍ଶନରେ ଆସିଥିଲେ। ସରକାରଙ୍କ ୫-ଟି ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବା ପାଇଁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ କହିଥିଲେ। ସେହିପରି ବ୍ଲକରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସବିଶେଷ ବିବରଣୀ ଫାଇଲଗୁଡ଼ିକ ମାଗି ବିଡିଓ, ଜିପିଇଓ ଏବଂ ଯନ୍ତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ। ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା କିଭଳି ଲୋକାଭିମୁଖୀ ହୋଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କିଭଳି ସ୍ୱଚ୍ଛତା ରହିବ ସେନେଇ ଗୁରୁତ୍ୱ ଦିଆଯିବ ବୋଲି ଜିଲାପାଳ କହିଛନ୍ତି। ସେହିପରି ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରକୁ ଯାଇ ତଦାରଖ କରିଥିଲେ। ପରେ ରାଧାକାନ୍ତପୁର, ବାଘମାରୀ ଓ ସାରୁଅ ଗ୍ରାମରେ ଥିବା ୫-ଟି ଅନ୍ତର୍ଭୁକ୍ତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଉକ୍ତ ବିଦ୍ୟାଳୟରେ ଚାଲିଥିବା ଉନ୍ନୟନ କାର୍ଯ୍ୟକୁ ତଦାରଖ କରିବା ପରେ ଖୋର୍ଦ୍ଧା ଫେରି ଯାଇଥିଲେ।

# ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଜଟଣୀ,୨୦।୧(ଡି.ଏନ୍.ଏ.)**

ଜଟଣୀ ବ୍ଲକ କନ୍ତିଆ ଗ୍ରାମସ୍ଥିତ ସୋମନାଥ ବାଲୁଙ୍କେଶ୍ୱର ଦେବ ମହିଳା ହାୟର ସେକେଣ୍ଡାରୀ ସ୍କୁଲ ପକ୍ଷରୁ ଚାଲିଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଯୁକ୍ତ ୨ ବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟବ୍ରତ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅତିଥି ଭାବେ ଅଧ୍ୟାପକ ଦୀନବନ୍ଧୁ ଲାଠି, ଅଧ୍ୟାପିକା ସ୍ନେହଲତା ସେନାପତି, ସୁଶାନ୍ତ କୁମାର ରାଉତ, ପ୍ରୋଗ୍ରାମ ଅଧିକାରୀ ଦିଲୀପ କୁମାର ଜେନା ଉପସ୍ଥିତ ଥିଲେ। ପ୍ରଶିକ୍ଷକ ଆସମା ବେଗମ୍ ଆତ୍ମରକ୍ଷା କୌଶଳ ଓ ଉପଯୋଗ ସମ୍ପର୍କରେ କହିଥିଲେ। ପ୍ରଶିକ୍ଷାର୍ଥୀ ଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସୁଶାନ୍ତ କୁମାର ସାମନ୍ତରାୟ, ପୁଷ୍ପିତାରାଣୀ ଦାସ, ଜଗନ୍ନାଥ ପ୍ରଧାନ, ସନ୍ତୋଷ ପ୍ରଧାନ, ଅଭିମନ୍ୟୁ ସାମନ୍ତସିଂହାର, ସୁବାସ ଜେନା, ବେବିନା ସେଠୀ, ଚନ୍ଦ୍ରଶେଖର ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଡ. ରଜନୀ ରଣସିଂହ ଧନ୍ୟବାଦ ଦେଇଥିଲେ।


ପ୍ରଶିକ୍ଷାର୍ଥୀ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

## ରାତି ୧୦ଟାରେ ଉଠିବ ମହାଦୀପ

**ପୁରୁଣା ଭୁବନେଶ୍ୱର, ୨୦।୧ (ଡି.ଏନ୍.ଏ.)**

ଆସନ୍ତା ଫେବୃୟାରୀ ୧୮ରେ ମହାଶିବରାତ୍ରି ତଥା ଜାଗର। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଶ୍ରୀଲିଙ୍ଗରାଜ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ମହାଶିବରାତ୍ରି ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଭବାନୀ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଚଳିତ ବର୍ଷ ରାତି ୧୦ଟାରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିବା ନେଇ ସମୟ ନିର୍ଘଣ୍ଟ କରାଯାଇଛି। ଏଥିସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ବଡୁ ଓ ସମର୍ଥା ନିଯୋଗର କେତେଜଣ ପ୍ରମୁଖ ସେବାୟତ ଉପସ୍ଥିତ ଥିବା ବେଳେ ବ୍ରାହ୍ମଣ ଏବଂ ପୂଜାପଣ୍ଡା ନିଯୋଗର କୌଣସି ସେବାୟତ ଉପସ୍ଥିତ ନ ଥିଲେ।

# ନାଚୁଣୀ କଲେଜର ୪୨ତମ ବାର୍ଷିକୋତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ଟାଙ୍ଗୀ(ଖୋର୍ଦ୍ଧା),୨୦।୧(ଡି.ଏନ୍.ଏ.)**

ସ୍ଥାନୀୟ ନାଚୁଣୀ କଲେଜର ୪୨ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରକୃତି ରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତା ଏବଂ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ରାଜକିଶୋର ସାହୁଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ୍ ପୂଜାରୀ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ଅତିଥିଭାବେ କଲେଜର ପୂର୍ବତନ ଛାତ୍ର ତଥା ରାଜ୍ୟ ସଭା ସଦସ୍ୟ ମାନସ ରଞ୍ଜନ ମଙ୍ଗରାଜ, ପୂର୍ବତନ ଚିଲିକା ବିଧାୟକ ବିଭୂତି ଭୂଷଣ ହରିଚନ୍ଦନ, କଲେଜ ପରିଚାଳନା ପରିଷଦର ସଭାପତି ଅରୁଣ କୁମାର ଦାଶ ଯୋଗଦେଇଥିଲେ। ଅତିଥିମାନେ କଲେଜର ପ୍ରସ୍ତାବିତ ବିଜ୍ଞାନ ହଲ୍ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସଭା ସଞ୍ଚାଳନରେ ଅଧ୍ୟାପିକା ଲୀନା ନନ୍ଦିଜା ସହଯୋଗ କରିଥିବା ବେଳେ ଅଧ୍ୟାପିକା ସୁଶ୍ରୀ ସନ୍ତୋଷୀ ସାହୁ ବିବରଣୀ ପାଠ କରିଥିଲେ। ଅଜିତ୍ କୁମାର ମିଶ୍ରଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଦିଲୀପ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଆଞ୍ଚଳିକ ଫୁଟ୍‌ବଲ ଟୁର୍ନାମେଣ୍ଟ

# ଫାଇନାଲରେ ଢେଙ୍କାନାଳ ପପୁଲାର କ୍ଲବ



**ବୋଲଗଡ଼,୨୦।୧(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଦେଉଳି ଗ୍ରାମ ତୁଳସୀବେରେଣା ଖେଳପଡ଼ିଆରେ ଆଞ୍ଚଳିକ ଫୁଟ୍‌ବଲ ଟୁର୍ନାମେଣ୍ଟ କମିଟି ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ୟୁନାଇଟେଡ୍ ଓ ଢେଙ୍କାନାଳର ପପୁଲାର କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ନିର୍ଦ୍ଧାରିତ ୯୦ ମିନିଟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ପପୁଲାର କ୍ଲବ ୫-୪ ଗୋଲରେ ବରଗଡ଼ ୟୁନାଇଟେଡ୍‌କୁ ହରାଇ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଏମ୍.ଏସ୍. ବେଗ୍ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଲାଇନ୍ସରେ ବସନ୍ତ କୁମାର ରଣା ଓ ସୁଶାନ୍ତ କୁମାର ମିଶ୍ର ସହାୟତା କରିଥିଲେ। ୪ର୍ଥ ରେଫରି ଭାବେ ଶିବପ୍ରସାଦ ମହାନ୍ତି ଦାୟିତ୍ୱ ତୁଲାଇଥିଲେ। ମ୍ୟାଚ୍‌ରେ ଅତିଥିଭାବେ ଡ. ତପନ କୁମାର ଜେନା, ନଳିନୀକାନ୍ତ ଜେନା, ସଚ୍ଚି ପଟ୍ଟନାୟକ, ଉମାକାନ୍ତ ଓଝା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଗୋପାଳପୁର ପଞ୍ଚାୟତର ଦେଉଳି, ଜାମୁସାହି, ନୂଆପଲ୍ଲୀ, ତୁଳସୀବେରେଣା ଓ ପାରିଖେତା ଗ୍ରାମବାସୀ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ପଞ୍ଚାୟତ କାର୍ଯ୍ୟାଳୟରେ ଚାଲିଛି ରାଜସ୍ୱ କାମ

- ବଢୁଛି ଅସନ୍ତୋଷ, ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି
- ପଧାନସାହିରେ ରହିଛି ରାଜସ୍ୱ କାର୍ଯ୍ୟାଳୟ

**ଜଟଣୀ,୨୦।୧(ଡି.ଏନ୍.ଏ.)**

ଜଟଣୀ ବ୍ଲକ ଅନ୍ତର୍ଗତ ପଧାନସାହି ଅଞ୍ଚଳରେ ଜନସାଧାରଣଙ୍କ ଜମିଜମା କାର୍ଯ୍ୟ ପାଇଁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ରହିଛି। ତେବେ ଦୀର୍ଘବର୍ଷ ହେବ ଉକ୍ତ କାର୍ଯ୍ୟାଳୟରେ ରାଜସ୍ୱ କାମ କରା ନ ଯାଇ ଜାମୁକୋଳି ପଞ୍ଚାୟତ କାର୍ଯ୍ୟାଳୟରେ ରାଜସ୍ୱ କାର୍ଯ୍ୟ ଜାରି ରହିଛି, ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହେଉଛି।

ପ୍ରକାଶ ଯେ, ଜଟଣୀ ତହସିଲ ଅଧୀନ ପଧାନସାହି ରାଜସ୍ୱ ସର୍କଲ ହେବା ପରେ ନିଜସ୍ୱ କାର୍ଯ୍ୟାଳୟ ଗୃହ ନ ଥିଲା। ଫଳରେ ପଧାନସାହି ପ୍ରାଥମିକ ବିଦ୍ୟାଳୟରେ କିଛିବର୍ଷ ଧରି ଏହି କାର୍ଯ୍ୟାଳୟ ଚାଲିବା ପରେ ପଧାନସାହି ଜାମୁକୋଳି ମୌଜାର ସୀମାରେ ଏକ ଭଡ଼ାଘରେ ଚାଲିଥିଲା। ୨୦୦୭ ମସିହାରେ ତତ୍କାଳୀନ ବିଧାୟକଙ୍କ ଦ୍ୱାରା ପଧାନସାହି ପଞ୍ଚାୟତ ଅଫିସ ନିକଟ ସରକାରୀ ଜାଗାରେ ରାଜସ୍ୱ ନିରୀକ୍ଷକଙ୍କ ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ କରାଯାଇଥିଲା। ତେବେ କେତେଜଣ ବ୍ୟକ୍ତି ଉଦ୍ଦେଶ୍ୟମୂଳକ ଭାବେ ପଧାନସାହି ନୂତନ ଆର୍‌ଆଇ କାର୍ଯ୍ୟାଳୟକୁ ନ ଖୋଲି ଜାମୁକୋଳି ପଞ୍ଚାୟତ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରି ରାଜସ୍ୱ କାର୍ଯ୍ୟ ଚଳାଇଛନ୍ତି, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ତହସିଲଦାର ରୁମାନା ଜାଫ୍ରି କୁହନ୍ତି, ଘଟଣା ସମ୍ପର୍କରେ କିଛିଦିନ ହେବ ଶୁଣିବାକୁ ପାଇଛି। ମୁଁ ଦାୟିତ୍ୱ ନେବା ପୂର୍ବରୁ ଏହି ଅବ୍ୟବସ୍ଥା ରହିଛି। ଆସନ୍ତା ସୋମବାର ଉକ୍ତ ଅଞ୍ଚଳ ପରିଦର୍ଶନ କରି କ'ଣ ହୋଇଛି ତର୍ଜମା କରିବା ସହିତ ଖୁବ୍‌ଶୀଘ୍ର ପଧାନସାହି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଖୋଲିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ପଧାନସାହି ଅଞ୍ଚଳରେ ରହିଥିବା ରାଜସ୍ୱ କାର୍ଯ୍ୟାଳୟ।

## ଅଗ୍ନିକାଣ୍ଡରେ ଜଳିଗଲା ୪ ବଖରା

ସାଲେପୁର,(ଡି.ଏନ୍.ଏ.): ସାଲେପୁର ବ୍ଲକ ଓଡ଼ସିଂହ ପଞ୍ଚାୟତ ତିଳିଦା ଗ୍ରାମର କ୍ଷୀରୋଦ ଚନ୍ଦ୍ର ନାୟକ, ଦେବେନ୍ଦ୍ର ନାୟକଙ୍କ ଘରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ୪ ବଖରା ଚାଳଛପର ଘର ପୋଡ଼ିଯାଇଛି। ପ୍ରଥମେ ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ପରେ ଖବରପାଇ ସାଲେପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ୨ ପରିବାରଙ୍କ ଘରେ ଥିବା ମୂଲ୍ୟବାନ୍ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। କେଉଁ କାରଣରୁ ନିଆଁ ଲାଗିଲା ତାହା ଜଣାପଡ଼ିନାହିଁ। ଖବରପାଇ ସ୍ଥାନୀୟ ଆର୍‌ଆଇ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିବିପନ୍ନ ପରିବାରଙ୍କୁ ସାନ୍ତ୍ୱନା ଦେବା ସହ କ୍ଷୟକ୍ଷତି ଆକଳନ କରି ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛନ୍ତି।

## ସଂକ୍ଷେପରେ

### କେନ୍ଦୁଝର ସଡ଼କ ଦୁର୍ଘଟଣାରେ ସାଲେପୁର ଯୁବକଙ୍କ ମୃତ୍ୟୁ

**ସାଲେପୁର,୨୦।୧(ଡି. ଏନ.ଏ):** କେନ୍ଦୁଝର ଜିଲା ଆନନ୍ଦପୁର ଥାନା କାଇମାଟିଠାରେ ସଡ଼କ ଦୁର୍ଘଟଣାରେ ସାଲେପୁରର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଯୁବକ ହେଲେ ସାଲେପୁର ଥାନା ଶିଶୁଆ ପଞ୍ଚାୟତ ବହାବଳପୁର ଗ୍ରାମର ତ୍ରିଲୋଚନ ସ୍ୱାଇଁ (୪୨)। ସେ ଏକ ଆଇଚର ଗାଡ଼ି ଚଳାଇ କଟକ ଆସୁଥିବା ବେଳେ ଗୁରୁବାର ରାତିରେ କାଇମାଟି ଠାରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ପରିବାର ଲୋକେ ଦୁର୍ଘଟଣା ସ୍ଥଳରେ ପହଞ୍ଚି ସେଠାକାର ପୋଲିସ ସହାୟତାରେ ତ୍ରିଲୋଚନଙ୍କ ମୃତଦେହକୁ ଆନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ଗାଁକୁ ଆଣିଥିଲେ।

### ଅଗ୍ନିକାଣ୍ଡରେ ପୁଅ ଗୁରୁତର, ମା'ବାପା ଆହତ

**ନିଶ୍ଚିନ୍ତକୋଇଲି,୨୦।୧ (ସ୍ୱ.ପ୍ର.):** କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ କୁଳବଡ଼ଖିର ଗାଁରେ ଅଗ୍ନିକାଣ୍ଡରେ ପୁଅ ଗୁରୁତର ହୋଇଥିବା ବେଳେ ବୃଦ୍ଧ ମା'ବାପା ଆହତ ହୋଇଛନ୍ତି। ଗୁରୁତର ପୁଅ ହେଲେ ମହେନ୍ଦ୍ର ମଳିକ, ଆହତ ମା'ବାପା ହେଲେ ଭାବ, ନିରଞ୍ଜନା ସମସ୍ତେ ଏବେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଗୁରୁବାର ଭୋରରୁ ଚୁଲିରେ ଧାନ ଉସେଇଁବା ସମୟରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ସେଠାରେ ଥିବା ଛଣ ଗଦାରେ ନିଆଁ ଲାଗିଯିବା ଫଳରେ ପ୍ରଥମେ ମହେନ୍ଦ୍ରଙ୍କ ଦେହରେ ନିଆଁ ଲାଗି ଯାଇଥିଲା। ପରେ ତାଙ୍କୁ ବଞ୍ଚାଇବାକୁ ଯାଇ ମା'ବାପା ଆହତ ହୋଇଥିବା କହିଛନ୍ତି ମହେନ୍ଦ୍ରଙ୍କ ସ୍ତ୍ରୀ। ଭୋରରୁ ସେମାନଙ୍କ ଚିତ୍କାର ଶୁଣି ସେ ଘରୁ ବାହାରି ଆସିବାରୁ ଏଭଳି ଅଘଟଣ ହୋଇଥିବା କହିଛନ୍ତି। ଘରର ଏକମାତ୍ର ରୋଜଗାରକ୍ଷମ ପୁଅ ହୋଇଥିବାରୁ ପରିବାରକୁ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

### ଗଦାଧରପୁରରେ ଧାନମଣ୍ଡି ଖୋଲିଲା

**ତିଗିରିଆ, ୨୦।୧(ଡି.ଏନ.ଏ.):** ତିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁରସ୍ଥିତ ଗଦାଧରପୁର ସେବା ସମବାୟ ସମିତିରେ ଶୁକ୍ରବାର ଧାନମଣ୍ଡିରେ କୃଷକଙ୍କଠାରୁ ଧାନ କ୍ରୟ ଆରମ୍ଭ ହୋଇଛି। ମଣ୍ଡି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଗୌରହରୀ ପରିଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମିତିର ସଭାନେତ୍ରୀ ଉଷା ରାଣୀ ସ୍ୱାଇଁ ଯୋଗ ଦେଇଥିଲେ। ପ୍ରଥମଦିନରେ ୧୯ଜଣ ଚାଷୀଙ୍କଠାରୁ ୫୨୨. ୫୬ କେଜି ଧାନ ବରଗଡର ଧନ ଲକ୍ଷ୍ମୀ ମିଲର କ୍ରୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତିର ସମ୍ପାଦକ ଶାନ୍ତନୁ କୁମାର ଖଟୁଆ, ରୁପା ଦଳେଇ, ସୁରେନ୍ଦ୍ର ସ୍ୱାଇଁ, ଗଜେନ୍ଦ୍ର ଦଳେଇ, ବିଷ୍ଣୁ ଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ବାଳିକା ଆତ୍ମରକ୍ଷା କୌଶଳ ଶିବିର

**ବାଙ୍କୀ,୨୦।୧(ସ୍ୱ.ପ୍ର.):** ବୈଦ୍ୟେଶ୍ୱର ଉଚ୍ଚ ମାଧମିକ ବିଦ୍ୟାଳୟରେ ଶୁକ୍ରବାର ବାଳିକା ଆତ୍ମରକ୍ଷା କୌଶଳ ଶିବିରକୁ ଅଧକ୍ଷ କୃପାସିନ୍ଧୁ ପଲାଇ ଉଦ୍‌ଘାଟନ କରିଛନ୍ତି। ପ୍ରଶିକ୍ଷଣର ସଂଯୋଜକ ସୁବୋଧ ମଣି ଶତପଥୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଅଧାପକ ଜଳଧର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଅରୁଣ ସାହୁ, ସୁମତୀ ପରିଡା, ମାନସ ରଞ୍ଜନ ସାହୁ, ପ୍ରେମାନନ୍ଦ ତୋଷ, ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ। ପ୍ରଶିକ୍ଷକା ଭାବେ ସୁନୀତା ସାମଲ ପ୍ରଶିକ୍ଷଣ ଦେଉଛନ୍ତି।

### ବାଙ୍କୀ କଲେଜରେ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**ବାଙ୍କୀ,୨୦।୧ (ସ୍ୱ.ପ୍ର):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବରେ ଶୁକ୍ରବାର ମୁଖ୍ୟଅତିଥି ଭାବେ ଯୋଗଦେଇ ଅଧକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଉଦ୍‌ଘାଟିତ କରିଥିଲେ। କ୍ରୀଡା ଅଧାପକ ରବିନାରାୟଣ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ବାଙ୍କୀ କଲେଜ କ୍ରୀଡା କ୍ଲବର ଉପସଭାପତି ଅଧାପକ ଯୁଗଳ କିଶୋର ମଣ୍ଡଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପାଧକ୍ଷ ପ୍ରାଧାପକ ମନୋଜ କୁମାର ମହାପାତ୍ର, ଅତିଥି ଭାବେ ପ୍ରଶାସନିକ ଅଧିକାରୀ ପ୍ରାଧାପକ ନିରଞ୍ଜନ ମହାନ୍ତି, ପ୍ରାଧାପକ ସମୀର କୁମାର ମହାପାତ୍ର, ଡ. ଅଭିମନ୍ୟୁ ରଣା ଓ ଡ. ବିଶ୍ୱରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। କ୍ରୀଡା ଶିକ୍ଷକ କୃପାସିନ୍ଧୁ ବେହେରା, ଜିତେନ୍ଦ୍ର ଦେଓ ପ୍ରମୁଖ ସହାୟତା କରିଥିଲେ।

# ଏଣିକି ପରିମଳ ଦାୟିତ୍ୱ ବୁଝିବେ ଡେପୁଟି କମିଶନର

**■ ଦାୟିତ୍ୱରୁ ହଟିଲେ ସ୍ୱାସ୍ଥ୍ୟ ଅଧିକାରୀ**
**■ କମିଶନରଙ୍କ ସିଡିଏମ୍‌ଓଙ୍କୁ ଚିଠି**
**■ ୱାର୍କ ସାର୍ଟିଫିକେଟ୍ ଅନୁଯାୟୀ ମିଳିବ ଦରମା**

କଟକ ଅଫିସ, ୨୦।୧

ଏଣିକି ସହରର ପରିମଳ ଦାୟିତ୍ୱ ବୁଝିବେ କଟକ ମହାନଗର ନିଗମ(ସିଏମ୍‌ସି)ର ଡେପୁଟି କମିଶନର। ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ରଙ୍କୁ ଏହି ଦାୟିତ୍ୱରୁ ହଟାଯାଇ ଡେପୁଟି କମିଶନର (ପରିମଳ) ସଞ୍ଜୀବିତା ରାୟଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଡେପୁଟି କମିଶନରଙ୍କ ଅଧୀନରେ ସମସ୍ତ ପରିମଳ ନିରୀକ୍ଷକ ବା ମଲ୍ଟିପର୍ପସ ହେଲ୍‌ଥ ୱାର୍କର୍ସ (ଏମପିଏଚଏସ)ମାନେ କାର୍ଯ୍ୟ କରିବେ। ପରିମଳ ନିରୀକ୍ଷକମାନେ ସେମାନଙ୍କ କାର୍ଯ୍ୟର ରିପୋର୍ଟ ଡେପୁଟି କମିଶନରଙ୍କୁ ଦେବେ। ଯଦି ଡେପୁଟି କମିଶନର ଉକ୍ତ ରିପୋର୍ଟ ସନ୍ତୋଷଜନକ ବୋଲି ୱାର୍କ ସାର୍ଟିଫିକେଟ୍ ଦେବେ ତେବେ ସେମାନଙ୍କୁ ଦରମା ମିଳିବ। ନଚେତ ଦରମା ବନ୍ଦ କରାଯିବ। ଏନେଇ ସିଏମ୍‌ସି କମିଶନର ନିଖିଲ ପଓନ କଲ୍ୟାଣ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ସତ୍ୟବ୍ରତ ଛୋଟରାୟଙ୍କୁ ଚିଠି ଲେଖିବା ସହିତ ଡେପୁଟି କମିଶନରଙ୍କୁ ପରିମଳ ଦାୟିତ୍ୱ ଦିଆଯାଇଥିବା ଶୁକ୍ରବାର ସୂଚନା ମିଳିଛି।

ସହରର ପରିମଳ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ସିଏମ୍‌ସି ବହୁ କୋଟି ଟଙ୍କା ଖର୍ଚ୍ଚ କରୁଛି। କିନ୍ତୁ ସଫେଇ କାର୍ଯ୍ୟର ଉପଯୁକ୍ତ ତଦାରଖ ହେଉ ନ ଥିବାରୁ ସୁଫଳ ମିଳୁନି। ସଫେଇ କାର୍ଯ୍ୟ ତଦାରଖ ପାଇଁ ସିଏମ୍‌ସିରେ ୧୬ ଜଣ ପରିମଳ ନିରୀକ୍ଷକ ଅଛନ୍ତି। ହେଲେ ସେମାନେ କାର୍ଯ୍ୟରେ ଅବହେଳା କରୁଥିବା ଅଭିଯୋଗ ହୋଇଛି। ସେମାନେ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ରହୁଥିବାରୁ ସିଏମ୍‌ସି ପକ୍ଷରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରୁନାହିଁ। କ୍ରମାଗତ ଭାବେ ଏଭଳି ହେବା ପରେ ଶେଷରେ କମିଶନର ସିଡିଏମ୍‌ଓଙ୍କୁ ଚିଠି ଲେଖି ପରିମଳ ନିରୀକ୍ଷକମାନଙ୍କ ଦରମା ସନ୍ତୋଷଜନକ ୱାର୍କ ସାର୍ଟିଫିକେଟ୍ ପ୍ରଦାନ ପରେ ଇସ୍ୟୁ କରିବାକୁ କହିଛନ୍ତି। ଅପରପକ୍ଷରେ ସ୍ୱାସ୍ଥ୍ୟ ଅଧିକାରୀ କେବଳ ଜନସ୍ୱାସ୍ଥ୍ୟ ଯଥା ମଶା ନିୟନ୍ତ୍ରଣ, ସଂକ୍ରାମକ ରୋଗ ନିୟନ୍ତ୍ରଣ କାର୍ଯ୍ୟ ବୁଝିବେ।

# ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



ଛାତ୍ରଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ମାହାଙ୍ଗା,୨୦।୧(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଚାହାପଡା ପଞ୍ଚାୟତ ଜହଳ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନିବାସ ଚନ୍ଦ୍ର କରଙ୍କ ପୌରୋହିତ୍ୟରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପୁରାତନ ଛାତ୍ର ସଂସଦର ସଭାପତି ତଥା ପ୍ରାକ୍ତନ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଉପେନ୍ଦ୍ରନାଥ ବେହେରା ଯୋଗଦେଇଥିଲେ। ସେ କ୍ରୀଡା ଓ ଶିକ୍ଷାର ଅନ୍ତର୍ନିହିତ ଗୁଣାବଳୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ କଟକ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କୁମାର କର, ବିଡିଓ ନୀହାର ରଞ୍ଜନ ମଲିକ, ବିଇଓ ଚକ୍ରଧର ବେହେରା, ମୁଖ୍ୟବକ୍ତା ଭାବେ ଶରତ ଚନ୍ଦ୍ର ପ୍ରଧାନ, ସମ୍ମାନିତ ବକ୍ତା ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ନାଥ ସ୍ୱାଇଁ, ପୂର୍ବତନ ସରପଞ୍ଚ ତଥା ବିଦ୍ୟାଳୟ ପ୍ରତିଷ୍ଠାତା ସଭ୍ୟ ନିରଞ୍ଜନ ବିଶ୍ୱାଳ, ସାମାଜିକ କର୍ମୀ କୈଳାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସେମାନେ ଶାରୀରିକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ସୁଧାଂଶୁ କୁମାର ଦାସ, ପୂର୍ବତନ ଛାତ୍ର ସଂସଦର ସଭ୍ୟ ଦୁର୍ଯ୍ୟୋଧନ ବେହେରା ସହଯୋଗ କରିଥିଲେ। ଅନୁଷ୍ଠିତ କ୍ରୀଡା ଉତ୍ସବକୁ ଚାହାପଡା ସରପଞ୍ଚ ସୁନାକର ବେହେରା ଉଦ୍‌ଘାଟନ କରିଥିବାବେଳେ ପ୍ରଧାନ ଶିକ୍ଷକ କର ଅଧକ୍ଷତା କରିଥିଲେ। ଏଥିରେ ଶିକ୍ଷକ ଜଗନ୍ନାଥ ସ୍ୱାଇଁ ଅତିଥି ପରିଚୟ ,ଶିକ୍ଷୟିତ୍ରୀ କୁସୁମଲତା ଦାସ ବାର୍ଷିକ ବିବରଣୀ ପାଠ ଓ ଶିକ୍ଷକ କୃଷ୍ଣଚନ୍ଦ୍ର ବରାଳ ଧନ୍ୟବାଦ ଦେଇଥିଲେ। ଏଥିରେ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାସ, ସଂଯୁକ୍ତା ପରିଡା, ଅପର୍ଣ୍ଣା ମହାନ୍ତି, ଶିକ୍ଷକ ଅମରେନ୍ଦ୍ର ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋକୁଳାନନ୍ଦ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଛାତ୍ର ଜୀବନ ଭବିଷ୍ୟତ ଗଠନ କରିବାକୁ ପ୍ରକୃଷ୍ଟ ସମୟ



ଅତିଥିମାନେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

## ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟର ବାର୍ଷିକୋତ୍ସବ

ତିଗିରିଆ, ୨୦।୧( ଡି.ଏନ.ଏ.)

ତିଗିରିଆ ବ୍ଲକ ନିଜିଗଡ଼ସ୍ଥିତ ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷା ସୁଧାଂଶୁବାଳା ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଆଠଗଡ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଯୋଗଦେଇ ଶିକ୍ଷାର୍ଥୀ ନିଜର ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ପାଇଁ କଲେଜ ଜୀବନ ପ୍ରକୃଷ୍ଟ ସମୟ। ଏହାର ବିନିଯୋଗ କରିବାକୁ କହିଥିଲେ। ମୁଖ୍ୟବକ୍ତା ଭାବେ ତିଗିରିଆ ପଞ୍ଚାୟତ ସମିତି ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ନିଜିଗଡ଼ ପଞ୍ଚାୟତ ସରପଞ୍ଚ ସଂଯୁକ୍ତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସାଂସ୍କୃତିକ ପରିଷଦର ଉପସଭାପତି ପ୍ରାଧାପକ ସୁଧୀର ଚନ୍ଦ୍ର ନାଥ ସ୍ୱାଗତ ଭାଷଣ ଦେଇଥିଲେ। ମହାବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଶେଷରେ ବରିଷ୍ଠ ଉପଦେଷ୍ଟା ତଥା ପ୍ରାଧାପକ ବିଜୟ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ଶେଷରେ ବିଶିଷ୍ଟ କଣ୍ଠ ଶିଳ୍ପୀ ତାରିକ ଅଜିଜ ସଙ୍ଗୀତ ପରିବେଷଣ କରିଥିଲେ।

## ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟନ କଲେ ବିଧାୟକ

ମଙ୍ଗୁଳି-ଜଗତପୁର,୨୦।୧(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କନ୍ହେଇପୁର ପଞ୍ଚାୟତରେ ମାର୍କେଟ କମ୍ପ୍ଲେକ୍ସର ଉଦ୍‌ଘାଟନ, ତେଲିଆପଡ଼ାସ୍ଥିତ ଘଣ୍ଟଲବନ୍ଧର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କନ୍ହେଇପୁରର ପୂର୍ବତନ ସମିତିସଭ୍ୟ ରାଜେଶ ରଞ୍ଜନ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଉଭୟ ଆୟୋଜିତ କାର୍ଯ୍ୟକ୍ରମରେ ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଥମେ ୧୦ଲକ୍ଷ ଟଙ୍କା ବ୍ୟୟରେ ପରିବା ମାର୍କେଟ କମ୍ପ୍ଲେକ୍ସର ଉଦ୍‌ଘାଟନ ଓ ୪୪ ଲକ୍ଷ ଟଙ୍କା ବ୍ୟୟରେ ଘଣ୍ଟଲବନ୍ଧର ଶିଳାନ୍ୟାସ କରିଥିଲେ। ବନ୍ଧ ନିର୍ମାଣ ଦ୍ୱାରା ପଞ୍ଚାୟତର ପାଖାପାଖି ୪ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଉପକୃତ ହେବେ ବୋଲି ବିଧାୟକ କହିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଧୀରେନ୍ଦ୍ର ଜେଠି, ଟାଙ୍ଗୀ-ଚୌଦ୍ୱାର ବ୍ଲକ ଚେୟାରମ୍ୟାନ ମୀନାକ୍ଷୀ ଦାସ, ଜିଲା ପରିଷଦ ଚିତ୍ତରଞ୍ଜନ ସାମଲ, ସରପଞ୍ଚ ଭରତଚନ୍ଦ୍ର ବେହେରା, ସମିତିସଭ୍ୟା ସୁନନ୍ଦା ସାମଲ ପ୍ରମୁଖ ଯୋଗଦେଇଥିଲେ।

# ପୁରୀରୁ ଆସି କଟକରେ ଭିକ୍ଷାବୃତ୍ତି

**■ ବାର୍ଦ୍ଧକ୍ୟ ଭତ୍ତାରେ ଚଳୁନି ଘର**
**■ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଅଭୟ**

କଟକ ଅଫିସ,୨୦।୧

ସରକାରଙ୍କ ପକ୍ଷରୁ ଦିଆଯାଉଥିବା ମଧୁବାବୁ ପେନ୍‌ସନ୍ ଯୋଜନାରେ ମିଳୁଥିବା ଅର୍ଥ ବଞ୍ଚିବା ପାଇଁ ଅଣ୍ଟୁନି। ସ୍ୱଳ୍ପ ପେନ୍‌ସନ ଅର୍ଥରେ ଘର ଚଳାଇବା କାଠିକାର ହୋଇପଡୁଛି, ଯେଉଁଥିପାଇଁ ପୁରୀ ଜିଲା ଛୋଟପୁର ଗ୍ରାମର ୬୭ ବର୍ଷୀୟ ଅଭୟ କୁମାର ପଟ୍ଟନାୟକ କଟକ ଆସି ଭିକ୍ଷାବୃତ୍ତିକୁ ଆପଣାଇଛନ୍ତି। ଏହି ଅର୍ଥର ପରିମାଣ ବୃଦ୍ଧି କରିବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ପ୍ରାର୍ଥନା କରିଛନ୍ତି।

ମାମଲାର ବିବରଣୀ ଅନୁସାରେ, ଆବେଦନକାରୀ ଅଭୟ ଜଣେ ଗରିବ କୃଷକ। କୃଷି କାର୍ଯ୍ୟକରି ସେ ତାଙ୍କ ପରିବାର ଚଳାଇବା ସହ ଜୀବିକା ନିର୍ବାହ କରୁଥିଲେ। ପୁଅଝିଅ ବଡ଼ ହେବା ପରେ ଝିଅ ବାହାଘର ପାଇଁ ଜମି ବିକ୍ରି କରିଦେଇ ଏବେ ସେ ଭୂମିହୀନ ହୋଇଯାଇଛନ୍ତି। ତାଙ୍କ ପୁଅମାନେ ବେକାର, ମଦ୍ୟପ ହୋଇଥିବାରୁ ବାପାଙ୍କୁ ପୋଷିବାର କ୍ଷମତା ନାହିଁ। ଅଭୟ ସରକାରଙ୍କ ମଧୁବାବୁ ପେନ୍‌ସନ୍ ଯୋଜନାରେ ମାସକୁ ୫୦୦ ଟଙ୍କା ପାଇବା ସହ ସାମାଜିକ ସୁରକ୍ଷା ଯୋଜନାରେ ୫ କେଜି ଚାଉଳ ପାଉଛନ୍ତି। ସରକାର ୬୦ରୁ ୭୯ ବର୍ଷ ଯାଏ ମାସକୁ ୫୦୦ ଓ ୮୦ ବର୍ଷରୁ ୮୦୦ ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ଦେବାର ଯୋଜନା କରିଛନ୍ତି। ତାଙ୍କୁ ୬୭ ବର୍ଷ ହୋଇଥିବାରୁ ସେ ୫୦୦ ଟଙ୍କା ପାଉଛନ୍ତି। ଭତ୍ତା ଅର୍ଥରେ ଚଳିବାକୁ ହେଲେ ଦୈନିକ ୧୬ ଟଙ୍କା ୬୭ ପଇସା ହିଁ ତାଙ୍କୁ ଖର୍ଚ୍ଚ କରିବାକୁ ପଡ଼ିବ। ବର୍ତ୍ତମାନ ମହଙ୍ଗା ଯୁଗରେ ଏତିକି ଟଙ୍କାରେ ପରିବାର ଚଳେଇ ହେଉନି। ତେଣୁ ସେ ଗାଁ ଛାଡ଼ି କଟକ ଚାଲିଆସିଲେ। ବୃଦ୍ଧାବସ୍ଥାରେ ଆଉ କାମଧନ୍ଦା କରିବାର କ୍ଷମତା ନ ଥିବାରୁ କଟକ ରାସ୍ତାରେ ଭିକ୍ଷାବୃତ୍ତିକୁ ଆପଣାଇଛନ୍ତି। ଏହାର ବିଚାର କରି ତାଙ୍କ ବଞ୍ଚିବା ନିମନ୍ତେ ମଧୁବାବୁ ପେନ୍‌ସନ୍ ଯୋଜନା ପରିମାଣ ବୃଦ୍ଧି କରିବା ନିମନ୍ତେ ହାଇକୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ ଦର୍ଶାଇଛନ୍ତି। ସେ ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ସାମାଜିକ ସୁରକ୍ଷା ତଥା ଭିନ୍ନକ୍ଷମ ସଶକ୍ତୀକରଣ ସଚିବ, କଟକ ଓ ପୁରୀ ଜିଲାପାଳଙ୍କୁ ପକ୍ଷଭୁକ୍ତ କରିଛନ୍ତି।

## ୨୩ରେ ମଙ୍ଗୁଳିରେ ଆଇ ହସ୍ପିଟାଲ ଉଦ୍‌ଘାଟନ

ମଙ୍ଗୁଳି-ଜଗତପୁର,୨୦।୧(ଡି.ଏନ୍.ଏ.)

ଟାଙ୍ଗୀ ଥାନା ମଙ୍ଗୁଳିରେ ଲାୟନ୍ସ ହସ୍ପିଟାଲ ପକ୍ଷରୁ ମେଲଭିନ ଜୋନ୍ସ ଆଇ ହସ୍ପିଟାଲ ରାଜ୍ୟପାଳଙ୍କ ଦ୍ୱାରା ଆସନ୍ତା ୨୩ ତାରିଖରେ ଉଦ୍‌ଘାଟନ ହେବ। ଏ ନେଇ ଏକ ଖବରଦାତା ସମ୍ମିଳନୀ ଜରିଆରେ ଚେୟାରମ୍ୟାନ ଗଣେଶ ପ୍ରସାଦ କାଣ୍ଡୋଇ ସୂଚନା ଦେଇଛନ୍ତି। ଏହି ହସ୍ପିଟାଲ ଲୋକଙ୍କ ପାଇଁ ସମ୍ପୂର୍ଣ୍ଣ ମାଗଣା ସେବା ମାସକ ଲାଗି ଯୋଗାଇବା ସହ ରାଜ୍ୟ ସରକାରଙ୍କ ସମସ୍ତ ସ୍ୱାସ୍ଥ୍ୟ ଯୋଜନା କାର୍ଯ୍ୟକାରୀ କରାଯିବ। ମଙ୍ଗୁଳି ଅଞ୍ଚଳରେ ଏହି ହସ୍ପିଟାଲ ହେବା ଦ୍ୱାରା ଗ୍ରାମାଞ୍ଚଳ ଲୋକେ ଉପକୃତ ହେବେ ବୋଲି କାଣ୍ଡୋଇ କହିଛନ୍ତି। ସମ୍ମିଳନୀରେ ହସ୍ପିଟାଲର କାର୍ଯ୍ୟକାରୀ ଅଧକ୍ଷ ମତାଦିନ ଉଦୟପୁରିଆ, ସମ୍ପାଦକ ରାଜେଶ ଝୁନ୍‌ଝୁନ୍‌ୱାଲା, ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶୀଲ ସାନ୍ଥୁକା, ଯୁଗ୍ମ ସମ୍ପାଦକ ଦିଲୀପ ବାଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# 'ଭଲ ମଣିଷ ହେବା ପାଇଁ ସଂସ୍କାର ଜରୁରୀ'



କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଓ ଅନ୍ୟ ଅତିଥିବୃନ୍ଦ।

## ପଞ୍ଚାୟତସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଚୌଦ୍ୱାର,୨୦।୧(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ କୟଳପଡା ପଞ୍ଚାୟତ ଅଧୀନ ଶିମିଳିହାଣ୍ଡିସ୍ଥିତ ବାଲୁଙ୍କେଶ୍ୱର ବିଦ୍ୟାପୀଠ ଖେଳପଡିଆରେ ପଞ୍ଚାୟତସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଯୋଗଦେଇ କହିଥିଲେ, ଭଲ ମଣିଷ ହେବା ପାଇଁ ଶିକ୍ଷା ସହ ସଂସ୍କାର ଜରୁରୀ। ବିଦ୍ୟାର୍ଥୀମାନେ ମାତାପିତାଙ୍କ ଆର୍ଶୀବାଦ ନେବା ଜରୁରୀ ବୋଲି ସେ କହିଥିଲେ। ସ୍ଥାନୀୟ ସରପଞ୍ଚ ଶୈଳବାଳା ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଡିଓ ଆଶୁତୋଷ ମିଶ୍ର, ବିଇଓ ସରୋଜିନୀ ସାହୁ, ଉପାଧକ୍ଷା ସୁପ୍ରିୟା ଜେଠୀ, ଜିଲା ପରିଷଦ ସଦସ୍ୟା ଜ୍ୟୋତ୍ସ୍ନାରାଣୀ ସୁବୁଦ୍ଧିରାୟ, ସମିତି ସଭ୍ୟ ବନ୍ଦନା ସ୍ୱାଇଁ, ତୀର୍ଥାନନ୍ଦ ସୁବୁଦ୍ଧିରାୟ, ଲକ୍ଷ୍ମଣ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପଞ୍ଚାୟତ ସଭାପତି ସୁଧାକର ନାୟକ, ସଞ୍ଜୟ ମହାନ୍ତି, ହେମନ୍ତ ପାତ୍ର, ଜ୍ଞାନ ବିଶ୍ୱାଳ, ସିଆର୍‌ସିସି ରଜେଶ କୁମାର ନାୟକଙ୍କ ସମେତ ପରିଚାଳନା କମିଟିର ସଦସ୍ୟ ଓ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିବାଦୀୟ ଜାଗାରେ ନିର୍ମାଣକୁ ନେଇ ଉତ୍ତେଜନା

**■ ଟାୟାର ଜାଳି ଗ୍ରାମବାସୀଙ୍କ ରାସ୍ତା ଅବରୋଧ**
**■ ଉପଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଉଠିଲେ**

ବାରଙ୍ଗ,୨୦।୧(ଡି.ଏନ୍.ଏ.)

ବାରଙ୍ଗ ତହସିଲ ଅଧୀନ ଫକିରପଡା ଗାଁର ଗୋଚରଜମିରେ ନିର୍ମାଣକୁ ନେଇ ଗତ କିଛିଦିନ ହେବ ଦେଖାଦେଇଥିବା ବିବାଦ ଏବେ ଉଗ୍ରରୂପ ଧାରଣ କରିଛି। ତହସିଲଦାର ଏହି ବିବାଦୀୟ ଜାଗାକୁ ମାପିବା ସହ ଗଦା ହୋଇଥିବା ବାଲିଗୋଡିକୁ ନିଲାମ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସେହି ଜାଗାରେ ଶୁକ୍ରବାର ସକାଳେ ପୁନର୍ବାର ପାଚେରି ନିର୍ମାଣ ହେବାରୁ ଫକିରପଡା ଗାଁରେ ଉତ୍ତେଜନା ଦେଖାଦେଇଥିଲା। ଫଳରେ ଗ୍ରାମବାସୀ ଗାଁମୁଣ୍ଡରେ ବାରଙ୍ଗ-ବାଙ୍କୀ ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ। ଖବରପାଇ ଉପଜିଲାପାଳ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହ ଆଇନ ଅନୁଯାୟୀ ବିବାଦୀୟ ସ୍ଥାନର ମାପ ସହ ଚିହ୍ନଟ କରାଯାଇ ଖେଳପଡ଼ିଆକୁ ଜବରଦଖଲମୁକ୍ତ କରାଯିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ଉଠିଥିଲା।

ପ୍ରକାଶ ଯେ, ଫକିରପଡା ଗାଁମୁଣ୍ଡରେ ଥିବା ଏକ ଗୋଚରଜମିର କିଛି ସ୍ଥାନକୁ ଖେଳପଡ଼ିଆ କରି ଗ୍ରାମର ପିଲାମାନେ ଖେଳୁଥିଲେ। ଏହି ଗୋଚରଜାଗା ପାର୍ଶ୍ୱରୁ ଜଣେ ବ୍ୟକ୍ତି ଜାଗା କିଣିବା ସହ ଖେଳପଡ଼ିଆକୁ କବଜାକୁ ନେଇ ପାଚେରି କରିବା ସହ ବାଲି ଗୋଡି ରଖିଥିଲେ। ଏହାକୁ ବିରୋଧ କରି ଫକିରପଡା ଗ୍ରାମବାସୀ ଜିଲାପାଳଙ୍କ ପାଖରେ ଡିସେମ୍ବର୨୯ରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ବି ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯିବାରୁ ଗତ ସୋମବାର ଗ୍ରାମବାସୀ ତହସିଲଦାର ସ୍ୱସ୍ତିକ ସଙ୍କଳ୍ପ ସାହୁଙ୍କୁ ଭେଟି ଉକ୍ତ ଜାଗାକୁ ନେଇ ଉପୁଜିଥିବା ବିବାଦ ଉପରେ ଆଲୋଚନା କରିଥିଲେ। ୨ଦିନ ମଧ୍ୟରେ ସେଠାରେ ଗଦାହୋଇଥିବା ବାଲିଗୋଡିକୁ ନିଲାମ କରିବାସହ ବିବାଦୀୟ ଜାଗା ଚିହ୍ନଟ ଓ ମାପିବାକୁ ତହସିଲଦାର ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଫେରିଥିଲେ। କିନ୍ତୁ ଶୁକ୍ରବାର ବିବାଦୀୟ ଜାଗାରେ ପୁଣି ପାଚେରି ନିର୍ମାଣ ହେଉଥିବା ଜାଣି ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ଟାୟାର ଜାଳି ସକାଳ ୮ଟାରୁ ବାରଙ୍ଗ-ବାଙ୍କୀ ରାସ୍ତା ଅବରୋଧ କରିଥିଲେ। ଫଳରେ ଗାଡିମୋଟର ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ଖବରପାଇ ବାରଙ୍ଗ ଥାନାଧିକାରୀ ଆକାଶଚନ୍ଦ୍ର ରଣା ଫୋର୍ସ ନେଇ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଗ୍ରାମବାସୀ ବେଆଇନ କାମକୁ ବନ୍ଦ କରିବାକୁ ଜିଦ୍ ଧରିବସିଥିଲେ। ଉପଜିଲାପାଳ କମଳଜିତ ଦାଶ ଆସି ବିବାଦୀୟ ସ୍ଥାନକୁ ଚିହ୍ନଟ ଓ ମାପ କରାଯାଇ ଜବରଦଖଲମୁକ୍ତ କରାଯିବ ଓ ପାଚେରି କାମ ବନ୍ଦକରିବା ନେଇ ପ୍ରତିଶ୍ରୁତି ଦେବାପରେ ରାସ୍ତାରୁ ଗ୍ରାମବାସୀ ହଟିଥିଲେ। ଏହାପରେ ରାସ୍ତାରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଆଡିସନାଲ ଡିସିପି ଏସ୍.କେ. ସରିଫଉଦ୍ଦିନ, ଜୋନ-୪ ଏସିପି ଚନ୍ଦନ ଘଡେଇ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।



ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

## ୬ଜଣଙ୍କୁ ଉଠାଇ ନେଲା ପୋଲିସ, ଥାନା ଘେରିଲେ ମହିଳା

ଫକିରପଡା ଗ୍ରାମବାସୀ ସ୍ଥାନୀୟ ଏକ ଗୋଚରଜମିରେ କିଛି ସ୍ଥାନକୁ ଜଣେ ବ୍ୟକ୍ତି ଜବରଦଖଲ କରାଯାଇଥିବାର ପ୍ରତିବାଦରେ ଶୁକ୍ରବାର ବାରଙ୍ଗ-ବାଙ୍କୀ ରାସ୍ତାକୁ ଅବରୋଧ କରିଥିଲେ। ପରେ ଉପଜିଲାପାଳ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବସୀଙ୍କୁ ବୁଝାଶୁଝା କରି ବିବାଦୀୟ ଜାଗା ଚିହ୍ନଟ ଓ ମାପ କରିବା ସହ ଜବରଦଖଲ ଉଚ୍ଛେଦ କରିବାର ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ରାସ୍ତାରୁ ଉଠିଥିଲେ। ତେବେ ପୂର୍ବ ସୂଚନା ନ ଦେଇ ରାସ୍ତା ଅବରୋଧ କରି ସାଧାରଣ ଲୋକଙ୍କୁ ହଇରାଣ କରିଥିବା ଅଭିଯୋଗରେ ବାରଙ୍ଗ ଥାନା ପୋଲିସ ରାତିରେ ଫକିରପଡା ଗ୍ରାମର ୬ଜଣଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିଥିଲା। ଏହା ଜାଣିବା ପରେ ଗ୍ରାମର ଶତାଧିକ ମହିଳା ରାତିରେ ଆସି ବାରଙ୍ଗ ଥାନା ଘେରାଉ କରିବା ସହ ଉଠାଇ ଆଣିଥିବା ୬ଜଣଙ୍କୁ ଛାଡ଼ିବାକୁ ଦାବି କରିଥିଲେ। ଦିନରେ ନିଷ୍ପତ୍ତି ହୋଇଥିବାବେଳେ କାହିଁକି ଗିରଫ କରାଗଲା ବୋଲି ପୋଲିସକୁ ପ୍ରଶ୍ନ କରିବା ସହ ୬ଜଣଙ୍କୁ ନ ଛାଡିବା ପର୍ଯ୍ୟନ୍ତ ଯିବୁ ନାହିଁ ବୋଲି ଜିଦ ଧରି ବସିଥିଲେ। ଖବରପାଇ ଆଡସିନାଲ ଡିସିପି ଏସ୍.କେ. ସରିଫ ଉଦ୍ଦିନ, ଜୋନ-୪ ଏସିପି ଚନ୍ଦନ ଘଡେଇ ଥାନାରେ ପହଞ୍ଚି ଉତ୍ତ୍ୟକ୍ତ ମହିଳାମାନଙ୍କୁ ବୁଝାଶୁଝା କରିଥିଲେ ମଧ ସେମାନେ ଜିଦ୍‌ରେ ଅଟଳ ରହିଥିଲେ।

## ଅହମ୍ମଦୀୟା ମହିଳା ସଙ୍ଗଠନର ଶତବାର୍ଷିକ ପାଳନ

ତିଗିରିଆ, ୨୦।୧(ଡି.ଏନ.ଏ.)

ତିଗିରିଆ ବ୍ଲକ ଜମାତ ଅହମ୍ମଦୀୟା ପଙ୍କାଳ ଜମା ମସ୍‌ଜିଦଠାରେ ଜମାତ ଅହମ୍ମଦୀୟା ମହିଳା ସଙ୍ଗଠନର ଶତବାର୍ଷିକ ପୂର୍ତ୍ତି ଉତ୍ସବ ୨ଦିନ ଧରି ପାଳିତ ହୋଇଯାଇଛି। ଉତ୍ସବରେ ପଙ୍କାଳ ଗ୍ରାମ୍ୟ ମହିଳା (ଲଜନା ଇମାଇଲା) କମିଟିର ସଭାନେତ୍ରୀ ସାହେଦା ବେଗମ ସାହେବା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କଟକ ଓ କେନ୍ଦ୍ରାପଡ଼ା ଜିଲା ମହିଳା ସଭାନେତ୍ରୀ ନଇଁମକ୍ଷ ବେଗମ ସାହେବା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ମୋକରମା ବୁଶ୍ରା ନୁସୁରତ ପବିତ୍ର କୋରାନ ଶ୍ଳୋକ ଆବୃତ୍ତ କରିଥିବା ବେଳେ ମୋକରମା ଜହିରା ବେଗମ ସାହିବା ଉର୍ଦ୍ଦୁ କବିତା ଓ ମୋକରମା ଅମତୁଲ ନଶିରା ବେଗମ ସାହିବା ଓଡ଼ିଆ କବିତା ଗାନ କରିଥିଲେ। ସମ୍ମାନନୀୟା ଅତିଥି ଭାବେ ବଡ଼ମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ଅଧକ୍ଷା ଶୁଚିସ୍ମିତା ସାହୁ, ଅଧ୍ୟାପିକା ସରିତା ସାହୁ ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବିବାସିନୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ଉତ୍ସବରେ ତବରକା ବେଗମ ସାହିବା, ଜରିମନ ବିବି, ନୟରା ବେଗମ, ଅମତୁଲ ବେଗମ ପ୍ରମୁଖ ନିଜ ବକ୍ତବ୍ୟ ମାଧ୍ୟମରେ ଲଜନା ଇମାଇଲା(ମହିଳା ସଙ୍ଗଠନ) ଗଠନର ତାତ୍ପର୍ଯ୍ୟ, କାର୍ଯ୍ୟକାରିତା ଏବଂ ଏକଶତ ବର୍ଷ ପୂର୍ତ୍ତି ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ମୋକରମା ଜାହାନାରକ୍ଷ ବେଗମ ସାହିବା ସଂଯୋଜନା କରିଥିଲେ।

## ସଂକ୍ଷେପରେ

### କଲେଜରୁ ଚୋରିକରି ଯୁବକ ଗିରଫ

ବାରଙ୍ଗ,୨୦।୧(ଡି.ଏନ୍.ଏ.)- ଚନ୍ଦକା ଥାନା ଅଧୀନ ଗୋଠପାଟଣାରେ ଥିବା ଏକ ଇଞ୍ଜିନିୟରିଂ କଲେଜ କ୍ୟାମ୍ପସରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ାର ରବୀନ୍ଦ୍ର ଚନ୍ଦ୍ର ମଣ୍ଡଳ। ତାଙ୍କଠାରୁ ଡିଜି ମେଶିନରୁ ଏକ ବ୍ୟାଟେରି ଓ ଆଲୁମିନିୟମ ଶିଡି ଜବତ କରିଛି। ରବୀନ୍ଦ୍ର ଗୁରୁବାର ରାତିରେ ଉକ୍ତ କଲେଜକୁ ଆସି ଜେନେରେଟରର କିଛି ତାର ଓ ବ୍ୟାଟେରି ଚୋରି କରୁଥିଲେ। ଶବ୍ଦ ଶୁଣି ଇଲେକ୍ଟ୍ରିସିଆନ ଏବଂ ସିକ୍ୟୁରିଟିମାନେ ଉଠି ପାଟି କରିବାରୁ ରବୀନ୍ଦ୍ର ଖସି ପଳାଇଥିଲା। କର୍ମଚାରୀମାନେ ପିଛାକରି ତାଙ୍କୁ ନ ପାଇବାରୁ ଶୁକ୍ରବାର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ.୨୭/୨୨ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। କଲେଜର ସିସି କ୍ୟାମେରାରୁ ରବୀନ୍ଦ୍ରଙ୍କୁ ଚିହ୍ନଟ କରି ପୋଲିସ ଗିରଫ କରିଥିଲା।

### ଉଦ୍ଧାର ମାଛରଙ୍କା ବିରାଡ଼ି ନନ୍ଦନକାନନ ଆସିଲା

ବାରଙ୍ଗ,୨୦।୧(ଡି.ଏନ୍.ଏ.)- ଖୋର୍ଦ୍ଧା ଡିଭିଜନ ବାଲିଅନ୍ତା ରେଞ୍ଜ ନିକଟରୁ ଉଦ୍ଧାର ହୋଇଥିବା ଅଣ୍ଡିରା ମାଛରଙ୍କା ବିରାଡିକୁ ଚିକିତ୍ସା ପାଇଁ ଶୁକ୍ରବାର ଅପରାହ୍ନରେ ନନ୍ଦନକାନନ ପ୍ରାଣୀଉଦ୍ୟାନକୁ ଅଣାଯାଇଛି। ମାଛରଙ୍କା ବିରାଡିକୁ ଏକ ଅଜଣା ଗାଡି ଧକ୍କା ଦେଇଥିଲା। ଖବରପାଇ ବନ ବିଭାଗ ରାସ୍ତାରୁ ଗୁରୁତର ଅବସ୍ଥାରେ ତାକୁ ଉଦ୍ଧାର କରି ନନ୍ଦନକାନନ କୁ ପଠାଇଛି। ତା'ର ବହୁଗୁଣିତ ଅସ୍ଥିର ଭଗ୍ନାବସ୍ଥା ସହ ମୁଣ୍ଡର ଖପୁରି ଏବଂ ତଳ ହନୁହାଡ ଭାଙ୍ଗିଛି। ଫଳରେ ଗୁରୁତର ଥିବାରୁ କର୍ତ୍ତୃପକ୍ଷ ପ୍ରଥମେ ବନ୍ୟପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସକମାନଙ୍କ ଦ୍ୱାରା ପ୍ରାଥମିକ ସ୍ୱାସ୍ଥ୍ୟପରୀକ୍ଷା କରିଥିଲେ। ଏହାପରେ କ୍ୱାରେଣ୍ଟାଇନର ପୃଥକୀକରଣ ଏନକ୍ଲୋଜରରେ ରଖି ଚିକିତ୍ସା ଆରମ୍ଭ କରାଯାଇଛି। ଆହତ ମାଛରଙ୍କା ବିରାଡି ଆସିବା ପରେ ନନ୍ଦନକାନନରେ ଏହି ପ୍ରଜାତିର ବିରାଡି ସଂଖ୍ୟା ୩କୁ ବୃଦ୍ଧିପାଇଛି। ସେଥିମଧ୍ୟରେ ୨ ମାଈ ଓ ଗୋଟିଏ ଅଣ୍ଡିରା।

### ସଂସ୍କୃତି, ସାହିତ୍ୟ ଚର୍ଚ୍ଚା ଶିକ୍ଷା ବ୍ୟବସ୍ଥାକୁ ଋଦ୍ଧିମନ୍ତ କରେ

ଭୁବନେଶ୍ୱର,୨୦।୧(ବ୍ୟୁରୋ)- ରମାଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ପ୍ରେକ୍ଷାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧକ୍ଷା ଡ.ଉର୍ମିଳା ଦାସ ସଭାପତିତ୍ୱ କରି ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଓଡ଼ିଆ ଚଳଚ୍ଚିତ୍ର ସଂଳାପକାର, ଗୀତିକାର ଡ.ରଜନୀରଞ୍ଜନ ଯୋଗଦେଇ ସଂସ୍କୃତି ଓ ସାହିତ୍ୟ ପରିଚର୍ଚ୍ଚାଶିକ୍ଷାବ୍ୟବସ୍ଥାକୁ ଋଦ୍ଧିମନ୍ତ କରିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କବି ତଥା ବ୍ୟଙ୍ଗକାର ସତ୍ୟାନାଶ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅଭିନେତା ସ୍ୱରାଜ ବାରିକ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ସହିତ ସମ୍ପୃକ୍ତ କେତେଜଣ ମହିଳା ଓ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧାପିକା ଅପରାଜିତା ମହାପାତ୍ର ଅତିଥି ପରିଚୟ ଓ ଅଧାପିକା ଗ୍ଲାଡସି ବେକ ଧନ୍ୟବାଦ ଦେଇଥିଲେ।

# 'ସମସ୍ତେ ମିଶି ସହରକୁ ସ୍ୱଚ୍ଛ, ସବୁଜ ସୁନ୍ଦର କରିବା'

## 'ଭୁବନେଶ୍ୱର ଫାଷ୍ଟ' ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର,୨୦।୧(ବ୍ୟୁରୋ)

ସ୍ଥାନୀୟ ଭଞ୍ଜକଳା ମଣ୍ଡପରେ ଶୁକ୍ରବାର 'ଭୁବନେଶ୍ୱର ଫାଷ୍ଟ'ର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଛି। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ବିଏମ୍‌ସି ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂହ, ଅତିରିକ୍ତ ପୋଲିସ କମିଶନର ଡ. ଉମାଶଙ୍କର ଦାଶ, ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ, ଓଏଫ୍‌ଡିସି ଜିଏମ୍ ସୁଧାଂଶୁ ଖୋରା, ବିଏମ୍‌ସି ସ୍ୱଚ୍ଛତା ଆମ୍ବାସାଡାର ତଥା ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ ଓ ଷ୍ଟାଣ୍ଡିଂ କମିଟି(ପବ୍ଲିକ୍ ହେଲଥ୍) ଅଧ୍ୟକ୍ଷ ପ୍ରମୁଖ ଯୋଗଦେଇ ଏହାର ଲୋଗୋ ଉନ୍ମୋଚନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭିଡିଓ ବାର୍ତ୍ତାରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସହରକୁ ସ୍ୱଚ୍ଛ, ସବୁଜ ତଥା ସୁନ୍ଦର ରଖିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ଭିଡିଓ ମାଧ୍ୟମରେ ଅପିଲ କରିଥିଲେ। ପରେ ଅନ୍ୟଏକ ଭିଡିଓ ମାଧ୍ୟମରେ ଅଭିଯାନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦିଆଯାଇଥିଲା। ପଦାଧିକାରୀ,



କାର୍ଯ୍ୟକ୍ରମରେ ଅତିଥିମାନେ 'ଭୁବନେଶ୍ୱର ଫାଷ୍ଟ'ଅଭିଯାନର ଲୋଗୋକୁ ଉନ୍ମୋଚନ କରୁଛନ୍ତି।

ଜନପ୍ରତିନିଧି ଏବଂ ନାଗରିକଙ୍କ ସହଯୋଗିତା ଓ ସହଭାଗିତାରେ ଏହି ଅଭିଯାନ ସଫଳ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି। ସହରର ସବୁ ବର୍ଗର ବ୍ୟକ୍ତି ଧର୍ମ, ବୟସ, ଶିକ୍ଷା ଆଦିରୁ ଊର୍ଦ୍ଧ୍ୱରେ ରହି ସହରକୁ ନିଜ ଜନ୍ମଭୂମି ଓ କର୍ମଭୂମି ବିଚାର କରି ଏହାର ଉନ୍ନତି ଦିଗରେ ସଜାଗ ରହିବା ପାଇଁ ବାର୍ତ୍ତା ଦିଆଯାଇଛି। ସହରରବାସୀଙ୍କ ଜୀବନଶୈଳୀକୁ ସରଳ କରିବା ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ପ୍ରତ୍ୟେକ ନିଜକୁ ସାମିଲ କରାଯିବାର ଆବଶ୍ୟକତା ରହିଛି। ପରିମଳ ରକ୍ଷା, ନିର୍ମାଣ, ସ୍ୱାସ୍ଥ୍ୟ, ଶିକ୍ଷା, ଟ୍ରାଫିକ୍ ପରିଚାଳନା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ, କଳା ଓ ସଂସ୍କୃତ ଓ ପର୍ଯ୍ୟଟନକୁ ପ୍ରୋତ୍ସାହନ, ପ୍ରଦୂଷଣ ରୋକିବା ଦିଗରେ ଅଧିକାରୀ, ଜନ ପ୍ରତିନିଧି ଏବଂ ନାଗରିକ ସଜାଗ ରହିବା ଉଚିତ୍। ସହରରକୁ ସ୍ୱତନ୍ତ୍ରତା ପ୍ରଦାନ ନିମନ୍ତେ ଅନେକ ପଦକ୍ଷେପ ନିଆଯାଉଛି। ପରିମଳ ସୁରକ୍ଷା ହେଉବା ସୌନ୍ଦର୍ଯ୍ୟ କରଣ ଦିଗରେ କରାଯାଉଥିବା ବିଭିନ୍ନ କାର୍ଯ୍ୟ ପ୍ରତି ଗୁରୁତ୍ୱ ଦେବା ତଥା ବିଭିନ୍ନ ପ୍ରକଳ୍ପର ରକ୍ଷଣାବେକ୍ଷଣାକୁ ଅଣଦେଖା ନକରିବା ଏହି ଅଭିଯାନର ଲକ୍ଷ୍ୟ ରହିଛି।

ବିଧାୟକ ଜେନା କହିଲେ, ବାହାରୁ ଆସୁଥିବା ପର୍ଯ୍ୟଟକମାନେ ଭୁବନେଶ୍ୱରର ସୌନ୍ଦର୍ଯ୍ୟକରଣକୁ ବେଶ୍ ପ୍ରଶଂସା କରୁଛନ୍ତି। ତେଣୁ ସମସ୍ତଙ୍କ ସହଯୋଗରେ ଆମେ ଏହାକୁ ଦେଶରୁ ସବୁଠାରୁ ଉତ୍କୃଷ୍ଟ ବାସୋପଯୋଗୀ ସହରରେ ପରିଣତ କରିବାକୁ ଚେଷ୍ଟା କରିବା। ସୁଲୋଚନା ଦାସ କହିଛନ୍ତି, ଭୁବନେଶ୍ୱର ସହର ଆମ ସମସ୍ତଙ୍କର। ତେଣୁ ଏହାର ଉନ୍ନତି ମଧ୍ୟ ଆମର ଦାୟିତ୍ୱ। ଖୁବ୍ କମ୍ ସମୟ ମଧ୍ୟରେ ସହରର ଅନେକ ବିକାଶ ହୋଇପାରିଛି। ସମସ୍ତଙ୍କର ସହଯୋଗ ରହିଲେ ସହରକୁ ଅଧିକରୁ ଅଧିକ ବାସୋପଯୋଗୀ କରାଯାଇପାରିବ। ବିଡିଏ ଉପାଧ୍ୟକ୍ଷ ସିଂ କହିଲେ, ଭୁବନେଶ୍ୱର ଫାଷ୍ଟ ଅଭିଯାନକୁ ସଫଳ କରିବା ପାଇଁ ପ୍ରଥମେ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ ହେବା ଜରୁରୀ। ଅତିରିକ୍ତ ପୋଲିସ କମିଶନର ଦାଶ କହିଲେ, ବିଏମସି, ବିଡିଏ, ପୋଲିସ ଓ ରାଜନୈତିକ ବ୍ୟକ୍ତିଙ୍କ ଉଦ୍ୟମରେ ସହର ଅଧିକ ବିକାଶ କରାଯାଇପାରିବ। ନାଗରିକମାନେ ଏଥିରେ ସାମିଲ ହେବା ନିତାନ୍ତ ଜରୁରୀ। ବିଏମ୍‌ସି କମିଶନର କୁଲାଙ୍ଗେ କହିଲେ, ସହରର ପ୍ରତ୍ୟେକ ବ୍ୟକ୍ତି ନିଜ ସ୍ତରରେ ଉଦ୍ୟମ କରିବା ଜରୁରୀ। ଜଣେ ଶିକ୍ଷକ ନିଜ ସହରକୁ କିପରି ସବୁଜ, ସୁନ୍ଦର କରିପାରିବା ସେ ଦିଗରେ ଶିକ୍ଷା ଦେବା ଉଚିତ୍। ଅଟୋ ଡ୍ରାଇଭର ହୁଅନ୍ତୁ ବା ମୋ ବସ୍ ଡ୍ରାଇଭର, ସମସ୍ତେ ଏକ୍ଷେତ୍ରରେ ଆଗକୁ ପାଦ ବଢ଼ାଇବା ଉଚିତ।

## ବୁଲେଟ୍ ଜଳିଗଲା



ଭୁବନେଶ୍ୱର,୨୦।୧(ବ୍ୟୁରୋ) : ଖଣ୍ଡଗିରି ଥାନା ଅନ୍ତର୍ଗତ ଶିରିପୁର ଛକରେ ଶୁକ୍ରବାର ଏକ ବୁଲେଟ୍ ଗାଡ଼ିରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯାଇଛି। ଜଳିବା ସମୟରେ ନିଆଁ ଉପରକୁ ଉଠିବା ସହ ପ୍ରବଳ ଶବ୍ଦ ହୋଇଥିଲା। ପରେ ସ୍ଥାନୀୟ ଅଗ୍ନିଶମ ବିଭାଗ ଆସି ନିଆଁକୁ ଆୟତ୍ତ କରିଥିଲେ। ତେବେ ବୁଲେଟଟି ସୁକାନ୍ତ କୁମାର ଖୁଣ୍ଟିଆଙ୍କର ବୋଲି ଜଣାପଡିଛି। ଏଥିରେ କାହାର କିଛି କ୍ଷତି ହୋଇନାହିଁ। ବ୍ୟାଟେରି ଶର୍ଟସର୍କିଟ ଯୋଗୁ ଏଭଳି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାନୁସାରେ ପୂର୍ବାହ୍ନ ସମୟରେ ବୁଲେଟ୍‌ଟି ଶିରିପୁର ଛକ ରାସ୍ତାପାର୍ଶ୍ୱରେ ଛିଡା ହୋଇଥିଲା। ଏହି ସମୟରେ ଗାଡ଼ିରେ ଅଚାନକ ନିଆଁ ଲାଗିଯାଇଥିଲା। ଗାଡ଼ିଟି ଜଳିବା ଦେଖି ରାସ୍ତାରେ ଯାଉଥିବା ଯାତ୍ରୀମାନେ ଆତଙ୍କିତ ହୋଇଥିଲେ।

# ଡିସିପି କାର୍ଯ୍ୟାଳୟ ସମ୍ମୁଖରେ ମହିଳାଙ୍କ ବିକ୍ଷୋଭ




ଭୁବନେଶ୍ୱର,୨୦।୧(ବ୍ୟୁରୋ)

ରାଜଧାନୀରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଦର୍ଶାଇ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ଡିସିପି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପଟିଆ ରେଳଷ୍ଟେଶନ ଅଞ୍ଚଳରେ ଗତ କିଛିଦିନ ତଳେ ଘଟିଥିବା ନାବାଳିକା ଗଣବଳାତ୍କାର ମାମଲାର ନିରପେକ୍ଷ ତଦନ୍ତ ସହ ପୀଡ଼ିତାଙ୍କୁ ଆର୍ଥିକ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରାଯାଇଛି। ଏହା ବ୍ୟତୀତ ସହରରେ ପ୍ରତିଦିନ ଘଟୁଥିବା ରାହାଜାନି, ଛିନତାଇ ଆଦି ଘଟଣାରେ ପୋଲିସ୍ କାର୍ଯ୍ୟଧାରା ଉପରେ ଆନ୍ଦୋଳନକାରୀମାନେ ପ୍ରଶ୍ନ ଉଠାଇଛନ୍ତି। ଭୁବନେଶ୍ୱରବାସୀଙ୍କ ଧନ ଜୀବନ ସୁରକ୍ଷା ପାଇଁ ବିହିତ ପଦକ୍ଷେପ ନେବା ପାଇଁ ସମିତି ପକ୍ଷରୁ ଦାବି କରାଯାଇଛି। ସହରରରେ ଆଲୋକୀକରଣ ସହ ପୋଲିସ୍ ପାଟ୍ରୋଲିଂ ବ୍ୟବସ୍ଥାକୁ ସୁଦୃଢ଼ କରାଯାଉ ବୋଲି ଦାବିରେ ଦର୍ଶାଯାଇଛି। ସେହିପରି ସହରରେ ଅବାଧରେ ଚାଲିଥିବା ଡ୍ରଗ୍ସକାରବାର ଉପରେ ରୋକ୍ ଲଗାଇବା ସହ ପ୍ରତ୍ୟେକ ଥାନାରେ ମହିଳା-ଶିଶୁ ଡେସ୍କର ପରିଚାଳନା ପାଇଁ ପଦକ୍ଷେପ ନେବା ପାଇଁ ସମିତିର କେନ୍ଦ୍ରୀୟ ସମ୍ପାଦିକା ତାପସୀ ପ୍ରହରାଜ, ଖୋର୍ଦ୍ଧା ଜିଲା କମିଟି ସଭାନେତ୍ରୀ ମିନତୀ ପାଣିଗ୍ରାହୀ, ସମ୍ପାଦିକା ନୟନା ନାୟକ ପ୍ରମୁଖ ପ୍ରକାଶ କରିଥିଲେ। ଏନେଇ ଡିସିପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଭୁବନେଶ୍ୱର ଆଞ୍ଚଳିକ କମିଟି ସମ୍ପାଦିକା ବିମଳୀ ନାୟକ, ସଭାନେତ୍ରୀ ଚିନ୍ମୟୀ ରାଉତ, ନିରୁପମା ରାଉତ, ଯଶୋଦା ନାୟକ ଓ ରଞ୍ଜୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ କାର୍ଯ୍ୟରେ ଓଡ଼ିଆ ବ୍ୟବହାର ପ୍ରଶିକ୍ଷଣ ଉଦ୍‌ଯାପିତ

ଭୁବନେଶ୍ୱର,୨୦।୧(ବ୍ୟୁରୋ)

ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଲୋକସେବା ଭବନରେ କାର୍ଯ୍ୟରତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମ ୫ଦିନ ଧରି ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ଚିକାୟତରାୟ, ଡ. ବୈଷ୍ଣବଚରଣ ମହାନ୍ତି, ଡ. ହରପ୍ରସାଦ ମିଶ୍ର, ସନ୍ତୋଷ ରଥ, ସୁରେନ୍ଦ୍ର ଦାଶ ଓ ଡ. ଦେବାଶିଷ ମହାପାତ୍ର ଆଦି ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ଓଡ଼ିଆ ଭାଷାର ବ୍ୟବହାରରେ ସହାୟକ ପାଇଁ ସେମାନଙ୍କୁ ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ ପ୍ରଶାସନିକ ଶବ୍ଦକୋଷ ଓ କାର୍ଯ୍ୟାଳୟ ନଥି ପୁସ୍ତକ ପ୍ରଦାନ କରାଯାଇଥିଲା। ପ୍ରାୟ ୪୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଉଦ୍‌ଯାପନୀ ଦିବସରେ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ ଯୋଗ ଦେଇଥିଲେ।

## ଏନ୍‌ସିସି କ୍ୟାଡେଟ୍ ଜାଣିଲେ ଟ୍ରାଫିକ ନିୟମ

ଭୁବନେଶ୍ୱର,୨୦।୧(ବ୍ୟୁରୋ):

ଭୁବନେଶ୍ୱର ସହରାଞ୍ଚଳ ଟ୍ରାଫିକ ଥାନା-୧ ତରଫରୁ ପଳାସପଲ୍ଲୀ କ୍ୟାମ୍ପସ ମଧ୍ୟରେ ଥିବା ଏନ୍‌ସିସି ଏୟାର ସ୍କ୍ୱାଡ୍ରନ କ୍ୟାମ୍ପରେ ଏକ ଟ୍ରାଫିକ ସଚେତନା କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲର ଏନ୍‌ସିସି ଏୟାର ୱିଙ୍ଗ କ୍ୟାଡେଟମାନେ ଯୋଗ ଦେଇଥିବାବେଳେ ଟ୍ରାଫିକ ଅଧିକାରୀ ଜେ.କେ ବାରିକ କ୍ୟାଡେଟମାନଙ୍କୁ ସ୍ମାର୍ଟ ସିଟି ଟ୍ରାଫିକ ପ୍ରଣାଳୀ, ଟ୍ରାଫିକ ନିୟମ ବୁଝାଇଥିଲେ। ଓଡ଼ିଶା ସହରାଞ୍ଚଳ ପୋଲିସ ଆଇନ-୨୦୦୩ର ଆବଶ୍ୟକତା, ୪ ସିଦ୍ଧାନ୍ତର ମୁଖ୍ୟ ଉଦ୍ଦେଶ୍ୟ ତଥା ୧୮ ବର୍ଷରୁ କମ ବୟସ୍କଙ୍କ ଗାଡିଚାଳନାକୁ ବାରଣ କରାଯାଇଥିବା ନେଇ କ୍ୟାଡେଟମାନଙ୍କୁ ସୂଚନା ଦିଆଯାଇଥିଲା।

## ବସ୍ତି ବୁଲିଲେ ତାମିଲନାଡୁ କ୍ରୀଡା ମନ୍ତ୍ରୀ ଷ୍ଟାଲିନ୍



ଭୁବନେଶ୍ୱର, ୨୦।୧ (ବ୍ୟୁରୋ)

ତାମିଲନାଡୁର ଯୁବ କଲ୍ୟାଣ ଓ କ୍ରୀଡ଼ା ଉନ୍ନୟନ ମନ୍ତ୍ରୀ ଥିରୁ ଉଦୟନିଧି ଷ୍ଟାଲିନ୍ ଶୁକ୍ରବାର ଭୁବନେଶ୍ୱରର ବସ୍ତି ଅଞ୍ଚଳ ବୁଲି ଦେଖିଛନ୍ତି। ଇଶାନେଶ୍ୱର ବିଜୁ ଆଦର୍ଶ କଲୋନୀ ଗସ୍ତରେ ଯାଇ ସହରବାସୀଙ୍କ ଜୀବନରେ ପରିବର୍ତ୍ତନ ଆଣୁଥିବା ଓଡ଼ିଶାର ଫ୍ଲାଗଶିପ୍ ବିକାଶ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏଥିସହ ଜାଗା ମିଶନ ଅଧୀନରେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ବୁଲି ଦେଖିବା ସହ ବସ୍ତି ବାସିନ୍ଦା, ମିଶନ ଶକ୍ତି କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ବସ୍ତିରେ ରହୁଥିବା ବିଭିନ୍ନ ବର୍ଗ ତଥା ଗରିବ ଲୋକଙ୍କୁ ସଶକ୍ତ କରିବାକୁ ରାଜ୍ୟ ସରକାରଙ୍କ ଉଦ୍ୟମକୁ ସେ ଧନ୍ୟବାଦ ଦେଇଥିଲେ। ଏଥିସହ ଟ୍ୟାପ୍ ଯୋଗେ ପାନୀୟ ଜଳ, ମୁକ୍ତା ଯୋଜନା ଅନ୍ତର୍ଗତ ବର୍ଷା ଅମଳ ଜଳଠାରୁ ଆରମ୍ଭ କରି ମୁକ୍ତାକାଶ ଜିମ୍, ମିନି ପାର୍କ ଭଳି ବିଭିନ୍ନ ଲୋକକୈନ୍ଦ୍ରିକ କାର୍ଯ୍ୟକ୍ରମ ଦେଖି ଖୁସି ପ୍ରକାଶ କରିଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମରେ ତାମିଲନାଡୁର ବରିଷ୍ଠ ଅଧିକାରୀଙ୍କ ସହ ମୁଖ୍ୟ ଶାସନ ସଚିବ, ଏଚ୍ ଆଣ୍ଡ୍ ୟୁଡି, ଓଡିଶାର ଜି ମାଥି ଭାଥାନନ, ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ, ଜାଗା ମିଶନ ଆଡିଶନାଲ ମିଶନ୍ ଡାଇରେକ୍ଟର ସୌରୀନ୍ଦ୍ର ରାଉତରାୟ ଏବଂ ଜଏଣ୍ଟ ସେକ୍ରେଟାରୀ ସାରଦା ପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## 'ଜୟଦେବ ସମାରୋହ' ଉଦ୍‌ଘାଟିତ

# ମନମୋହିଲା ଓଡ଼ିଶୀ ସଙ୍ଗୀତ, ଛଉ ନୃତ୍ୟ

ଭୁବନେଶ୍ୱର,୨୦।୧(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ୫୭ତମ ବାର୍ଷିକ ଉତ୍ସବ 'ଜୟଦେବ ସମାରୋହ' ଶୁକ୍ରବାର ଉତ୍କଳ ମଣ୍ଡପରେ ଉଦ୍‌ଘାଟିତ ହୋଇଛି। ବିଭାଗୀୟ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ସଙ୍ଗୀତ ଗୁରୁ ରାମହରି ଦାସ, ଛଉ ନୃତ୍ୟ ଗୁରୁ ସଦାଶିବ



ପ୍ରଧାନ, ଅଧ୍ୟକ୍ଷ ଡ. ବିଜୟ ଜେନା ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ସନ୍ଧ୍ୟାରେ ଗୁରୁ ଭାରତୀ ଜେନାଙ୍କ ନିର୍ଦ୍ଦେଶନା ଓ ଗୁରୁ ପ୍ରଦୀପ ଦାସଙ୍କ ପରିଚାଳନାରେ 'ବୃନ୍ଦ ଓଡ଼ିଶୀ ସଙ୍ଗୀତ' ଗାୟନ କରାଯାଇଥିଲା। ପରେ ଗୁରୁ ପ୍ରଶାନ୍ତ ପାଢ଼ୀଙ୍କ ନିର୍ଦ୍ଦେଶନାରେ 'ମେଲୋଡି ଅଫ୍ ଷ୍ଟ୍ରିଙ୍ଗସ୍' ହୋଇଥିଲା। ପରେ ଗୁରୁ ପ୍ରଦ୍ୟୁମ୍ନ ମହାନ୍ତି ଓ ଗୁରୁ ସଦାଶିବ ପ୍ରଧାନଙ୍କ ନାଟିକା 'କପଟ କଥା' ପରିବେଷଣ ହୋଇଥିଲା।

# ବାଥୁଡ଼ି, ସାନ୍ତାଳଙ୍କ କଳାବସ୍ତୁ ପ୍ରଦର୍ଶିତ

ଭୁବନେଶ୍ୱର,୨୦।୧(ବ୍ୟୁରୋ)

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନର ସାନ୍ତାଳ ଘର ପରିସର ଓ ଜୁଆଙ୍ଗ ମଣ୍ଡପରେ ଓଡ଼ିଶାର ୨ଟି ଜନଜାତି ଯଥା-ବାଥୁଡ଼ି ଓ ସାନ୍ତାଳମାନଙ୍କର କଳା ଓ କଳାବସ୍ତୁ ପ୍ରଦର୍ଶନୀ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ସହଯୋଗିତାରେ ଆୟୋଜିତ ଏହି ପ୍ରଦର୍ଶନୀକୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୦ଜଣ କାରିଗର ଅଂଶଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୫ଜଣ ସବାଇ ଘାସ ଶିଳ୍ପ ଓ ଅନ୍ୟ ୫ ଡୋକରା ଶିଳ୍ପ କାରିଗର। ସବାଇ ଓ ଡୋକରା ଶିଳ୍ପରେ ଅଂଶଗ୍ରହଣ କରିଥିବା କାରିଗରମାନେ ସାନ୍ତାଳ ଓ ବାଥୁଡ଼ି ଜନଜାତି ସମ୍ପ୍ରଦାୟର ଅଟନ୍ତି। ସବାଇ ଘାସ ଶିଳ୍ପରେ ସମସ୍ତ ମହିଳା ଅଂଶଗ୍ରହଣ କରିଥିବାବେଳେ ଡୋକରା ଶିଳ୍ପରେ ୩ ମହିଳା ଓ ୨ପୁରୁଷ ଅଂଶଗ୍ରହଣ କରିଛନ୍ତି। ସବାଇ ଶିଳ୍ପ କାରିଗର ମୟୂରଭଞ୍ଜ ଜିଲାର ବାରିପଦା ଅଞ୍ଚଳରୁ ଆସିଥିବାବେଳେ ଡୋକରା ଶିଳ୍ପ କାରିଗର ମୟୂରଭଞ୍ଜ ଜିଲାର କପ୍ତିପଦା ଅଞ୍ଚଳରୁ ଆସିଛନ୍ତି। ଏହା ଫେବୃୟାରୀ ୩ ତାରିଖ ତଥା ୧୫ ଦିନ ଧରି ଚାଲିବ। କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦ଟାରୁ ୫ଟା ପର୍ଯ୍ୟନ୍ତ ଚାଲିବ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଏବଂ ଏସ୍‌ସିଏସ୍‌ଟିଆର୍‌ଟିଆଇ ପକ୍ଷରୁ ଏହି ପ୍ରଦର୍ଶନୀ ଆୟୋଜିତ ହୋଇଛି।


ସବାଇ ଘାସରେ ଦୁଇ ମହିଳା କାରିଗର ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି।

# 'ଡିଜିଟାଲ ସମ୍ପତ୍ତିର ଅନୁସନ୍ଧାନ ପାଇଁ ବୈଷୟିକ ଜ୍ଞାନ ବଢ଼ାଇବା ଦରକାର'

## ଭିଜିଲାନ୍ସ ପକ୍ଷରୁ ୨ ଦିନିଆ କର୍ମଶାଳା

ଭୁବନେଶ୍ୱର,୨୦।୧(ବ୍ୟୁରୋ)

ଅନେକ ସମୟରେ ଦୁର୍ନୀତିଗ୍ରସ୍ତ ଅଧିକାରୀମାନେ କଳାଧନକୁ ବ୍ୟାଙ୍କ ଆକାଉଣ୍ଟ, ଘର ଆଦିରେ ରଖୁନାହାନ୍ତି। ତାହାକୁ ଲୁଚାଇବା ପାଇଁ ସେମାନେ କ୍ରିପ୍ଟୋ କରେନ୍ସି ବା ଡିଜିଟାଲ ଆସେଟ୍ସ ବ୍ୟବହାର କରୁଛନ୍ତି। ତେଣୁ ସେମାନଙ୍କୁ ଧରିବା ସହ କଳାଧନର କିଭଳି ମୁକାବିଲା କରାଯାଇପାରିବ, ସେନେଇ ରାଜ୍ୟ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଶୁକ୍ରବାରଠାରୁ ଦୁଇଦିନିଆ କର୍ମଶାଳା ଆରମ୍ଭ ହୋଇଛି। ଏହାଦ୍ୱାରା ରାଜ୍ୟ ପୋଲିସ କର୍ମଚାରୀମାନେ ପର୍ଯ୍ୟାପ୍ତ ବୈଷୟିକ ଜ୍ଞାନକୌଶଳ ଓ ଦକ୍ଷତା ହାସଲ କରିପାରିବେ। ରାଜ୍ୟ ଭିଜିଲାନ୍ସ ଏକାଡେମୀଠାରେ ଏହି କର୍ମଶାଳାକୁ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓଏସ୍‌ଡିଏ) ଅଧ୍ୟକ୍ଷ ସୁବ୍ରତୋ ବାଗଚି ଏବଂ ରାଜ୍ୟ ଭିଜିଲାନ୍ସର ନିର୍ଦ୍ଦେଶକ ଯଶୱନ୍ତ କୁମାର ଜେଠୱା ଉଦ୍‌ଘାଟନ କରିଛନ୍ତି। ଜେଠୱା କହିଲେ, ଅପରାଧୀମାନେ ବୈଷୟିକ ପ୍ରଗତିର ଦୁର୍ବ୍ୟବହାର କରୁଛନ୍ତି। ଡାର୍କ ୱେବ୍ ମାଧ୍ୟମରେ ଡିଜିଟାଲ୍ ହାଇସ୍କିଡ୍ କାରବାର


କର୍ମଶାଳାରେ ଭିଜିଲାନ୍ସ ନିର୍ଦ୍ଦେଶକ ଯଶୱନ୍ତ ଜେଠୱା ଓ ଓଏସ୍‌ଡିଏ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ।

କରି ଗୁପ୍ତ ଯୋଗାଯୋଗ, କ୍ରିପ୍ଟୋ ଉତ୍ପାଦନ ଏବଂ ଡିଜିଟାଲ୍ ସମ୍ପତ୍ତିକୁ ସଫଳତାର ସହ ଲୁଚାଇ ରଖିଛନ୍ତି। ତେଣୁ ଭିଜିଲାନ୍ସ ବା ପୋଲିସ ବିଭାଗର ଏନ୍‌ଫୋର୍ସମେଣ୍ଟ ଟିମ୍ ଏହି ଡିଜିଟାଲ୍ ସମ୍ପତ୍ତିର ଅନୁସନ୍ଧାନ ଉପରେ ମୁକାବିଲା କରିବା ପାଇଁ ଜ୍ଞାନ ବଢାଇବା ଦରକାର। ଏଥିସହ କ୍ରିପ୍ଟୋ କରେନ୍ସି କାରବାର ଉପରେ ନଜର ରଖିବା ପାଇଁ ଭିଜିଲାନ୍ସ ନିର୍ଦ୍ଦେଶାଳୟରେ ଏକ ସେଲ୍ ପ୍ରତିଷ୍ଠା ବିଷୟରେ ସେ ସୂଚନା ଦେଇଛନ୍ତି। ଫଳରେ ଏହି କାରବାର ଉପରେ ସ୍ୱତନ୍ତ୍ର ଭାବେ ନଜର ରଖୁଥିବା ଅଧିକାରୀମାନେ ଖୋଳତାଡ କରି ବାହାର କରିବାରେ ସଫଳ ହୋଇପାରିବେ। ଏହାସହ ବିଭିନ୍ନ ଦୁର୍ନୀତି ମାମଲା ଅନୁସନ୍ଧାନ କରୁଥିବା ଅଧିକାରୀମାନେ ନିଜର ଜ୍ଞାନକୌଶଳ ଓ ଦକ୍ଷତା ବଢେଇବା ପାଇଁ କ୍ରିପ୍ଟୋ ବିଶେଷଜ୍ଞଙ୍କ ସହାୟତା ନିହାତି ନେବା ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି। ମୁଖ୍ୟ ଅତିଥି ଭାବେ ଯୋଗଦେଇ (ଓଏସଡିଏ) ଅଧ୍ୟକ୍ଷ ସୁବ୍ରତୋ ବାଗଚି କହିଲେ, ଡାର୍କ ୱେବ୍, ବ୍ଲକ୍ ଚେନ୍, କ୍ରିପ୍ଟୋ ମୁଦ୍ରା, ଏଫ୍‌ଟିଏକ୍ସ, ହାଇଡ୍ରା ଇତ୍ୟାଦି ଗୋଟିଏ ପ୍ରକାର ସମସ୍ୟା ସୃଷ୍ଟି ହେଲାଣି। ଏହି ବୈଷୟିକ ଉପକରଣ ବ୍ୟବହାର କରି ଅପରାଧୀମାନେ ବ୍ୟକ୍ତିଗତ ଭାବରେ ଆଗକୁ ଯାଇପାରିବେ, କିନ୍ତୁ ସାମୂହିକ ଭାବରେ ରାଜ୍ୟ ଏହି ଚ୍ୟାଲେଞ୍ଜକୁ ମୁକାବିଲା କରି ପରାସ୍ତ କରିପାରିବ ବୋଲି ସେ କହିଛନ୍ତି। ତେଣୁ ଚ୍ୟାଲେଞ୍ଜକୁ ଦୂର କରିବା ପାଇଁ ଟେକ୍ନୋଲୋଜି ଏବଂ ଡିଜିଟାଲ ଦୁନିଆ ବିଷୟରେ ଏନ୍‌ଫୋର୍ସମେଣ୍ଟ ଅଧିକାରୀମାନେ ଦକ୍ଷ ହେବା ସହ ବିଭିନ୍ନ ବିଭାଗର ସହଯୋଗ ନେଇ ଏହାର ମୁକାବିଲା କରିବାକୁ ସେ କହିଛନ୍ତି। ଏଥିପାଇଁ ପରସ୍ପର ସହ ଘନିଷ୍ଠ ସମ୍ପର୍କ ରଖି ଜ୍ଞାନର ଆଦାନପ୍ରଦାନ କରିବାକୁ ସେ ଅନୁରୋଧ କରିଥିଲେ।

## ଚୋରି ଅଭିଯୋଗରେ ୨ଗିରଫ

ଚୌଦ୍ୱାର,(ଡି.ଏନ୍.ଏ.): ବାଇକ ଚୋରି ଅଭିଯୋଗରେ ଚୌଦ୍ୱାର ପୋଲିସ ୨ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲଣ କରିଛି। ସେମାନେ ହେଲେ କଟକ ମହମ୍ମଦିଆ ସାହିର ଅଭିଜିତ୍ ବାରିକ ଓ ଚାନ୍ଦିନୀଚୌକ ଅଞ୍ଚଳର ହଂସରାଜ ସିଂ। ଗତ ଡିସେମ୍ବର ୩୧ ତାରିଖ ରାତିରେ କପାଳେଶ୍ୱରର ଦୀପକ କୁମାର ଦାସଙ୍କ ବାଇକ୍ ଚୋରି ହୋଇଥିଲା। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ଶୁକ୍ରବାର ଏସ୍ଆଇ ନିରଞ୍ଜନ ଭୋଇ ବିଶେଷ ସୂତ୍ରରୁ ଖବରପାଇ ମୁଣ୍ଡମାଳ ଛକରୁ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲେ। ଏଥିସହ ସେମାନଙ୍କ ନିକଟରୁ ଦୁଇଟି ବାଇକ ଜବତ କରିଥିଲେ।

## ସଂକ୍ଷେପରେ

### ବ୍ୟାଙ୍କ ଧର୍ମଘଟ ସଫଳତା ପାଇଁ ବିକ୍ଷୋଭ ସମାବେଶ

**କଟକ ଅଫିସ, ୨୦।୧:** ସମସ୍ତ ବ୍ୟାଙ୍କ କର୍ମଚାରୀ ଓ ଅଫିସରମାନଙ୍କ ମିଳିତ ବିକ୍ଷୋଭ ସମାବେଶ କଟକ ବକ୍ସିବଜାର ରୋଡ଼ସ୍ଥିତ ଫେଡେରାଲ ବ୍ୟାଙ୍କ ସମ୍ମୁଖରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ୍ସ ପକ୍ଷରୁ ଆସନ୍ତା ୩୦ ଓ ୩୧ ତାରିଖରେ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି। ବିଶେଷକରି ବ୍ୟାଙ୍କଗୁଡ଼ିକରେ ଶୂନ୍ୟସ୍ଥାନ ପୂରଣ, ପୁରୁଣା ପେନ୍ସନ୍ ସ୍କିମ୍ ପ୍ରଚଳନ, ସାପ୍ତାହିକ ୫ ଦିନିଆ କାର୍ଯ୍ୟ ଦିବସ, ବେତନ ସଂଶୋଧନ ଦାବିପତ୍ର ଉପରେ ତୁରନ୍ତ ଆଲୋଚନା ଦାବିରେ ଧର୍ମଘଟ ଡାକରା ଦେଇଛି। ବ୍ୟାଙ୍କ ଧର୍ମଘଟ ସଫଳତା ପାଇଁ ବ୍ୟାଙ୍କ କର୍ମଚାରୀ ଓ ଅଫିସରମାନେ ବିକ୍ଷୋଭ କରିଥିଲେ। କଟକ ବ୍ୟାଙ୍କ କର୍ମଚାରୀ ସମନ୍ୱୟ ସମିତି ସଭାପତି ସୁଭାଷ ଚନ୍ଦ୍ର ବୋଷଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ବ୍ୟାଙ୍କ କର୍ମଚାରୀ ଅଫିସରମାନଙ୍କ ନେତା କିଶୋର ଜେନା, ପ୍ରଦୀପ ଷଡଙ୍ଗୀ, ପ୍ରମୋଦ ସାହୁ, ନିରଞ୍ଜନ ମହାନ୍ତି, ନିଗମ ବିଶ୍ୱାଳ ପ୍ରମୁଖ ଯୋଗଦେଇ ବ୍ୟାଙ୍କ ଧର୍ମଘଟ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ବିଶୁଦ୍ଧ ଚକ୍ର ଦାସ ଓ ଉପେନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିପ୍ଳବୀ ଚାଖି ଖୁଣ୍ଟିଆଙ୍କ ଜୟନ୍ତୀ

**କଟକ ଅଫିସ, ୨୦।୧:** ମହାନ୍ ବିପ୍ଳବୀ ଚାଖି ଖୁଣ୍ଟିଆଙ୍କ ଜୟନ୍ତୀ କଟକ ମହାନଗର ନାଗରିକ ମହାସଭା ଆନୁକୂଲ୍ୟରେ ମାଛୁଆ ବଜାରସ୍ଥିତ ଶହୀଦ ପାର୍କଠାରେ ଶୁକ୍ରବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଶାନ୍ତ ଦାସ ଯୋଗଦେଇ କହିଥିଲେ, ଚାଖି ଖୁଣ୍ଟିଆ ୧୮୫୭ ସିପାହି ବିଦ୍ରୋହରେ ବିପ୍ଳବୀମାନଙ୍କ ସହିତ ଯୋଗସୂତ୍ର ରକ୍ଷା କରି ଇଂରେଜ ଶାସନ ବିରୋଧରେ ସଂଗ୍ରାମ କରିଥିଲେ। ସେ ଏକାଧାରରେ ମହାନ୍ ବିପ୍ଳବୀ, ସମାଜ ସଂସ୍କାରକ ଓ କବି ଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସୁରେନ୍ଦ୍ର ଛୋଟରାୟ, ସମ୍ମାନିତ ବକ୍ତା ଭାବେ ଗଗନ ଚନ୍ଦ୍ର ମେହେର ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ଶ୍ୟାମ ସୁନ୍ଦର ସାହୁ ବିବରଣୀ ପାଠ, ସଙ୍ଗଠନ ସମ୍ପାଦକ ନରସିଂହ ମହାପାତ୍ର ପ୍ରାରମ୍ଭିକ ସୂଚନା ଓ ସମ୍ପାଦକ ମାଧବ ମିଶ୍ର ଧନ୍ୟବାଦ ଦେଇଥିଲେ।

### ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ମଙ୍ଗୁଳି-ଜଗତପୁର,୨୦।୧(ଡି.ଏନ.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କହ୍ନେଇପୁର ପଞ୍ଚାୟତ ନୋଡାଲ ହାଇସ୍କୁଲର ୩ ଦିନିଆ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ମେଘମାଳା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଶାନ୍ତ ବେହେରା, ସମ୍ମାନିତ ଅତିଥି ଭାବେ ଟେଟ୍ରା ହେଡେନ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଚେୟାରମ୍ୟାନ ତ୍ରିଦେବ ବେହେରା, ଅତିରିକ୍ତ ବିଇଓ ଅରୁନ୍ଧତୀ ରାୟ, ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ସଭାପତି ରାଜେଶ ରଞ୍ଜନ ଷଡ଼ଙ୍ଗୀ, ବ୍ଲକ ଚେୟାରମ୍ୟାନ ମୀନାକ୍ଷୀ ଦାସ, ସ୍ଥାନୀୟ ସରପଞ୍ଚ ଭରତ ବେହେରା ଯୋଗଦେଇ ୧୩୦ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ବିବେକ ରଞ୍ଜନ ସାହୁ ଅତିଥି ପରିଚୟ ଓ ଶିକ୍ଷୟିତ୍ରୀ କ୍ଷୀରାବ୍ଧି ତନୟା ପଣ୍ଡା ଧନ୍ୟବାଦ ଦେଇଥିଲେ।

# ବକେୟା ହୋର୍ଡିଂ ଟିକସ ଆଦାୟକୁ ଗୁରୁତ୍ୱ

କଟକ ଅଫିସ, ୨୦।୧



ସିଏମ୍‌ସି ଲାଇସେନ୍ସ ଷ୍ଟାଣ୍ଡିଂ କମିଟି ବୈଠକରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

କଟକ ମହାନଗର ନିଗମ(ସିଏମ୍‌ସି) ବିଜୁଭବନ ପରିସରରେ ଲାଇସେନ୍ସ ଷ୍ଟାଣ୍ଡିଂ କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବକେୟା ହୋର୍ଡିଂ ଟିକସ ଆଦାୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଶେଷକରି ସିଏମ୍‌ସି ଅଞ୍ଚଳର କେତେ ସ୍ଥାନରେ କେଉଁ ଏଜେନ୍ସି ହୋର୍ଡିଂ ଲଗାଇଛି, କେତେ ହୋର୍ଡିଂ ଲଗାଇବା ପାଇଁ ସିଏମ୍‌ସି ଅନୁମତି ଦେଇଛି ତାହାର ସମସ୍ତ ତଥ୍ୟ ଦେବାକୁ ଭାଜପା କର୍ପୋରେଟରମାନେ ଦାବି କରିଥିଲେ। ସେହିପରି ସିଏମ୍‌ସି ଅଧୀନରେ କେତେ ଘର ଭଡା ଲାଗିଛି, ସେଥିରୁ କେତେ ଆୟ ହେଉଛି ଏବଂ କେଉଁ ସ୍ଥାନ ଖାଲି ପଡିଛି ତାହାର ତଥ୍ୟ ଦେବାକୁ ବୈଠକରେ ସେମାନେ ଦାବି କରିଥିଲେ। ବକେୟା ହୋର୍ଡିଂ ଟିକସ ଡିସେମ୍ବର ୩୧ ସୁଦ୍ଧା ପ୍ରଦାନ କରିବାକୁ କୁହାଯାଇଥିଲା। ତେବେ କେତେ ଟିକସ ଆଦାୟ ହୋଇଛି ଓ କେତେ ବାକି ରହିଛି ତାହାର ତଥ୍ୟ ଉପସ୍ଥାପନ କରିବାକୁ

**ସିଏମ୍‌ସି ଲାଇସେନ୍ସ ଷ୍ଟାଣ୍ଡିଂ କମିଟି ବୈଠକ**

ସିଏମ୍‌ସି କର୍ତ୍ତୃପକ୍ଷଙ୍କୁ କୁହାଯାଇଥିଲା। ଏନେଇ ସିଏମ୍‌ସି ଡେପୁଟି କମିଶନର ତଥ୍ୟ ଉପସ୍ଥାପନ କରିଥିଲେ। ବକେୟା ଟିକସ ପ୍ରଦାନ କରି ନ ଥିବା ସଂସ୍ଥାର ଲାଇସେନ୍ସ ବାତିଲ ସହ ସେମାନେ ଲଗାଇଥିବା ହୋର୍ଡିଂ ସ୍ଥାନ ସିଏମ୍‌ସି ଅଧୀନକୁ ଆଣିବାକୁ କର୍ପୋରେଟରମାନେ ଦାବି କରିଥିଲେ।

ଚୌଧୁରୀବଜାରସ୍ଥିତ କଲ୍ୟାଣ ମଣ୍ଡପ ଉପର ମହଲା ପାଇଁ ପୂର୍ବରୁ ୩୦ ହଜାର ଟଙ୍କା ଭଡା ନିଆଯାଉଥିବାବେଳେ ସମୟାନୁକ୍ରମେ ତାହା ବଢି ୫୦ ହଜାର ଟଙ୍କାରେ ପହଞ୍ଚିଛି। କେବଳ ଭଡା ବଢାଇ ସିଏମ୍‌ସି କର୍ତ୍ତୃପକ୍ଷ ଦାୟିତ୍ୱ ସାରିଦେଇଛନ୍ତି। ଅଧିକ ଟଙ୍କା ସହ ଅଧିକ ସୁବିଧା ଲୋକଙ୍କୁ ଯୋଗାଇବା ପାଇଁ କହିଥିଲେ। କୋଭିଡ୍ ପରଠାରୁ ଉକ୍ତ କୋଠାର ତଳ ମହଲା ବନ୍ଦ ହୋଇପଡିଛି। ତାହାକୁ ଖୁବ୍‌ଶୀଘ୍ର କାର୍ଯ୍ୟରେ ଲଗାଇବାକୁ କୁହାଯାଇଥିଲା। ଚୌଧୁରୀବଜାର ଗୌରୀଶଙ୍କର ପାର୍କଠାରେ ଥିବା ଗୌରୀଶଙ୍କରଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଲାଗିଥିବା ହୋର୍ଡିଂକୁ ହଟାଇବା ପାଇଁ ଭାଜପା କର୍ପୋରେଟର ଗଗନ ଓଝା ପ୍ରସ୍ତାବ ଦେଇଥିଲେ। କମିଟି ଅଧ୍ୟକ୍ଷା ଏ. ଶ୍ରୀଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଦୀପ ସାହୁ, ପୁଷ୍ପିତା ମହାନ୍ତି, ବସନ୍ତ ବେହେରା, ରବିନାରାୟଣ ସାହୁ, ସ୍ୱର୍ଣ୍ଣପ୍ରଭା ପଶାୟତ, ଡେପୁଟି କମିଶନର ଅଜୟ ମହାନ୍ତି ଓ ଅମିୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଓଟିଏମ୍ ଶ୍ରମିକ ପରିବାରକୁ ସ୍ଥାୟୀ ଥଇଥାନ କରାଯାଉ

ଚୌଦ୍ୱାର,୨୦।୧(ଡି.ଏନ୍.ଏ.)

ଚୌଦ୍ୱାରସ୍ଥିତ ଓଡ଼ିଶା ଟେକ୍ସଟାଇଲ୍ ମିଲ୍ସ (ଓଟିଏମ୍) କ୍ୱାର୍ଟରରେ ଦୀର୍ଘ ୨୨ବର୍ଷ ବିତାଇଥିବା ଶ୍ରମିକ ପରିବାର ସରକାରଙ୍କ ନିଷ୍ପତ୍ତିରେ ବାସହରା ହେବା ଆଶଙ୍କା କରି ଚିନ୍ତାରେ ଦିନ ବିତାଉଛନ୍ତି। ସେମାନଙ୍କୁ ସ୍ଥାୟୀ ଥଇଥାନ କରାଯିବା ଦାବିରେ ଓଟିଏମ୍ ଶ୍ରମିକ ବସ୍ତି ଥଇଥାନ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ରଙ୍କୁ ଶୁକ୍ରବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଙ୍ଗଠନର ବୈଦ୍ୟନାଥ ସାମଲ, ବିଶ୍ୱଜିତ୍ ଭଞ୍ଜ, ସୁବ୍ରତ ସାମଲ, ମନୋଜ କୁମାର ମହାନ୍ତି, ସଞ୍ଜୟ ରାଉତ, ଅମିତ୍ ବେଉରାଙ୍କ ନେତୃତ୍ୱରେ କର୍ମକର୍ତ୍ତା ଓ ବହୁ ସଂଖ୍ୟକ ମହିଳା ଓଟିଏମ୍ କଲୋନୀରୁ ପଦଯାତ୍ରାରେ ବାହାରି ପୌର କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ସଭାରେ ସେମାନଙ୍କ ଦାବି ଉପସ୍ଥାପନ କରିଥିଲେ। ସଙ୍ଗଠନ ପକ୍ଷରୁ କୁହାଯାଇଛି, ବକେୟା ପ୍ରାପ୍ୟ ପାଇବା ପରେ ସେମାନେ ବାସ କରୁଥିବା ସ୍ଥାନକୁ ସେମାନଙ୍କ ନାମରେ ସ୍ଥାୟୀ କରାଯିବା ଓ ପୌରପାଳିକାର ୭, ୮, ୧୦, ୧୧, ୧୨ ନମ୍ବର ୱାର୍ଡରେ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ଦାବି କରାଯାଇଛି। ଖବରପାଇ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ନିର୍ବାହୀ ଅଧିକାରୀ ଘଟଣାସ୍ଥଳରେ ଲୋକମାନଙ୍କୁ ଆଶ୍ୱାସନା ଦେଇଥିଲେ।

# ଖବରକାଗଜ ବିକ୍ରେତାଙ୍କ ବିୟୋଗରେ ଶୋକସଭା




କଟକ ଅଫିସ, ୨୦।୧

ଖବରକାଗଜ ବିକ୍ରେତା ସୁଶୀଲ ଦତ୍ତ(୮୪)ଙ୍କର ସ୍ଥାନୀୟ ପୋଲିସ କଲୋନୀସ୍ଥିତ ବାସଭବନରେ ମଙ୍ଗଳବାର ପରଲୋକ ହୋଇଯାଇଛି। ଏ ନେଇ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବକ୍ସିବଜାରଠାରେ ଏକ ଶୋକସଭା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ସଂଘ ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାଶ, ସହ ସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, ହିମାଂଶୁ ମହାପାତ୍ର, ମନୋଜ ପାଲ୍, ପ୍ରଶାନ୍ତ ସାହୁ, ପ୍ରଦ୍ୟୁମ୍ନ ବିଶୋଇ, ହାଡ଼ିବନ୍ଧୁ ବେହେରା, ବଂଶୀଧର ବେହେରା, ମାନସ ଦାସ, ପ୍ରଭାତ ସାହୁ, ପ୍ରତାପ ବେହେରା ଓ ଉତ୍ତମ ସାହୁ ପ୍ରମୁଖ ଯୋଗ ଦେଇଥିଲେ।



ସାଧାରଣତନ୍ତ୍ର ଦିବସ ପାଳନ ଅବ୍ୟବହିତ ପୂର୍ବରୁ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ କଟକ ବାରବାଟୀ ଷ୍ଟାଡିୟମରେ ପରେଡ ଅଭ୍ୟାସ।

# ଜାଗା ମିଶନ ଯୋଜନାରେ ଡ୍ରୋନ୍ ସର୍ଭେ ଶେଷ

**୩୫ ବସ୍ତିରେ 'ଉଶା' ସର୍ଭେ**

କଟକ ଅଫିସ,୨୦।୧

ସହରର ସରକାରୀ ଜମିରେ ଗଢିଉଠିଥିବା ପାଖାପାଖି ୨୬୪ ବସ୍ତିରେ ଡ୍ରୋନ୍ ସର୍ଭେ କାର୍ଯ୍ୟ ଶେଷ ହୋଇଛି। ବସ୍ତିଗୁଡିକର ମ୍ୟାପିଂ କରାଯାଇ ପାଖାପାଖି ୩୫ ବସ୍ତିରେ ୭ ତାରିଖ ସୁଦ୍ଧା ଅର୍ବାନ୍ ସ୍ଲମ୍ ହାଉସ୍ ହୋଲ୍ଡ ଏରିଆ(ଉଶା) ସର୍ଭେ କାର୍ଯ୍ୟ ଶେଷ ହୋଇଛି। ଆସନ୍ତା ଫେବୃୟାରୀ ସୁଦ୍ଧା ବାକି ବସ୍ତିଗୁଡିକର ସର୍ଭେ କାର୍ଯ୍ୟ ଶେଷ ହେବ ବୋଲି ଦାୟିତ୍ୱରେ ଥିବା ଅଧିକାରୀ ସୂଚନା ଦେଇଛନ୍ତି। ସହରର ୫୯ଟି ୱାର୍ଡରେ ଜାଗା ମିଶନ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇ ଗରିବ ଲୋକଙ୍କ ଆବଶ୍ୟକତାକୁ ପୂରଣ କରାଯିବ ବୋଲି ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ କହିଛନ୍ତି। ସର୍ଭେ କାର୍ଯ୍ୟ ଶେଷ ହୋଇଥିବା ୩୫ଟି ବସ୍ତି ମଧ୍ୟରୁ ୨୨ଟି ବସ୍ତିରେ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ଏପର୍ଯ୍ୟନ୍ତ ପାଖାପାଖି ୪,୦୦୦ ଘରକୁ ଷ୍ଟିକରିଂ କରାଯାଇଛି। ଏହି କାର୍ଯ୍ୟ ଶେଷ ହେବା ପରେ ପ୍ରତି ପରିବାରର ତଥ୍ୟକୁ ରାଜସ୍ୱ ବିଭାଗକୁ ହସ୍ତାନ୍ତର କରାଯିବ। ସେସବୁ ଯାଞ୍ଚ କରାଯାଇ ଶେଷରେ ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଭୂମିପ୍ରମାଣ ପତ୍ର ଯୋଗାଇ ଦିଆଯିବ।

ସୂଚନାଯୋଗ୍ୟ, ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ଦେବା ପାଇଁ ଗତ ନଭେମ୍ବର ୧୦ରେ ଜଗତପୁର ତ୍ରିନାଥ ଆଦିବାସୀ ସାହିରେ ସିଏମ୍‌ସି ପକ୍ଷରୁ ଡ୍ରୋନ୍ ସର୍ଭେ ଆରମ୍ଭ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବସ୍ତିରେ ବାସ କରୁଥିବା ଭୂମିହୀନଙ୍କୁ ଚିହ୍ନଟ କରାଯିବା ସହ ସେଠାରେ ୯ଟି ମୌଳିକ ସୁବିଧା ଯୋଗାଇ ଦେବା ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଡ୍ରୋନ୍ ସର୍ଭେ କାର୍ଯ୍ୟ ଶେଷ କରାଯାଇ ଭୂମିହୀନଙ୍କୁ ୩୦ରୁ ୪୫ ବର୍ଗ ମିଟର ଜମି ଯୋଗାଇ ଦିଆଯିବା ସହ ଏଥିପାଇଁ ଷ୍ଟିକରିଂ କାର୍ଯ୍ୟ ଆରମ୍ଭ ହୋଇଛି।

# 'ଶିକ୍ଷାନୁଷ୍ଠାନର ମୂଲ୍ୟବାନ୍ ସମ୍ବଳ ପୁରାତନ ଛାତ୍ରୀଛାତ୍ର'



ବିଧାୟକ ପ୍ରତାପ ଜେନା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

କଟକ ଅଫିସ, ୨୦।୧

**ଆଇଏମ୍‌ଆଇଟିର ହୀରକ ଜୟନ୍ତୀ**

ପ୍ରବନ୍ଧନ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ସଂସ୍ଥାନ (ଆଇଏମ୍‌ଆଇଟି)ର ହୀରକ ଜୟନ୍ତୀ ଅବସରରେ ଆଲୁମ୍ନି ସମ୍ମେଳନ-୨୦୨୩ କଟକ ସାରଳା ଭବନଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରତାପ ଜେନା ଯୋଗଦେଇ କହିଥିଲେ, ରାଜ୍ୟରେ ମ୍ୟାନେଜମେଣ୍ଟ ଶିକ୍ଷା କ୍ଷେତ୍ରରେ ଆଇଏମ୍‌ଆଇଟି ମାଇଲଖୁଣ୍ଟ ସ୍ଥାପନ କରିଛି। ରାଜ୍ୟ ତଥା ଦେଶର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ଆଇଏମ୍‌ଆଇଟି ଓ ଏହାର ଛାତ୍ରୀଛାତ୍ର ମ୍ୟାନେଜମେଣ୍ଟ ଶିକ୍ଷା ସ୍ରୋତର ନେତୃତ୍ୱ ନେଇଛନ୍ତି। ପୁରାତନ ଛାତ୍ରୀଛାତ୍ର ଶିକ୍ଷାନୁଷ୍ଠାନର ମୂଲ୍ୟବାନ ସମ୍ବଳ ବୋଲି ଜେନା କହିଥିଲେ। ଆଇଏମ୍‌ଆଇଟି ଅଧ୍ୟକ୍ଷ ପ୍ରଫେସର ଡ. ମାନସ ରଞ୍ଜନ କବାଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ, ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗ ଦେଇଥିଲେ। ଆଲୁମ୍ନି ମିଟ୍-୨୦୨୩ର ଅଧ୍ୟକ୍ଷ ସୁଜିତ କୁମାର ଦାଶ ଅତିଥି ପରିଚୟ ଓ ସଂଯୋଜକ ପ୍ରସନଜିତ ସାହୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡ. ଶୁଭେନ୍ଦ୍ର କୁମାର ଜୟସିଂହ, ଅଧ୍ୟାପିକା ସୁଜାତା ରାୟ, ଅଧ୍ୟାପକ ରଜତ କୁମାର ବଳିୟାରସିଂଙ୍କ ସମେତ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଫେବୃୟାରୀ ୪ରୁ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ

କଟକ ଅଫିସ, ୨୦।୧

ଆସନ୍ତା ଫେବୃୟାରୀ ୪ରୁ ୬ ତାରିଖ ପର୍ଯ୍ୟନ୍ତ ୭୨ତମ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ କଟକ ଉପର ବାଲିଯାତ୍ରା ପଡିଆରେ ଅନୁଷ୍ଠିତ ହେବ। ଏହି ସମ୍ମିଳନୀର ସଫଳ ଆୟୋଜନ ନିମନ୍ତେ ସମସ୍ତବର୍ଗଙ୍କ ସହଯୋଗ ଓ ସଦିଚ୍ଛା ଆବଶ୍ୟକ। ଯେକୌଣସି ଆକସ୍ମିକ ଦୁର୍ଘଟଣାକୁ ଏଡାଇବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

୭୨ତମ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀର ୫ମ ପ୍ରସ୍ତୁତି ବୈଠକ ଉପର ବାଲିଯାତ୍ରା ପଡ଼ିଆରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ନାୟକ

**ଆକସ୍ମିକ ଦୁର୍ଘଟଣାକୁ ଏଡ଼ାଇବାକୁ ନିର୍ଦ୍ଦେଶ**

ଯୋଗଦେଇ ପ୍ରାକ୍ ପ୍ରସ୍ତୁତି କରିବାକୁ ଉପରୋକ୍ତ ବିଷୟରେ କହିଛନ୍ତି। ଉକ୍ତ ବୈଠକରେ ସିଏମ୍‌ସି ମେୟର ସୁବାସ ସିଂ କହିଥିଲେ, ନିଗମ ପକ୍ଷରୁ ସମ୍ମିଳନୀସ୍ଥଳ, ରହଣିସ୍ଥଳ, ଭ୍ରାମ୍ୟମାଣ ଶୌଚାଳୟ ଓ ସ୍ନାନଘାଟକୁ ପ୍ରତିଦିନ ପରିଷ୍କାର ରଖିବା ନିମନ୍ତେ ନିଗମର ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯିବ। ସେହିପରି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଥିଲେ, ବିଦ୍ୟୁତ୍‌ଜନିତ ଦୁର୍ଘଟଣା, ସ୍ନାନ ସମୟରେ ଆକସ୍ମିକ ଅଘଟଣ ଏଡାଇବା, ସମ୍ମିଳନୀସ୍ଥଳର ସ୍ୱଚ୍ଛତା ବଜାୟ ରଖିବା ନିମନ୍ତେ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ବ୍ୟବସ୍ଥାପକଙ୍କ ସହ ସମନ୍ୱୟ ରକ୍ଷା ପୂର୍ବକ ଅଗ୍ନିଶମ ବାହିନୀ ମୁତୟନ ସହ ୪ଟି ଉତ୍ସର୍ଗୀକୃତ ଦଳ ଗଠନ କରି ତଦାରଖ କରିବା ଆବଶ୍ୟକ। ଏଥିରେ ଡେପୁଟି ମେୟର ଦମୟନ୍ତୀ ମାଝୀ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଭକ୍ତ ସମ୍ମିଳନୀ ସଫଳ ଆୟୋଜନ ଦିଗରେ ସମସ୍ତେ ସହଯୋଗ କରିବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାସ କୁମାର ମାଝି, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସତ୍ୟବ୍ରତ ଛୋଟରାୟ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, ଡେପୁଟି କମିଶନର ଅଜୟ କୁମାର ମହାନ୍ତି, ଅଗ୍ନି ନିର୍ବାପନ ନିରପତ୍ତା ଅଧିକାରୀ ସଞ୍ଜୀବ କୁମାର ବେହେରା, ଟ୍ରାଫିକ ଅଧିକାରୀ କିଶୋର ଚନ୍ଦ୍ର ପ୍ରଧାନ, ବିଦ୍ୟୁତ୍ ସେବା ସଂସ୍ଥା ଅଧିକାରୀ ବାସୁଦେବ ପଣ୍ଡା ଉପସ୍ଥିତ ଥିଲେ।

## ଚୋରି ଅଭିଯୋଗରେ ୩ ଗିରଫ

**କଟକ ଅଫିସ,୨୦।୧:** ଅନ୍ନପୂର୍ଣ୍ଣା ଲେନ୍‌ରେ ଥିବା ଏସ୍‌ବି ଟେକ୍ସଟାଇଲର ଏକ ଗୋଦାମରୁ ଗତ ୧୪ ତାରିଖରେ ହୋଇଥିବା ଚୋରି ଘଟଣାରେ ବାଦାମବାଡି ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଟେକ୍ସଟାଇଲ ଦୋକାନର ସେଲ୍ସମ୍ୟାନ୍ ଜଗତ୍‌ସିଂହପୁର ଜିଲା ଅଲଣାହାଟର ବାସିନ୍ଦା ତଥା ମଙ୍ଗଳାବାଗ ଥାନା ଅଞ୍ଚଳରେ ରହୁଥିବା ରାଜେନ୍ଦ୍ର ବାରିକ, ନନ୍ଦିସାହିର ଶ୍ରୀମୂର୍ତ୍ତି କ୍ଲଥ୍ ଷ୍ଟୋରରେ ସେଲ୍ସମ୍ୟାନ ଭାବେ କାମ କରୁଥିବା ଦେୱାନବଜାର ତନ୍ତିସାହିର ଡି. ସୁରେଶ କୁମାର ଓ ଭଦ୍ରକ ଜିଲା ବନ୍ତର ମୂଳବାସିନ୍ଦା ତଥା ପିଠାପୁର ଭୂୟାଁ କଲୋନିରେ ରହୁଥିବା ନାରାୟଣ ଚନ୍ଦ୍ର ସାହୁ। ସେମାନଙ୍କ ନିକଟରୁ ୧୬୦ଟି ଶାଢ଼ି ଓ ୩ଟି ମୋବାଇଲ ଫୋନ ଜବତ କରିଛି।

# 'ବର୍ଜ୍ୟବସ୍ତୁ ନିଷ୍କାସନ ପାଇଁ ସମସ୍ତେ ଉତ୍ତରଦାୟୀ ହୁଅନ୍ତୁ'

କଟକ ଅଫିସ,୨୦।୧

କଟକ ମିଶନ ରୋଡ଼ସ୍ଥିତ ଷ୍ଟିୱାର୍ଟ ସ୍କୁଲ ପରିସରରେ ନାଗରିକ ଉତ୍ତରଦାୟିତ୍ୱ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପଞ୍ଜାବ, ଜମ୍ମୁ ଓ କଶ୍ମୀର ଏବଂ ଲଦାଖର ମୁଖ୍ୟ ଆୟକର ଆୟୁକ୍ତ ଜାହାଁଜେବ୍ ଅଖତର ଯୋଗଦେଇ କହିଥିଲେ, ବର୍ଜ୍ୟବସ୍ତୁ ସୃଷ୍ଟି ପାଇଁ ପ୍ରକୃତି ନୁହେଁ ବରଂ ମଣିଷ ହିଁ ଦାୟୀ। ବର୍ଜ୍ୟବସ୍ତୁର ପୁନଃଚକ୍ରଣ ଓ ସେଥିରୁ ମୂଲ୍ୟ ସନ୍ଧାନ

**ନାଗରିକ ଉତ୍ତର ଦାୟିତ୍ୱ କାର୍ଯ୍ୟକ୍ରମ**

ବର୍ତ୍ତମାନ ସମୟର ଆବଶ୍ୟକତା। ସମାଜର ସବୁ ନାଗରିକ ବର୍ଜ୍ୟବସ୍ତୁର ଉପଯୋଗିତା ସନ୍ଧାନ କରିବା ସହ ଏହାର ପୃଥକୀକରଣ ଦିଗରେ ଧ୍ୟାନ ଦେବା ଉଚିତ। ବର୍ଜ୍ୟବସ୍ତୁର ନିଷ୍କାସନ ଦିଗରେ ସମସ୍ତଙ୍କୁ ଅଧିକ ଉତ୍ତରଦାୟୀ ହେବାକୁ ସେ ପରାମର୍ଶ ଦେଇଥିଲେ। ପ୍ଲାଷ୍ଟିକ ଆବର୍ଜନାକୁ ପୃଥକ ହୋଇଥିବା ଅନ୍ୟ ବର୍ଜ୍ୟବସ୍ତୁ ସହ ମିଶାଇବା ଉଚିତ୍ ନୁହେଁ। ବର୍ଜ୍ୟବସ୍ତୁ ପରିଚାଳନା ଦିଗରେ ସମସ୍ତେ ଅଧିକ ସଚେତନ ହେବା ଉଚିତ। ଯେଉଁସବୁ ଜିନିଷର ପୁନଃ ଉପଯୋଗ ପଦ୍ଧତି ଆମେ ଜାଣିନାହୁଁ ତାହାକୁ ବ୍ୟବହାର କରିବା ଉଚିତ ନୁହେଁ। ବର୍ତ୍ତମାନ ସମୟରେ ଡଷ୍ଟବିନ ବୋଲି କିଛି ଜିନିଷ ନାହିଁ। ବ୍ୟବହାର କରିବା ପରେ ଯାହାକୁ ଆମେ ବର୍ଜ୍ୟବସ୍ତୁ ବୋଲି ଭାବି ଫିଙ୍ଗି ଦେଉଛୁ ସେଥିରୁ ମଧ୍ୟ ସମ୍ପଦ ସୃଷ୍ଟି କରାଯାଇପାରିବ। ଶେଷ ସୀମା ପର୍ଯ୍ୟନ୍ତ ପ୍ରତ୍ୟେକ ଜିନିଷର ଉପଯୋଗିତା ବିଷୟରେ ଅବଗତ ହେବା ଲାଗି ସେ ଆହ୍ୱାନ ଦେଇଥିଲେ। ଏହାଦ୍ୱାରା ନିଜ ଆଖପାଖ ଅଞ୍ଚଳରେ ସ୍ୱଚ୍ଛତା ବଜାୟ ରଖିବା ସହିତ ପରିବେଶ ସୁରକ୍ଷା ଦିଗରେ ଆମେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇପାରିବା ବୋଲି ଅଖତର କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ବିଭାଗର ସ୍ୱତନ୍ତ୍ର ସଚିବ ବିଶ୍ୱରଞ୍ଜନ ସାସମଲ ଯୋଗଦେଇଥିଲେ। ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ବହୁ ବୁଦ୍ଧିଜୀବୀ ଆଲୋଚନାରେ ସାମିଲ ହୋଇଥିଲେ।




ନାଗରିକ ଉତ୍ତର ଦାୟିତ୍ୱ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

# 'ଦେଶ ସ୍ୱାଧୀନତାରେ ନେତାଜୀଙ୍କ ଅବଦାନର ପ୍ରାସଙ୍ଗିକତା ରହିଛି'

କଟକ ଅଫିସ,୨୦।୧

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉତ୍ସବ ଉପଲକ୍ଷେ କଟକ ସହିଦ ଭବନରେ ଆଲୋଚନା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ ଯୋଗଦେଇ କହିଥିଲେ, ନେତାଜୀଙ୍କ ଜାତୀୟତା ଭାବ ଓ ସଂଗ୍ରାମ ଆଗାମୀ ପିଢ଼ିକୁ ନୂଆ ରୂପରେ ଗଢି ତୋଳିବାରେ ସାହାଯ୍ୟ କରିବ। ଦେଶ ସ୍ୱାଧୀନତାର ୭୬ ବର୍ଷ ପରେ ବି ନେତାଜୀଙ୍କ ଅବଦାନର ପ୍ରାସଙ୍ଗିକତା ରହିଛି ବୋଲି ସେ କହିଛନ୍ତି। ମୁଖ୍ୟବକ୍ତା ଭାବେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାସ କହିଥିଲେ, କଟକର ଓଡ଼ିଆବଜାର ବିଶ୍ୱରେ ପରିଚିତ। ଉକ୍ତ କାର୍ଯ୍ୟକ୍ରମରେ ଆଇଟିବିପି ଆଇଜି ରମଣ ଖଡୁଆଲ, ସିଆର୍‌ପିଏଫ୍ ଡିଆଇଜି ଜେମାମଣି ପ୍ରଦୀପ କୁମାର ରାୟ, ଏଡିଏମ୍ ଶିବ ଟପ୍ପୋ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ନେତାଜୀ, ଦେଶପ୍ରେମ, ସ୍ୱାଧୀନତା ସଂଗ୍ରାମ ସମ୍ପର୍କିତ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଶୁତୋଷ ପରିଡ଼ା, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ଅମରେଶ ପଟ୍ଟନାୟକ, ଶତ୍ରୁଘ୍ନ ପାଣ୍ଡବ, ପଦ୍ମଶ୍ରୀ ଜୟନ୍ତ ମହାପାତ୍ର, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ସରୋଜ ରଞ୍ଜନ ମହାନ୍ତି, ଶୈଳଜ ରବି, ଫନୀ ମହାନ୍ତି, ହରପ୍ରସାଦ ଦାସ ଓ ପ୍ରତିଭା ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସିଆର୍‌ପିଏଫ୍ ଯବାନଙ୍କ ପକ୍ଷରୁ ବ୍ୟାଣ୍ଡ୍ ଶୋ ଓ ଯୁଦ୍ଧାସ୍ତ୍ର ପ୍ରଦର୍ଶନ କରାଯାଇଥିଲା। ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ନାଟକ 'ମୁଁ ସୁଭାଷ କହୁଛି' ମଞ୍ଚସ୍ଥ ହୋଇଥିଲା। ପୂର୍ବାହ୍ନରେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ନିକଟରୁ ଏକ ସାଇକେଲ ରାଲି ବାହାରିଥିଲା।




ଶହୀଦ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଆରପିଏଫ୍ ଯବାନଙ୍କ ଦ୍ୱାରା ପ୍ରଦର୍ଶିତ ବ୍ୟାଣ୍ଡ୍ ଶୋ'।

- ସିଆର୍‌ପିଏଫ୍ ଯବାନଙ୍କ ଦ୍ୱାରା ବ୍ୟାଣ୍ଡ ଶୋ' ପ୍ରଦର୍ଶନ
- ନାଟକ 'ମୁଁ ସୁଭାଷ କହୁଛି' ମଞ୍ଚସ୍ଥ

## ବଟି ମାଗି ଜଣେ ଗିରଫ, ଛୁରି ଜବତ

**ପୁରୀ ଅଫିସ :** ବଟି ମାଗିବା ଅଭିଯୋଗରେ ବାସେଲିସାହି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ପାଇକସାହିର କାଳିଆ ପ୍ରଧାନ ଓରଫ କାଉ (୨୭)। ପୋଲିସ ଏ ନେଇ ଏକ କେସ୍ (ନଂ. ୨୦/୨୩) ରୁଜୁ କରିଛି। ପୋଲିସ ଅଭିଯୁକ୍ତଙ୍କ ଠାରୁ ୨୫୦ ଟଙ୍କା ଏବଂ ଗୋଟିଏ ଛୁରୀ ଜବତ କରିଛି। କାଳିଆ ବଡ଼ଶଙ୍ଖ ପରିବା ମାର୍କେଟରେ ବଟି ଆଦାୟ କରୁଥିବା ଖବର ପାଇ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ତାଙ୍କ ନାମରେ ପୂର୍ବରୁ ବୋମାମାଡ଼ ସହ ବିଭିନ୍ନ ମାମଲା ଅନେକ ଥାନାରେ ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୧।୨୦୨୩

| | |
|---|---|
| ୪,୧୦,୬୭୬ ଟଙ୍କା | |
| ସୁନା | ୨.୪୦୦ ଗ୍ରାମ |
| ରୁପା | ୧୯.୨୦୦ ଗ୍ରାମ |

# ଶୃଙ୍ଖଳିତ ନୀତିକାନ୍ତି ଉପରେ ଗୁରୁତ୍ୱ

ପୁରୀ ଅଫିସ, ୨୦।୧



ଦ୍ୱିତୀୟ ସମନ୍ୱୟ କମିଟି ବୈଠକରେ ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟମାନେ।

ଚନ୍ଦ୍ରଭାଗାରେ ମାଘସପ୍ତମୀ ମେଳାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ଜିଲାପାଳ ସମର୍ଥ ବର୍ମା ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସମନ୍ୱୟ କମିଟି ବୈଠକରେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୁରୀ ସର୍କିଟ ହାଉସରେ ଆୟୋଜିତ ଏହି ବୈଠକରେ ଜିଲାପାଳ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ପୂର୍ବ ପ୍ରସ୍ତୁତି ବୈଠକ ଓ ନୀତିକାନ୍ତି ବୈଠକର ନିର୍ଯାସ ସମ୍ପର୍କରେ ଆଲୋକପାତ କରିଥିଲେ। ଚଳିତ ମାସ ୨୭ ଓ ୨୮ତାରିଖରେ ତିନି ଠାକୁରଙ୍କୁ ନେଇ ଚନ୍ଦ୍ରଭାଗାରେ ମାଘସପ୍ତମୀ ମେଳା ହେବ। ୨୭ ତାରିଖ ରାତ୍ର ୮ଟା ୧୦ରୁ ରାତ୍ର ୧୦ଟା ୪୦ ମଧ୍ୟରେ ତିନି ଠାକୁରଙ୍କ ବିମାନ ବିଜେ, ୧୧.୩୦ ରୁ ରାତ୍ର ୧୨ଟା ମଧ୍ୟରେ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ପରିସରରେ ଠାକୁରଙ୍କ ପୂଜା ଓ ଭୋଗଲାଗି ଅନୁଷ୍ଠିତ ହେବ। ରାତ୍ର ୧ଟା ୧୬ ମିନିଟ୍‌ରୁ ଠାକୁରଙ୍କ ପୂଜାର୍ଚ୍ଚନା ଆରମ୍ଭ ହେବ। ପରେ ରାତ୍ର ୪.୪୧ରୁ ୬.୨୪ ମଧ୍ୟରେ ଠାକୁରଙ୍କ ମହାସ୍ନାନ ପରେ ଶ୍ରଦ୍ଧାଳୁମାନଙ୍କୁ ଚନ୍ଦ୍ରଭାଗା ପୁଷ୍କରିଣୀରେ ବୁଡ଼ ପକାଇବାର ସୁଯୋଗ ମିଳିବ। ଠାକୁରମାନଙ୍କ ନୀତିରେ ଯେପରି ବିଳମ୍ବ ନ ହୁଏ ସେଥିପାଇଁ ପୂଜକ ଓ ସେବାୟତମାନେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ଆଇନ ଶୃଙ୍ଖଳା, ପରିମଳ, ସ୍ୱାସ୍ଥ୍ୟ, ବିଦ୍ୟୁତ, ପରିବହନ, ରାସ୍ତାଘାଟ ମରାମତି, ଚନ୍ଦ୍ରଭାଗା ପୁଷ୍କରିଣୀ ଖନନ, ଅତ୍ୟାବଶ୍ୟକ ଦ୍ରବ୍ୟ ଯୋଗାଣ, ସାଂସ୍କୃତିକ କାର୍ଯ୍ୟକ୍ରମ, ପାନୀୟଜଳ ବ୍ୟବସ୍ଥା, ଗାଡ଼ି ପାର୍କିଂ ଓ ଟ୍ରାଫିକ, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଅସ୍ଥାୟୀ ସୂଚନା କେନ୍ଦ୍ର ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବା ପାଇଁ ପଦକ୍ଷେପ ନେବାକୁ ଜିଲାପାଳ ବର୍ମା ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଉପଜିଲାପାଳ ଭବତାରଣ ସାହୁ, କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସଞ୍ଜୁକ୍ତା ତ୍ରିପାଠୀ, ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସେକ ସଗିର, ଡେପୁଟି କଲେକ୍ଟର ରାକେଶ ପଣ୍ଡା, ସନ୍ଥ ସମିତିର ଶରତ ଜୟସିଂ, ତିନି ଠାକୁରଙ୍କ ସେବାୟତ, ଅନ୍ୟାନ୍ୟ ଅଧିକାରୀ ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

- ୨୭ରୁ ଚନ୍ଦ୍ରଭାଗାରେ ମାଘସପ୍ତମୀ ମେଳା
- ଠାକୁରଙ୍କ ମହାସ୍ନାନ ପରେ ବୁଡ଼ ପକାଇବେ ଶ୍ରଦ୍ଧାଳୁ

# 'କ୍ରୀଡ଼ାର ବିକାଶ ପାଇଁ ସରକାର ଚେଷ୍ଟିତ'

ନିମାପଡ଼ା,୨୦।୧(ଡି.ଏନ୍.ଏ.)

ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ ପାଇଁ ଆମ ସରକାର ଦୃଢ ସଂକଳ୍ପବଦ୍ଧ ଓ ସଦାଚେଷ୍ଟିତ। କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ପାଇଁ ସରକାର ବହୁବିଧ ଯୋଜନା ପ୍ରଣୟନ କରିବା ସହ ପ୍ରୋତ୍ସାହନ ଯୋଗାଇ ଆସୁଛନ୍ତି। ବ୍ଲକସ୍ତରୀୟ ୨ ଦିନିଆ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନ କରି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହା କହିଛନ୍ତି। ଗ୍ରାମାଞ୍ଚଳରେ ହଜିଯାଉଥିବା ବହୁ କ୍ରୀଡ଼ା ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ଏହି କ୍ରୀଡ଼ା ପ୍ରତିଯୋଗିତାର ମୂଳଲକ୍ଷ୍ୟ ବୋଲି ସେ କହିଛନ୍ତି। ନିମାପଡ଼ା ପଞ୍ଚାୟତ ସମିତି ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷ ଅନସୂୟା ମହାନ୍ତି, ବିଡିଓ ବସନ୍ତ ମଲ୍ଲିକ,ବିଇଓ ଦ୍ୱିତିକାନ୍ତ ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ବ୍ଲକ କ୍ରୀଡ଼ା ଆସୋସିଏଶନ ସମ୍ପାଦକ ରଣଜିତ୍ କେଶରୀ ନାୟକ, ତହସିଲଦାର ସ୍ତୁତିପ୍ରଜ୍ଞା ପ୍ରିୟଦର୍ଶିନୀ, ଜୀବନାନନ୍ଦ ମହାପାତ୍ର ପ୍ରମୁଖ ଯୋଗଦେଇ ଏହି ପ୍ରତିଯୋଗିତାର ସଫଳତା କାମନା କରିଥିଲେ। ଖୋଖୋ, କବାଡ଼ି, ଫୁଟବଲ୍ ଆଦି କ୍ରୀଡ଼ା ଏହି ପ୍ରତିଯୋଗିତାରେ ସ୍ଥାନିତ ହୋଇଥିଲା। ନିମାପଡ଼ା ବ୍ଲକର ୩୨ଟି ପଞ୍ଚାୟତର ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧୬ ଶହ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ତୁଳସୀପୁର ପଞ୍ଚାୟତର ବାବା ଅମରେଶ୍ୱର ମହାଦେବଙ୍କ ପୀଠରୁ ମଶାଲ ଶୋଭାଯାତ୍ରା ବାହାରି ବିଭିନ୍ନ ଅଞ୍ଚଳ ଓ ନିମାପଡ଼ା ସହର ପରିକ୍ରମା କରି ବାରବାଟୀ ଗ୍ରାଉଣ୍ଡରେ ପହଞ୍ଚିଥିଲା।





କାର୍ଯ୍ୟକ୍ରମରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟ ଅତିଥି।

## ସଂକ୍ଷେପରେ

### ମୋକାମା ମଠରେ ମହନ୍ତାଇ ଚାଦର ଉତ୍ସବ

**ପୁରୀ ଅଫିସ, ୨୦।୧:** ମାଘମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥି ଅବସରରେ ବଳଗଣ୍ଡି ଛକ ନିକଟସ୍ଥ ମୋକାମା ମଠରେ ଶୁକ୍ରବାର ବଳରାମ ରାମାନୁଜ ଦାସଙ୍କ ମହନ୍ତାଇ ଚାଦର ଉତ୍ସବ ସମ୍ପନ୍ନ ହୋଇଛି। ବର୍ତ୍ତମାନର ମଠ ମହନ୍ତ ରାମାନୁଚାର୍ଯ୍ୟାସ୍ୱାମୀଙ୍କ ଦ୍ୱାରା ନିଜ ଶିଷ୍ୟ ତଥା ଉତ୍ତରାଧିକାରୀ ଶ୍ରୀବଳରାମ ରାମାନୁଜ ଦାସଙ୍କୁ ପ୍ରଥମେ ଚାଦର ପ୍ରଦାନ କରାଯାଇଥିଲା। ପରେ ବରିଷ୍ଠ ଉତ୍ତରପାର୍ଶ୍ୱ ଓ କଟକୀ ମଠାଧୀଶଙ୍କ ଦ୍ୱାରା ଶ୍ରୀଜଗନ୍ନାଥଙ୍କ ଖଣ୍ଡୁଆ ପାଟ ଶାଟିକା ପ୍ରଦାନ କରାଯାଇଥିଲା। ମହନ୍ତ ଗୁରୁ ଶ୍ରୀରାମାନୁଜାଚାର୍ଯ୍ୟଙ୍କ ମାଲିକାନା ଓ ସଂରକ୍ଷଣରେ ଥିବା ଏହି ମଠ ବ୍ୟତୀତ ଅନ୍ୟ ସ୍ଥାନଗୁଡ଼ିକର ଉତ୍ତରାଧିକାରୀ ଭାବେ ଶ୍ରୀବଳରାମ ରାମାନୁଜ ଦାସଙ୍କ ନାମ ମହନ୍ତ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍ତରପାର୍ଶ୍ୱ ମଠ, କଟକୀ ମଠ, ଜୟରସ୍ୱାମୀ ମଠ, ସମାଧିସିଦ୍ଧ, ହାତୀ ଆଖଡ଼ା ମଠ, ପାପୁଡିଆ, ନେବଳଦାସ, ବଳରାମକୋଟ, ବଳଗଣ୍ଡି ଛତା ଆଦି ମଠର ମହନ୍ତ, ସନ୍ଥ, ଶିଷ୍ୟ ବୃନ୍ଦ ଉପସ୍ଥିତ ଥିଲେ।



ମୋକାମା ମଠରେ ଶୁକ୍ରବାର ବଳରାମ ରାମାନୁଜ ଦାସଙ୍କ ମହନ୍ତାଇ ଚାଦର ଉତ୍ସବ ସମ୍ପନ୍ନ କରାଯାଉଛି।

### ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇ ମହିଳା ଫେରାର

- ଥାନାର ଦ୍ୱାରସ୍ଥ ହେଲେ ସାହିବାସିନ୍ଦା

**ପୁରୀ ଅଫିସ, ୨୦।୧:** ସମୁଦ୍ରକୂଳ ଥାନା ଅନ୍ତର୍ଗତ ବାଲିନୋଳିଆ ସାହିରେ ଜଣେ ମହିଳା ସାହିବାସିନ୍ଦାଙ୍କଠାରୁ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ସାହିବାସିନ୍ଦା ଶୁକ୍ରବାର ସମୁଦ୍ରକୂଳ ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, କାକଟପୁର ଅଞ୍ଚଳର ଜଣେ ମହିଳା ତାଙ୍କ ପରିବାର ସହ ଗତ ୧ ବର୍ଷ ଧରି ବାଲିନୋଳିଆ ସାହିରେ ଏକ ଭଡ଼ାଘରେ ରହୁଥିଲେ। ନିଜ ଦେହ ଅସୁସ୍ଥ ଥିବା କହି ଚିକିତ୍ସା ଲାଗି ସାହିବାସିନ୍ଦାଙ୍କଠାରୁ ସୁଧ ଆକାରରେ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆଣିଥିଲେ। ଦୀର୍ଘଦିନ ଧରି ଟଙ୍କା ନ ଫେରାଇବାରୁ ଲୋକେ ତାଙ୍କୁ ମାଗିଥିଲେ। ତାଙ୍କ ବାପଘରର ଜମି ଭାଗ ହେବ ଏବଂ ସେ ସମସ୍ତ ଟଙ୍କା ଖୁବଶୀଘ୍ର ସମସ୍ତଙ୍କୁ ଦେଇଦେବେ ବୋଲି କହିଥିଲେ। ତେବେ ଗୁରୁବାର ବିଳମ୍ବିତ ରାତ୍ରିରେ ସେ ତାଙ୍କ ପରିବାର ସହ କେଉଁଆଡ଼େ ଚାଲିଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତାଙ୍କର କୌଣସି ପରିଚୟ ପ୍ରମାଣପତ୍ର ରଖି ନ ଥିବା ସମ୍ପୃକ୍ତ ଘର ମାଲିକ କହିଛନ୍ତି। ସମସ୍ତଙ୍କୁ ଚକ୍‌ମା ଦେଇ ମହିଳାଜଣକ ସେଠାରୁ ଚାଲିଯିବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାହିବାସିନ୍ଦା ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ଫସଲ କ୍ଷତିପୂରଣ ନ ପାଇବାରୁ ଚାଷୀ ଅସନ୍ତୁଷ୍ଟ

କଣାସ,୨୦।୧(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ରକ୍ତପଟା ଗ୍ରାମରେ ପ୍ରତିଷ୍ଠିତ ମନ୍ଦାକିନୀ ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସମିତି ସଭାପତି ଉମାକାନ୍ତ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । ସମ୍ପାଦକ ବିଚିନ ପଟ୍ଟନାୟକ, ପରିଚାଳନା ପରିଷଦ ସଦସ୍ୟ ଭାସ୍କର ପାଇକରାୟ, କାଶୀନାଥ ବିଶ୍ୱାଳ, ସବିତାରାଣୀ ରାଉତରାୟ, ପ୍ରଭାସିନୀ ସୁନ୍ଦରାୟ, ରାଜେଶ ହରିଚନ୍ଦନ, ନବଘନ ପରିଡ଼ା, ବାବୁଲି ସାମନ୍ତସିଂହାର ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଉଦ୍‌ଘାଟିତ ହୋଇଥିବା ଭରସା ସମବାୟ ସମିତି ଧାନମଣ୍ଡିରେ ୩ଜଣ ଚାଷୀଙ୍କଠାରୁ ୯୮ କୁଇଣ୍ଟାଲ ଧାନ କିଣାଯାଇଥିଲା। ମନ୍ଦାକିନୀ ସମବାୟ ସମିତି ଧାନମଣ୍ଡିରେ ୧୧ଜଣ ଚାଷୀଙ୍କଠାରୁ ୨୯୨ କୁଇଣ୍ଟାଲ ଧାନ କିଣାଯାଇଥିଲା। ଧାନ କିଣା ସମୟରେ ଆର୍‌ଏମ୍‌ସି କର୍ମଚାରୀ ଉପସ୍ଥିତ ରହିଥିବାବେଳେ ବ୍ରହ୍ମଗିରିର ପାୟଲ ରାଇସ୍ ମିଲ ଏହି ଧାନ କ୍ରୟ କରିଥିଲା। ପ୍ରକାଶ ଯେ ମନ୍ଦାକିନୀ ସମବାୟ ସମିତି ଦିବ୍ୟସିଂହପୁର, ଦୋକନ୍ଦା, ଗଡ଼ବଳଭଦ୍ରପୁର ଗ୍ରାମପଞ୍ଚାୟତକୁ ନେଇ ଗଠିତ । ଦୋକନ୍ଦା ଓ ଗଡ଼ବଳଭଦ୍ରପୁର ପଞ୍ଚାୟତର ଚାଷୀଙ୍କର ଶାରଦ ଧାନ ଚଳିତ ବନ୍ୟାରେ ଧୋଇ ଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା କ୍ଷତିପୂରଣ ଓ ବୀମା ଅର୍ଥରାଶି ମିଳି ନ ଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଆଗାମୀ ଦିନରେ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ ବୋଲି ଉମାକାନ୍ତ ପଟ୍ଟନାୟକ ଏବଂ ଅନ୍ୟ ଚାଷୀ ପ୍ରକାଶ କରିଛନ୍ତି।

## ଜଳବାୟୁ ସହନଶୀଳ ଜୀବିକା ଅଭିବୃଦ୍ଧି ସମ୍ପର୍କିତ କର୍ମଶାଳା

ବ୍ରହ୍ମଗିରି,୨୦।୧(ଡି.ଏନ୍.ଏ.)

ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଭୁବନପୁର ପଞ୍ଚାୟତରେ ଶୁକ୍ରବାର ଜଳବାୟୁ ପରିବର୍ତ୍ତନ ଦିଗରେ ଉପକୂଳବର୍ତ୍ତୀ ଲୋକଙ୍କର ଜଳବାୟୁ ସହନଶୀଳ ଜୀବିକା ଅଭିବୃଦ୍ଧି ସମ୍ପର୍କିତ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଭାରତ ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଏବଂ ହମାରା ବଚପନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ କର୍ମଶାଳାକୁ ଭୁବନପୁର ସରପଞ୍ଚ ଅମୂଲ୍ୟ ପ୍ରଧାନ ଉଦ୍‌ଘାଟନ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ତରଫରୁ ଜିଲା ବୈଷୟିକ କୃଷି ବିଶେଷଜ୍ଞ ହିମାଦ୍ରୀ ନାଥ ସାହୁ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବ୍ରହ୍ମଗିରି ବନ୍ୟପ୍ରାଣୀ ବନପାଳ ପ୍ରଶାନ୍ତ କୁମାର ସୁନ୍ଦରା, କୃଷି ମତ୍ସ୍ୟ ଉଦ୍ୟାନ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ଜଳବାୟୁ ଉପଯୋଗୀ ଓ ସହନଶୀଳ ଜୀବିକା କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସରପଞ୍ଚ ପ୍ରଧାନ, ସମିତିସଭ୍ୟ ତ୍ରିନାଥ କୁମାର ପଳାଇ ଉପସ୍ଥିତ ଥିବାବେଳେ ପ୍ରକାଶ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅଣ୍ଟୁନି ବାର୍ଦ୍ଧକ୍ୟ ଭତ୍ତା, ଆଦରିଛନ୍ତି ଭିକ୍ଷାବୃତ୍ତି

କଟକ ଅଫିସ,୨୦।୧

**ହାଇକୋର୍ଟଙ୍କ ଦ୍ୱାରସ୍ଥ ଅଭୟ**

ମଧୁବାବୁ ପେନ୍‌ସନ୍ ଯୋଜନାରେ ମିଳୁଥିବା ଅର୍ଥ ଚଳିବା ପାଇଁ ଅଣ୍ଟୁନି। ସ୍ୱଳ୍ପ ପେନ୍‌ସନ ଅର୍ଥରେ ଘର ଚଳାଇବା କାଠିକର ହୋଇପଡୁଛି, ଯେଉଁଥିପାଇଁ ପୁରୀ ଜିଲା ଛୋଟପୁର ଗ୍ରାମର ୬୭ ବର୍ଷୀୟ ଅଭୟ କୁମାର ପଟ୍ଟନାୟକ କଟକ ଆସି ଭିକ୍ଷାବୃତ୍ତିକୁ ଆପଣାଇଛନ୍ତି। ଏହି ଅର୍ଥର ପରିମାଣ ବୃଦ୍ଧି କରିବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ପ୍ରାର୍ଥନା କରିଛନ୍ତି। ମାମଲାର ବିବରଣୀ ଅନୁସାରେ, ଆବେଦନକାରୀ ଅଭୟ ଜଣେ ଗରିବ କୃଷକ। କୃଷି କରି ସେ ତାଙ୍କ ପରିବାର ଚଳାଉଥିଲେ। ପୁଅଝିଅ ବଡ଼ ହେବା ପରେ ଝିଅ ବାହାଘର ପାଇଁ ଜମି ବିକ୍ରି କରିଦେଇ ଏବେ ସେ ଭୂମିହୀନ ହୋଇଯାଇଛନ୍ତି। ତାଙ୍କ ପୁଅମାନେ ବେକାର, ମଦ୍ୟପ ହୋଇଥିବାରୁ ବାପାଙ୍କୁ ପୋଷିବାର କ୍ଷମତା ନାହିଁ। ଅଭୟ ସରକାରଙ୍କ ମଧୁବାବୁ ପେନ୍‌ସନ୍ ଯୋଜନାରେ ମାସକୁ ୫୦୦ ଟଙ୍କା ପାଇବା ସହ ସାମାଜିକ ସୁରକ୍ଷା ଯୋଜନାରେ ୫ କେଜି ଚାଉଳ ପାଉଛନ୍ତି। ସରକାର ୬୦ରୁ ୭୯ ବର୍ଷ ଯାଏ ମାସକୁ ୫୦୦ ଓ ୮୦ ବର୍ଷରୁ ୮୦୦ ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ଦେବାର ଯୋଜନା କରିଛନ୍ତି। ତାଙ୍କୁ ୬୭ ବର୍ଷ ହୋଇଥିବାରୁ ସେ ୫୦୦ ଟଙ୍କା ପାଉଛନ୍ତି। ଭତ୍ତା ଅର୍ଥରେ ଚଳିବାକୁ ହେଲେ ଦୈନିକ ୧୬ ଟଙ୍କା ୬୬ ପଇସା ହିଁ ତାଙ୍କୁ ଖର୍ଚ୍ଚ କରିବାକୁ ପଡ଼ିବ। ବର୍ତ୍ତମାନ ମହଙ୍ଗା ଯୁଗରେ ଏତିକି ଟଙ୍କାରେ ପରିବାର ଚଳେଇ ହେଉନି। ତେଣୁ ସେ ଗାଁ ଛାଡ଼ି କଟକ ଚାଲିଆସିଲେ। ବୃଦ୍ଧାବସ୍ଥାରେ ଆଉ କାମଧନ୍ଦା କରିବାର କ୍ଷମତା ନ ଥିବାରୁ କଟକ ରାସ୍ତାରେ ଭିକ୍ଷାବୃତ୍ତିକୁ ଆପଣାଇଛନ୍ତି। ଏହାର ବିଚାର କରି ତାଙ୍କ ବଞ୍ଚିବା ନିମନ୍ତେ ମଧୁବାବୁ ପେନ୍‌ସନ୍ ଯୋଜନା ପରିମାଣ ବୃଦ୍ଧି କରିବା ନିମନ୍ତେ ହାଇକୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ ଦର୍ଶାଇଛନ୍ତି। ସେ ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ସାମାଜିକ ସୁରକ୍ଷା ତଥା ଭିନ୍ନକ୍ଷମ ସଶକ୍ତୀକରଣ ସଚିବ, କଟକ ଓ ପୁରୀ ଜିଲାପାଳଙ୍କୁ ପକ୍ଷଭୁକ୍ତ କରିଛନ୍ତି।

## ଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା

ପିପିଲି,୨୦।୧(ଡି.ଏନ୍.ଏ.)

ପିପିଲିସ୍ଥିତ କସ୍ତୁରବା ଗାନ୍ଧୀ ମହିଳା ମହାବିଦ୍ୟାଳୟ ଯୁକ୍ତ୨ ଶେଷ ବର୍ଷର ଛାତ୍ରୀଙ୍କୁ ମହାବିଦ୍ୟାଳୟ ପକ୍ଷରୁ ଏକ ଭିନ୍ନ ଢଙ୍ଗରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ମହାବିଦ୍ୟାଳୟ ପକ୍ଷରୁ ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ତଥା ଝୋଟିଚିତା, ନାଚ, ଗୀତ ଏବଂ ବକ୍ତୃତା ପ୍ରତିଯୋଗିତା କରାଯାଇ ସେମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁକ୍ତ୨ ଅଧ୍ୟକ୍ଷା କେ. ଗୀତା ରାଣୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଗୋବିନ୍ଦପୁର ପଞ୍ଚାୟତ ସମିତି ସଭ୍ୟା କବିତା ଖଟେଇ ଏବଂ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ସମ୍ପାଦିକା ସୁମିତ୍ରା ବେହେରା ଯୋଗଦେଇ ବିଦାୟୀ ଛାତ୍ରୀଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ନିଜକୁ ସୁନ୍ଦର ଭାବେ ଗଢି ତୋଳିବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଏବଂ ମେଡାଲ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧ୍ୟାପିକା ଯୋଗମାୟା ସାହୁ, ପୁଷ୍ପପ୍ରିୟା ପୃଷ୍ଟି ଏବଂ ଗୃହଲକ୍ଷ୍ମୀ ରାଉତରାୟ ପ୍ରମୁଖ ପରିଚାଳନା କରିଥିଲେ। ଅଧ୍ୟକ୍ଷାଙ୍କ ଏପରି ପଦକ୍ଷେପକୁ ଛାତ୍ରୀମାନେ ପ୍ରଶଂସା କରିଥିଲେ।





ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

# ଆୟୁର୍ବେଦ ଚିକିତ୍ସା ଅଧିକ ପରିବ୍ୟାପ୍ତ ହେବା ଆବଶ୍ୟକ

ପୁରୀ ଅଫିସ, ୨୦।୧

ଆୟୁର୍ବେଦ ଚିକିତ୍ସା ଏକ ପ୍ରାଚୀନ ଚିକିତ୍ସା ପ୍ରଣାଳୀ। ଏହାକୁ ନେଇ ଏକଦା ଭାରତର ଚିକିତ୍ସା ବ୍ୟବସ୍ଥା ସମଗ୍ର ବିଶ୍ୱରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା। ଆଜିର ସମୟରେ ଏହାକୁ ଅଧିକ ପରିବ୍ୟାପ୍ତ କରାଯିବା ଆବଶ୍ୟକ ବୋଲି ଶୁକ୍ରବାର ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ପ୍ରାୟୋଜିତ ତିନିଦିନିଆ ଆୟୁର୍ବେଦ ପର୍ବକୁ ଉଦ୍‌ଘାଟନ କରି ରାଜ୍ୟସଭା ସଦସ୍ୟା ସୁଲତା ଦେଓ କହିଛନ୍ତି। ସେ କହିଥିଲେ ଯେ, ଓଡ଼ିଶାରେ ଆୟୁର୍ବେଦର ଉନ୍ନତି ଲାଗି ଭାରତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟକୁ କେନ୍ଦ୍ରୀୟ ମାନ୍ୟତା ପାଇଁ ଉଦ୍ୟମ କରାଯିବ ବୋଲି ସେ ମତବ୍ୟକ୍ତ କରିଥିଲେ। ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠର ବୈଦ୍ୟ ପଦ୍ମଭୂଷଣ ଦେବେନ୍ଦ୍ର ତ୍ରିଗୁଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରେଜିଷ୍ଟ୍ରେଶନ ଓ ଏଥିକ୍ସ କମିଟିର ଅଧ୍ୟକ୍ଷ ବୈଦ୍ୟ ରାକେଶ ଶର୍ମା, ବୈଦ୍ୟ ତାରାଚାନ୍ଦ ଶର୍ମା, ବୈଦ୍ୟ ଏସ୍.ଏନ୍.ପାଣ୍ଡେ, ପ୍ରଫେସର ରବି ନାରାୟଣ ଆଚାର୍ଯ୍ୟ, ପ୍ରଫେସର ବି.କେ. ଜୟସିଂ, ଡା. ଉମେଶ ଚନ୍ଦ୍ର ପୃଷ୍ଟି, ଡା. ଗୌରୀ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ ଆୟୁର୍ବେଦର ଉତ୍ପତ୍ତି, ଚିକିତ୍ସା ଓ ଲୋକଙ୍କୁ ସେବା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ସୁଦର୍ଶନ ବେହେରା ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ ଆୟୁର୍ବେଦ ପର୍ବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ବିଭିନ୍ନ ରାଜ୍ୟରୁ ଆସିଥିବା ଆୟୁର୍ବେଦ ବିଶାରଦମାନେ ସେମାନଙ୍କ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଅଖିଳ ଭାରତୀୟ ଆୟୁର୍ବେଦ ମହାସମ୍ମେଳନ ଓ ଆୟୁଷ ମନ୍ତ୍ରଣାଳୟର କର୍ମକର୍ତ୍ତାମାନେ ମତାମତ ଉପସ୍ଥାପନ କରିଥିଲେ।

# ସାହିତ୍ୟ ହିଁ ସମାଜର ଦର୍ପଣ ସଦୃଶ

ନିମାପଡ଼ା,୨୦।୧(ଡି.ଏନ୍.ଏ.)

**ଲିଟିଲଷ୍ଟାର ଗ୍ରୁପ୍‌ର ଶିଶୁ ମହୋତ୍ସବ**

ନିମାପଡ଼ାର ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ୍‌ଷ୍ଟାର ଗ୍ରୁପ୍‌ର ୨୦ତମ ଶିଶୁ ଯୁବ ମହୋତ୍ସବ ଓ ସମ୍ବର୍ଦ୍ଧନା ସମାରୋହ ଶୁକ୍ରବାର ସ୍ଥାନୀୟ ପାଟପୁର ଗ୍ରାମର ମା' ଭଗବତୀଙ୍କ ପୀଠରେ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଯୋଗେନ୍ଦ୍ରଚନ୍ଦ୍ର ମିଶ୍ର, ଡ. ରବୀନ୍ଦ୍ରନାଥ ପାଢୀ, ଶିଶୁ ସାହିତ୍ୟିକ ଦାଶବେନହୁର, ଶିଶୁ ପତ୍ରିକା ବାନରସେନା ସମ୍ପାଦକ ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ଖଟୋଇ, କବି, ସାହିତ୍ୟିକ, ଲେଖକ, ସାମାଜିକ କର୍ମୀ ବଦ୍ରି ମିଶ୍ର, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା, ଶିକ୍ଷକ ନିର୍ମଳ ମିଶ୍ର, ଲିଟିଲଷ୍ଟାର ଗ୍ରୁପ୍ ସମ୍ପାଦକ ସୁମନ୍ତ ମହାରଣା ପ୍ରମୁଖ ଯୋଗଦେଇଥିଲେ। ଏହି ଯୁବ ଛାତ୍ର ସମାଜ ସତ୍ୟନିତ୍ୟ ଜୀବନଯାପନ କରିବା ସହ ଭଲ ମଣିଷ ହେବା ଆବଶ୍ୟକ। ସଫଳ ସାହିତ୍ୟ ହିଁ ସମଗ୍ର ବିଶ୍ୱରେ ଦୀର୍ଘଦିନ ଧରି ତିଷ୍ଠି ରହେ, ସାହିତ୍ୟ ହିଁ ସମାଜର ଦର୍ପଣ ସଦୃଶ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ଶିଶୁ କଳାକାର ଆୟୁଶା ପଟ୍ଟନାୟକ, ଶିଶୁ ଚିତ୍ରଶିଳ୍ପୀ ଆଦ୍ୟାଶା ମହାନ୍ତିଙ୍କ ସମେତ ମଞ୍ଚାସୀନ ଅତିଥିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନୁଷ୍ଠାନ ପକ୍ଷରୁ ଆୟୋଜିତ ରଚନା, ପ୍ରବନ୍ଧ, ଚିତ୍ରଟିଏକୁ ଗୀତଟିଏ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ପ୍ରତିଯୋଗୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର, ପୁରସ୍କାର ଦିଆଯାଇଥିଲା। ଅଧ୍ୟାପକ ରବୀନ୍ଦ୍ରନାଥ ପାଢୀ, ଶିକ୍ଷକ ନିର୍ମଳ ମିଶ୍ର, ସାମାଜିକ କର୍ମୀ ଅଜୟ ମିଶ୍ର ପ୍ରମୁଖ ସମାରୋହର ସଂଯୋଜନା ଓ ପରିଚାଳନା କରିଥିଲେ।





ଉତ୍ସବରେ ଜଣେ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଯୁବତୀଙ୍କୁ ଅପହରଣ ଉଦ୍ୟମ

ଗୋପ,୨୦।୧(ଡି.ଏନ୍.ଏ.)

ଗୋପ ଥାନା ଅନ୍ତର୍ଗତ ଭୋଗପଡ଼ା ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଜଣେ ଯୁବକ କଲେଜ ପଢୁଆ ଯୁବତୀଙ୍କୁ ଅପହରଣ କରିବାକୁ ଚେଷ୍ଟା କରି ବିଫଳ ହେବା ପରେ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି। ପ୍ରକାଶ ଯେ, ଉକ୍ତ ଯୁବତୀ ଶୁକ୍ରବାର ସନ୍ଧ୍ୟାରେ ତାଙ୍କ ସାଙ୍ଗ ସହିତ ଗାଁ ନିକଟରେ ଭ୍ରମଣ କରୁଥିଲେ। ଏହି ସମୟରେ ଜଣେ ଯୁବକ ସାଙ୍ଗଙ୍କ ସହିତ ଆସି ଯୁବତୀଙ୍କୁ ଅପହରଣ ଉଦ୍ୟମ କରିଥିଲେ। କିନ୍ତୁ ଅପହରଣକାରୀ ଯୁବକଙ୍କୁ ଯୁବତୀଙ୍କ ସାଙ୍ଗ ଧରି ନେଇଥିଲେ। ଫଳରେ ୧୫ମିନିଟ ଧରି ଉଭୟଙ୍କ ମଧ୍ୟରେ କସରତ ଚାଲିବା ପରେ ଅପହରଣ ଯୁବକ ଜଣଙ୍କ ଖସିଯାଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏ ନେଇ ଗୋପ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ କହିଛନ୍ତି।

# ତାଲିକାକୁ ନେଇ ତେଜୁଛି ଜନଅସନ୍ତୋଷ

ଡେଲାଙ୍ଗ,୨୦।୧(ଡି.ଏନ୍.ଏ.)

**ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବାରୁ ପ୍ରକୃତ ହିତାଧିକାରୀ ବଞ୍ଚିତ ଅଭିଯୋଗ**

ଡେଲାଙ୍ଗ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକା ପ୍ରକାଶ ପାଇବା ପରେ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଡେଲାଙ୍ଗ ପଞ୍ଚାୟତ ସମିତି ୨୧ଟି ପଞ୍ଚାୟତକୁ ନେଇ ଗଠିତ। ତେବେ ଏଥି ମଧ୍ୟରେ ୨୮୨୪ଜଣ ଆବାସ ସହାୟତା ପାଇବା ପାଇଁ ତାଲିକା ପ୍ରକାଶ ପାଇଛି। ସେଥିମଧ୍ୟରୁ ୨୦୦୭ଜଣ ସାଧାରଣ, ୮୧୭ ଜଣ ଫନୀ କ୍ଷତୀଗ୍ରସ୍ତଙ୍କ ନାମ ତାଲିକାରେ ରହିଛି। ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ହିତାଧିକାରୀଙ୍କ ନାମ ତାଲିକା ତଥା ବିଜ୍ଞପ୍ତି ଲଗାଯାଇଛି। ପୂର୍ବରୁ ପ୍ରକାଶ ପାଇଥିବା ଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାରେ ନ ରହିବାରୁ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟପଟେ ପ୍ରଶାସନ ପକ୍ଷରୁ ଯେଉଁ ଅଭିଯୋଗ ବାକ୍ସ ସମସ୍ତ ପଞ୍ଚାୟତ ଓ ବ୍ଲକ କାଯ୍ୟାଳୟରେ ରଖାଯିବା ନିୟମ କରାଯାଇଛି, ତାହା ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। କେଉଁ ପରିସ୍ଥିତିରେ ଜଣେ ପଲିଥିନ ତଳେ ଆଶ୍ରୟ ନେଇ ଥିବା ଗରିବ କୋଠାଘର ଓ ଚାକିରିଆ ଥାଇ ମଧ୍ୟ ଯୋଗ୍ୟ ବିବେଚିତ ହୋଇଥିବା ଅଯୋଗ୍ୟଙ୍କ ବିରୋଧରେ ଅଭିଯୋଗ କରିବ। ଏହି ଅଭିଯୋଗ ପାଇଁ ନିଜକୁ ସୁରକ୍ଷିତ ମଣୁ ନ ଥିବା ଶତାଧିକ ହିତଧିକାରୀ ଭୟରେ ଅଭିଯୋଗ ନ କରି ଚୁପ୍ ବସିଛନ୍ତି। ତଥାପି କେତେଜଣ ୨୦ ତାରିଖ ସନ୍ଧ୍ୟା ସୁଦ୍ଧା ୨୬୩ଜଣ ହିତାଧିକାରୀଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ କହିଛନ୍ତି, ହସ୍ତଗତ ଅଭିଯୋଗ ମଧ୍ୟରୁ ୧୧୩ଟି ଅଭିଯୋଗ ଉପରେ ତଦନ୍ତ କରାଯାଇଛି। ସେଥିମଧ୍ୟରୁ ୨୨ ଜଣ ଯୋଗ୍ୟ ହିତାଧିକାରୀ ହୋଇଥିବା ବେଳେ ୯୧ଜଣ ଅଯୋଗ୍ୟ ବୋଲି ଚିହ୍ନଟ ହୋଇଛି। ଅନ୍ୟପଟେ ଆବାସ ତାଲିକାରେ ସ୍ୱଚ୍ଛତା ଓ ଠିକ୍ ତଦନ୍ତ କରିବା ନିମନ୍ତେ ପଞ୍ଚାୟତ ସ୍ତରରେ ପିଇଓଙ୍କୁ ଅଦଳବଦଳ କରାଯାଇଛି। ଅଯୋଗ୍ୟଙ୍କୁ ଚିହ୍ନଟ କରିବା ପାଇଁ ୨୪ ତାରିଖ ପର୍ଯ୍ୟନ୍ତ ଅଭିଯୋଗ ପତ୍ର ଦେଇପାରିବେ ବୋଲି ବିଜ୍ଞପ୍ତି ବ୍ଲକ ପ୍ରଶାସନ ପକ୍ଷରୁ ଜାରି କରାଯାଇଛି। ଏହି ଘଟଣା ପରେ ବିଡିଓ ଷଡଙ୍ଗୀଙ୍କୁ ଅନ୍ୟତ୍ର ବଦଳି ହୋଇଥିବା ଚର୍ଚ୍ଚା ହେଉଛି।

ODISHA OMC ODISHA FALCON
FEST
BHUBANESWAR
FOOD • ENTERTAINMENT • STORIES • TRAILS
15-29 JANUARY



# ହସାଇଲେ ସୁନୀଲ୍, ତାଳି ବଢ଼ାଇଲେ ଶିଳ୍ପା



ଶିଳ୍ପା ରାଓ

ହକି ବିଶ୍ୱକପ୍ ପାଇଁ ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଡଟ୍ ଫେଷ୍ଟର ଭୁବନେଶ୍ୱର ଲାଇଭ୍ କାର୍ଯ୍ୟକ୍ରମର ଶୁକ୍ରବାର ୬ଷ୍ଠ ସନ୍ଧ୍ୟା ଥିଲା ସବୁଠୁ ସ୍ୱତନ୍ତ୍ର, ଆଉ ରୋମାଞ୍ଚକରା ହସ, ଗୀତ, ନାଚରେ ପୂରି ଉଠିଥିଲା ପୂରା ଅଞ୍ଚଳ। ଲୋକପ୍ରିୟ କମେଡିଆନ ସୁନୀଲ ଗ୍ରୋଭରଙ୍କ ମଜାଳିଆ କଥାରେ ଦର୍ଶକ ହସି ହସି ବେଦମ ହୋଇଥିଲେ। ସେହିପରି ଓଡିଆ ଗାୟକ ଶଶାଙ୍କ ଶେଖରଙ୍କ ମନଛୁଆଁ ଗୀତରେ ଦର୍ଶକ ହଜି ଯାଇଥିଲେ। ଶେଷରେ ବଲିଉଡ ଗାୟିକା ଶିଳ୍ପା ରାଓଙ୍କ ଗୀତ ରାତିର ତାତି ବଢାଇ ଦେଇଥିବାବେଳେ ଏକ ପ୍ରକାର ଅନନ୍ୟ ମନୋରଞ୍ଜନ ପାଇଥିଲେ ଦର୍ଶକ।

## ସିଟି ଅଫ୍ ଲଭ୍

ଓଡ଼ିଶା ମୁଁ ବହୁତ ଥର ଆସିଛି। ଛୁଟି ମନାଇବାକୁ ଘର ଲୋକଙ୍କ ସହ ଏଠାକୁ ଆସେ ବୋଲି କହିଛନ୍ତି ପ୍ରସିଦ୍ଧ କଣ୍ଠଶିଳ୍ପୀ ଶିଳ୍ପା ରାଓ। ସେ କହିଥିଲେ ଏଠାକର ଲୋକମାନେ ବହୁତ ଭଲ। ଭୁବନେଶ୍ୱର ହେଉଛି ସିଟି ଅଫ୍ ଲଭ୍। ଏଭଳି ଶ୍ରୋତା ଓ ମଞ୍ଚ ମୁଁ କେଉଁଠି ପାଇନି।

## ମେହେରବାନ୍ ଗୀତରେ ପ୍ରେମ ଭରିଲେ

ରାତି ବଢ଼ିବା ସହ ଦର୍ଶକ ଓ ମଞ୍ଚରେ ତାତି ଭରିଥିଲେ ଗାୟିକା ଶିଳ୍ପା ରାଓ। ପ୍ରେମଭରା ଗୀତ ତେସୋ ନେନା ଲାଗେ ପିୟା ସବ୍ ରେ.., ମୌଲା ମେରେ ମୌଲା ମେରେ.., ଶୁଭାନାଲା..,ମେହେରବାନ୍ ହୁଆ ରବା.., କଲଙ୍କ୍ ନେହିଁ ଇସ୍କ ହେ.., ବୁଲେୟା ଆଦି ରୋମାଣ୍ଟିକ ଓ ପ୍ରେମ ଗୀତରେ ଦର୍ଶକଙ୍କୁ ଭଲ ପାଇବା ଅଜାଡ଼ିଥିଲେ। ଘୁଙ୍ଗୁରୁ ଟୁଟ୍ ଗେୟେ ଗୀତରେ ଜୋସ୍ ଭରିଥିଲେ ଶିଳ୍ପା। ଲୋକ ସିଟ୍‌ରୁ ଉଠି ନାଚିଥିଲେ। ତାଙ୍କ ନିକଟରେ ଭେଟିଥିବା ହିଟ୍ ଗୀତ ହମେ ତୋ ଲୁଟ୍ ଲିୟା ମିଲ୍‌କେ ଇସ୍କ ୱାଲୋନେ.. ଗୀତରେ ଏକ ଅଲଗା ପ୍ରକାରର ପରିବେଶ ସୃଷ୍ଟି କରିଥିଲେ ଶିଳ୍ପା।

## ରଙ୍ଗବତୀରେ ଏଣ୍ଟ୍ରି, ମୁଁ ସଫେଇ ବାଲାରେ ନାଚିଲେ ଗ୍ରୋଭର

ରଙ୍ଗବତୀ ଗୀତରେ ଏଣ୍ଟ୍ରି କଲେ ଲୋକପ୍ରିୟ କମେଡିଆନ୍ ସୁନୀଲ୍ ଗ୍ରୋଭର୍। କହିଲେ ଜୟ ଜଗନ୍ନାଥ। ଓଡ଼ିଶାର ଲୋକପ୍ରିୟ ଓ ଚର୍ଚ୍ଚିତ ଗୀତ ରଙ୍ଗବତୀରେ ମଞ୍ଚକୁ ସ୍ୱାଗତ କରିବା ସୌଭାଗ୍ୟ ବୋଲି ବି କହିଲେ। ଆରମ୍ଭ ହିଁ ଦର୍ଶକ ହସିବା ଆରମ୍ଭ କରିଦେଇଥିଲେ। ପୁଣି ରାତି ନ ପାହୁଣୁ ବିଏମ୍‌ସି ପକ୍ଷରୁ ବାଜୁଥିବା ମୁଁ ସଫେଇ ବାଲା ଗୀତରେ ନାଚିଲେ ଗ୍ରୋଭର୍। ହକି ବିଶ୍ୱକପ୍ ଆୟୋଜନକୁ ନେଇ ସେ କମେଡି ମାଧ୍ୟମରେ କହିଲେ,ହକି ବୋଲି ଗୋଟିଏ ଜିନିଷ ଥିଲା, ତାହା ମୁଁ ଜାଣିଥିଲି। କିନ୍ତୁ ସେଥିରେ ଯେ ଖେଳ ହୁଏ, ତାହା ପୁଣି ବିଶ୍ୱକପ୍ ସେ କଥା ଜାଣି ନ ଥିଲି। ମୁଁ କେବଳ ହକିରେ ମାଡ଼ ଖାଇଥିଲି।

## ବଲିଉଡ ଡାଏଲଗ୍ ମାରିଲେ

ପ୍ରଥମ ପର୍ଯ୍ୟାୟରେ ଡାକ୍ତର ହୋଇ ମଜା ମଜା କଥା କହିବା ପରେ ବଲିଉଡର ବିଶିଷ୍ଟ କଳାକାରଙ୍କ ଡାଏଲଗ୍ ସବୁ କହିଥିଲେ ସୁନୀଲ ଗ୍ରୋବର। ଅମିତାଭ ବଚ୍ଚନ, ଇରଫାନ୍ ଖାନ୍, ସିଦ୍ଧୁ ପାଜି ତଥା କପିଲ ଦେବଙ୍କ ଡାଏଲଗ ମାରିଥିଲେ। ଏଥିସହ କିଭଳି ଧୀରେ ଧୀରେ ସେ ଲୋକପ୍ରିୟ ହୋଇଥିଲେ ସେ ସମ୍ପର୍କରେ ମଧ୍ୟ କହିଥିଲେ।

## କୌନ୍ ଲେଗା ଚାଇ ପତି

ଅମିତାଭ ବଚ୍ଚନଙ୍କ ଶୋ' କୌନ୍ ବନେଗା କରୋଡ଼ ପତିକୁ କୌନ୍ ଲେଗା ଚାଇ ପତି ନାମକ ଏକ ମଜାଳିଆ ଢଙ୍ଗରେ ଶୋ ଆରମ୍ଭ କରିଥିଲେ। ମଞ୍ଚ ତଳେ ବସିଥିବା ଏକ ଯୋଡ଼ିଙ୍କୁ ଡାକି ସେ ବିଭିନ୍ନ ମଜାଳିଆ ପ୍ରଶ୍ନ ପଚାରି ଖେଳିଥିଲେ। ହେଲ୍ପ ଲାଇନକୁ ପାଇପ୍ ଲାଇନର ସହାୟତା ନେଇପାରିବେ ବୋଲି କହିଥିଲେ।



ଗୁତ୍ଥୀ ବେଶରେ ସୁନୀଲ

## ଅଲିକୁ ବାହାହେଲେ ଗୁତ୍ଥୀ

ଗ୍ରୋଭରଙ୍କ ଗୁତ୍ଥୀ ଚରିତ୍ର ପ୍ରାୟ ସମସ୍ତଙ୍କର ପ୍ରିୟ। ଗୁତ୍ଥୀ ଚରିତ୍ର ସହ ତାଙ୍କର ଝିଅ ଭଳି ଡାଏଲାଗ ବେଶି ହସାଇଥାଏ। ଗୁତ୍ଥୀ ଚରିତ୍ରରେ ସେ ଭୁବନେଶ୍ୱରରୁ ନିଜ ପାଇଁ ପୁଅ ଖୋଜିଥିଲେ। ପ୍ରଥମେ ଅଲିକୁ ବାହା ହୋଇଥିଲେ। ପରେ ମଞ୍ଚ ତଳେ ଥିବା ଏକ ପିଲାକୁ ଡାକି ଆଣି ବାହା ହୋଇଥିଲେ। ତାକୁ ବରମାଳ ପିନ୍ଧାଇବା ସହ ଗୋଟିଏ ଓଢଣି ତଳେ ଢାଙ୍କି ହୋଇ ରହିଥିଲେ। ଯାହାକୁ ଦେଖି ଲୋକମାନେ ତାଳି ମାରି ହସିଥିଲେ। ଏଥିସହ ସେହି ପିଲାକୁ ହାତରେ ଧରି ବୁଲାଇଥିଲେ ଯାହାକି ଦର୍ଶକଙ୍କୁ ବେଶି ମନୋରଞ୍ଜନ ଦେଇଥିଲା।



ମସ୍‌ହୁର ଗୁଲାଟି ଚରିତ୍ରରେ ସୁନୀଲ

## ଶଶାଙ୍କ ଶେଖରଙ୍କ ଆହେ ନୀଳ ଶଇଳ

ଜଗତର ନାଥ ଜଗନ୍ନାଥନଙ୍କୁ ସ୍ମରଣ କରି ସନ୍ଧ୍ୟାର କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ ଓଡ଼ିଆ କଣ୍ଠଶିଳ୍ପୀ ଶଶାଙ୍କ ଶେଖର। 'ଆହେ ନୀଳ ଶଇଳ' ଗୀତରେ ଜଗନ୍ନାଥ ଓ ଜଗନ୍ନାଥ ପ୍ରେମୀଙ୍କୁ ଭେଟି ଦେଇଥିଲେ ତାଙ୍କର ପ୍ରଥମ ପରିବେଷଣ। ଏହା ପରେ ଓଡିଆ ଗୀତ ଚାନ୍ଦିନୀ ତୋର ନାଁ ..., ପରେ ପରେ କେଶରୀୟା..., ସେୟାଁ.... ଓ ହସିନା ଜୁଲ୍ଫୋ ୱାଲି ଜାନେ ଯାହାଁ... ଗୀତରେ ଦର୍ଶକଙ୍କୁ ମୁଗ୍ଧ କରିଥିଲେ।



## ମସ୍‌ହୁର ଗୁଲାଟିଙ୍କ ରୋଗୀ ସେବା

ମଞ୍ଚକୁ ସୁନୀଲ ଗ୍ରୋଭର ପ୍ରଥମେ ଡାକ୍ତର ବେଶରେ ଏଣ୍ଟ୍ରି ମାରିଥିଲେ। ମସ୍‌ହୁର ଗୁଲାଟି ନାମରେ ତାଙ୍କର ଏହି ଡାକ୍ତର ପରିଚୟ ସମସ୍ତେ ଜାଣନ୍ତି। ସେ ମଞ୍ଚକୁ ଆସିବା ପରେ ଲୋକଙ୍କ ସ୍ୱାସ୍ଥ୍ୟ ବିଷୟରେ କଥା ହୋଇଥିଲେ। କାହାକୁ କିଭଳି ରୋଗ ଓ ତାକୁ ଏକ ମଜାଳିଆ ଢଙ୍ଗରେ ଚିକିତ୍ସା କରିଥିଲେ। ସେ କହିଥିଲେ ଯାହାର କିଡ୍‌ନୀ ଖରାପ ତା' ଆଗରେ ୫ଟି ବିଅର ବୋତଲ ରଖିଦେବ। ଗୋଟିଏ ବୋତଲ ପିଇଲା ତା'ହେଲେ ସେ ଠିକ୍ ଅଛି। ଯଦି ୨ଟା ପିଇଲା ତା'ହେଲେ ବି ଠିକ୍ ଅଛି। ଆଉ ଯଦି ସେ ୫ରୁ ଅଧିକ ପିଇଗଲା, ତା'ହେଲେ ଜାଣିବ ସେ ପିଲା ଖାରବେଳ ନଗରର। ସେହିପରି ମୁଁ ପିଏନି ପିଏନି କହି ଯଦି ଅଧିକ ୨ଟି ପିଇଗଲା ତା'ହେଲେ ଜାଣିବ ସେ ପିଲା ଜୟଦେବ ବିହାରର। ଏଭଳି ଭାବେ ସ୍ଥାନୀୟ ଅଞ୍ଚଳର ନାମ ନେଇ ଲୋକଙ୍କୁ ଆକର୍ଷିତ କରିଥିଲେ। ସେହିପରି ଷ୍ଟ୍ରେସ୍‌ରେ ରହିଲେ ମନ୍ଦିର ପାଖେ ଥିବା ଜୋତା ସବୁକୁ ମୁଁ ଏପଟ ସେପଟ କରିଦିଏ। ଜଣେ ଲୋକ ତା' ଜୋତା ଖୋଜିବା ଦେଖି ମୋତେ ଶାନ୍ତି ମିଳେ ବୋଲି କହିଥିଲେ ଗ୍ରୋଭର। ଏଭଳି ମଜାଳିଆ ଢଙ୍ଗରେ ଡାକ୍ତର ଗୁଲାଟି ହୋଇ ରୋଗୀସେବା କରିଥିଲେ।

# ୧୧୦ ଗୋରୁ ଉଦ୍ଧାର, ୧୦ ମୃତ



ତଳ ଗୋଶାଳା ଆଗରେ ମରି ପଡିଥିବା ଗୋରୁ

ଖୁଣ୍ଟୁଣୀ,୨୦।୧(ଡି.ଏନ୍.ଏ.)

୫୫ ନଂ. ଜାତୀୟ ରାଜପଥର ଖୁଣ୍ଟୁଣୀ ଥାନା ନିକଟ ଗାନ୍ଧୀ ବଜାରରୁ ଗୁରୁବାର ବିଳମ୍ବିତ ରାତିରେ ପୋଲିସ ଦୁଇଟି ଗୋରୁ ବୋଝେଇ କଣ୍ଟେନର ଜବତ କରିଛି। ସେଥିରେ ୧୧୦ ଗୋରୁ ଥିବା ଜଣାପଡିଛି। ସେଥିମଧ୍ୟରୁ ୧୦ଟି ଗୋରୁଙ୍କ ମୃତ୍ୟୁ ଘଟିଥିବାବେଳେ ୫ ଆହତ ହୋଇଛନ୍ତି। ବେଆଇନ ଗୋଚାଲାଣ ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ହାଓଡା ଜିଲା ଫୁଲବେରିଆ ଥାନା ଅଞ୍ଚଳର ସପନ କାଲେ ଓ ବର୍ଣ୍ଣିତବଲା ଉଲବେରିଆ ଅଞ୍ଚଳର ସେକ୍ ଅବ୍‌ଦୁଲ। ତେବେ ଚଢାଉବେଳେ ୨ ଜଣ ଫେରାର ହୋଇଯାଇଥିବା ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି।

ରାତି ପ୍ରାୟ ୧ଟାରେ ପୋଲିସ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଦୁଇଟି କଣ୍ଟେନର(ଡବ୍ଲୁବି୧୧ଡି-୬୯୮୮, ଓଡ଼ି୦୫ଏଡବ୍ଲୁ-୨୯୪୫)ରେ ଗୋରୁ ବୋଝେଇ ହୋଇ ଚାଲାଣ ହେଉଥିବା ଆଇଆଇସି ଖୁଣ୍ଟିଆ ଖବର ପାଇଥିଲେ। ତୁରନ୍ତ ଏଏସ୍‌ଆଇ ଅମ୍ବିକା ଦାସ ଓ ପୋଲିସ ଟିମ୍ ସହିତ ଥାନା

## ବେଆଇନ ଗୋଚାଲାଣ

ସମ୍ମୁଖ ରାସ୍ତାରେ ଜଗିଥିଲେ। ଖୁଣ୍ଟୁଣୀ ବଜାର ପଟୁ ଉକ୍ତ କଣ୍ଟେନର ଦୁଇଟି ଆସୁଥିବା ଦେଖି ଅଟକାଇ ଥିଲେ। ଯାଞ୍ଚ କରାଯିବାରୁ ସେଥିରେ ଗୋରୁଗୁଡିକର ଗୋଡ ବନ୍ଧା ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଥିଲା। ଏହି ସୁଯୋଗରେ ପଛ କଣ୍ଟେନରର ଚାଳକ ଓ ହେଲ୍‌ପର ଫେରାର ହୋଇଯାଇଥିଲେ। ପରେ ପୋଲିସ ଉକ୍ତ ଗୋରୁଗୁଡିକୁ ଉଦ୍ଧାର କରି ଚୌଦ୍ୱାର ମଙ୍ଗରାଜପୁରସ୍ଥିତ ଏକ ଗୋଶାଳାକୁ ପଠାଇ ଦେଇଥିଲା। ସରକାର ଗୋଶାଳାରେ ଗୋରୁ ରଖି ସେମାନଙ୍କ ଖାଦ୍ୟ, ପାନୀୟ ବାବଦକୁ ଠିକ୍ ଭାବେ ଅର୍ଥ ଦେଉ ନ ଥିବାରୁ ଗୋଶାଳା ମାଲିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଗୋଶାଳା ପକ୍ଷରୁ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଫଳରେ ଗୋରୁଗୁଡିକୁ କଣ୍ଟେନରରୁ ଖଲାସ କରିବା ପାଇଁ ଦୀର୍ଘ ସମୟ ଲାଗିଥିଲା। ଏବେ ବି ଉକ୍ତ ଗୋଶାଳାରେ ୧୦୦୦ରୁ ଉର୍ଦ୍ଧ୍ୱ ଗୋରୁ ଥିବା ଏଏସ୍‌ଆଇ ଦାସ କହିଛନ୍ତି। ଏ ନେଇ ଥାନାରେ ଏକ ମାମଲା(ନଂ.୧୬/୨୩) ରୁଜୁ ହୋଇଛି।

# ଉଦ୍ଧାର ୨ ନାବାଳକ ନେପାଳ ରାଷ୍ଟ୍ରଦୂତଙ୍କୁ ହସ୍ତାନ୍ତର

ଖୋର୍ଦ୍ଧା ଅଫିସ,୨୦।୧

ଭୁବନେଶ୍ୱର ରେଳ ଷ୍ଟେଶନରୁ ଉଦ୍ଧାର ଦୁଇ ନାବାଳକଙ୍କୁ ଜିଲା ପ୍ରଶାସନ ସହାୟତାରେ ନୂଆଦିଲୀସ୍ଥିତ ନେପାଳ ରାଷ୍ଟ୍ରଦୂତଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରାୟ ୩ ବର୍ଷ ପୂର୍ବେ ନେପାଳରୁ ଦୁଇଜଣ ନାବାଳକ ପୃଥକ୍ ଭାବେ ଆସି ଭୁବନେଶ୍ୱର ରେଳ ଷ୍ଟେଶନରେ ବୁଲୁଥିବା ବେଳେ ଚାଇଲ୍ଡଲାଇନ ଦ୍ୱାରା ଉଦ୍ଧାର ହୋଇଥିଲେ। ପ୍ରଥମେ ନେପାଳର ସୁପାଳ ଥାନା ଅଞ୍ଚଳର ଜଣେ ନାବାଳକ କାମ ଅନ୍ୱେଷଣରେ ଘରୁ ଚାଲି ଆସିଥିଲେ। ଭୁବନେଶ୍ୱର ଷ୍ଟେଶନରେ ବୁଲୁଥିବା ବେଳେ ରେଲୱେ ପୋଲିସ ଉଦ୍ଧାର କରି ଚାଇଲ୍ଡଲାଇନକୁ ହସ୍ତାନ୍ତର କରିଥିଲା। ଜିଲା ଶିଶୁ ମଙ୍ଗଳ

## କାମ ଅନ୍ୱେଷଣରେ ଆସି ଭୁବନେଶ୍ୱର ଷ୍ଟେଶନରେ ବୁଲୁଥିଲେ

କମିଟି (ସିଡବ୍ଲ୍ୟୁସି) ନିର୍ଦ୍ଦେଶକ୍ରମେ ଭୁବନେଶ୍ୱରସ୍ଥିତ ଆଦୃତା ଶିଶୁ ଯତ୍ନ ଅନୁଷ୍ଠାନରେ ରଖାଯାଇଥିଲା। ସିଡବ୍ଲ୍ୟୁସି ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ପରାମର୍ଶକ୍ରମେ ପରାମର୍ଶଦାତ୍ରୀ ମନସ୍ୱିନୀ ମହାପାତ୍ର ତାଙ୍କର କାଉନ୍‌ସେଲିଂ କରିଥିଲେ। ତାଙ୍କ ସହ କ୍ରମାଗତଭାବେ ଆଲୋଚନା କରିଥିଲେ। ନାବାଳକ ଜଣଙ୍କ ସ୍ୱାଭାବିକ ସ୍ଥିତିକୁ ଆସିବା ପରେ ସେ କାମ ଅନ୍ୱେଷଣରେ ଘରୁ ଚାଲି ଆସିଥିବା ଏବଂ ନିଜ ଘର ଠିକଣା କହିଥିଲେ। ସେହିପରି ନେପାଳ ଧନୁଶା ଥାନା ଅଞ୍ଚଳର ଜଣେ ନାବାଳକ ମଧ୍ୟ କାମ ଅନ୍ୱେଷଣରେ ଘରୁ ଚାଲି ଆସିଥିଲେ। ଭୁବନେଶ୍ୱର ଷ୍ଟେଶନରୁ ଉଦ୍ଧାର ହୋଇ ସେ ଆଦୃତାରେ ରହୁଥିଲେ। କାଉନ୍‌ସେଲିଂ ବେଳେ ପରାମର୍ଶଦାତ୍ରୀ ମହାପାତ୍ର ତାଙ୍କ ଠିକଣା ପାଇଥିଲେ। ଏହାପରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ନେପାଳ ରାଷ୍ଟ୍ରଦୂତଙ୍କ ସହ ଯୋଗାଯୋଗ କରାଯାଇଥିଲା। ଉଭୟଙ୍କ ଠିକଣା ନିଶ୍ଚିତ ହେବା ପରେ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ପଠାଇବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପରେ ଉଭୟଙ୍କୁ ନୂଆଦିଲ୍ଲୀସ୍ଥିତ ନେପାଳ ରାଷ୍ଟ୍ରଦୂତଙ୍କ କାର୍ଯ୍ୟାଳୟରେ ହସ୍ତାନ୍ତର କରାଯାଇଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏଥିରେ ଶିଶୁ ସୁରକ୍ଷା ବିଭାଗର ଅନୁପ ବେହେରା, ଶିଶୁ ଯତ୍ନ ଅନୁଷ୍ଠାନ କର୍ମକର୍ତ୍ତା ଏବଂ ସ୍ଥାନୀୟ ପୋଲିସ ସାମିଲ ହୋଇଥିଲେ।

# ଛବି ବଖାଣୁଛି ପୁରୁଣା ରାଜଧାନୀର ସ୍ମୃତି

ଭୁବନେଶ୍ୱର, ୨୦।୧(ବ୍ୟୁରୋ)

୭୫ବର୍ଷ ତଳ ଭୁବନେଶ୍ୱରର ସ୍ମୃତି ସବୁକୁ ତାଜା କରିଛି 'ସେବେ ଓ ଏବେ' ଫଟୋ ପ୍ରଦର୍ଶନୀ। ବିକାଶର ପାହାଚ ଚଢ଼ି ଆମେ ଆଜି ଯେଉଁ ଭୁବନେଶ୍ୱର ଦେଖୁଛନ୍ତି, ତାହା ସେତେବେଳେ କିଭଳି ଥିଲା ଦେଖିବାକୁ ପାଦ ଅଟକି ଯାଉଛି। ଆଖି ହଜିଯାଉଛି ସେ ଅସଜଡା ପୁରୁଣା ସ୍ମୃତିରେ। କିଏ ପଢିଥିବା ବିଶ୍ୱବିଦ୍ୟାଳୟର ଛବିରେ ନିଜକୁ ଖୋଜୁଛି ତ ଆଉ କିଏ ପୁରୁଣା ଭୁବନେଶ୍ୱରର ସେହି ଐତିହ୍ୟର କାହାଣୀକୁ ଝୁରି ହେଉଛି। ସାଙ୍ଗସାଥିଙ୍କ ସହ ବିତାଇଥିବା ସେହି ସ୍ଥାନ, ସେହି ମୁହୂର୍ତ୍ତ ସବୁ ଆଜି ଉନ୍ନତିର ପରଦା ତଳେ ରହି ଯାଇଛି। ଆମେ ଆଜି ଏକ ନୂଆ ରାଜଧାନୀରେ ଅଛେ, ଯେଉଁଠି ସବୁ କିଛି ଚକ୍ ଚକ୍ କରୁଛି। ରାଜନୈତିକ, ସାମାଜିକ, ସାଂସ୍କୃତିକ, ଅର୍ଥନୈତିକର ସେହି ପୃଷ୍ଠା ସବୁକୁ ଦେଖିବାକୁ ମିଳୁଛି ଏହି ପ୍ରଦର୍ଶନୀରେ। ଆମେ ବଢୁଛେ, ନୂଆ ରାଜଧାନୀ ଗଢୁଛେ, ପୁଣି ସବୁ କ୍ଷେତ୍ରରେ ନୂଆ ଇତିହାସର ପୃଷ୍ଠା ଯୋଡୁଛେ। କିନ୍ତୁ ପଛକୁ ଫେରି ସ୍ମୃତି ସବୁକୁ ସାଉଣ୍ଟିବାବେଳେ ଆଖି ଲାଖି ଯାଉଛି ପ୍ରତିଟି ପୁରୁଣା ଛବିରେ। ଆଗରୁ କେନ୍ଦରା ବଜାଇ ଦ୍ୱାର ଦ୍ୱାର ବୁଲି ଭିକ୍ଷାବୃତ୍ତି କରାଯାଉଥିଲା। ନଦୀ ପଠାରେ ସାଙ୍ଗ ହୋଇ ଗାଧୋଇବା ସହ କେତେ ପ୍ରକାରର ପହଁରା ପ୍ରଦର୍ଶନର ଚିତ୍ର ରାଜଧାନୀର ସେହି ଗାଁର ମାହୋଲକୁ ମନେ ପକାଇ ଦେଉଛି। ସମୟ ସହ ଲିଭି ଯାଇଥିବା ଶିଶୁପାଳଗଡ଼ର ଐତିହ୍ୟ ଓ ପୁରୁଣା ପରମ୍ପରାକୁ ଧରି ରଖିଛି ଏହି ଫଟୋ ପ୍ରଦର୍ଶନୀ। ପୂର୍ବରୁ ରାଜନୀତି ସହ ଜଡ଼ିତ ଥିବା ବଳିଷ୍ଠ ବ୍ୟକ୍ତିତ୍ୱଙ୍କୁ ନେଇ କେତେଗୁଡ଼ିଏ ଫଟୋ ସ୍ଥାନ ପାଇଛି। ବିଶେଷକରି ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ଅନେକ ଫଟୋ ରହିଛି। ମଦର ଟେରେସା, ବିନୋବା ଭାବେଙ୍କ ସହ ଫଟୋ ଏବଂ ବାଘୁଣୀ ଖଇରୀ ସହ ଫଟୋ ଦେଖିବାକୁ ମିଳୁଛି। ସେହିପରି ରାଜେନ୍ଦ୍ର ନାରାୟଣ ସିଂହଦେଓ, ରାଜେନ୍ଦ୍ର ପ୍ରସାଦ, ପ୍ରିନ୍ସ ଚାର୍ଲ୍ସ, ନୀତିଶ କୁମାର ପ୍ରମୁଖଙ୍କ ଫଟୋ ରହିଛି। ଆଗରୁ ନିର୍ବାଚନ କିଭଳି ହେଉଥିଲା, ସେ ସମ୍ପର୍କରେ ୪/୫ଟି ଫଟୋ ସ୍ଥାନ ପାଇଛି। ଲିଙ୍ଗରାଜ ମନ୍ଦିର, ପୁରୀ ଜଗନ୍ନାଥ ମନ୍ଦିରର ରୋଷେଇଶାଳ, ଭାସ୍କରେଶ୍ୱର, ବିନ୍ଦୁସାଗର, ଏକାମ୍ରବନର ସେତେବେଳେ ଫଟୋ ବି ରହିଛି। ୨୦୦୫ରେ କଳିଙ୍ଗ ଷ୍ଟାଡିୟମର ଫଟୋ ଦେଖିଲେ ଏବେ ଏହା କେତେ ବିକଶିତ ହୋଇଛି ଜାଣିହେଉଛି। ତେବେ ଏହି ପ୍ରଦର୍ଶନୀରେ ପୁରୁଣା ଫଟୋଠାରୁ ନୂଆ ଫଟୋ ଅଧିକ ରହିଥିବା ଦେଖିବାକୁ ମିଳିଥିଲା। ହକି ବିଶ୍ୱକପ୍ ଆୟୋଜନର ଫଟୋ, ଓଲି ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ରହିଛି। ନୂଆ ଫଟୋରେ ଚକ୍ ଚକ୍ କରୁଥିବା ରାଜଧାନୀର ପରିଷ୍କାର ରାସ୍ତାଘାଟ, ବଜାର, ପର୍ବ ପର୍ବାଣି ସମୟର ଛବି ରହିଛି। ଫଟୋ ନିକଟରେ ସୂଚନା ମଧ୍ୟ ଦିଆଯାଇଛି. ଯାହାଦ୍ୱାରା ଉକ୍ତ ଫଟୋ କେବେକାର ଓ ସେଥିରେ କ'ଣ ରହିଛି ତାହା ଜଣାପଡୁଛି। ପ୍ରଦର୍ଶନୀ ପଡ଼ିଆଠାରେ ଚାଲିଥିବା ଏହି ପ୍ରଦର୍ଶନୀକୁ ସ୍କୁଲ ପିଲା, ବୟସ୍କ ଲୋକ, ଯୁବପିଢ଼ିମାନେ ବୁଲିବାକୁ ଆସୁଛନ୍ତି। କହିବାକୁ ଗଲେ, ସବୁ ବର୍ଗର ଲୋକମାନଙ୍କୁ ଏହି ପ୍ରଦର୍ଶନୀରେ ସ୍ଥାନିତ ଫଟୋ ଦେଖିବାକୁ ଭଲ ଲାଗୁଛି। ଏହି ଫଟୋ ପ୍ରଦର୍ଶନୀରେ ନିଜ ପାଖେ ଥିବା କିଛି ପୁରୁଣା କି ନୂଆ ଫଟୋ ସ୍ଥାନ ଦେବାକୁ ଚାହୁଁଥିଲେ Photosofbbsr@gmail.comରେ ପଠାଇଲେ ପ୍ରଦର୍ଶନୀରେ ସ୍ଥାନ ପାଇବ ବୋଲି ସୂଚନା ଦିଆଯାଇଛି।



ପ୍ରଦର୍ଶନୀରେ ସ୍ଥାନ ପାଇଥିବା ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ବିରଳ ଫଟୋ।

## ଏମାନେ କ'ଣ କୁହନ୍ତି



ଏ ନେଇ ବଡ଼ଗଡ଼ ବ୍ରିଟ୍ କଲୋନୀର ସଂଯୁକ୍ତା ଦାସ କହିଛନ୍ତି, ବହୁତ କିଛି ବଦଳି ଯାଇଛି। ମୁଁ ଏଠାରେ ୪୦ ବର୍ଷ ହେବ ରହିଲିଣି। ସବୁଥିରେ ଉନ୍ନତି ହୋଇଛି। ଆଗରୁ ଠିକ୍ ଭାବେ ରାସ୍ତା ନ ଥିଲା, ମନ୍ଦିର ସବୁ ଜଙ୍ଗଲ ଭିତରେ ରହିଥିଲା। ଏବେ ସବୁଆଡେ ସୁବିଧାରେ ଯିବାଆସିବା କରି ହେଉଛି, ପୁରୁଣା ସ୍ମୃତି ଦେଖି ପୂର୍ବ କଥା ମନେପଡୁଛି।



ଛାତ୍ରୀ ଦିବ୍ୟା ଭାରତୀ ପ୍ରଧାନ କହିଛନ୍ତି, ଭୁବନେଶ୍ୱର ବହୁତ ଉନ୍ନତି କଲାଣି। ଆମେ ପୂର୍ବର ରାଜଧାନୀକୁ ଜାଣିବାକୁ ପାଉଛୁ। ଆଗରୁ ଭୁବନେଶ୍ୱର କିଭଳି ଥିଲା ସେ ବିଷୟରେ ସୂଚନା ମିଳୁଛି। କିନ୍ତୁ ସମୟକ୍ରମେ ଉନ୍ନତି କରିବା ସହ ଆମେ ଆମ ସଂସ୍କୃତି, ପରମ୍ପରାକୁ ପଛରେ ଛାଡ଼ି ଆସିଛୁ।





ଧରିତ୍ରୀ DHARITRI
Bhubaneswar, Saturday, January 21/2023



**ଖସିଲା ଶେୟାର ବଜାର କାରବାର**

ନୂଆଦିଲ୍ଲୀ: ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ଶେୟାର ବଜାରର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୩୭ (୨୩୬.୬୬) ପଏଣ୍ଟ ଖସି ୬୦,୬୨୨(୬୦,୬୨୧.୭୭) ଅଙ୍କରେ ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୮୦ (୮୦.୨୦) ପଏଣ୍ଟ ହ୍ରାସ ଘଟି ୧୮,୦୨୮(୧୮,୦୨୭.୬୫) ଅଙ୍କରେ ବଜାର କାରବାର ବନ୍ଦ କରିଥିଲା।

# ଓଡ଼ିଶା ଦେଶର ଖଣି ରାଜଧାନୀ

■ବିସିସିଆଇ ପକ୍ଷରୁ ଦିନିକିଆ କର୍ମଶାଳା

■ବ୍ୟବସ୍ଥା ପରିବର୍ତ୍ତନ ପରେ ବୃଦ୍ଧି ପାଇଛି ରାଜସ୍ୱ




ଭୁବନେଶ୍ୱର,୨୦।୧

ଦେଶର ଭୌଗୋଳିକ ମାନଚିତ୍ରକୁ ଭଲ ଭାବେ ଅଧ୍ୟୟନ କଲେ ସ୍ପଷ୍ଟ ଭାବେ ଭାରତର ଖଣିଜ ସମ୍ପଦର ବିସ୍ତୃତ ମାନଚିତ୍ର ଦେଖାଯାଉଛି। ଏପରିକି ଖଣିଜ ସମ୍ପଦର କଥା ପଡ଼ିଲେ ଓଡ଼ିଶାର କଥା ଆଗ ଉଠିଥାଏ। କାରଣ ଓଡ଼ିଶା ଦେଶର ଖଣି ରାଜଧାନୀ ବୋଲି ବେଙ୍ଗଲ ଚ୍ୟାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି(ବିସିସିଆଇ)ର ଦିନିକିଆ ମିନେରାଲ, ମାଇନିଂ ଆଣ୍ଡ ମେଟାଲସ କନ୍‌କ୍ଲେଭରେ ମୁଖ୍ୟବକ୍ତା ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ବରିଷ୍ଠ ପ୍ରଶାସକ ତଥା ଖଣି ମନ୍ତ୍ରଣାଳୟର ସଚିବ ବିବେକ ଭରଦ୍ୱାଜ ମତପ୍ରକାଶ କରିଛନ୍ତି। ସେହିଭଳି ସାରା ଦେଶରେ ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ୨୦୨୨ରେ ଶତପ୍ରତିଶତ କ୍ରୋମାଇଟ ଉତ୍ପାଦନ କରିଥିବା ବେଳେ ବକ୍ସାଇଟ ୭୫%, ଆଇରନ ଓର୍ ୫୦% ଏବଂ କୋଇଲା ୨୫% ଉତ୍ପାଦନ କରିଛି। ଏପରିକି ୨୦୧୪-୧୫ରେ କେନ୍ଦ୍ର ସରକାର ଖଣିଜ ସମ୍ପଦର ସୁବିନିଯୋଗ ସହ ଏଥିରେ ସ୍ୱଚ୍ଛତା ଅବଲମ୍ବନ ପାଇଁ ଖଣିଜ ସାମଗ୍ରୀ ଉତ୍ତୋଳନଠାରୁ ନିଲାମୀ ପର୍ଯ୍ୟନ୍ତ ସବୁ ସ୍ତରରେ ନୂତନ ବ୍ୟବସ୍ଥା ଓ ନୀତିରେ ଯଥେଷ୍ଟ ପରିବର୍ତ୍ତନ କରିଛନ୍ତି। ଫଳରେ ସରକାର ୫୦୦୦ କୋଟି ଟଙ୍କାର ରାଜସ୍ୱ ବଦଳରେ ବର୍ତ୍ତମାନ ୫୦,୦୦୦ କୋଟି ଟଙ୍କାର ରାଜସ୍ୱ ଖଣି କ୍ଷେତ୍ରରୁ ସଂଗ୍ରହ କରୁଛନ୍ତି। ବିଶେଷକରି ସ୍ଥାନୀୟ ସରକାର ସିଂହଭାଗ ରାଜସ୍ୱ ପାଉଛନ୍ତି। ଉକ୍ତ ରାଜସ୍ୱ ସମ୍ପୃକ୍ତ ରାଜ୍ୟର ଶିକ୍ଷା, ସ୍ୱାସ୍ଥ୍ୟ,ପରିବେଶ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବିନିଯୋଗ ହେଉଛି ବୋଲି ଭରଦ୍ୱାଜ ମତପ୍ରକାଶ କରିଥିଲେ। ସେହିପରି ଉକ୍ତ କର୍ମଶାଳାରେ ରାଜ୍ୟ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଭର୍ଚ୍ଚୁଆଲରେ ଯୋଗଦେଇ ରାଜ୍ୟ ସରକାରଙ୍କ ଖଣି ବିଭାଗର ଆଭିମୁଖ୍ୟ ଓ ସରକାରଙ୍କ ବିଭିନ୍ନ ପଦକ୍ଷେପ ସାଙ୍ଗକୁ ବିଗତ ଦିନର ସଫଳତା ଓ ଖଣିଜ ସାମଗ୍ରୀର ଉତ୍ପାଦନ ଏବଂ ଉତ୍ପାଦିତ ସାମଗ୍ରୀରୁ ସଂଗ୍ରହ ରାଜସ୍ୱ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଅପରପକ୍ଷରେ ବିସିସିଆଇର ଅଧ୍ୟକ୍ଷ ତୁହିନୀ କୁମାର ମୁଖାର୍ଜୀ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ କର୍ମଶାଳାର ଆଭିମୁଖ୍ୟ ଓ ବର୍ତ୍ତମାନର ଖଣି ନିଲାମୀ ଓ ଖଣିଜ ସମ୍ପଦ ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି ଟାଟା ଷ୍ଟିଲ୍ ମାଇନିଂର ଏମ୍‌ଡି ପଙ୍କଜ ସତିଜା ପୂର୍ବର ଖଣି ଓ ଖଣିଜ ସମ୍ପଦର ବ୍ୟବସ୍ଥା ଏବଂ ବର୍ତ୍ତମାନର ବ୍ୟବସ୍ଥା ଏବଂ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଧି ବ୍ୟବସ୍ଥା ଓ ସହଯୋଗ ସମ୍ପର୍କରେ ମତପ୍ରକାଶ କରିଥିଲେ। ସେହିପରି ନାଲ୍‌କୋର ସିଏମ୍‌ଡି ଶ୍ରୀଧର ପାତ୍ର କେନ୍ଦ୍ର ସରକାରଙ୍କ ଖଣି ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ଖଣି ବିଭାଗର ନୀତି ଓ ସୁବିଧା ସହ ନାଲ୍‌କୋର କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଉଲ୍ଲେଖଯୋଗ୍ୟ, ଏହି ଦିନିକିଆ ମିନେରାଲ, ମାଇନିଂ ଆଣ୍ଡ ମେଟାଲସ କନ୍‌କ୍ଲେଭରେ ଟାଟା ଷ୍ଟିଲ୍, ନାଲ୍‌କୋ, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍, ଆଦିତ୍ୟ ବିର୍ଲା, ସେଲ୍ ଏବଂ ଏସ୍‌ଏନ୍‌ଏମ୍ ଗ୍ରୁପ୍ ଭଳି ୧୦ରୁ ଅଧିକ ଘରୋଇ ସଂସ୍ଥା ଉକ୍ତ କର୍ମଶାଳାରେ ଯୋଗଦେଇ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ସୂଚନାଯୋଗ୍ୟ, ଅପରାହ୍ନରେ ୨ଟି ସେସନର ଆୟୋଜନ କରାଯାଇଥିଲା। ଉକ୍ତ ସେସନରେ ବହୁ ବିଶିଷ୍ଟ ଶିଳ୍ପପତି ଓ ଅଧିକାରୀମାନେ ଯୋଗ ଦେଇ ଖଣି ଓ ଶିଳ୍ପ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ।

## ପୁରୀରେ ଏୟାରଟେଲ୍ ୫ଜି ପ୍ଲସ୍ ସେବାର ଶୁଭାରମ୍ଭ

ନୂଆଦିଲ୍ଲୀ,୨୦।୧

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ଭାରତୀ ଏୟାରଟେଲ୍ ପକ୍ଷରୁ ପୁରୀରେ ଏୟାରଟେଲ ୫ଜି ପ୍ଲସ୍ ସେବାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ପୁରୀରେ ଅଲଟ୍ରାଫାଷ୍ଟ ଏୟାରଟେଲ୍ ୫ଜି ପ୍ଲସ୍ ସେବା ଉପଲବ୍ଧ ବୋଲି ଏୟାରଟେଲ୍ ପକ୍ଷରୁ କୁହାଯାଇଛି। ବିଶେଷକରି କମ୍ପାନୀ ତା'ର ନେଟ୍‌ୱର୍କ ସ୍ଥାପନ ଓ ରୋଲ୍‌ଆଉଟ୍ ସମ୍ପୂର୍ଣ୍ଣ କରିବା କାର୍ଯ୍ୟ ଜାରି ରଖିଥିବାରୁ ଏୟାରଟେଲ୍ ୫ଜି ପ୍ଲସ୍ ସେବାଗୁଡ଼ିକ ଗ୍ରାହକଙ୍କ ପାଇଁ ପର୍ଯ୍ୟାୟକ୍ରମେ ଉପଲବ୍ଧ ହେବ। ଏହି ସେବା ଅଧିକ ବ୍ୟାପକ ନ ହେବା ପର୍ଯ୍ୟନ୍ତ ୫ଜି ସକ୍ଷମ ଡିଭାଇସ୍ ଥିବା ଗ୍ରାହକମାନେ କୌଣସି ଅତିରିକ୍ତ ଖର୍ଚ୍ଚ ବିନା ହାଇସ୍ପିଡ୍ ଏୟାରଟେଲ୍ ୫ଜି ପ୍ଲସ୍ ନେଟ୍‌ୱର୍କ ଉପଭୋଗ କରିପାରିବେ। ଏ ସମ୍ପର୍କରେ ଭାରତୀ ଏୟାରଟେଲ୍ ଓଡିଶା ୟୁନିଟ୍‌ର ସିଓଓ ସୌମେନ୍ଦ୍ର ସାହୁ କହିଛନ୍ତି, ପୁରୀ ସହରରେ ଏୟାରଟେଲ୍ ୫ଜି ପ୍ଲସ୍‌ର ଶୁଭାରମ୍ଭ ଘୋଷଣା କରି ଆମେ ବେଶ୍ ଉତ୍ସାହିତ। ବର୍ତ୍ତମାନ ଓଡ଼ିଶାର ୪ଟି ସହରର ଏୟାରଟେଲ୍ ଗ୍ରାହକମାନେ ଅଲଟ୍ରାଫାଷ୍ଟ ନେଟ୍‌ୱର୍କର ଅନୁଭୂତି ପାଇପାରିବେ ଏବଂ ବିଦ୍ୟମାନ ୪ଜି ସ୍ପିଡ୍ ତୁଳନାରେ ୨୦ରୁ ୩୦ ଗୁଣ ଅଧିକ ସ୍ପିଡ୍ ଉପଭୋଗ କରିପାରିବେ। ଆମେ ଏହି ସେବାକୁ ସମଗ୍ର ସହରରେ କାର୍ଯ୍ୟକାରୀ କରିବା ପାଇଁ ପ୍ରକ୍ରିୟା ଜାରି ରଖିଛୁ ।

## ସ୍ୱଚ୍ଛତା ପକ୍ଷରେ ସ୍ୱାସ୍ଥ୍ୟସେବା ଶିବିର



ଭୁବନେଶ୍ୱର,୨୦।୧

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ନିକଟରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସଫେଇ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏପରିକି ଉକ୍ତ କାର୍ଯ୍ୟକ୍ରମରେ ଷ୍ଟେଟ ବ୍ୟାଙ୍କର ନବନିଯୁକ୍ତ ସୁରକ୍ଷା କର୍ମୀ ଓ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟର ପାଖାପାଖି ୫୦ ସବୁ ବର୍ଗର କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଅପରପକ୍ଷରେ ଏସ୍‌ବିଆଇ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ପରିସରରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରର ଆୟୋଜନ କରାଯାଇଥିଲା। ଉକ୍ତ ସ୍ୱାସ୍ଥ୍ୟ ଶିବିରକୁ ଏସ୍‌ବିଆଇ ମୁଖ୍ୟ ମହା ପ୍ରବନ୍ଧକ ଚନ୍ଦ୍ରଶେଖର ଶର୍ମା, ମଣ୍ଡଳର ମହାପ୍ରବନ୍ଧକ ପୋନ୍ନମବଲମ ତଥା ମଣ୍ଡଳ ବିକାଶ ଅଧିକାରୀ ମନୋଜ କୁମାର ସିଂ ଓ ଅନ୍ୟ କର୍ମଚାରୀ ଏବଂ ପେନ୍‌ସନଧାରୀଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ବିଶେଷ କରି ଆମ୍ରି ହସ୍ପିଟାଲ ଓ ଏଏସ୍‌ଜି ଆଇ ହସ୍ପିଟାଲର ଏକ ବିଶେଷଜ୍ଞ ଡାକ୍ତରୀ ଦଳ ଉକ୍ତ ସ୍ୱାସ୍ଥ୍ୟ ଶିବିରରେ ରକ୍ତଚାପ, ମଧୁମେହ , ଚକ୍ଷୁ ପରୀକ୍ଷା, ଇସିଜି ଓ ଅନ୍ୟ ହୃଦ୍‌ରୋଗ ଜନିତ ପରୀକ୍ଷା କରିଥିଲେ। ଏପରିକି ଉକ୍ତ ଶିବିରରେ ପ୍ରାୟ ୩୫୦ ଏସ୍‌ବିଆଇ କର୍ମଚାରୀ ଓ ପେନ୍‌ସନଧାରୀମାନେ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ଚଳିତ ବର୍ଷ ଜାନୁୟାରୀ ୩୧ରେ 'ସ୍ୱଚ୍ଛତା ପକ୍ଷ' ପାଳନ କରାଯାଉଛି।

## ବିଓବି ସମ୍ବଲପୁର କ୍ଷେତ୍ର ପକ୍ଷରୁ ସ୍ୱଚ୍ଛତା ପକ୍ଷ

ଭୁବନେଶ୍ୱର,୨୦।୧

ବ୍ୟାଙ୍କ ଅଫ୍ ବରୋଦା(ବିଓବି)ର ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ନିକଟରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏପରିକି ବିଓବି ସମ୍ବଲପୁର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ସୁରେନ୍ଦ୍ର ଗୋଣ୍ଡଙ୍କ ଅଧ୍ୟକ୍ଷତାରେ ସହରବାସୀଙ୍କୁ ସ୍ୱଚ୍ଛତାର ଅଭ୍ୟାସ ଓ ଏକକ ବ୍ୟବହାର ପ୍ଲାଷ୍ଟିକର ଉପଯୋଗ ସମ୍ବନ୍ଧରେ ସୂଚନା ପ୍ରଦାନ କରିବା ନିମନ୍ତେ ଏକ ପଦଯାତ୍ରାର ଆୟୋଜନ କରାଯାଇଥିଲା। ଅପରପକ୍ଷରେ ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ଦ୍ୱାରା ଆଖପାଖର ସ୍ଥାନୀୟ ବିକ୍ରେତାମାନଙ୍କୁ ମଧ୍ୟ ସ୍ୱଚ୍ଛତାର ଅଭ୍ୟାସକୁ ବଢ଼ାଇବା ନିମନ୍ତେ ଡଷ୍ଟବିନ୍ ପ୍ରଦାନ କରାଯାଇଥିଲା। ସେହିଭଳି ସ୍ଥାନୀୟ ବିଓବି ଶାଖାଗୁଡ଼ିକ ଦ୍ୱାରା ବ୍ୟାଙ୍କ ପରିସରକୁ ଆସୁଥିବା ଗ୍ରାହକମାନଙ୍କୁ କନା ବ୍ୟାଗ୍, ହ୍ୟାଣ୍ଡ ସାନିଟାଇଜର, ମାସ୍କ ଆଦି ମଧ୍ୟ ପ୍ରଦାନ କରାଯାଇଥିଲା। ବିଶେଷକରି ଆଗାମୀ ଦିନରେ ପଖୱାଡାର ଶେଷ କାର୍ଯ୍ୟକ୍ରମରେ ଶାନ୍ତି ନଗର ସରକାରୀ ପ୍ରାଇମେରି ସ୍କୁଲର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସ୍ୱଚ୍ଛତାର ଅଭ୍ୟାସକୁ ବଜାୟ ରଖିବା ପାଇଁ କନା ବ୍ୟାଗ୍, ହ୍ୟାଣ୍ଡ ସାନିଟାଇଜର ଏବଂ ମାସ୍କ ଆଦି ପ୍ରଦାନ କରାଯିବ ବୋଲି କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ ,ସ୍ୱଚ୍ଛତା ପକ୍ଷ ଅବସରରେ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ସଂସ୍ଥାନ ପକ୍ଷରୁ ଚଳିତ ବର୍ଷ ଜାନୁୟାରୀ ୩୧ ପର୍ଯ୍ୟନ୍ତ ଏହି ପକ୍ଷ ପାଳନ ହେଉଛି।




କାନାରା ବ୍ୟାଙ୍କର ରିଟେଲ୍ ଆସେଟ୍ସ ହବ୍ କଟକ ପକ୍ଷରୁ ନିକଟରେ ଏକ ରିଟେଲ୍ ଏକ୍ସପୋ ବ୍ୟାଙ୍କର କଟକ ସିଡିଏ-୨ ଶାଖା ପରିସରରେ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗୃହ ଋଣ ଓ ଗାଡି ଋଣ ଆବେଦନକାରୀଙ୍କୁ ବ୍ୟାଙ୍କର ଅଞ୍ଚଳ ପ୍ରବନ୍ଧକ ଉପରୋକ୍ତ ଋଣ ମଞ୍ଜୁରି ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ବହୁ ଗ୍ରାହକ ଉପସ୍ଥିତ ଅଛନ୍ତି।

## ରିଲାଏନ୍ସ ଜିଓର ୩ୟ ତ୍ରୈମାସିକ ଫଳାଫଳ

ନୂଆଦିଲ୍ଲୀ,୨୦।୧

ଦେଶର ପ୍ରମୁଖ ଦୂରସଞ୍ଚାର କମ୍ପାନୀ ରିଲାଏନ୍ସ ଜିଓ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଚଳିତ ଆର୍ଥିକ ବର୍ଷର ଅକ୍ଟୋବରରୁ ଡିସେମ୍ବର ଶେଷ ସୁଦ୍ଧା କମ୍ପାନୀର ନେଟ୍ ଲାଭ ଗତ ବର୍ଷ ତୁଳନାରେ ୨୮.୩% ବୃଦ୍ଧି ଘଟି ୪,୬୩୮ କୋଟି ଟଙ୍କାରେ ପହଞ୍ଚିଛି। ଗତ ବର୍ଷ ସମାନ ଅବଧି ମଧ୍ୟରେ କମ୍ପାନୀର ନେଟ୍ ଲାଭ ୩,୬୧୫ କୋଟି ଟଙ୍କା ରହିଥିଲା। ସେହିଭଳି ଗତବର୍ଷର ତୃତୀୟ ତ୍ରୈମାସ ତୁଳନାରେ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସରେ କମ୍ପାନୀର ମୋଟ ପରିଚାଳନାଗତ ରାଜସ୍ୱ ଆୟ ୨୨,୯୯୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏପରିକି ଏହି ତ୍ରୈମାସରେ ଜିଓ ଉପଭୋକ୍ତାଙ୍କ ସଂଖ୍ୟା ବୃଦ୍ଧି ପାଇ ୪୩.୨୯ କୋଟିରେ ପହଞ୍ଚିଥିବା ବେଳେ ଗ୍ରାହକ ପିଛା ପ୍ରତିମାସ ରାଜସ୍ୱ ୧୭୮.୨ ଟଙ୍କାକୁ ବୃଦ୍ଧି ପାଇଛି। ସେହିଭଳି ଏହି ତ୍ରୈମାସରେ ଜିଓ ନେଟ୍‌ୱର୍କରେ ଡାଟା ଟ୍ରାଫିକ ୨୯ ବିଲିଅନ ଜିବିକୁ ବୃଦ୍ଧି ପାଇଥିବା ବେଳେ ଭଏସ୍ ଟ୍ରାଫିକ ୧.୨୭ ଟ୍ରିଲିଅନ ମିନିଟ୍‌କୁ ବୃଦ୍ଧି ପାଇଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି। ଏ ସମ୍ପର୍କରେ ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ଅଧ୍ୟକ୍ଷ ଆକାଶ ଅମ୍ବାନୀ କହିଛନ୍ତି, ଭାରତ ଭଳି ବିଶାଳ ଦେଶରେ ଦ୍ରୁତ ୫ଜି ସମ୍ପ୍ରସାରଣ କାର୍ଯ୍ୟ ଜିଓ ଜାରି ରଖିଛି, ମାତ୍ର ୩ ମାସ ଅବଧି ମଧ୍ୟରେ କମ୍ପାନୀ ଦେଶର ୧୩୪ ସହରରେ ଜିଓ ଟ୍ରୁ ୫ଜି ସେବା ଆରମ୍ଭ କରିଥିବା ବେଳେ ୨୦୨୩ ଡିସେମ୍ବର ଶେଷ ସୁଦ୍ଧା ଉକ୍ତ ସେବା ଦେଶବ୍ୟାପୀ ସମ୍ପ୍ରସାରଣ ପାଇଁ ଜିଓ କାର୍ଯ୍ୟ କରୁଛି। ଏଥିସହ ଜିଓ ପକ୍ଷରୁ ୧୦ କୋଟି ପରିସରକୁ ଜିଓ ଫାଇବର ଓ ଜିଓ ଏୟାର ଫାଇବର ସଂଯୋଗ କରାଯିବ। କ୍ଷୁଦ୍ର ବ୍ୟବସାୟୀ ଓ ଉଦ୍ୟୋଗଗୁଡ଼ିକୁ କ୍ଲାଉଡ୍ ଜରିଆରେ ଆମେ ଅତ୍ୟାଧୁନିକ ସମାଧାନ ପ୍ରଦାନ କରିବୁ।

## କୁହଲ୍ ଷ୍ଟାଇଲିଶ୍ ଫ୍ୟାନ୍ ଉନ୍ମୋଚିତ




ନୂଆଦିଲ୍ଲୀ,୨୦।୧

ଦେଶର ପ୍ରମୁଖ ଘରୋଇ କମ୍ପାନୀ କେଣ୍ଟ ଆର୍‌ଓ ସିଷ୍ଟମ୍ସ ଲିମିଟେଡ୍‌ର ନୂତନ ଉତ୍ପାଦ କୁହଲ୍ ଷ୍ଟାଇଲିଶ ଫ୍ୟାନ୍‌ର ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ଏପରିକି ବିଏଲ୍‌ଡିସି ସିଲିଂ ଫ୍ୟାନ୍ ବ୍ରାଣ୍ଡ ଅଧୀନରେ କୁହଲ୍ ଷ୍ଟାଇଲିଶ ଫ୍ୟାନ୍ସ ବ୍ରାଣ୍ଡର ବଜାର ପ୍ରବେଶ ହୋଇଥିବା ଜଣାପଡ଼ିଛି। ଏହି ଅବସରରେ ଶ୍ରୀ ଶ୍ରୀ ରବିଶଙ୍କର ଏବଂ ବରିଷ୍ଠ ଅଭିନେତ୍ରୀ ହେମା ମାଳିନୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏ ସମ୍ପର୍କରେ କୁହଲ୍ ଷ୍ଟାଇଲିଶ ଫ୍ୟାନ୍ସର ବରିଷ୍ଠ ଅଧିକାରୀ ତଥା କେଣ୍ଟ ଆର୍‌ଓର ସିଏମ୍‌ଡି ଡ. ମହେଶ ଗୁପ୍ତା କହିଛନ୍ତି, ଏହି ନୂତନ ଉତ୍ପାଦ ଦେଶର ଅନ୍ୟ ସିଲିଂ ଫ୍ୟାନ୍ ବ୍ରାଣ୍ଡ ତୁଳନାରେ ଭିନ୍ନ ଏବଂ ଗୁଣାତ୍ମକ ହୋଇଥିବା ବେଳେ ପରିବେଶ ଉପଯୋଗୀ ଓ ବିଦ୍ୟୁତ୍ ଶକ୍ତି ସଂରକ୍ଷିତ ଉତ୍ପାଦ ଭାବେ ବେଶ୍ ପରିଚିତ। ଏପରିକି ଏହାର ପରିଚାଳନାରେ ୬୫%ର ବିଦ୍ୟୁତ୍ ଶକ୍ତି ସଞ୍ଚୟ ହୋଇଥାଏ। ଏଥିରେ ଅନେକ ବୈଶିଷ୍ଟ୍ୟ ରହିଥିବା ବେଳେ ଅତ୍ୟାଧୁନିକ ଜ୍ଞାନକୌଶଳରେ ଏହା ନିର୍ମାଣ କରାଯାଇଛି ବୋଲି ଗୁପ୍ତା ମତପ୍ରକାଶ କରିଥିଲେ।

## ଫକ୍ସୱାଗନ୍‌ର ନୂଆ ସେଲ୍‌ସ ଆଣ୍ଡ ସର୍ଭିସ୍ ଟଚ୍ ପଏଣ୍ଟ

ଭୁବନେଶ୍ୱର,୨୦।୧



ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ଫକ୍ସୱାଗନ୍ ପାସେଞ୍ଜର କାର୍‌ସ ଇଣ୍ଡିଆର ସ୍ୱୀକୃତିପ୍ରାପ୍ତ ଡିଲର ଓଏସ୍‌ଏଲ୍ ଆନୁକୂଲ୍ୟରେ ସ୍ଥାନୀୟ ପାହାଳଠାରେ ନୂତନ ସେଲ୍‌ସ ଟଚ୍ ପଏଣ୍ଟ ଏବଂ ଏପରିକି ଭାଣପୁରଠାରେ ସର୍ଭିସ ଟଚ୍ ପଏଣ୍ଟର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଫକ୍ସୱାଗନ୍ ପାସେଞ୍ଜର କାର୍‌ସ ଇଣ୍ଡିଆର ବ୍ରାଣ୍ଡ ଡାଇରେକ୍ଟର ଆଶିଷ ଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଭୟ ସେଣ୍ଟରର ଉଦ୍‌ଘାଟନ କରି କହିଥିଲେ, 'ଆମେ ଭୁବନେଶ୍ୱରଠାରେ ଏକ ନୂଆ ସେଲ୍‌ସ ଓ ସର୍ଭିସ୍ ଟଚ୍ ପଏଣ୍ଟର ଶୁଭାରମ୍ଭ କରି ବେଶ୍ ଆନନ୍ଦିତ। ଏଠାରେ ଆମେ ଜର୍ମାନୀ ନିର୍ମିତ ପ୍ରଡକ୍ଟ ପୋର୍ଟଫୋଲିଓର ଶୁଭାରମ୍ଭ କରିଛୁ, ଯାହା ଆମର ଆକାଂକ୍ଷୀ ଗ୍ରାହକଙ୍କୁ ଏକ ସୁରକ୍ଷିତ, ଚଳାଇବା ପାଇଁ ମଜାଦାର ଓ ଶକ୍ତିଶାଳୀ ଯାତାୟାତ ସମାଧାନଗୁଡ଼ିକ ମଧ୍ୟରୁ ଚୟନ କରିବା ପାଇଁ ସକ୍ଷମ କରୁଛି। ଏହି ଟଚ୍‌ପଏଣ୍ଟ ସହିତ ଆମେ ବିଶ୍ୱସ୍ତରୀୟ ଜର୍ମାନୀ ନିର୍ମିତ ଉତ୍ପାଦ ଓ ସେବା ଏବଂ ଏହି ଅଞ୍ଚଳରେ ଆମର ଗ୍ରାହକଙ୍କୁ ଏକ ଚମତ୍କାର ଅନୁଭୂତି ପ୍ରଦାନ କରିବା ଦିଗରେ ପ୍ରତିବଦ୍ଧ ରହିଛୁ। ସେହିଭଳି ଓଏସ୍‌ଏଲ୍ ଗ୍ରୁପର ନିର୍ଦ୍ଦେଶକ ଓ ଫକ୍ସୱାଗନ୍ ଭୁବନେଶ୍ୱରର ଡିଲର ପାର୍ଟନର ଚର୍ଚ୍ଚିତ ମିଶ୍ର କହିଛନ୍ତି, ଆମେ ଓଡ଼ିଶାରେ ଫକ୍ସୱାଗନ ଇଣ୍ଡିଆ ସହ ସହଭାଗିତା କରି ଅତ୍ୟଧିକ ଖୁସି ଅନୁଭବ କରୁଛୁ। ଏହି ନୂଆ ଟଚ୍ ପଏଣ୍ଟର ଉଦ୍‌ଘାଟନ ସହ ଆମେ ଭୁବନେଶ୍ୱରରେ ବିଶ୍ୱବ୍ୟାପୀ ଲୋକପ୍ରିୟ ଫକ୍ସୱାଗନ୍ ଉତ୍ପାଦ ଓ ଗ୍ରାହକ ଅନୁଭୂତି ପ୍ରଦାନ କରି ବ୍ରାଣ୍ଡକୁ ଅଧିକ ପହଞ୍ଚଯୋଗ୍ୟ କରିବାକୁ ଲକ୍ଷ୍ୟ ରଖିଛୁ। ବିଶେଷକରି ଭୁବନେଶ୍ୱରଠାରେ ଫକ୍ସୱାଗନ୍ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଣ୍ଟର ଶୁଭାରମ୍ଭ ସହ ବ୍ରାଣ୍ଡ ଆକାଂକ୍ଷୀ ଭାରତୀୟ ଗ୍ରାହକଙ୍କ ପାଇଁ ବିଶ୍ୱସ୍ତରୀୟ ଜର୍ମାନୀ ନିର୍ମିତ ଉତ୍ପାଦ ଓ ସେବାଗୁଡ଼ିକୁ ଉପସ୍ଥାପନ କରୁଛି। ଉକ୍ତ ଶୋ'ରୁମ୍‌ରେ ୬-କାର୍ ଡିସ୍‌ପ୍ଲେ ଅଞ୍ଚଳରେ ଫକ୍ସୱାଗନ୍‌ର ଭାରତର ସବୁଠାରୁ ସୁରକ୍ଷିତ ଏସ୍‌ୟୁଭିଡବ୍ଲ୍ୟୁ-ଟାଇଗୁନ୍, ଆକର୍ଷଣୀୟ ଭର୍ଚ୍ଚୁସ୍ ଓ ଗ୍ଲୋବାଲ ବେଷ୍ଟ-ସେଲର୍ ଟିଗୁଆନ୍‌କୁ ପ୍ରଦର୍ଶିତ କରାଯିବ। ଏହି ୨ଏସ୍ ଫ୍ୟାସିଲିଟି ଏହାର ବିସ୍ତୃତ ୧୯-ବେ' ୱାର୍କଶପ୍ ମାଧ୍ୟମରେ ଏକାଧିକ ବିକ୍ରି ପରବର୍ତ୍ତୀ ସେବା ପ୍ରଦାନ କରୁଛି, ଯାହାକୁ ଦକ୍ଷ ଓ ପ୍ରଶିକ୍ଷିତ ଟେକ୍ନିସିଆନ୍‌ମାନେ ପରିଚାଳନା କରୁଛନ୍ତି। ଉଲ୍ଲେଖଯୋଗ୍ୟ, ଫକ୍ସୱାଗନ୍‌ର ନେଟ୍‌ୱର୍କ ଶକ୍ତି ଭାରତର ୧୧୯ ସହରରେ ୧୫୯ ସେଲ୍‌ସ ଓ ୧୨୬ ସର୍ଭିସ୍ ଟଚ୍ ପଏଣ୍ଟକୁ ବୃଦ୍ଧି ପାଇଛି।

## ଆଜିଠାରୁ ସ୍ମାର୍ଟ ବଜାରରେ 'ଫୁଲ୍ ପୈସା ବସୁଲ୍ ସେଲ୍'

ନୂଆଦିଲ୍ଲୀ,୨୦।୧




ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ତଥା ରିଲାଏନ୍ସ ଗ୍ରୁପ୍‌ର ସହଯୋଗୀ କମ୍ପାନୀ ରିଲାଏନ୍ସ ସ୍ମାର୍ଟ ବଜାରରେ ଶନିବାରଠାରୁ 'ଫୁଲ୍ ପୈସା ବସୁଲ୍ ସେଲ୍' ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସ୍ୱତନ୍ତ୍ର ସେଲ୍ ଚଳିତ ଜାନୁୟାରୀ ୨୧ରୁ ୨୬ ତାରିଖ ପର୍ଯ୍ୟନ୍ତ ଦେଶର ସମସ୍ତ ସ୍ମାର୍ଟ ବଜାରରେ ଜାରି ରହିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ସ୍ମାର୍ଟ ବଜାର, ସ୍ମାର୍ଟ ସୁପର ଷ୍ଟୋର ଏବଂ ସ୍ମାର୍ଟ ପଏଣ୍ଟ ଷ୍ଟୋରଗୁଡ଼ିକରେ ଉପଲବ୍ଧ। ସେହିଭଳି କମ୍ପାନୀର ଆକର୍ଷଣୀୟ ଏହି ଅଭିଯାନ ପୁଣି ଥରେ ଗ୍ରାହକଙ୍କ ପାଇଁ ଫେରିଥିବା ଜଣାପଡ଼ିଛି। ଏହି ସେଲ୍ ଜରିଆରେ ଗ୍ରାହକମାନେ ବିଭିନ୍ନ ପ୍ରକାର ଘରକରଣା ସାମଗ୍ରୀ ସାଙ୍ଗକୁ ପ୍ୟାକେଜଡ୍ ଫୁଡ୍, ହୋମ୍ ଆଣ୍ଡ ପର୍ସନାଲ କେୟାର, ଦୁଗ୍ଧଜାତ ସାମଗ୍ରୀ,ପୋଷାକ, ହୋମ୍‌ୱେର ଏବଂ କ୍ଷୁଦ୍ର ଆପ୍ଲାଏନ୍ସଗୁଡ଼ିକରେ ଆକର୍ଷଣୀୟ ରିହାତି ଏବଂ ଅଫର ପାଇପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିପରି ବିସ୍କୁଟ,କୋଲ୍‌ଡ଼ଡ୍ରିଙ୍କ୍‌ସ,ଶାମ୍ପୁ, ସାବୁନ ଏବଂ ଟୁଥ୍‌ପେଷ୍ଟ ଆଦିରେ ୫୦% ପର୍ଯ୍ୟନ୍ତ ରିହାତି ଥିବାବେଳେ ୫କିଲୋ ଚାଉଳ ଏବଂ ୫ ଲିଟର ତେଲ କମ୍ବୋ ପ୍ୟାକ ମାତ୍ର ୧୦୯୯ ଟଙ୍କାରେ ଗ୍ରାହକମାନେ ପାଇପାରିବେ। ଏପରିକି ପୁରୁଷ, ମହିଳା ଓ ଶିଶୁମାନଙ୍କ ପୋଷାକ ସମ୍ଭାରରେ ସର୍ବନିମ୍ନ ୫୦% ରିହାତି ରହିଛି। ବିଶେଷକରି ୬୯୯ ଟଙ୍କାରେ ଡବଲ ବେଡ୍‌ସିଟ୍,୧୯୯୯ ଟଙ୍କାରେ ୩ ବର୍ନରର ଗ୍ୟାସ୍ ଷ୍ଟୋଭ ଏବଂ ଆହୁରି ଅନେକ କିଛି ସୁବିଧା ଓ ସାମଗ୍ରୀ ଉପରେ ମଧ୍ୟରେ ଅଫର ଉପଲବ୍ଧ ରହିଥିବା ସ୍ମାର୍ଟ ବଜାର ପକ୍ଷରୁ କୁହାଯାଇଛି।




ଦେଶର ପ୍ରମୁଖ ୨ଚକିଆ ଇଲେକ୍ଟ୍ରୀ ଯାନ (ଇଭି) ନିର୍ମାତ ବାଉନସ ଇନଫିନଟୀର ସ୍ୱୀକୃତିପ୍ରାପ୍ତ ଡିଲର ଅଞ୍ଜଳୀ ମୋଟର୍ସ ଆନୁକୂଲ୍ୟରେ କଟକ ମହତାବ ରୋଡ ଠାରେ ନୂତନ ତଥା ପ୍ରଥମ ଆଉଟଲେଟର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ଅଞ୍ଜଳୀ ମୋଟର୍ସର କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ଜେଏସ୍‌ଏଲ୍ ପକ୍ଷରୁ ମୁମ୍ବାଇ ମେଟ୍ରୋ ପ୍ରକଳ୍ପକୁ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଯୋଗାଣ

ନୂଆଦିଲ୍ଲୀ,୨୦।୧



ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) ପକ୍ଷରୁ ମୁମ୍ବାଇ ମେଟ୍ରୋ ରେଳ ପ୍ରକଳ୍ପକୁ ଆବଶ୍ୟକ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଯୋଗାଣ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଭାରତ ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପକୁ ଉତ୍ସାହ ପ୍ରଦାନ କରି ପ୍ରଧାନମନ୍ତ୍ରୀ ମୁମ୍ବାଇ ମେଟ୍ରୋ ଲାଇନ ୨ଏ ଓ ୭ ର ୨ୟ ପର୍ଯ୍ୟାୟ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ସେହିଭଳି ଜିନ୍ଦଲ ଷ୍ଟେନ୍‌ଲେସ୍ ଷ୍ଟିଲ ବାହ୍ୟ ପ୍ୟାନେଲ, କାର ପାଇଁ ଷ୍ଟେନ୍‌ଲେସ ଷ୍ଟିଲ୍ ଯୋଗାଇଛି। ଏପରିକି ଉକ୍ତ ପ୍ରକଳ୍ପ ପାଇଁ କାର୍ ବଡି, ଷ୍ଟ୍ରକଚର, ରୁଫ୍, ଇଣ୍ଟେରିୟର, ଅଣ୍ଡରଫ୍ରେମ ଓ ଅନ୍ୟାନ୍ୟ ସାମଗ୍ରୀର ଅଂଶ ବ୍ୟବହାର କରାଯିବ। ଏହି ଉପଲକ୍ଷେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ସମାରୋହରେ ମୁମ୍ବାଇ ମେଟ୍ରୋ ଲାଇନର ଉଦ୍‌ଘାଟନ କରାଯାଇଥିଲା। ସେହିପରି ଉକ୍ତ ମେଟ୍ରୋ ପ୍ରକଳ୍ପ ପାଇଁ ଜିନ୍ଦଲ ଷ୍ଟେନ୍‌ଲେସ୍ ବିଭିନ୍ନ ଟେପରରେ ୨ଜେ ଫିନିସ୍‌ରେ ଉଚ୍ଚମାନର ଷ୍ଟେନ୍‌ଲେସ ଷ୍ଟିଲ୍ ଗ୍ରେଡ୍ ୩୦୧ ଏଲ୍‌ଏନ୍ ଯୋଗାଇବା ଆରମ୍ଭ କରିଛି। ଉଲ୍ଲେଖଯୋଗ୍ୟ, ୨୦୨୧ ଜାନୁୟାରୀରେ ଆରମ୍ଭ ହୋଇଥିବା ଉକ୍ତ ଯୋଗାଣ ପ୍ରକ୍ରିୟା ୨୦୨୫ ଡିସେମ୍ବର ପର୍ଯ୍ୟନ୍ତ ଜାରି ରହିବ ବୋଲି କମ୍ପାନୀ ପକ୍ଷରୁ ଆକଳନ କରାଯାଉଛି। ଏପରିକି କମ୍ପାନୀ ଉକ୍ତ ପ୍ରକଳ୍ପ ପାଇଁ ଦେଶର ବିଭିନ୍ନ ଉତ୍ପାଦନ ୟୁନିଟ୍‌ରୁ ସାମଗ୍ରୀ ଯୋଗାଉଛି। ସୂଚନାଯୋଗ୍ୟ, ଉକ୍ତ ପ୍ରକଳ୍ପ ପାଇଁ ପ୍ରାୟ ୫୬୭୦ ଏମ୍‌ଟି ଷ୍ଟେନ୍‌ଲେସ୍ ଷ୍ଟିଲ ଯଥାକ୍ରମେ ୧୮.୬ କି.ମି. ୨ଏ ମେଟ୍ରୋ ଲାଇନ ଓ ୧୬.୫ କି.ମି. ୭ ମେଟ୍ରୋ ଲାଇନର ବିକାଶ ପାଇଁ ବ୍ୟବହୃତ ହେବ। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଏମ୍‌ଡି ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଦେଶର ବିକାଶ ପଥରେ ସାମିଲ ହେବା ଆମ ପାଇଁ ଗର୍ବର ବିଷୟ ହୋଇଥିଲେ ମଧ୍ୟ ଆମେ ସଦାସର୍ବଦା ସରକାରଙ୍କ ସହ କାର୍ଯ୍ୟ କରିବାକୁ ପସନ୍ଦ କରିଥାଉ। ଏପରିକି ମୁମ୍ବାଇ ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ଆବଶ୍ୟକ ସମ୍ପୂର୍ଣ୍ଣ ତଥା ପୂର୍ଣ୍ଣ ବ୍ୟବହାରଯୋଗ୍ୟ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଉଛି। ବିଶେଷକରି ମେଟ୍ରୋ ଓ ରେଳ ପ୍ରକଳ୍ପ ପାଇଁ ସରକାରଙ୍କ ସହ ସହଭାଗୀ ହୋଇଥିବାରୁ ଆମେ ସର୍ବଦା ଗର୍ବିତ ଏବଂ ସ୍ୱଳ୍ପ ବର୍ଜ୍ୟବସ୍ତୁ ବୃତ୍ତିଗତ ଅର୍ଥନୀତିକୁ ସକ୍ଷମ କରାଇବା ପାଇଁ ଷ୍ଟେନ୍‌ଲେସ୍ ଷ୍ଟିଲ୍ ହେଉଛି ସାମଗ୍ରୀର ସବୁଠାରୁ ସ୍ଥାୟୀ ପସନ୍ଦ। ଆମର କାର୍ଯ୍ୟଦକ୍ଷତାରେ ଉନ୍ନତି ଆଣି ଉନ୍ନତମାନର ସାମଗ୍ରୀ ଯୋଗାଇବା ପାଇଁ ଆମେ ପ୍ରତିବଦ୍ଧ। ଅତୀତରେ ଜିନ୍ଦଲ ଷ୍ଟେନ୍‌ଲେସ୍ ଦିଲ୍ଲୀ, କୋଲକାତା, ବାଙ୍ଗାଲୋର, ଚେନ୍ନାଇ ଓ ଅନ୍ୟାନ୍ୟ ମେଟ୍ରୋ ପ୍ରକଳ୍ପ ବ୍ୟତୀତ ସିଡ୍‌ନୀ ଓ କୁଇନ୍‌ସଲାଣ୍ଡର ମେଟ୍ରୋ ପ୍ରକଳ୍ପ ପାଇଁ ସାମଗ୍ରୀ ଯୋଗାଇଛି।

# ହକି ଟିକେଟ ବ୍ଲାକ୍: ଆଉ ୪ ଗିରଫ

- ୮ ଟିକେଟ, ୪ ମୋବାଇଲ, ୫ ହଜାର ଟଙ୍କା ଜବତ
- ୨୦୦ ଟଙ୍କିଆ ଟିକେଟକୁ ୧୨୦୦ ଟଙ୍କାରେ ବିକ୍ରି କରୁଥିଲେ
- ପୂର୍ବରୁ ଶହୀଦନଗର ଥାନା ପୋଲିସ ୫ଜଣଙ୍କୁ ଗିରଫ କରିଥିଲା



ଭୁବନେଶ୍ୱର,୨୦।୧(ବ୍ୟୁରୋ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପ୍ ଦେଖିବାକୁ ସମସ୍ତଙ୍କ ମନରେ ଉତ୍କଣ୍ଠା ରହିଛି। ହେଲେ ଟିକେଟ ମିଳୁ ନ ଥିବାରୁ ଅନେକ ନିରାଶ ହୋଇଛନ୍ତି। ଏପରି ସ୍ଥିତିରେ ଦଲାଲଙ୍କ ହାତରେ ଫୁଲାଫୁଲା ଟିକେଟ ଦେଖିବାକୁ ମିଳୁଛି। ସେମାନେ ଟିକେଟ ବ୍ଲାକ୍‌ରେ ବିକି ମାଲାମାଲ୍ ହେଉଛନ୍ତି। ହକି ଟିକେଟ କଳାବଜାର କରୁଥିବା ଏକ ର୍‍ୟାକେଟକୁ ବୁଧବାର ଶହୀଦନଗର ଥାନା ପୋଲିସ ଧରିବା ସହ ୫ଜଣଙ୍କୁ ଗିରଫ କରିଥିଲା। ଗୁରୁବାର ନୟାପଲ୍ଲୀ ଥାନା ପୋଲିସ ଆଉ ଏକ ଗ୍ୟାଙ୍ଗକୁ ଧରିବା ସହ ସମ୍ପୃକ୍ତ ୪ଜଣ ଦଲାଲଙ୍କୁ ଗିରଫ କରିଛି। ସେମାନେ ହେଲେ କେନ୍ଦୁଝର ଜିଲା ନାରଣପୁର ଗ୍ରାମର ଦୀପକ କୁମାର ବେହେରା, କଟକ ଜିଲା ସାଲେପୁର ଥାନା ଅଞ୍ଚଳର ସୟଦ ଅମିରୁଲ୍ କାଲାମ ଓ ସୟଦ ଏହେତଶାମ ଉଦ୍ଦିନ ଏବଂ ଅନ୍ୟ ଜଣେ ହେଉଛନ୍ତି ପଶ୍ଚିମବଙ୍ଗର ମହଶେନ ଲାସ୍କର। ସେମାନଙ୍କଠାରୁ ୮ ହକି ଟିକେଟ, ୪ ମୋବାଇଲ ଫୋନ୍ ଓ ନଗଦ ୫ ହଜାର ଟଙ୍କା ଜବତ କରାଯାଇଛି। ଏମାନେ ୨୦୦ ଟଙ୍କାର ଟିକେଟକୁ ୧୨୦୦ ଟଙ୍କାରେ ବ୍ଲାକ୍ କରୁଥିଲେ। ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ମ୍ୟାଚ୍ ଖେଳାଯାଇଥିଲା। ହେଲେ ମ୍ୟାଚ ପୂର୍ବରୁ ଅଭିଯୁକ୍ତମାନେ କୌଣସିମତେ ଟିକେଟ ହାତେଇ ଏହାକୁ ପ୍ରକୃତ ମୂଲ୍ୟଠାରୁ ଅଧିକ ଦରରେ ବିକ୍ରି କରୁଥିଲେ। ନୟାପଲ୍ଲୀ ଥାନା ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଷ୍ଟାଡିୟମର ୨ ନମ୍ବର ଗେଟ ନିକଟରେ ଚଢାଉ କରି ୪ଜଣଙ୍କୁ କାବୁ କରି ଥାନାକୁ ଆଣିଥିଲା। ପଚରାଉଚରା ପରେ ସେମାନେ ଲାଭ ଆଶାରେ ଟିକେଟକୁ ଅଧିକ ଦରରେ ବିକ୍ରି କରୁଥିବା ସ୍ୱୀକାର କରିଥିଲେ।

# ବେଆଇନ କୋଇଲା ଡିପୋରେ ଏସ୍‌ଟିଏଫ୍ ଚଢ଼ାଉ

ଭୁବନେଶ୍ୱର,୨୦।୧(ବ୍ୟୁରୋ)

କ୍ରାଇମବ୍ରାଞ୍ଚର ସ୍ୱେଶାଲ ଟାସ୍କ ଫୋର୍ସ (ଏସଟିଏଫ୍) ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଡାହାଲସ୍ଥିତ ଏକ ବେଆଇନ କୋଇଲା ଡିପୋରେ ଚଢ଼ାଉ କରି ୩୩୦ ଟନ୍ କ୍ରୋମାଇଟ୍ ଓ ୧୫ ଟନ୍ କୋଇଲା ଜବତ କରିଛି। ଏଥିସହ ସେଠାରୁ ୨ଟି ଟ୍ରକ, ଗୋଟିଏ ଜେସିବି ଏବଂ ଗୋଟିଏ ଟ୍ରାକ୍ଟର ମଧ୍ୟ ଜବତ ହୋଇଛି। ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଞ୍ଚଳର ବିଜୟ ଶଙ୍କର ମହାନ୍ତି, ଯାଜପୁର ଜିଲା ସୁକିନ୍ଦାର ବିଶ୍ୱଜିତ ନାୟକ, ଢେଙ୍କାନାଳ ଜିଲା କାମାକ୍ଷାନଗରର ଅମର ସାହୁ ଓ ଅନିଲ ସେଠୀ। ଏସ୍‌ଟିଏଫ୍ ଏକ ମାମଲା (ନଂ.୧୯/୨୦୨୩) ରୁଜୁ କରି ଶୁକ୍ରବାର ଅଭିଯୁକ୍ତମାନଙ୍କୁ ଭଦ୍ରକ ଜେଏମ୍‌ଏଫ୍‌ସି-୨ କୋର୍ଟକୁ ଚାଲାଣ କରିଛି। ଡିପୋର ମାଲିକ ବିଜୟ ବେଆଇନ ଭାବେ ଲକ୍ଷାଧିକ ଟଙ୍କାର ଖଣିଜ ସମ୍ପଦ ଗଚ୍ଛିତ ରଖିଥିବା ସୂଚନା ମିଳିବା ପରେ ଏସ୍‌ଟିଏଫ ବୁଧବାର ବିଳମ୍ବିତ ରାତିରେ ଚଢ଼ାଉ କରିଥିଲା। ଏହି କୋଇଲା ଡିପୋର କୌଣସି କାଗଜପତ୍ର ଦାଖଲ କରି ନ ପାରିବାରୁ ଏସ୍‌ଟିଏଫ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।


ବ୍ୟାସନଗର ପୌରପାଳିକା, ବ୍ୟାସନଗର

**OFFICE OF THE VYASANAGAR MUNICIPALITY**

**VYASANAGAR, JAJPUR**

E-mail_Id:vyasanagarmunicipality@gmail.com,Website:vyasanagarmunicipality.in

Letter No.176// Date: 19.01.2023

**TENDER CALL NOTICE**

**SELECTION OF AGENCIES FOR MANAGING VARIOUS RELATED ACTIVITIES OF VYASASAROBAR MAHOSTAV- 2023**

**No.C-2328:**1. The Executive Officer, Vyasanagar Municipality, Jajpur Road invites tenders in sealed covers in conformity with detailed tender call notice to be eventually drawn up in prescribed Municipal form, from the intending registered Agencies having experience, expertise and financial standing, in similar nature of the works of the following assignments for smooth management of VYASA SAROBAR MAHOSTAV-2023 scheduled to be organized from 01.02.2023 to 11.02.2023 under Vyasanagar Municipality as per the scope and scheduled of work as spelt out in the detailed tender call notice. 2. Bid documents consisting of selection criteria scope of work and the set of terms and conditions of contracts and other necessary documents can be obtained from Municipality website i.e. www.vyasanagarmunicipality.in & District website i.e. www.jajpur.nic.in . The bid cost Rs.5,000/- (Rupees Five Thousand) & the EMD Rs.30,000/- (Rupees Thirty Thousand) only in shape of Demand Draft of any scheduled Bank payable at Jajpur Road duly pledge in favour of "Executive Officer, Vyasanagar Municipality". Must be submitted with the bid documents in the separate envelop. The copy of GST registration certificate & PAN must be accompanied with the tender. So as to reach before the undersigned on or before 25.01.2023 up to 11:30 AM which shall be opened on the same day at 03:30 PM in the presence of bidders or their authorized representatives if any. 3. The undersigned reserves the right to accept/reject any part there of or all the bids without assigning any reason thereof. For details can be seen in the district website i.e. www.jajpur.nic.in & vyasanagarmunicipality.in.

| Sl. No. | Name of Assignment | Agencies eligible to apply | Scope of Work | |
|---|---|---|---|---|
| 1 | 2 | 3 | 4 | |
| 1 | Selection of Event Management Agencies(EMA) managing of cultural Programmes, stage Tentage (stalls) erection of stage, Still photo, videography, drone, live telecast etc arrangements of sound systems, light decoration (provision of security personnel) pririting items, back drop LED, plasma LED. TV, Chairs, tables, sofas etc & all other required items complete in all respect. | Having experiences, expertise, financial sound in similar nature of works & as per qualification criteria spelt out in the detailed tender call notice. | 1 | Arrangement, organizing & staging different cultural programmes etc as per DTCN |
| | | | 2 | Provision of security personnel for 11 days as per requirement etc as per DTCN. |
| | | | 3 | Erection of stalls, gates, LED light decoration, barricades supply of tables, chairs, sofas, power back up & erection dias with light, towers (light post) etc as per DTCN. |
| | | | 4 | Erection of modern stage, banner, back drop LED with lighting system, par-24 nos, LED par-24. Nos multicolor-15nos, scanner-4nos., smoke-4nos., sky decoMno, follow light-1no, laser-2nos, stoke- 2nos, sharpy-15nos, sound system, Horn-8nos, Digital box-JVL-300watt-6nos.,base-4nos, line array -12nos, monitor box-4nos. , double bar- 4nos., tie phone-4nos.,cordless phone-4nos. small stand phone- 4nos. ,big stand phone-4nos. Yamaha 24 channel mixture machine supply of one 82 KVA silent DG set etc. as per DTCN. |
| | | | 5 | Photography, video coverage, live telecast of the events through local cable, supplying & fixing of CC cameras, multi high gain public announcement of the programmes of Vyasa Sarobar etc as per DTCN. |
| | | | 6 | Printing materials, supply of water bottles, flower Garlands & trophies & logistic arrangements for guests/ VIPs as per DTCN. |
| | | | 7 | Tiffin arrangements for Marathon participants(1000 nos.) |

**Sd./- Executive Officer**
**Vyasanagar Municipality**

OIPR-13092/11/0024/2223


# ୪ ଦୁର୍ଦ୍ଧାନ୍ତ ମାଓବାଦୀ ନେତାଙ୍କ ବସ୍‌ଷ୍ଟାଣ୍ଡରେ ପୋଷ୍ଟର ମାରିଲା ଏନ୍‌ଆଇଏ













କୋରାପୁଟ,୨୦।୧(ସ୍ୱ.ପ୍ର.)

କୋଲକାତାସ୍ଥିତ ଏନ୍‌ଆଇଏ ପକ୍ଷରୁ ଶୁକ୍ରବାର ୪ ଦୁର୍ଦ୍ଧାନ୍ତ ମାଓବାଦୀ ନେତାଙ୍କୁ ଧରାଇଦେବା ପାଇଁ କୋରାପୁଟ ବସଷ୍ଟାଣ୍ଡରେ ପୋଷ୍ଟରମାନ ମରାଯାଇଛି। ସେମାନେ ହେଲେ ଗଜରଲା ରବି, ଖିଲୋ ରଞ୍ଜୁ, ମେଦୁରୁ ଜଗାରାଓ ଏବଂ ଜେ. ଶ୍ରୀନୁବାବୁ। ଏମାନେ ସମସ୍ତେ ଆନ୍ଧ୍ର ପ୍ରଦେଶର ହାର୍ଡକୋର ମାଓବାଦୀ ରୂପେ ପରିଚିତ। ଏହି ଦୁର୍ଦ୍ଧାନ୍ତ ମାଓବାଦୀ ନେତାମାନଙ୍କ ନାମରେ ଅନେକ ମାମଲା ରହିଛି। ଯେ କୌଣସି ବ୍ୟକ୍ତି ସେମାନଙ୍କ ବିଷୟରେ ସୂଚନା ଦେଲେ ତାଙ୍କୁ ଏନଆଇଏ ପକ୍ଷରୁ ୩ ଲକ୍ଷରୁ ୧୦ ଲକ୍ଷ ଟଙ୍କା ଯାଏ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି। ଯିଏ ଏହି ମାଓବାଦୀ ନେତାଙ୍କ ସମ୍ପର୍କରେ ସୂଚନା ଦେବେ ତାଙ୍କ ସମ୍ପର୍କରେ ସମସ୍ତ ତଥ୍ୟ ଗୋପନ ରଖାଯିବ ବୋଲି ଏନ୍‌ଆଇଏ ପକ୍ଷରୁ କୁହାଯାଇଛି। ପୋଷ୍ଟରରେ ଏନ୍‌ଆଇଏ କୋଲକାତା ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ ଉଲ୍ଲେଖ ଥିବା ବେଳେ କୋରାପୁଟରେ କେତେ ଜଣ ଏନ୍‌ଆଇଏ ଅଧିକାରୀ ପହଞ୍ଚିଥିବା ଜଣାପଡିଛି। ଅନ୍ୟପକ୍ଷରେ କୋରାପୁଟ ଜିଲାରେ ମାଓବାଦୀଙ୍କ ସ୍ଥିତି ବର୍ତ୍ତମାନ ସେତେଟା ନାହିଁ। ତେବେ କୋରାପୁଟ ବସଷ୍ଟାଣ୍ଡରେ ଗୁରୁବାର ରାତିରେ ଏହି ପୋଷ୍ଟର କିପରି କିଏ ମାରିଲା ସେ ନେଇ ପୋଲିସ ପାଖରେ କୌଣସି ସୂଚନା ନାହିଁ।

# ଯୁବକଙ୍କୁ ହାଣି ନେଇଗଲେ ଟଙ୍କା

ଯାଁଳା,୨୦।୧(ଡି.ଏନ୍.ଏ.)

ଇନ୍‌ଫୋଭ୍ୟାଲି ଥାନା ଅଧୀନ ଅରିଶଲ ନିକଟରେ ଦୁଇଜଣ ଦୁର୍ବୃତ୍ତ ଜଣେ ଯୁବକଙ୍କୁ ହାଣି ୪ ହଜାର ୭ ଶହ ଟଙ୍କା, ଏଟିଏମ୍ କାର୍ଡ ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନେଇଯାଇଥିବା ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ହୋଇଥିବା ଯୁବକ ହେଲେ ଜଙ୍କିଆ ଥାନା ଅଞ୍ଚଳର ପ୍ରିୟରଞ୍ଜନ ଫତେସିଂ(୩୪)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ପ୍ରିୟରଞ୍ଜନ ଜଙ୍କିଆରୁ ଯାଁଳା ମୁଣ୍ଡମୁହାଣ ମାମୁଁଶ୍ୱଶୁର ଘରକୁ ଆସିଥିଲେ। ସେଠାରୁ ସେ ବାଇକ୍‌ରେ କୌଣସି କାମରେ ଛତାବର ଯାଉଥିବା ବେଳେ ଅରିଶଲ ନିକଟରେ ଦୁଇଜଣ ଦୁର୍ବୃତ୍ତ ଏକ କଳା ପଲ୍‌ସରରେ ପଛରୁ ଆସି ପ୍ରିୟରଞ୍ଜନଙ୍କୁ ମାରଣାସ୍ତ୍ରରେ ବେକକୁ ଆକ୍ରମଣ କରିଥିଲେ। ଫଳରେ ସେ ଆହତ ହୋଇ ତଳେ ପଡ଼ିଯାଇଥିଲେ। ଏହାପରେ ଦୁର୍ବୃତ୍ତମାନେ ଟଙ୍କା, ଏଟିଏମ୍ ଓ କାଗଜପତ୍ର ନେଇ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ପ୍ରିୟରଞ୍ଜନଙ୍କୁ ଚିକିତ୍ସା ପାଇଁ ମେଣ୍ଢାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏନେଇ ପ୍ରିୟରଞ୍ଜନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।


**GOVERNMENT OF ODISHA** No. MM-435

**FOREST, ENVIRONMENT & CLIMATE CHANGE DEPARTMENT**
**OFFICE OF THE DIVISIONAL FOREST OFFICER,**
**BOLANGIR FOREST DIVISION-767001**

Tel/Fax:- 06652-232948, e-mail:- dfo.bolangir@odisha.gov.in

**Bid Identification No. DFO, BLG 07/2022-23 dated: 19.01.2023**

Letter No. 460/1F, Dated, Bolangir the 19th January-2023

**NOTICE INVITING TENDER**

| Sl. No. | Name of the Work | Building Works as per DTCN available in the website www.tendersodisha.gov.in |
|---|---|---|
| 1 | Estimated Cost | Rs.1694900.00 lakhs |
| 2 | No. of Works | Anti Poaching Barrack inside Range Office Campus, Deogaon Range |
| 3 | Period of Completion | 45 Days |
| 4 | Date & time of availability of the bid document in the portal | 24.01.2023 to 03.02.2023 |
| 5 | Last date/Time for receipt of bids in the portal | Up to 5.00 PM of 03.02.2023 |
| 6 | Date & Time of bid opening | 11.30 hours on Dated 04.02.2023 |
| 7 | Name & Address of the officer inviting Bid | Divisional Forest Officer, Bolangir Forest Division, Pin-767001 |

Others can be seen from Detailed Notice inviting Tenders, available in website www.tendersodisha.gov.in. Corrigendum if any, shall only be published in the above website.

**Divisional Forest Officer**
**Bolangir Forest Division**

OIPR-08061/11/0013/2223

**MUNICIPAL OFFICE, JAJPUR**

**Ph.: 06728-222073/Fax: 06728-225199**
**E-mail: jajpur.m.1869@gmail.com**

**EXPRESSION OF INTEREST (EOI)**

**Notice No. 185** **Date: 19.01.2023**

No. C-2333: Sealed EOI is invited from the intending consultant's/ firms for Preparation of DPR of the works as mentioned below:

**1. Construction of C.C. Approach Road for Septage Plant at Malaanandapur**

The Paper/document for E.O.I. containing general bid information's, terms & conditions for preparation of the above DPRS will be available on payment of Rs.1000/- towards paper cost for each item of work in shape of Cash deposited in the office of the undersigned separately from 24.01.2023 to 31.01.2023 in the working days & hours respectively in the Municipal Office, Jajpur.

The bidders are to pay Rs.4000/- towards EMD in shape of Cash/ Demand Draft/NSC drawn in favour of The Executive Officer, Jajpur Municipality, payable at Jajpur. The bidders are to submit Technical Bid & Financial Bid in separate sealed covers, both of which shall be kept in a big sealed cover marking at the right side top of the envelope as EOI and submit the documents by Speed Post/Regd. Post/Courier or by Hand to the Executive Officer, Jajpur Municipality from 25.01.2023 to 01.02.2023 by 1.00 P.M., which shall be opened on the same day at 4.00 P.M. in presence of the bidders or their authorised representatives if any present.

The authority reserves the right to reject or cancel the Notice without assigning any reason thereof.

**Sd./- Executive Officer, Jajpur Municipality**

OIPR-13171/11/0024/2223

**GOVERNMENT OF ODISHA** No. B-1168

**INVITATION FOR BIDS (IFB)**

**'e' PROCUREMENT NOTICE**

**Bid Identification No. S.E. JSPR(R&B)-11/2022-23**

1. Name of work : Road work for the year 2022-23
2. No. of Works : Total:- 02 (Two) nos. of Work
3. Estimated cost : Above **Rs.5.00 lakhs up to Rs. 50.00 lakhs (Approx)**
4. Period of completion : **As per Column No.-8 of this NIT**
5. Class of contractors : **As per Column No.-7 of this NIT**

Other details as follows :-

**6. Date & time of availability of bid documents in Portal:- 31.01.2023 at 11.30 A.M.**

**7. Last date/time for receipt of bids in Portal:- 14.02.2023 up to 05.00 P.M.**

**8 Opening of Bid documents : 15.02.2023 at 11.30 A.M.**

9. Procurement Officer : Superintending Engineer, Jagatsinghpur (R&B) Division, Jagatsinghpur with

E-Mail address :- eerbjspr@gmail.com

Further details can be seen from the Govt. website **tendersorissa.gov.in**

**Sd./- Superintending Engineer**
**Jagatsinghpur (R&B) Division**

OIPR-34093/11/0018/2223

**WORKS DEPARTMENT**
**OFFICE OF THE SUPERINTENDING ENGINEER,**
**ROURKELA (R&B) DIVISION, UDITNAGAR, ROURKELA**

**No. B-1163** **E-Mail Id -eepwdrkl@gmail.com**

**Government of Orissa "e" Procurement Notice**

**Bid Identification No. 64/2022-2023 Dated: 20.01.2023**

1. Number of works : 01 (One) number of works
2. Estimated Cost : Rs.59.23 lakhs
3. Period of Completion : 6 (Six) Calendar Months
4. Date & time of availability of bid document in the portal : Dt.30.01.2023 at 11.00 A.M.
5. Last date/time for receipt of bids in the portal : Dt.06.02.2023 upto 05.00 P.M.
6. Date of Opening of Bid : Dt.07.02.2023 at 11.30 A.M.
7. Name and Address of the Officer Inviting Bid : Superintending Engineer, (R&B) Division, Rourkela, Uditnagar

Further details can be seen from the e-procurement portal **http// tendersorissa.gov.in**.

**Sd./- Superintending Engineer**
**Rourkela (R&B) Division, Rourkela**

OIPR-34068/11/0042/2223

**BHUBANESWAR MUNICIPAL CORPORATION**

**AUCTION SALE NOTICE FOR PARKING LOTS IN BMC AREA FOR KHANDAGIRI MELA**

**No. 145/BMC** **Date: 18.01.2023**

No. C-2327: Sealed quotations are invited from intending parties for **Auction of Parking Lots for 14 days** and they are requested to drop it in Tender Box ONLY addressed to the Zonal Deputy Commissioner (South West), BMC Bhubaneswar. The quotations should be submitted in the prescribed format and should be filled up properly. The intending parties may participate for one or more parking lots, but the applications/quotations will be considered individually for each parking lot. The intending parties must submit the quotation separately for each parking lot. The EMD and tender paper cost separately should be in shape of Bank Draft drawn in favour of Commissioner, Bhubaneswar Municipal Corporation, Bhubaneswar. The details of the tender are available in BMC/Zone Office notice boards and BMC website: **http://bmc.gov.in**.

The envelope, containing the tender paper should be superscribed with **"Auction for Individual Parking Lot (Name and Location) in BMC area"**.

The important dates & information are as follows:

1. Availability of Tender Paper : Downloadable from BMC website: **http://bmc.gov.in/** Sale of Tender Paper at ZDC (SW) office from 18.01.2023 to 24.01.2023 (Upto 11.00 A.M.)
2. Last date for sale of Tender Paper at BMC Office : 24.01.2023 (Upto 11.00 A.M.)
3. Last date for submission of Tender Paper : 24.01.2023 upto 3.00 P.M.
4. Earnest Money Deposit (EMD) : 10% of Upset Price
5. Tender Cost (Non-refundable) : Rs.500/- (Rupees Five hundred only)
6. Opening of Tender Papers : 24.01.2023 at 4.00 P.M.

**Sd./- Zonal Deputy Commissioner (South West)**
**Bhubaneswar Municipal Corporation**

OIPR-13002/11/0218/2223

ସୁନ୍ଦରଗଡ଼ ପୌରପାଳିକା, ସୁନ୍ଦରଗଡ଼

ସଂଖ୍ୟା: 281 **ଶୁଦ୍ଧିପତ୍ର** ତାରିଖ: 20.01.2023

No. C-2325: ସୁନ୍ଦରଗଡ଼ ପୌରପାଳିକା ଅଞ୍ଚଳରେ ଗଠନ ହୋଇଥିବା ସମସ୍ତ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ସୁନ୍ଦରଗଡ଼ ପୌରପରିଷଦ ଦ୍ୱାରା ଜାରି କରାଯାଇଥିବା ଏକ୍ସପ୍ରେସନ ଅଫ୍ ଇଣ୍ଟେରେଷ୍ଟ "୨୦୨୩-୨୪ ବର୍ଷ ନିମନ୍ତେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ୱାର୍ଡ଼ ଅଫିସ୍ ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ)", ବିଜ୍ଞାପନ ସଂଖ୍ୟା; ୯୫୧୬ ଓ ୯୯୪୩, ତାରିଖ: ୦୫।୧୨।୨୦୨୨ ଓ ୨୧।୧୨।୨୦୨୨ ନିମ୍ନଲିଖିତ ଭାବରେ ଏଠାରେ ପରିବର୍ତ୍ତିତ କରାଯାଇଅଛି। ପ୍ରକାଶ ଥାଉକି ସରକାରୀ ଛୁଟି ଦିବସରେ କୌଣସି କାଗଜାଦି ଗ୍ରହଣ କରାଯିବ ନାହିଁ।

| ବିଷୟ | ପୂର୍ବରୁ | ବର୍ତ୍ତମାନ |
|---|---|---|
| ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ ଦାଖଲ କରିବାର ଶେଷ ତାରିଖ | ୧୬।୦୧।୨୦୨୩ ଅପରାହ୍ନ ୪ ଘଟିକା | ୩୧।୦୧।୨୦୨୩ ଅପରାହ୍ନ ୪ ଘଟିକା |
| ଟେକ୍ନିକାଲ ବିଡ୍ ସୁନ୍ଦରଗଡ଼ ପୌରପାଳିକା ସଭାଗୃହରେ ଖୋଲାଯିବାର ସମୟ | ୧୭।୦୧।୨୦୨୩ ଅପରାହ୍ନ ୩.୩୦ ଘଟିକା | ୦୨।୦୨।୨୦୨୩ ଅପରାହ୍ନ ୩.୩୦ ଘଟିକା |

ଯେଉଁମାନେ ପୂର୍ବରୁ କୌଣସି କାରଣବଶତଃ ଏହି ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟରେ ଭାଗ ନେଇ ପାରି ନ ଥିଲେ, ସେମାନେ ଏଥିରେ ଭାଗ ନେଇପାରିବେ। ଏକ୍ସପ୍ରେସନ ଅଫ୍ ଇଣ୍ଟେରେଷ୍ଟର ଅନ୍ୟ ସମସ୍ତ ସର୍ତ୍ତାବଳୀ ଏବଂ ଚୁକ୍ତିନାମା ଅପରିବର୍ତ୍ତିତ ରହିବ।

ସ୍ୱା/- ନିର୍ବାହୀ ଅଧିକାରୀ
ସୁନ୍ଦରଗଡ଼ ପୌରପାଳିକା

OIPR-13130/11/0041/2223

**ADVERTISEMENT**

**DIRECTORATE OF SCHEDULED CASTE & SCHEDULED TRIBE RESEARCH AND TRAINING INSTITUTE (SCSTRTI)**

CRPF Square, Nayapalli, Bhubaneswar - 751003

**No. 227** **Dated: 19.01.2023**

**Engagement of Short Term Contractual Principal Investigator, Senior Consultant, Vision Technicians, Research Assistants, Staff Optometrist, Community Health Workers**

No. V-84: The Scheduled Caste and Scheduled Tribe Research and Training Institute (SCSTRTI) intends to engage Principal Investigator, Senior Consultant, Vision Technicians, Research Assistants, Staff Optometrist, Community Health Workers to carry out the research study within a stipulated timeline. The engagements are short term i.e. for specific months as stated in the detailed advertisement. Detail ToR for the posts and the Application Form etc. can be seen in the Odisha Government portal **www.stscodisha.gov.in** and website of SCSTRTI **www.scstrti.in**. Eligible candidate must submit the duly filled in application form along with supporting documents to the Director SCSTRTI, CRPF Square, Bhubaneswar, PIN - 751003 latest by **6th February, 2023, 5.30 P.M.** through Registered Post/Speed Post only. Incomplete applications, applications without supporting documents, applications submitted though modes other than Registered Post/Speed Post and applications received after the prescribed date shall be rejected.

**Sd./- Director**

OIPR-26026/11/0011/2223

**GOVERNMENT OF ODISHA**
**MS&ME DEPARTMENT**
**NOTICE**

**No. 464/MS&ME, Bhubaneswar** **Dated the 19.01.2023**

**Sri Subasis Pattnaik**, OIS (Group-B)
**Ex-DCIO (Level-II)**
**(Posted as Investment Promotion Officer,**
**Orissa Investiment & Export Promotion Office (OIEPO)**
**Office of the Principal Resident Commissioner, GoO, New Delhi)**
**S/o. Sri Rabindra Nath Das, House No. - 13,**
**Anee Enclave, Aiginia, Bhubaneswar**

No. h-20: This refers to DP drawn up vide Memorandum No. 7170/ MSME dated 21.12.2013 against you which was served upon you on 07.02.2014 for un-authorized and willful absence from duties as well as gross indiscipline & negligence in duties. Since no written statement of defense to said DP received from you within the stipulated period, Inquiring Officer was appointed and subsequently the IO submitted his Enquiry Report dated 30.04.2020. The enquiry report could not be served on you despite many efforts as you are not available at the address mentioned in your Service Book.

Since your whereabouts is not known to the Department, this Notice is hereby published directing you to receive a copy of enquiry report dated 30.04.2020 of IO from the undersigned or from the Directorate of Industries, Odisha, Cuttack and submit your representation if any, as you may wish to make against the findings of IO wihtin a period of 15 (Fifteen) days from the date of publication of this Notice, failing which action as deemed proper will be taken against you as per rules.

**Sd./- Additional Secretary to Government**
**MS&ME Department**

OIPR-43001/11/0009/2223

**୨୨ରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ**

ଭୁବନେଶ୍ୱର,(ବ୍ୟୁରୋ): ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ୨୨ ତାରିଖରେ ଅନୁଷ୍ଠିତ ହେବ। ରାଜ୍ୟର ସାମ୍ପ୍ରତିକ ରାଜନୈତିକ ଓ ସାମାଜିକ ପ୍ରସଙ୍ଗକୁ ନେଇ ବୈଠକରେ ମୁଖ୍ୟତଃ ନିଷ୍ପତ୍ତି ନିଆଯିବ। ତେବେ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ପଦାଧିକାରୀ, ଜିଲା ସଭାପତି ଓ ପ୍ରଭାରୀ ବୈଠକ ଶନିବାର ଅପରାହ୍ନରେ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ୨୨ ତାରିଖରେ ହେବାକୁ ଥିବା ରାଜ୍ୟ କାର୍ଯ୍ୟକାରିଣୀ ଭୁବନେଶ୍ୱରର ଏକ ଘରୋଇ ହୋଟେଲଠାରେ ଅନୁଷ୍ଠିତ ହେବ ବୋଲି ଦଳର ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସରକାର ଲୋକଙ୍କ ଧ୍ୟାନ ହଟାଇ ଲୁଟ୍ କରୁଛନ୍ତି: ରାହୁଲ

## ଜମ୍ମୁ-କଶ୍ମୀରରେ ଭାରତ ଯୋଡ଼ୋ ଯାତ୍ରା

**ଲଖନପୁର,୨୦।୧**

କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ଶେଷ ପର୍ଯ୍ୟାୟରେ ଜମ୍ମୁ-କଶ୍ମୀରରେ ପ୍ରବେଶ କରିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ଏଠାରେ ଏକ ସଭାକୁ ସମ୍ବୋଧନ କରିବା ଅବସରରେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। କେନ୍ଦ୍ର ସରକାରକୁ ସେ ଗଣଲୁଟେରା କରିଛନ୍ତି। ଲୋକଙ୍କ ଧ୍ୟାନ ହଟାଇବା ପରେ ସେମାନଙ୍କୁ ଲୁଟାଯାଉଛି ବୋଲି କଂଗ୍ରେସ ନେତା ଅଭିଯୋଗ କରିଛନ୍ତି। କନ୍ୟାକୁମାରୀରୁ ଆରମ୍ଭ ହୋଇଥିବା ପଦଯାତ୍ରା ଶେଷରେ କଶ୍ମୀରରେ ପହଞ୍ଚିଛି। ଏହି ସମୟ ମଧ୍ୟରେ ରାହୁଲ ହଜାର ହଜାର ଲୋକଙ୍କ ସହ କଥା ହୋଇଛନ୍ତି। ପ୍ରବଳ ଥଣ୍ଡାରେ ତାଙ୍କ ସହ ହଜାର ହଜାର ଲୋକ ଚାଲିଛନ୍ତି। ଭାଜପା ଏବଂ ଆର୍‌ଏସ୍‌ଏସ୍ ଦେଶରେ ଘୃଣାର ପ୍ରସାର କରୁଛନ୍ତି। ଦେଶବାସୀ ଘୃଣା, ହିଂସା, ବେରୋଜଗାରି ଏବଂ ମୂଲ୍ୟବୃଦ୍ଧି ଆଦିକୁ ଦୈନନ୍ଦିନ ସାମ୍ନା କରୁଛନ୍ତି। ହେଲେ ଗଣମାଧ୍ୟମ ସେଗୁଡ଼ିକର ପ୍ରଚାର କରୁ ନ ଥିବାରୁ ରାହୁଲ ଏହାର ନିନ୍ଦା କରିଥିଲେ। ଲୋକଙ୍କ ଧ୍ୟାନ ହଟାଇବା ପାଇଁ ବଲିଉଡ୍ ଷ୍ଟାର୍ ଐଶ୍ୱର୍ଯ୍ୟା ରାୟ ଏବଂ ଅକ୍ଷୟ କୁମାରଙ୍କ ବିଷୟକୁ ଗଣମାଧ୍ୟମ ପ୍ରଚାର କରୁଛନ୍ତି ବୋଲି ରାହୁଲ କହିଥିଲେ।

ଜମ୍ମୁ-କଶ୍ମୀରର ସୀମାନ୍ତ କଠୁଆ ଜିଲାରୁ ଭାରତ ଯୋଡ଼ୋ ଯାତ୍ରା ଆରମ୍ଭ ହୋଇଥିଲାବେଳେ ଏଥିରେ ଶିବସେନା (ୟୁବିଟି)ର ସଞ୍ଜୟ ରାଉତଙ୍କ ସମେତ ଅନେକ ନେତା ସାମିଲ ହୋଇଛନ୍ତି। ଦଳ ତରଫରୁ ସେ ଯାତ୍ରାରେ ଯୋଗଦେଇଥିବା କହିଛନ୍ତି। ଦେଶର ରାଜନୈତିକ ବାତାବରଣ ଦ୍ରୁତ ଗତିରେ ବଦଳୁଛି। ବାସ୍ତବ ପ୍ରସଙ୍ଗ ଉପରେ କଂଗ୍ରେସ ନେତା ରାହୁଲ ହିଁ ସ୍ୱର ଉଠାଉଥିବା ସେ ଦେଖୁଛନ୍ତି ବୋଲି ସଞ୍ଜୟ କହିଛନ୍ତି। ପ୍ରବଳ ଥଣ୍ଡା ଯୋଗୁ ଶୁକ୍ରବାର ସକାଳେ ଘଣ୍ଟାଏ ୧୫ ମିନିଟ୍ ବିଳମ୍ବରେ ପଦଯାତ୍ରା ଆରମ୍ଭ ହୋଇଥିଲା। ଗତବର୍ଷ ସେପ୍ଟେମ୍ବର ୭ରେ କନ୍ୟାକୁମାରୀରୁ ଆରମ୍ଭ ହୋଇଥିବା ଭାରତ ଯୋଡ଼ୋ ଯାତ୍ରା ପଞ୍ଜାବ ଅତିକ୍ରମ କରି ଗୁରୁବାର ସନ୍ଧ୍ୟାରେ ଜମ୍ମୁ-କଶ୍ମୀରରେ ପ୍ରବେଶ କରିଥିଲା। ଆସନ୍ତା ୩୦ ତାରିଖରେ ଶ୍ରୀନଗରଠାରେ ପଦଯାତ୍ରା ଶେଷ ହେବ।



ଜମ୍ମୁ-କଶ୍ମୀରର କଠୁଆ ଜିଲାରେ ଶୁକ୍ରବାର ଭାରତ ଯୋଡ଼ୋ ଯାତ୍ରା ପ୍ରବେଶ ଅବସରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଶିବସେନା(ୟୁଟିବି) ନେତା ସଞ୍ଜୟ ରାଉତ ଓ ଅନ୍ୟମାନେ।

# ୨୪ ପାଇଁ ଗୁରୁମନ୍ତ୍ର ଦେଲେ କେନ୍ଦ୍ରମନ୍ତ୍ରୀ



ଭାଜପା କର୍ମୀ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଛନ୍ତି।

**ପାଟଣା,୨୦।୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ମଲାରପଦା ପଞ୍ଚାୟତର ଖୁଣ୍ଟାପିଙ୍ଗୁଠାରେ ଭାଜପାର ବୁଥ୍‌ସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ ବୁଥ୍‌ର ଏକ ହଜାରରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଅର୍ଜୁନ ମୁଣ୍ଡା ଯୋଗଦେଇ ୨୦୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପୁଣି ଥରେ କ୍ଷମତାସୀନ କରିବାକୁ ଗୁରୁମନ୍ତ୍ର ଦେଇଥିଲେ। ଏଥିସହ ଉଭୟ ପାଟଣା ନିର୍ବାଚନା ମଣ୍ଡଳୀ ଓ କେନ୍ଦୁଝର ଏମ୍‌ପି ସିଟ୍‌ରେ ଭାଜପା ପ୍ରାର୍ଥୀଙ୍କୁ ଜିତାଇବାକୁ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସଦର ବିଧାୟକ ତଥା ବିରୋଧୀ ଦଳ ଉପମୁଖ୍ୟ ସଚେତକ ମୋହନ ଚରଣ ମାଝି, ରାଜ୍ୟ ଭାଜପା ମୁଖପାତ୍ର ବିରଞ୍ଚି ତ୍ରିପାଠୀ, ଜିଲା ପ୍ରଭାରୀ ସଞ୍ଜୀବ ମହାନ୍ତି, ନିର୍ବାଚନ ମଣ୍ଡଳୀ ପ୍ରଭାରୀ କୃପାସିନ୍ଧୁ ମହାନ୍ତ, ସୁଦର୍ଶନ ମହାନ୍ତ, ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ହେମ ରଞ୍ଜନ ବାରିକ, ରାଜ୍ୟ ଏସ୍‌ଟି ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟବ୍ରତ ନାଏକ, ଜିଲା ସମ୍ପାଦିକା ବିଜୟ ଲକ୍ଷ୍ମୀପାତ୍ର, ସ୍ଥାନୀୟ ସରପଞ୍ଚ ଦୌଲତି ଗାଗ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମମିତା ନାଏକଙ୍କ ସଂଯୋଜନାରେ ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ତୃଣମୂଳସ୍ତରରୁ ସଂଗଠନକୁ ସୁଦୃଢ଼ କରିବାକୁ କର୍ମୀଙ୍କୁ କହିଥିଲେ।

# ରାଜ୍ୟ ସରକାର ଆବାସ ଘର ବଣ୍ଟନରେ ସାଧୁତା ଅବଲମ୍ବନ କରନ୍ତୁ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୨୦।୧(ବ୍ୟୁରୋ):** କେନ୍ଦ୍ର ସରକାର ଓଡ଼ିଶାକୁ ପର୍ଯ୍ୟାପ୍ତ ଘର ଦେଇଛନ୍ତି। ତେଣୁ ରାଜ୍ୟ ସରକାର ଗରିବ ଲୋକଙ୍କ ଉପରେ ଚାପ ନ ପକାଇ ତାଲିକାରେ ସାଧୁତା ଅବଲମ୍ବନ କରନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏ ସମ୍ପର୍କରେ ଶୁକ୍ରବାର ଧର୍ମେନ୍ଦ୍ର ଗଣମାଧ୍ୟମକୁ କହିଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ନାମ ଭର୍ତ୍ତି କରିବା ପାଇଁ ଓଡ଼ିଶା ଲାଗି ନିୟମ କୋହଳ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ। ୨୦୧୮ରୁ ୨୦୧୯ର ଅଧା ସମୟ ପର୍ଯ୍ୟନ୍ତ ଆବାସ ପ୍ଲସ ପୋର୍ଟାଲ ଖୋଲା ରହିଲା। ସେହି ସମୟରେ ରାଜ୍ୟ ସରକାର ଯୋଗ୍ୟ ହିତାଧିକାରୀଙ୍କ ନାମ ସାମିଲ କଲେ ନାହିଁ। ପରବର୍ତ୍ତୀ ପର୍ଯ୍ୟାୟରେ ବାରମ୍ବାର ଆବାସ ପ୍ଲସ୍ ପୋର୍ଟାଲ ଖୋଲିବା ପରେ ଅତିରିକ୍ତ ୮ ଲକ୍ଷ ଘର ଓ ଫନୀ କ୍ଷତିଗ୍ରସ୍ତଙ୍କୁ ୧.୫ ଲକ୍ଷ ଘର ଦେବାକୁ ନିଷ୍ପତ୍ତି ହେଲା। ରାଜ୍ୟରେ ପିଏମ୍ ଆବାସ ଯୋଜନା ନେଇ ବିଭିନ୍ନ ଟିପ୍ପଣୀ ହେବା କାରଣରୁ ସାଢ଼େ ୯ ଲକ୍ଷ ଘର ଯୋଗ୍ୟ ହିତାଧିକାରୀଙ୍କୁ ଦେବା ପାଇଁ କେନ୍ଦ୍ର ସରକାର ରଖିଥିବା ସର୍ତ୍ତରେ ରାଜ୍ୟ ସରକାର ସମ୍ମତି ଜଣାଇଲେ। ଏବେ ଅନେକ ଯୋଗ୍ୟ ଲୋକଙ୍କ ନାମ ତାଲିକାରେ ନ ଥିବା ଅଭିଯୋଗ ସାମ୍ନାକୁ ଆସୁଛି। ବର୍ତ୍ତମାନ ଯେଉଁ ସାଢ଼େ ୯ ଲକ୍ଷ ଘର ଆସିଛି ତାହା ଯୋଗ୍ୟ ଲୋକଙ୍କୁ ମିଳୁ ବୋଲି ଧର୍ମେନ୍ଦ୍ର କହିଛନ୍ତି।


# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଜୟକୃଷ୍ଣ ପଣ୍ଡା**

ଓଲ୍ଡ ଟାଉନ୍, ଭୁବନେଶ୍ୱର
ଆବିର୍ଭାବ: ୧୯୩୨ ଜାନୁୟାରୀ ୨୯
ତିରୋଧାନ: ୨୦୨୨ ଫେବୃୟାରୀ ୦୧
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଆପଣଙ୍କ ଅମ୍ଳାନ ସ୍ମୃତିରେ....
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୨୫୪୫

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶ୍ରୀ ଲକ୍ଷ୍ମୀଧର ମିଶ୍ର**

(ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ)
ଆବିର୍ଭାବ: ୦୭।୦୩।୧୯୪୦
ତିରୋଧାନ: ୧୧।୦୧।୨୦୨୩
ପୁରୁଷୋତ୍ତମପୁର, ବାଲିଖଣ୍ଡ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପତ୍ନୀ, ପୁତ୍ର, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ।
ଧ-୨୫୪୬

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**

"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।।"



**୰ ଲକ୍ଷ୍ମୀପ୍ରିୟା ମହାନ୍ତି**

ବାରାଗୋଧି, କୁଢ଼େଇ, ସୋର, ବାଲେଶ୍ୱର
ଆବିର୍ଭାବ: ୨୪.୦୬.୧୯୨୯ | ତିରୋଧାନ: ୧୧.୦୧.୨୦୨୩
ଆପଣଙ୍କର ଅବର୍ତ୍ତମାନରେ ସବୁ କିଛି ଓଲଟା ପାଲଟା ତଥାପି ଆପଣଙ୍କର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟ ନିଷ୍ଠା ଆମ ପାଇଁ ସର୍ବଦା ଚିରସ୍ମରଣୀୟ ହୋଇ ରହିବ। ଆଜିର ଏହି ଏକାଦଶାହ ଦିବସରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୬୭୪୨୬

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ରଜନୀକାନ୍ତ ପାଠୀ**

(ପୂର୍ବତନ ଶିକ୍ଷାବିତ୍)
ସ୍ଥାନ: କଳାରାହାଙ୍ଗ, ପଟିଆ
ଆବିର୍ଭାବ-୦୧।୦୬।୧୯୩୬
ତିରୋଧାନ- ୧୦।୦୧।୨୦୨୩
ଆପଣଙ୍କର ଗୁରୁ ହିସାବରେ ଶିକ୍ଷା, କର୍ତ୍ତବ୍ୟନିଷ୍ଠା, ସ୍ନେହ, ଭଲ ପାଇବା, ଅମ୍ଳାନ ସ୍ମୃତି, ଆଦର୍ଶ ସଦାସର୍ବଦା ଚିର କାଳ ପାଇଁ ଆମ୍ଭମାନଙ୍କର ହୃଦୟରେ ପ୍ରେରଣାର ଝର ଅକ୍ଷର ହୋଇ ରହିବ। ଆପଣଙ୍କର ସ୍ୱର୍ଗୀୟ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ସପରିବାର, ଆତ୍ମୀୟସ୍ୱଜନ, ବନ୍ଧୁ ପରିଜନବର୍ଗ ।
ଧ-୫୯୫୪୦

CLASSIFIED DISPLAY
ALL EDITION - B/W (Everyday)
MORE SPACE ! SAME PRICE

SSI 10th +2 (Sci. | Arts. | Comm.)

| | | | |
|---|---|---|---|
| ITI | Diploma in ENGG | B.Tech All Stream | BBA |
| MBA | BCA | MCA | BA |
| B.Sc. | B.Com. | MA | M.Sc. |
| M.Com. | MAJMC | MSW | |

All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଜିଲାପାଳ ସ୍ୱାଗତ କଲେନି ବୋଲି ରାଗିଗଲେ ଏମ୍‌ପି

## ଦିଶା କମିଟି ବୈଠକ ସ୍ଥାନ ପରିବର୍ତ୍ତନ କଲେ

**ବଲାଙ୍ଗୀର ଅଫିସ,୨୦।୧**

ଜିଲାପାଳ ସ୍ୱାଗତ କଲେନି ବୋଲି ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ରାଗିଯିବା ଏବଂ ଦିଶା କମିଟି ବୈଠକ ସ୍ଥାନ ପରିବର୍ତ୍ତନ କରିବା ଚର୍ଚ୍ଚାର ବିଷୟ ହୋଇଛି। ଜିଲା ଉନ୍ନୟନ, ସମନ୍ୱୟ ଏବଂ ପର୍ଯ୍ୟବେକ୍ଷଣ (ଦିଶା) କମିଟି ବୈଠକ ଶୁକ୍ରବାର ସ୍ଥାନୀୟ ଜିଲା ପଞ୍ଚାୟତ ସାଧନ କେନ୍ଦ୍ର ସମ୍ମିଳନୀ କକ୍ଷରେ ହେବା ପାଇଁ ସ୍ଥିର ହୋଇଥିଲା। ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ଏମ୍‌ପି ସିଂଦେଓ ଉକ୍ତ କୋଠା ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ ତାଙ୍କୁ ସ୍ୱାଗତ କରିଥିଲେ। ତେବେ ସେହି ସମୟରେ ଜିଲାପାଳ ଚଞ୍ଚଳ ରାଣା ନ ଥିବାରୁ ସେ କୁଆଡ଼େ ଗଲେ ବୋଲି ଏମ୍‌ପି ସିଂଦେଓ ପ୍ରଶ୍ନ କରିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ସିଂ ଆଜି (ଶୁକ୍ରବାର) ଲୋକ ଉତ୍ସବ ଆରମ୍ଭ ହେଉଥିବାରୁ ଜିଲାପାଳ ମଞ୍ଚ ପୂଜାରେ ବସିଛନ୍ତି ବୋଲି କହିଥିଲେ। ଏହା ଶୁଣି ଏମ୍‌ପି ବିରକ୍ତି ପ୍ରକାଶ କରି ବୈଠକ ଥିବା ବେଳେ ସେ କିଭଳି ଲୋକ ଉତ୍ସବ ପୂଜାରେ ବସିଛନ୍ତି ବୋଲି କହିଥିଲେ। ସୌଜନ୍ୟତା ଦୃଷ୍ଟିରୁ ଏହା ଠିକ୍ କି ବୋଲି ପ୍ରଶ୍ନ କରି ଅସନ୍ତୋଷ ବ୍ୟକ୍ତ କରିଥିଲେ। ପରେ ଏହି ପଞ୍ଚାୟତ କୋଠାରେ କ'ଣ ଦିଶା ବୈଠକ ହେବ କହି ସେଠାରୁ ସର୍କିଟ୍ ହାଉସ୍‌କୁ ଚାଲିଯାଇଥିଲେ। ଏହାପରେ ଦିଶା କମିଟି ବୈଠକ ସର୍କିଟ୍ ହାଉସରେ ହୋଇଥିଲା। ବୈଠକ ସ୍ଥାନ ପରିବର୍ତ୍ତନ ହେବାରୁ ସମସ୍ତ ସଦସ୍ୟ ଓ ଅଧିକାରୀ ସର୍କିଟ୍ ହାଉସ୍‌କୁ ଯାଇଥିଲେ। ଜିଲାପାଳ ରାଣା ମଧ୍ୟ ଉକ୍ତ ବୈଠକକୁ ଆସିବା ପରେ ସେ କାହିଁକି ତାଙ୍କୁ ସ୍ୱାଗତ କଲେନାହିଁ ବୋଲି ସାଂସଦ ପ୍ରଶ୍ନ କରିଥିଲେ। ଲୋକ ଉତ୍ସବ କଥା କହି ଜିଲାପାଳ ରାଣା ଏମ୍‌ପିଙ୍କୁ ବୁଝାଇଥିବା ଦେଖିବାକୁ ମିଳିଥିଲା। ଏହି ବୈଠକରେ ବିଭିନ୍ନ ପ୍ରସଙ୍ଗ ଉଠାଇ ଏମ୍‌ପି ସିଂଦେଓ ଅଧିକାରୀଙ୍କ ଉପରେ ବର୍ଷିଥିଲେ।



ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କ ସହ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଆଲୋଚନା କରୁଛନ୍ତି।


# Classified Everyday 0674-2580101, 2549949



REAL ESTATE

**SALE**

Gharabari plot size 1200sqft. onwards price Rs399/-sqft., 30'road, instant possession and registration infront of Trahiachyuta Ashram, Balakati 19km from Bhubaneswar Railwaystation. Whatsapp-9438288800 (finance available upto 70%). D-73365

ସତ୍ୟନଗରରେ ୧୦୦ଫୁଟ ରୋଡ଼୍‌କୁ ଲାଗି ୨୦୦୦୦ ବର୍ଗଫୁଟ ଘରବାରି ପ୍ଲଟ୍ ବିକ୍ରିହେବ। Contact: 9778928492. D-73675

ଝିଅ ବିଭାଘର ପାଇଁ ଗଙ୍ଗପଡ଼ାରେ ୩୦ ଫୁଟ ରୋଡ୍ ଥାଇ ୧୦ ଗୁଣ୍ଠ ଘରବାଡ଼ି ଜମି ବିକ୍ରି ହେବ (ଗୁଣ୍ଠ- 7,50,000/-)। 9853150290. D-74193

**30'road, boundary ଥାଇ yellowzone proposed 100ft. ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ 12,00,000/-ରେ ମିଳୁଛି। 9937391249, 6371915941.** D-74195

ଗଙ୍ଗପଡ଼ା NHରୁ 700mtr. distance (per sqft-500/-), 200mtr. ଦୂରତାରେ (per sqft-1000/-) ଘର କଲାଭଳି boundary ସହ ପ୍ଲଟ୍ ମିଳୁଅଛି। 6372555493. D-2502

**ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200mtr ଦୂରରେ BDA yellowzone ପ୍ଲଟ୍ boundary ସହ ମିଳୁଅଛି। 8338932027, 7978676652.** D-74192

**ଭୁବନେଶ୍ୱର ହଂସପାଳଛକରୁ 5 K.M. ମଧ୍ୟରେ ବେଣୁପୁରରେ 30' ରାସ୍ତାକୁ ଲାଗି ଘରବାରି, ପାଚେରି, ଇଲେକ୍ଟ୍ରିସିଟି, ନାମ ଫଳକ ସହ ପ୍ଲଟ୍ ବିକ୍ରିହେବ। 6371364640, 9776366322.** D-74184

One gharabari plot with Boundary sale at Pratapanagar, Cuttack 4050 sqft near Suzuki showroom 62lakhs. -9938812818. D-73366

Duplex project at Retang Medical Station near CV Raman University, Tamando, Bhubaneswar. 7008459987. D-74185

ଭୁବନେଶ୍ୱର ରସୁଲଗଡ଼, ନଖରା, ମଞ୍ଚେଶ୍ୱର, ହଂସପାଳ, ପାତ୍ରପଡ଼ା, ବାଳକାଟୀ, ମନ୍ଦାରବସ୍ତ, ବାରଙ୍ଗ ନିକଟରେ **flat, duplex, simplex plot** ଘରବାଡ଼ି) ସୁଲଭ ମୂଲ୍ୟରେ (ମିଳୁଛି। **7978671232 Whatsapp-8908710655.** D-74189

କଟକ-ଭୁବନେଶ୍ୱର (Twincity)ର ମଧ୍ୟଭାଗରେ ନିର୍ମିତ Grandbazar NH-16 ରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି plot ଶସ୍ତାରେ କିଣନ୍ତୁ। ଗୃହନିର୍ମାଣ କରନ୍ତୁ। 8249422604. D-74191

**କଳାରାହାଙ୍ଗ (New Railway Station) ପାଖରେ SC, General plot ମିଳୁଛି। 7008492511.** D-2509

Schedulecaste ପ୍ଲଟ୍ ଯାଁଳା 1200sqft., 9,60,000/-, ଅରଗୁଳ ଷ୍ଟେସନ 4000sqft. 14,00,000/-, ନଖରା ବ୍ରାହ୍ମଣଝରିଲୋ। 2400sqft. 24,00,000/-. 8260032051. D-74194

ଭୁବନେଶ୍ୱର ଖଣ୍ଡଗିରି **AMRI Hospital** ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ **Madanpur, Gita/Gandhi College** ପାଖରେ **Sqft. 650/-ରେ** ମିଳୁଛି - **9348767829.** D-74173

ଭୁବନେଶ୍ୱର ବାଲିଅନ୍ତା ପୋଲିସ ଷ୍ଟେସନ ପାଖରେ ଘରବାରି ପ୍ଲଟ୍ 30'Road, Electricity ଥାଇ ମିଳୁଛି। (Boundary, registration free). 9337922588. D-74190

ଭୁବନେଶ୍ୱର ରସୁଲଗଡ଼ **3BHK flat,** ନଖରା ଛକ, ହଂସପାଳ ଛକ, **3BHK Duplex,** ଘରବାରି ପ୍ଲଟ୍ ସାଇ ମନ୍ଦିର, ରଙ୍ଗବଜାର, ବାଳକାଟୀ ନିକଟରେ ମିଳୁଛି। **8327785834, 9658122456.** D-74188





Newly open full body massage ladies and gents. 8327740003, 8093860513. D-74631

Asribadaa Panchakarma herbal SPA Kesarimall, Bhubaneswar. Contact: 8926173473. D-74632

Newly open health benefits SPA special offer@999Nayapalli. 7846814019. D-73676

Full body massage in homely Atmospher all therapy. Mob: 8114881641. D-73420

Revitalize your-self with our ayurvedic massage and refreshment. Contact: 8984068198. D-74509

**Full body massage by experience therapist @ 999 only. 9078484455 (Bhubaneswar).** D-2453

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



CONSTRUCTION

**Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74186

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



BUSINESS

ନୂଆ କିମ୍ବା ପୁରୁଣାଘରେ ଉଇ, ଅସରପା, ଝିଟିପିଟିମାନଙ୍କଠାରୁ ସୁରକ୍ଷିତ ରହିବା ପାଇଁ ଯୋଗାଯୋଗ। PPC Pvt. Ltd. 7008004207, 9337237147. D-74196

ଧରିତ୍ରୀ
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଅଧୁରା ସ୍ୱପ୍ନ

**ଗଳ୍ପ**
**ଶରତ କୁମାର ରାଉତ**

ଡାକ୍ତରଖାନାରୁ ଫେରି ଜୟନ୍ତୀ ରୋହିତର ଚିଠି ଖୋଲି ପଢ଼ିଲେ। ସବୁ ପୁରୁଣା କଥା... ''ହଁ, କେମିତି ଅଛ? ସେହି ପାହାଡ଼ଘେରା ଅଞ୍ଚଳରେ କ'ଣ କେବେ ମୋ' କଥା ମନେପଡ଼େ? ସତର୍କ ହୋଇ ଚଳୁଥିବ! ଇତି, ତୁମର ରୋହିତ।''

ଜୀବନର ହଜିଲା ମୁହୂର୍ତ୍ତ ସବୁ ତାଙ୍କ ସ୍ମୃତିପଟରେ ଭାସିଆସିଲା। ରୋହିତ ସହିତ ସେ ପଢୁଥିଲେ ମେଡିକାଲ କଲେଜରେ। ଖୁବ୍ ସୁନ୍ଦର, ସୁସ୍ଥ, ଶାନ୍ତ ଥିଲା ରୋହିତ। ଶ୍ରେଣୀର ସବୁଠୁ ଅଧିକ ପ୍ରତିଭାବାନ୍, ଆଦରଣୀୟ। ଦିନେ ସେ ମତେ କହିଲା, 'ତୁମେ ମତେ ଖୁବ୍ ଭଲ ଲାଗୁଛ ଜୟନ୍ତୀ! ମୁଁ ତୁମକୁ ବିବାହ କରିବାକୁ ଚାହେଁ।'

ରାଗରେ ଜୟନ୍ତୀ କହିଲେ, ''ମୋର ଆଦୌ ବିବାହ କରିବାର ନାହିଁ। ପାଠପଢ଼ିଛି, ନିଜେ ରୋଜଗାର କରି ସ୍ୱାଧୀନ ହୋଇପାରିବି।'' ବିବାହ ନ କରିବାକୁ ପିଲାଟିବେଳୁ ତାଙ୍କର ପ୍ରତିଜ୍ଞା ଥିଲା। ଫୋନ୍ ରିଂ ହେଲା। ହସ୍ପିଟାଲ୍‌ରୁ ନର୍ସ କହୁଥିଲା, 'ମାଡାମ୍, ବାର ନମ୍ବର ବେଡ୍ ରୋଗୀର ଅବସ୍ଥା ଭାରି ସାଂଘାତିକ'। ସଙ୍ଗେ ସଙ୍ଗେ ଜୟନ୍ତୀ ଚାଲିଗଲେ ହସ୍ପିଟାଲ।

ଜୟନ୍ତୀଙ୍କର ଜୀବନ ସୀମିତ ରହିଯାଇଥିଲା ହସ୍ପିଟାଲ ଓ ଘର ମଧ୍ୟରେ। ହସ୍ପିଟାଲରେ ଭିଡ଼, ରୋଗୀ ଓ ସେମାନଙ୍କର ସମ୍ପର୍କୀୟ ଆଉ ଘରେ ନିର୍ଜନତା। ଅବଶ୍ୟ ବେଳେବେଳେ ଘରକୁ ବାପା ମା' କି କୌଣସି ସାଙ୍ଗ ଆସୁଥିଲେ।

''ମା', ରୋହିତ ନାମକ ଜଣେ କେହି ଆସିଛନ୍ତି।'' ବାହାରୁ ଆସି ଖବର ଦେଲା ଚାକରାଣୀ।

'ତାକୁ ଭିତରକୁ ଡାକିଆଣ।' ସେ ଚାକରାଣୀକୁ ଆଦେଶ ଦେଲେ।

ରୋହିତ ଆସିଲା। ବୟସ ବୃଦ୍ଧି ସତ୍ତ୍ୱେ ସେ ପୂର୍ବ ପରି ସୁନ୍ଦର ଦେଖାଯାଉଥିଲା।

'ଦେହ ଭଲଅଛି ନା?' ରୋହିତ ପଚାରିଲା। କିନ୍ତୁ ଜୟନ୍ତୀ ନୀରବ। କେବଳ ଦୁହେଁ ପରସ୍ପରକୁ ଚାହିଁଥିଲେ।

କିଛି ସମୟ ପରେ ରୋହିତ କହିଲା, ''ମୁଁ ଗାଧୋଇବି ମାଡାମ୍, ଗାଡ଼ିରେ ବସିବସି ଏକଦମ୍ କ୍ଲାନ୍ତ।''

'ମାଡାମ୍' ଶବ୍ଦ ଶୁଣି ଜୟନ୍ତୀ ରୋହିତ ଆଡ଼େ ଆଶ୍ଚର୍ଯ୍ୟ ହୋଇ ଚାହିଁଲେ। କିଛି ବର୍ଷ ତଳର ସେହି ପୁରୁଣା କଥା ଜୟନ୍ତୀ ଭାବୁଥିଲେ... ''ଜୟନ୍ତୀ, ଭଲ ଭାବେ ଚିନ୍ତାକର, ଅନେକ ପୁଅ ତ ମିଳିଯିବେ ତମକୁ, ହେଲେ ମୋ' ଭଳି ମିଳିବେନି।''

''ଆପଣଙ୍କ ଘର ଖୁବ୍ ଭଲ ଲାଗୁଛି ମାଡାମ୍।'' ଗାଧୋଇ ଆସି ତଉଲିଆରେ ଓଦାବାଳ ପୋଛୁଥିଲେ ରୋହିତ।

ଜୟନ୍ତୀ ତା' ପସନ୍ଦର ଟିଫିନ୍ ଟେବୁଲ୍ ଉପରେ ରଖିଦେଇଥିଲେ। ରୋହିତ କେବଳ ଜୟନ୍ତୀଙ୍କ ଭିତରେ ପରିବର୍ତ୍ତନ ସମ୍ପର୍କରେ ଭାବୁଥିଲା। ଯଦିଓ ଜୟନ୍ତୀ ଟିକେ ଅସୁସ୍ଥ ଥିଲେ, ତଥାପି ତାଙ୍କର ଝଟକୁଥିବା ସୌନ୍ଦର୍ଯ୍ୟ ରୋହିତକୁ ମୁଗ୍ଧ କରୁଥିଲା।

'ଆପଣ ଖାଇବେନି କି ମାଡାମ୍?'

'ମୁଁ ତମ ପାଇଁ କେବେଠୁଁ ମାଡାମ୍ ହୋଇଗଲିଣି!' ସେ ଭାବୁଥିଲେ ପଚାରିବାକୁ। ରୋହିତ ଭାବନାତ୍ମକ ଦୃଷ୍ଟିରେ ଜୟନ୍ତୀଙ୍କର ରୁଗ୍ଣ ଦେହ ଓ ଶୁଷ୍କ ଓଠକୁ ଚାହିଁଥିଲା।

ଆଜିଯାଏ ସେ ଯାହାକୁ ଏଡ଼ାଇ ଚାଲିଥିଲା, ସେ ପୁଣି ତା' ହୃଦୟକୁ ଅକ୍ତିଆର କରିନେଉଥିବା ଜୟନ୍ତୀ ଅନୁଭବ କରୁଥିଲେ।

ରୋହିତ ଆସିବା ଦିନରୁ ରାତି ଦିନ କିଛି ଜାଣିପାରୁ ନାହାନ୍ତି ଜୟନ୍ତୀ। ଯଦିଓ ସେ ଖୁବ୍ ଶାଳୀନତାରେ କଥା କହୁଥିଲେ, ତଥାପି ତା'ର ସାନ୍ନିଧ୍ୟ ଜୟନ୍ତୀଙ୍କୁ ଖୁବ୍ ଭଲ ଲାଗୁଥିଲା। ପ୍ରତି ମୁହୂର୍ତ୍ତ ନୂଆ ଲାଗୁଥିଲା। ଜୟନ୍ତୀଙ୍କୁ ଲାଗୁଥିଲା ସୂର୍ଯ୍ୟଙ୍କର କିରଣ ତାଙ୍କର ଗୋଟିଏ ଘରେ ପଡ଼ିଛି, ଆଉ ଘରର ସବୁ ଅନ୍ଧାର, ସବୁ ନିର୍ଜନତା ଉଭେଇଯାଇଛି!

ହସ ଖେଳରେ ବିତିଗଲା ଗୋଟିଏ ସପ୍ତାହ। ରୋହିତ କହିଲା, 'ମୁଁ ଏବେ ଯିବି।'

'ସତରେ ତୁମେ ପଳେଇବ ରୋହିତ!'

ରୋହିତ ଜୟନ୍ତୀଙ୍କ ମୁହଁର ତରଙ୍ଗାୟିତ ଭାବକୁ ପଢ଼ିବାରେ ଲାଗିଲା ଓ ନୀରବତାର ଭାବାର୍ଥକୁ ତା' ଭିତରୁ ଖୋଜିବାରେ ଲାଗିଲା। 'ତମ ଦେହ ଏବେ ପୂରା ଠିକ୍ ତ ଜୟନ୍ତୀ?' ରୋହିତ ନିଜ ପାପୁଲି ତାଙ୍କ ମଥା ଉପରେ ରଖିଲା। ହୁଏତ ସେ ଜୟନ୍ତୀଙ୍କ ଦେହ-ମନର ତାପମାତ୍ରାକୁ ମାପୁଥିଲା। ଆଉ ଜୟନ୍ତୀ ତା' ପାପୁଲି ସ୍ପର୍ଶରେ ଯେମିତି ରୋମାଞ୍ଚିତ ହୋଇଉଠୁଥିଲେ।



'ଭାବୁଛି ଆଉ କିଛିଦିନ ଛୁଟି ବଢ଼େଇଦେବି!' ରୋହିତ ଯେମିତି ଜୟନ୍ତୀଙ୍କ ହୃଦୟର କଥା ବୁଝିପାରି କହିଦେଲା। ଏବେ ଜୟନ୍ତୀଙ୍କ ମୁହଁରେ ଖୁସିର ଢେଉ ସ୍ପଷ୍ଟ ଦେଖାଗଲା। ସେ ଯେମିତି ସତେଜ ହୋଇଉଠିଲେ।

ଜୟନ୍ତୀଙ୍କୁ ହସ୍ପିଟାଲ ଛାଡ଼ିବାକୁ ଯାଉଥିଲା ରୋହିତ। ପାହାଡ଼ିରାସ୍ତାରେ ଗାଡ଼ି ଚଳାଇବାରେ ଅଭ୍ୟସ୍ତ ନଥିଲା ସିଏ। ଘାଟି ରାସ୍ତାର ଉପରୁ ତଳକୁ ଗାଡ଼ି ଆଗେଇ ଚାଲିଥିଲା ହ୍ରଦର କୂଳେ କୂଳେ। ଗାଡ଼ି ଦ୍ରୁତ ବେଗରେ ଚାଲିଥିବାରୁ ଜୟନ୍ତୀଙ୍କ ମନରେ ଭୟ ହେଉଥିଲା। ହଠାତ୍ ସେ ଚିଲେଇ ଉଠିଲେ। ରୋହିତ ଗାଡ଼ିର ବେଗ କମାଇ ଦେଇ କହିଲା, 'ଏତେ ଡରୁଛ ତ ଏତେ ବଡ଼ ସହରରେ ଏକା ରହୁଛ କିପରି?' ଏହି ରାସ୍ତା ଜୟନ୍ତୀଙ୍କ ପାଇଁ ନୂଆ ନଥିଲା। କିନ୍ତୁ ଆଜି ଏହି ରାସ୍ତା ତାଙ୍କୁ ଖୁବ୍ ମନୋରମ ଲାଗୁଥିଲା।

ଚାକରାଣୀ ଓ ସାଥୀ ଡାକ୍ତରମାନେ ବି କହୁଥିଲେ, 'ଆଗଠାରୁ ଖୁବ୍ ସ୍ମାର୍ଟ ଲାଗୁଛନ୍ତି ଆପଣ।' ''ତେବେ କ'ଣ ପୁରୁଷ ସହ ରହିଲେ ସୌନ୍ଦର୍ଯ୍ୟ ବଢ଼ିଯାଏ? ଆଉ ଏକା ରହିବା ଜୀବନର ସଂଜ୍ଞା ନୁହେଁ? ହୁଏତ ବାସ୍ତବ କଥା କହୁଥିଲା ରୋହିତ। ମୁଁ ଭୁଲିଯାଇଥିଲି ଯେ, ସ୍ତ୍ରୀ-ପୁରୁଷ ପରସ୍ପରର ପରିପୂରକ ବୋଲି! ଜୀବନ ଧାରାରେ ସୁ-ପ୍ରବାହ ପାଇଁ ହିଁ ଆବଶ୍ୟକ ଉଭୟଙ୍କ ମିଳନ।''

ଆଜି ରୋହିତ ଚାଲିଯିବ! ଜୟନ୍ତୀଙ୍କର ସୁନ୍ଦର ମୁହଁଟା ମଳିନ ଓ ଉଦାସରେ ଆଚ୍ଛାଦିତ। ତଥାପି ଜୟନ୍ତୀ ଖୁସି। ସେ ସ୍ଥିର କରି ନେଇଥିଲେ ଯେ, ସେ ରୋହିତକୁ ବିବାହ କରିବେ ଓ ପ୍ରସ୍ତୁତି ପାଇଁ ବାପାଙ୍କ ପାଖକୁ ଫୋନ୍ କରିବେ।

ରୋହିତକୁ ଛାଡ଼ିବାକୁ ଜୟନ୍ତୀ ଷ୍ଟେସନ୍ ଯାଉଥିଲେ। ପୁରୁଣା ନୀଳ ଶାଢ଼ି ପିନ୍ଧିଥିଲେ- ଯାହାକୁ ଦେଖି ଦିନେ ରୋହିତ କହିଥିଲା, 'ଏହି ଶାଢ଼ି ତୁମକୁ ଭଲ ମାନୁଛି ଜୟନ୍ତୀ।' ଆଜି ବହୁ ବର୍ଷ ପରେ ମଧ୍ୟ ସେହି ଶାଢ଼ି ଦେଖି ରୋହିତ କହଲା, ''ସତରେ ଏ ଶାଢ଼ି ତୁମକୁ ବେଶ୍ ମାନୁଛି! ଆମର ବିବାହ ପରେ ସବୁବେଳେ ମୁଁ ଏଭଳି ଶାଢ଼ି ହିଁ ତୁମ ପାଇଁ କିଣି ଆଣିବି!''

ମନେମନେ ଖୁସି ହେଲା ଜୟନ୍ତୀ। ଭାବିଲା, ''ଅଧା ବୟସ ଭିତରେ ସେ ନିଜେ ହିଁ ନିଜର ଶାଢ଼ି କିଣିଛି, ହେଲେ ଏବେ ଆଉ ନିଜ ପସନ୍ଦର ନୁହେଁ, ରୋହିତ ପସନ୍ଦରେ ହିଁ ସେ ପିନ୍ଧିବେ।'

ଷ୍ଟେସନ୍‌ରେ ଗାଡ଼ି ଛିଡ଼ାହେଲା। ରୋହିତ କମ୍ପାର୍ଟମେଣ୍ଟ ଭିତରକୁ ଚାଲିଗଲା। ଜୟନ୍ତୀ ଝରକା ପାଖରେ ଛିଡ଼ା ହୋଇଥିଲେ। ଟ୍ରେନ୍ ଚାଲିବା ଆରମ୍ଭ କଲା। କାହିଁକି କେଜାଣି ଟ୍ରେନ୍‌ର ହର୍ଣ୍ଣ ଶୁଣି ନିଜ ହୃଦୟରେ ତୀରବିଦ୍ଧ ପରି ଅନୁଭବ କଲେ ଜୟନ୍ତୀ।

ସେତେବେଳକୁ ଧୀରେଧୀରେ ମହାମାରୀ କରୋନା ସାରା ଭାରତରେ ପହଞ୍ଚି ସାରିଥିଲା। ଦେଶକୁ ଲକ୍‌ଡାଉନ ଅବସ୍ଥାରେ ରଖାଯାଇଥିଲା। ଲୋକମାନେ ସାମାଜିକ ଦୂରତା ରକ୍ଷା କରିବା ସହ ବନ୍ଦ ଘର ଭିତରେ ରହୁଥିଲେ।

ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ଜୀବନକୁ ପାଣି ଛଡ଼ାଇ କରୋନା ରୋଗୀଙ୍କର ଚିକିତ୍ସାରେ ନିୟୋଜିତ ଥିଲେ। ଏପର୍ଯ୍ୟନ୍ତ ରୋହିତ ଓ ଜୟନ୍ତୀଙ୍କ ମଧ୍ୟରେ କେବଳ ଚିଠି ଦିଆନିଆ ହେଉଥିଲା। ହେଲେ ଉଭୟ ବିବାହ ପାଇଁ ରାଜି ହୋଇଗଲା ପରେ ଆଉ ଚିଠିର ଆବଶ୍ୟକତା ନଥିଲା। ବିବାହ ତାରିଖ ମଧ୍ୟ ଧାର୍ଯ୍ୟ ହୋଇ ସାରିଥିଲା। ରୋହିତ ମୁମ୍ବାଇର ଏକ ସରକାରୀ ହସ୍ପିଟାଲରେ କାର୍ଯ୍ୟରତ ଥିଲା ଓ ଜୟନ୍ତୀ ଥିଲେ ହାଇଦ୍ରାବାଦର ଏକ ସରକାରୀ ହସ୍ପିଟାଲରେ। ଦେଶ ପାଇଁ କର ବା ମର ସ୍ଥିତିରେ ଦୁହେଁ ନିଜ ନିଜର କର୍ତ୍ତବ୍ୟକୁ ଉଲ୍ଲଂଘନ କରନ୍ତେ ବା କିପରି? ରୋଗୀଙ୍କୁ ଉନ୍ନତ ଚିକିତ୍ସା ସେବା ଓ କରୋନାର ତାଜା ସ୍ଥିତି ହିଁ ସେମାନଙ୍କ ପାଇଁ ପ୍ରମୁଖ ଖବର ଥିଲା। ଅବଶ୍ୟ ମୋବାଇଲ୍ ଫୋନ୍‌ରେ ବେଳେବେଳେ ଦୁହେଁ ଅଳ୍ପ କିଛି କଥା ହୁଅନ୍ତି। ମାତ୍ର ପାଖେଇ ଆସୁଥିବା ନିଜର ବିବାହ ତିଥି, ଆତ୍ମୀୟସ୍ୱଜନଙ୍କ ଭଲ ମନ୍ଦ ସମ୍ପର୍କରେ କଥା ହେବାକୁ ସେମାନଙ୍କର ସମୟ ନଥିଲା।

ଚାହୁଁଚାହୁଁ ଦୁହିଙ୍କ ଭିତରେ ଯୋଗାଯୋଗ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା। ଜଣେ ଅନ୍ୟର କଥା ଜାଣିପାରିଲେ ନାହିଁ।

ହଠାତ୍ ଦିନେ ମୁମ୍ବାଇ ଓ ହାଇଦ୍ରାବାଦର ସରକାରୀ ହସ୍ପିଟାଲରୁ ଦୁହିଁଙ୍କ ଘରେ ଖବର ପହଞ୍ଚିଲା ଯେ, କରୋନା ରୋଗୀଙ୍କ ଚିକିତ୍ସା କରିକରି ଦିହିଁକିଦିହେଁ ଭୟଙ୍କର ଭାବେ ସଂକ୍ରମିତ ହୋଇଗଲେ। ଆଉ ସ୍ଥାନୀୟ କିଛି ଡାକ୍ତରଙ୍କ ସମେତ କରୋନାର ଆଁ ଭିତରକୁ ଚାଲିଗଲେ।

ମୋ: ୯୩୩୭୩୬୯୪୪୮

## କବିତା

### ଅନ୍ତର୍ଦାହ
**ମଞ୍ଜୁଲତା ସିଂ**

ଘନ ଅନ୍ଧକାରର ନିଃଶବ୍ଦତାରେ
ମୋର ପୁଣ୍ୟତକ ହଜିଯିବା ପରେ
ମୁଁ ଏବେ ଚାଲୁଛି
କିଛି ଅବସୋସର
ପାଦଚିହ୍ନ ପରେ
ଅଙ୍କାବଙ୍କା ଦିଶୁଥିବା ରାସ୍ତାର
କେତେ ବାଙ୍କ ବୁଲାଣି ପାର ହୋଇ
ମୁଁ ଖୋଜି ଚାଲିଛି ସେଇ
ମହାର୍ଘ ମୁହୂର୍ତ୍ତ ସବୁକୁ
ଯିଏ ମୋତେ ପିନ୍ଧାଇ ଦେଇଥିଲା
ମୋ ଇପ୍ସିତ ଜରି ଧଡ଼ିର ସେଇ
ନୀଳ ସିଫନ ଶାଢ଼ି
ରୁମୁଝୁମୁ ହଲେ ପାଦ ପାଉଁଜି
ଖୁବ୍ ସୁନ୍ଦର ଦିଶୁଥିଲା
ଜଳ ତରଙ୍ଗରେ ବିମ୍ବିତ ମୋ ଛବି।

ପ୍ରସ୍ତ ପ୍ରସ୍ତ ପିଁଟି ପଡ଼ିଥିଲି କେବେ
ବଣର ଅଚିହ୍ନା ଫୁଲ ପରି
ଝରି ବି ଗଲି ଯେବେ ଟପ ଟପ
ଅଦିନିଆ ବର୍ଷା ଟୋପା ପରି
କେମିତି ବି ବହିଗଲି
ଧାରେ ଉଛୁଳା ନଈଟିଏ ହୋଇ
ସବୁ ଶୃଙ୍ଖଳ କାଟି ଭିଡ଼ଭାଡ଼ ଟପି
ଉଡ଼ିଗଲି ଉଡ଼ା ପକ୍ଷୀ ହୋଇ
ମେଘମୟ ସଞ୍ଚରେ
ଅଜଣା ଏକ ଇଲାକାକୁ।
ମୋ ଚଉଠେ ବିଶ୍ୱାସକୁ
ନା ଉତାରି ପାରିଲି
ମନରୁ ହୃଦୟରୁ ନା ଆତ୍ମାରୁ।
ଏବେ ମୋ
ଝୁଣ୍ଟି ପଡୁଥିବା ସ୍ୱପ୍ନମାନଙ୍କର
ଏକ ବିଷାଦଭରା
ନିଃସର୍ତ୍ତ ଚୁକ୍ତିନାମା
କିଛି ପ୍ରାପ୍ତି ଅପ୍ରାପ୍ତିର
ଜୀବନକୁ ବୁଝିବା ବି
କେଡ଼େ କଷ୍ଟ ସତେ!

ଦରପୋଡ଼ା ସଳିତାର ପାଉଁଶରେ
ଅଧାଜଳା ସ୍ମୃତିର ଅବଶେଷ
ଝରକା ସେପାଖେ ନିରନ୍ଧ୍ର ଅନ୍ଧକାର
ଗହନ ଅନ୍ଧାରରୁ ମୁଁ ଏବେ ଖୋଜୁଛି
ମୋ ହଜେଇଥିବା ପୁଣ୍ୟତକ
ଯାହା ପୋଛି ନେବ
କିଛି କୁହୁଳା ଦୀର୍ଘଶ୍ୱାସ ଆଉ
ଏକ ପୁଞ୍ଜୀଭୂତ ଅନ୍ତର୍ଦାହ।

ମୋ: ୮୮୪୭୮୫୨୯୧୭

### ଭିକ
**ସମରେନ୍ଦ୍ରନାଥ ମହାପାତ୍ର**

ମାଗିଥିଲି ତ
ଦିନପାଇଁ ମୁଠେ ଭାତ
ରାତିପାଇଁ ଟିକେ ସ୍ୱପ୍ନ,
ବେଶି କ'ଣ ମାଗିଦେଲି କି
ଫେରେଇଦେଲ
ଲୁହରେ ଭିଜେଇ ମୋତେ
ସାରା ଜୀବନ।

ମାଗିଥିଲି ତ
ଟିକେ ଖରା, ଟିକେ ଛାଇ
ଛୋଟ ଗୋଟେ ମୋଲାଏମ୍ ମନ
ବେଶି କ'ଣ ମାଗିଦେଲି ଯେ
ଦୋହଲିଗଲା
ତୁମ ସିଂହାସନ!

ଛୋଟ ଗୋଟେ ଆଶା ନେଇ
ତୋଳିଥିଲି ଝାଟିର କୁଡ଼ିଆ
ମାଟିର ମଣିଷ ମୁଁ
ବଢ଼େଇଥିଲି କି ଆକାଶକୁ ହାତ?
ଚାହିଁଥିଲି କି ଉଡ଼ିବାକୁ
ନକ୍ଷତ୍ରମଣ୍ଡଳ?
ତଥାପି କାହିଁକି ଏତେ ରାଗ
ମୁଁ କ'ଣ ତୁମ ସଂପତ୍ତିରେ
ବସେଇଥିଲି କି ଭାଗ?

ମୋ: ୭୦୦୮୩୩୦୭୪୫

### ଗୀତି କବିତା
### ଚଉପଦୀ
**ବିଷ୍ଣୁ ମୋହନ**

୧॥ କେବେ ନିଦାଘର ବଣନିଆଁ ସମ
ହୁତୁହୁତୁ ଜଳୁଥାଅ
ଆଷାଢ଼ୀ ମେଘର ପହିଲି ଛୁଆଁରେ
ପ୍ରୀତିସ୍ନାତ ହୋଇଯାଅ।

୨॥ ଶରତ ଆକାଶ ଆଲୋକ ଛଟାରେ
ଦିଶ ଚନ୍ଦ୍ରମା ପରି
ଜୋଛନା ଜୁଆର ଶୀତଳ ପ୍ରଲେପ
ଦେହେ ଯାଏ ସଞ୍ଚରି।

୩॥ ଫଗୁଣର ଧୀର ମଳୟ ପବନ
ଛୁଇଁଯାଏ ଯେବେ ଦେହ
ପୀରତି ବିଭୋର ହୋଇ ସେବେ ତୁମେ
ପ୍ରେମିକକୁ ଖୋଜୁଥାଅ।

୪॥ ଚଇତର ଯେବେ ଉଦାସ ଆକାଶ
ପରି ତୁମେ ହୋଇଯାଅ
ପ୍ରେମ କବିତାରେ ପଡ଼େ ପୂର୍ଣ୍ଣଚ୍ଛେଦ
ଅନ୍ଧାରେ ରହିଥାଅ।

ଏ/୫୮, କ୍ରିଷ୍ଣାଗାର୍ଡନ୍-୨,
ଖଣ୍ଡଗିରି, ଭୁବନେଶ୍ୱର

## ପୁସ୍ତକ ପରିଚୟ

### ଜେଜେମା'ଙ୍କ ଗପପେଡ଼ି




**ମୂଳ ଅହମିୟା:** ଲକ୍ଷ୍ମୀନାଥ ବେଜବରୁଆ
**ଓଡ଼ିଆ ଅନୁବାଦ:** ନିର୍ମାଲି ମହନ୍ତ
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୨୫୦/-

ଅହମିୟା ଭାଷାର ବିଶିଷ୍ଟ ଲେଖକ ଲକ୍ଷ୍ମୀନାଥ ବେଜବରୁଆଙ୍କ ଲିଖିତ ଶିଶୁ ଲୋକଗଳ୍ପ ପୁସ୍ତକ 'ବୁଢ଼ୀ ଆଇ ସାଧୁ'ର ଓଡ଼ିଆ ଅନୁବାଦ ହେଉଛି ''ଜେଜେମା'ଙ୍କ ଗପପେଡ଼ି''। ମୋଟ ୩୦ଟି ଗଳ୍ପ ବହିଟିରେ ସଂଗୃହୀତ ଓ ସଂକଳିତ। ସମ୍ବଲପୁରରେ ଲେଖକଙ୍କ ଦୀର୍ଘ ଅବଧି ଅବସ୍ଥାନ କେତେକ ସ୍ଥାନୀୟ ସତ୍ୟଘଟିତ ଘଟଣାକୁ ଗଳ୍ପରୂପ ଦେବାରେ ଅନୁପ୍ରେରଣା ସାଜିଥିଲା। ଅନୂଦିତ ଏହି ପୁସ୍ତକଟିରେ 'ରତନ ମୁଣ୍ଡା' ଓ 'ବାଡ଼ି ଛୁଆ' ଆଦି ଗଳ୍ପଗୁଡ଼ିକ ଏହାର ଦୃଷ୍ଟାନ୍ତ। ବେଜବରୁଆଙ୍କ ଗଳ୍ପ ସପକ୍ଷରେ କହିବାକୁ ଯାଇ ଡ. କୁଳଧର ସାଇକିଆ କହନ୍ତି: "Most of the stories of Bezbaroa's are fine examples of the genre of short stories with a well defined plot, character, setting and progression through relevant incidents and dialogues." ବେଜବରୁଆ କହୁଥିଲେ- 'ମହାନଦୀରେ ମୁଁ ବ୍ରହ୍ମପୁତ୍ରକୁ ଦେଖେ'। ଏହି ସାଂସ୍କୃତିକ ସମ୍ପର୍କକୁ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ''ଜେଜେମା'ଙ୍କ ଗପପେଡ଼ି'' ପୁସ୍ତକର ପରିକଳ୍ପନା ବୋଲି ପ୍ରଫେସର ପ୍ରଦୀପ କୁମାର ପଣ୍ଡା ମତ ଦିଅନ୍ତି। ବହିରେ ଥିବା ତିରିଶଟିଯାକ ଗପ ଏକୁଆରେକ ବଳି ଘଟଣାପ୍ରବାହ ଓ ଭାଷା ବିଧାନରେ। ପ୍ରତ୍ୟେକ ଗଳ୍ପରେ ବକ୍ତବ୍ୟ ଥାଏ ଓ ସେଇ ବକ୍ତବ୍ୟଟିକୁ ବେଜବରୁଆ ସାଧାରଣ ଲୋକ ବୁଝିବା ଭାଷାରେ ଏପରି ଲେଖନ୍ତି ଯେ, ତାହା ପାଠୁଆ ଅପାଠୁଆ ସମସ୍ତଙ୍କ ମନରେ ବହୁଦିନଯାଏ ବସାବାନ୍ଧି ରହେ। ନିର୍ମାଲିଙ୍କ ଅନୁବାଦ ଖୁବ୍ ଜୀବନ୍ତ। ଆଶା, ବହିଟି ବିପୁଳ ପାଠକୀୟ ଆଦୃତି ଲାଭ କରିବ।

### ୨୦୨୯ ଭାରତବର୍ଷ




**ଲେଖକ:** ରମେଶ ପଟ୍ଟନାୟକ
**ପ୍ରକାଶକ:** କାହାଣୀ, କଲ୍ୟାଣୀ ନଗର, କଟକ-୧୩
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୨୦/-

ମୋଟ ୧୯ଟି ଗଳ୍ପ ଆଲୋଚ୍ୟ ପୁସ୍ତକରେ ସଂକଳିତ। ଗାଳ୍ପିକ ଛପା ଗଣମାଧ୍ୟମରେ ବୃତ୍ତିଜୀବୀ ଭାବେ ଦୀର୍ଘକାଳ ବିତାଇଥିବାରୁ ସେ ପାଠକଙ୍କ ମନ ଓ ହୃଦୟକୁ ଅତି ନିକଟରୁ ପଢ଼ିପାରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି, ଯାହା ଗଳ୍ପ ରଚନା ବେଳେ ତାଙ୍କୁ କାହାଣୀ ସଂରଚନା ଓ ଭାଷା ବିନ୍ୟାସରେ ସହାୟତା କରିଛି। ଗଳ୍ପଗୁଡ଼ିକ ପାଠକଲେ ଗାଳ୍ପିକଙ୍କ ସାମାଜିକ ଓ ମାନବୀୟ ଜୀବନଧାରାର ସୂକ୍ଷ୍ମ ପର୍ଯ୍ୟବେକ୍ଷଣରେ ବିସ୍ମିତ ହେବାକୁ ପଡ଼େ। ଗୋଟିଏ ଗଳ୍ପର ଉଦାହରଣ ନେବା। ଗଳ୍ପଟି ହେଉଛି 'ଲକ୍‌ଡାଉନ କାଳରେ ପ୍ରଭୁଙ୍କ ଚିଠାଉ'। ଗଳ୍ପର ଆରମ୍ଭରେ ରହିଛି ଡେଭିଡ୍ ବାଇରନ୍‌ଙ୍କ କବିତାରୁ ଏକ ଉଦ୍ଧୃତି, ଯାହା ପରୋକ୍ଷରେ ଗଳ୍ପର ମର୍ମ ସହ ସମ୍ପର୍କିତ। କରୋନା ପୀଡ଼ିତ ମଣିଷମାନଙ୍କ ପାଖକୁ ବ୍ରହ୍ମଲୋକରୁ ଚିଠିଟିଏ ଆସିଛି, ଯେଉଁଥିରେ ସମାଜର ଅବକ୍ଷୟ ପାଇଁ ମଣିଷର ପ୍ରକୃତି ବିରୋଧୀ ଜୀବନଶୈଳୀକୁ ଦାୟୀ କରାଯାଇଛି। ପରମପିତା କହୁଛନ୍ତି: ''କେବଳ ଯୋଗ ଓ ନୀରବତାର ଶକ୍ତି ଦ୍ୱାରା ବିଜ୍ଞାନ ସକ୍ରିୟ ହୋଇପାରେ। ପ୍ରକୃତିକୁ ଧ୍ୱଂସ ନ କରି ଯେଉଁ ବିଜ୍ଞାନ ମଣିଷକୁ ସୁଖ ଓ ଶାନ୍ତି ଦେଇପାରିବ, ତାହା ନୀରବତାରୁ ଜନ୍ମନେବ। ତାହା ହେବ ମୋ' ପ୍ରକୃତିର ନିୟମ। ଆଉ ସାଇନ୍ସ ନୁହଁ, ସାଇଲେନ୍ସ...।'' ଏଇଥିରୁ ଚିହ୍ନିହୁଏ ଗାଳ୍ପିକ ରମେଶଙ୍କ ନିଆରାପଣକୁ ଓଡ଼ିଆ ଗଳ୍ପରେ। ବହିଟିର ସବୁ ଗଳ୍ପ ନିଜ ନିଜ ବାଗରେ ସ୍ୱତନ୍ତ୍ର ଓ ଚରିତ୍ରରେ ପାଠକମୁଖୀ। ଆଶା, ବହିଟିର ପାଠକୀୟତାରେ ବିଘ୍ନ ଘଟିବ ନାହିଁ।

## ପଙ୍ଗୁ ମାନସିକତା

**ମିନି ଗଳ୍ପ**
**ଅମୃତା ମିଶ୍ର**

କଲେଜ ପରିସର ଥିଲା ଲୋକାରଣ୍ୟ। ଭିଡ଼ ଜମେଇଥିବା ଲୋକମାନେ ଭିନ୍ନଭିନ୍ନ ମତ ଦେଉଥିଲେ। ଏଇ ସମୟରେ ଝିଅର ମା'ବାପା ଆସି ପହଞ୍ଚିଗଲେ। ଗାଆଁରୁ ସହର ଦୁଇଘଣ୍ଟାର ରାସ୍ତାକୁ ସେମାନେ କେମିତି ଅତିକ୍ରମ କଲେ ଜାଣିପାରିଲେନି। ବାପାର ଶେତା ପଡ଼ିଯାଇଥିବା ମୁହଁ କୋହକୁ ଚାପି ରଖିଥିଲା। ମାଆ ବାରମ୍ବାର ମୂର୍ଚ୍ଛା ଯାଉଥିଲା। କ'ଣ ବା ଭୁଲ୍ ସେମାନେ କରିଥିଲେ ଯେ, ଆଜି ଏଇ ଦଣ୍ଡ ଭୋଗିବାକୁ ପଡୁଛି? କାହାକୁ ବା ଦୋଷ ଦେବେ? ଝିଅ ଭୁବନେଶ୍ୱରର ବଡ଼ କଲେଜରେ ହଷ୍ଟେଲରେ ରହି ପଢୁଛି ବୋଲି ଗର୍ବରେ ତାଙ୍କର ଛାତି ଫୁଲି ଉଠୁଥିଲା। ଲୋକେ ଭାବୁଥିଲେ ଏଇ ଝିଅ ତାଙ୍କ ଗାଆଁର ସୁନାମ ରଖିବ। ହେଲେ ଆଜି ଝିଅର ମୃତ ଶରୀର ହଷ୍ଟେଲ କୋଠରିର ଛାତରେ ଝୁଲୁଛି। ଏପରି ଅଘଟଣ ପାଇଁ କଲେଜ ଦୋଷ ଦେଉଥିଲା ମାତାପିତାଙ୍କୁ। ମାତାପିତା ଦୋଷ ଦେଉଥିଲେ ପ୍ରଶାସନକୁ, ପ୍ରଶାସନ ଦୋଷ ଦେଉଥିଲା କଲେଜ ହଷ୍ଟେଲ୍ ପରିଚାଳନା ବ୍ୟବସ୍ଥାକୁ।

ଉପସ୍ଥିତ ଦର୍ଶକମାନଙ୍କ ନୀରବ ପ୍ରୋତ୍ସାହନରେ ଏହି ତ୍ରିକୋଣୀୟ ଯୁକ୍ତି ଚାଲିଥିଲା ଦୁଇଘଣ୍ଟା। ବ୍ୟବଚ୍ଛେଦ ପରେ ଶବଦାହ ହେଲା। କିନ୍ତୁ ମାଆ ଗାଆଁକୁ ନ ଫେରି ବସିରହିଲା କଲେଜ ଆଗରେ ନ୍ୟାୟ ଅପେକ୍ଷାରେ। ପ୍ରଶାସନ ଚାପରେ ଦଣ୍ଡପାଇଲେ କଲେଜର କିଛି ତଳିଆ ନିରୀହ କର୍ମଚାରୀ। ଦିନ ପରେ ଦିନ ଗଡ଼ିଚାଲିଲା, କିନ୍ତୁ ମାଆକୁ ନ୍ୟାୟ ମିଳିଲାନି କି ଝିଅ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିଲାନି। ଅପାଠୋଇ ମାଆ ଆଶାଶୂନ୍ୟ ହୋଇ ଭାଗ୍ୟକୁ ଦୋଷ ଦେଇ ଶେଷରେ ଗାଆଁକୁ ଫେରିଗଲା। ପରଦିନ ଗାଆଁର ଜଣେ ଶିକ୍ଷିତ ବୟସ୍କ ଲୋକ ଖବରକାଗଜଟିଏ ଆଣି ମାଆକୁ ଦେଖାଇଲା, ଯେଉଁଥିରେ ମୃତ ଝିଅଟିର ଫଟୋ ବାହାରିଥିଲା। ଫଟୋ ପାଖରେ ଥିବା ଲେଖାର ସାରମର୍ମ ହେଲା, ପଙ୍ଗୁ ମାନସିକତା, ଯାହା ଆଜିର ଯୁବସମାଜକୁ ଅକାଳ ମୃତ୍ୟୁ ଆଡ଼କୁ ଟାଣିନେଉଛି। ମାଆ ତା' ପାଖରେ ବସିଥିବା ସ୍ୱାମୀକୁ ପଚାରିଲା- ପଙ୍ଗୁ ମାନସିକତା ବୋଇଲେ କ'ଣ? ସେଥିପାଇଁ ଆମେ କେମିତି ଦାୟୀ ହେବା? କୋହରୁଦ୍ଧ କଣ୍ଠକୁ ସଜାଡ଼ି ଦେଇ



ଦାର୍ଶନିକ ପରି ବାପା କହିଲେ, ଆଜିର ଅସଜଡ଼ା ଶିକ୍ଷା ଓ ସାମାଜିକ ବ୍ୟବସ୍ଥା ମଣିଷକୁ କରିଦେଉଛି ଟଙ୍କା ରୋଜଗାରର ମେଶିନ୍। ଟଙ୍କା ନିଶା ଆଜିର ଯୁବପିଢ଼ିକୁ ମାନବିକତାଶୂନ୍ୟ କରିଦେଉଛି ଆଉ ତାଙ୍କ ଭିତରେ ଭରିଦେଉଛି ପଙ୍ଗୁ ମାନସିକତା।

ମୋ: ୯୪୩୭୨୬୦୨୭୧

## କାଳକାଳକୁ

''ଯଦି ତୁମେ ମୋତେ ମନେରଖିଚ,
ତେବେ ଆଉ କିଏ ଭୁଲିଗଲା,
ସେ ନେଇ ମୋର ପରବାୟ ନାହିଁ।''
– ହାରୁକି ମୁରାକାମି



**ହାରୁକି ମୁରାକାମିଙ୍କ** ଜନ୍ମ ୧୨ ଜାନୁୟାରୀ ୧୯୪୯ରେ, ଜାପାନରେ। ଜାପାନର ସେ ସବୁଠୁଁ ବେଶି ବିକ୍ରିତ ବହିର ଲେଖକ। ଜାପାନୀ ଗଳ୍ପ ଓ ଉପନ୍ୟାସରେ ହାରୁକି ହେଉଛନ୍ତି କୁହୁକ ବାସ୍ତବତାର ଚର୍ଚ୍ଚିତ ଉଦ୍‌ଗାତା। ମାନବ-ଜୀବନ-ଏଷଣାର ଏହି ଦୂରଦର୍ଶୀ କଥାଶିଳ୍ପୀଙ୍କର ବହୁପ୍ରସିଦ୍ଧ ଉପନ୍ୟାସ ମଧ୍ୟରୁ କେତୋଟି ହେଉଛି- 'A wild Sheep Chase', 'The Wind-Up Bird Chronicle', 'Norwegian wood' ଓ 'Hard-Boiled Wonderland and the End of the World.' ସାହିତ୍ୟର ବିକଳ୍ପ ସ୍ୱରୂପ ଶାନ୍ତି ପାଇଁ ନୋବେଲ ନିମିତ୍ତ ମୁରାକାମିଙ୍କ ନାମ ସଂକ୍ଷିପ୍ତ ତାଲିକାଭୁକ୍ତ ହେବା ସତ୍ତ୍ୱେ ସେ ଏଥିରୁ ଓହରିଯାଇ କହିଥିଲେ- ''ପୁରସ୍କାର ନୁହେଁ, ଲେଖାଲେଖିରେ ମୁଁ ଧ୍ୟାନସ୍ଥ ହେବାକୁ ଚାହେଁ।'' ସେ ଏକଦା କହିଥିଲେ- ''କେବେକେବେ ଭାଗ୍ୟ ଏକ ଛୋଟ ବାଲିଝଡ଼ ପରି ଜୀବନର ଦିଗ ବଦଳାଇଦିଏ।''

## ସପତ୍ନୀ

**ଲଘୁ ଗଳ୍ପ**
**କିଶୋର ମିଶ୍ର**

ରେଣୁ ସବୁ ଝରକାରୁ ତାରଜାଲି ଫିଟାଇଦେଲେ। ଯେଉଁସବୁ ଝରକା ଭିତରପଟୁ ଖୋଲୁଥିଲା, ସେଗୁଡ଼ିକରେ କିଛି ଅସୁବିଧା ନ ଥିଲା। ବାହାର ପଟକୁ ଖୋଲୁଥିବା ଝରକାରେ ଟିକିଏ ଅସୁବିଧା ଥିଲା ଖୋଲିବା ଓ ବନ୍ଦ କରିବାକୁ ନେଇ। ହୁକ ଥିବା ଜାଗାରେ ତାରଜାଲିକୁ ଟିକିଏ କାଟିବାକୁ ପଡୁଥିଲା। ବାସ୍, ଏଥର ବିଲେଇ ଆସିବାର ସବୁ ରାସ୍ତା ବନ୍ଦ। ବହୁତ ହରକତ କରୁଥିଲେ ବିଲେଇ ପଞ୍ଚାକ। କେତେବେଳେ କ୍ଷୀର ଖାଇଦିଅନ୍ତି ତ କେତେବେଳେ ମାଛ। ଆମେସବୁ ଅତିଷ୍ଠ ହେଉଥିଲୁ ସେମାନଙ୍କ ଦୌରାତ୍ମ୍ୟରେ।

ଆମ ପଡ଼ୋଶୀ ଶମ୍ଭୁନାଥ ହିଁ ଏଇସବୁ ବିଲେଇ ପୋଷିଥିଲେ। ଶମ୍ଭୁନାଥ ବିଲେଇମାନଙ୍କ ପାଇଁ କନାର ପୋଷାକ ବି ତିଆରି କରିଥିଲେ। ତାଙ୍କର ସେଇ ମୋଟୀ ବାଙ୍ଗରା ଝିଅଟା ତିନି ତିନିଟା ବିଲେଇ ଛୁଆ ଧରି ଖେଳୁଥାଏ। ଆମେ ସେ ଝିଅଟାକୁ ବି କେବେ ଆମ ଘରକୁ ଡାକୁ ନ ଥିଲୁ।

ଦିନେ ପଡ଼ୋଶୀ ଘରର ପାଚେରି ଡେଇଁଲାବେଳେ ତା'ର ଗୋଟାଏ ପୁଷି ବିଲେଇ ପାଚେରି ଲୁହାରଡ଼ର ମୁନିଆଁ କଣ୍ଟା ଉପରେ ପଡ଼ି ରକ୍ତାକ୍ତ ହୋଇଥିଲା। ଶମ୍ଭୁନାଥ ବେଶ୍ କିଛି ସମୟଯାଏଁ ବଡ଼ପାଟିରେ ସାହିର ଲୋକମାନଙ୍କ ପାଇଁ ଅଭିସମ୍ପାତ ବର୍ଷଣ କଲେ। ସେଦିନଠାରୁ ତାଙ୍କୁ ଡରି କେହି କିଛି କୁହନ୍ତି ନାହିଁ।

ଝର୍କା ବନ୍ଦ କଲେ ବି କବାଟ ଯଦି ଟିକିଏ ଦରଆଉଜା ଅଛି ବିଲେଇ ଗଳି ପଶି ଆସନ୍ତି। ସେମାନଙ୍କର ଦୌରାତ୍ମ୍ୟ ଉତ୍କଟ ରୂପ ଧାରଣ କଲା, ଯେତେବେଳେ ପୁଅ ଭଦ୍ର ପୋଷିଥିବା ଲଭ୍ ବାର୍ଡ ଦୁଇଟାକୁ ପଞ୍ଜୁରିରୁ ଟାଣି ବିଲେଇ ଖାଇଦେଲା। ଆଉ ଗୋଟାଏ ପକ୍ଷୀ ଏକାକୀ ହୋଇ ଶୂନ୍ୟେ ଶୂନ୍ୟେ ଟଳିପଡ଼ିଲା। ସେଦିନ ହିଁ ରେଣୁ ଜିଦ୍ କଲା ତାରଜାଲିସବୁ ଝର୍କାରେ ଲଗାଇବାକୁ। ପରେ ପରେ ଆଉ ଚାରୋଟି ଲଭ୍ ବାର୍ଡ କିଣା ହୋଇ ଆସିଲେ ଘରକୁ।

ଆମ୍ଭେମାନେ ସତର୍କ ହୋଇଗଲୁ। ଯେତେବେଳେ ବି ବିଲେଇମାନେ ଆସିଲେ ଆମେ ତାଙ୍କୁ ତଡ଼ିବାରେ ଲାଗିଗଲୁ। ଗୋଟିଏ ପୁଷି କିନ୍ତୁ ଆମେ ଯେତେ ତଡ଼ିଲେ ବି ବାରମ୍ବାର ଆସେ। କେବେ ଖଟତଳେ ତ କେବେ ଟେବୁଲ୍ ତଳେ ଲୁଚିଥାଏ। ମ୍ୟାଉଁ ମ୍ୟାଉଁ କରେ। ତା'ର ଆଖି କେବଳ ମାଛ ଉପରେ ଲାଖିଥାଏ। ରେଣୁ ଥରେ କହିଲେ, ''ତୁମର ପୂର୍ବତନ ପତ୍ନୀ ପରା ମାଛ ଖାଇବାକୁ ଭଲ ପାଉଥିଲେ। ସେ ଆଉ ଯେ ପୁଷି ହୋଇ ଆସି ନାହାନ୍ତି ତ!'' ମୁଁ ଚମକିପଡ଼ିଲି। କ୍ରୋଧ ସମ୍ବରଣ କଲି। ଚୁପ୍ ରହିଲି। ଥରେ ରେଣୁ ମାଛଭଜା କରି କୌଣସି କାମରେ ବ୍ୟାଙ୍କକୁ ଗଲେ। କବାଟ ଫାଙ୍କରୁ ଗଳିଆସି ପୁଷି ଖଟତଳେ ଲୁଚିଥାଏ। ମୁଁ ତାକୁ ଦେଖିଲେ ବି କେଜାଣି କାହିଁକି ଘଉଡ଼ାଇ ନ ଥିଲି। ତେଣୁ ଯିବା ପରେ ପୁଷି ସାହସ କରି ଆସିଲା, ମୋ ପାଖରେ ବସିଲା, ମୋତେ ଦେଖି ମୁଣ୍ଡ ଟୁଙ୍ଗାରିଲା, ମ୍ୟାଉଁ ମ୍ୟାଉଁ କଲା। ମୁଁ ତାକୁ ମାଛଭଜା ଖଣ୍ଡେ ଦେଲି। ଆଗ୍ରହରେ ଖାଇଲା ଓ ମୋତେ ଜୁଳୁଜୁଳୁ ହୋଇ ଅନାଇ ରହିଲା।

ମୋର ପରଲୋକଗତା ପତ୍ନୀ ରୀତାଙ୍କର ମାଛ ଖାଇବା ସଉକ ମୋର ମନେପଡ଼ିଗଲା। ତାଙ୍କ ସ୍ମୃତିରେ ଆଖି ଜକେଇ ଆସିଲା। ପୁଷିକୁ ଆଉ ଗୋଟାଏ ଭଜା ଦେଲି। ମୁଁ ବି ଗୋଟାଏ ଭଜା ଆଣି ଖାଇଲି। ଯେମିତି ରୀତା ସହ ଆମେ ଦୁହେଁ ମାଛଭଜା ଖିଆଖୋଇ ହେଉଥିଲୁ। ସବୁ କଣ୍ଟା ଓ ଖାଇବା ସ୍ଥାନ ସଫା କଲି। ରେଣୁ ଆସି ଭାତ ବାଢ଼ିବାକୁ ଗଲାବେଳେ କହିଲେ, ''ଶୁଣୁଛ, ଚାରୋଟି ଭଜା ତାଉଆରେ ନାହିଁ। ଯେ ନିଆଁଲଗା ପୁଷିଟା ଖାଇଦେଇଛି।'' ମୁଁ ହସିହସି କହିଲି, ''ତୁମ ସଉତୁଣୀ ଖାଇଦେଇଛନ୍ତି। ଅବଶିଷ୍ଟ ତୁମ ଭାଗଟା ଅଛି, ଖାଇନିଅ।'' ରେଣୁ ଚୁପି ଚୁପି ହସୁଥିଲେ।

ମୋ: ୯୪୩୭୩୨୭୫୦୨



# କ୍ୱାର୍ଟର ଫାଇନାଲରେ ଅଷ୍ଟ୍ରେଲିଆ

ରାଉରକେଲା ଅଫିସ/ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୨୦।୧

ତିନିଥର ଚାମ୍ପିୟନ ଓ ଦୁଇଥର ରନରଅପ୍ ଅଷ୍ଟ୍ରେଲିଆ ପ୍ରଭାବୀ ପ୍ରଦର୍ଶନ ବଜାୟ ରଖି ଚଳିତ ହକି ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ପୁଲ୍ 'ଏ'ର ଏକ ମ୍ୟାଚରେ ଏହି ଦଳ ଦକ୍ଷିଣ ଆଫ୍ରିକାକୁ ବୃହତ୍ ବ୍ୟବଧାନ ୯-୨ ଗୋଲରେ ପରାସ୍ତ କରିଛି। ବ୍ଲେକ୍ ଗୋଭର୍ସ ୩,


ମ୍ୟାଚ ଜିତିବା ପରେ ଉଲ୍ଲସିତ ଅଷ୍ଟ୍ରେଲିଆ ଖେଳାଳି।

## ବ୍ଲେକ୍ ଗୋଭର୍ସଙ୍କ ହ୍ୟାଟ୍ରିକ

୧୪, ୧୮ ଓ ୧୯ତମ ମିନିଟରେ ହ୍ୟାଟ୍ରିକ ସହ ୪ଟି ଗୋଲ ଦେଇ ଅଷ୍ଟ୍ରେଲିଆର ବୃହତ୍ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହା ମଧ୍ୟରେ ଏକ ପେନାଲ୍ଟି ଷ୍ଟ୍ରୋକ୍ ଗୋଲ ସାମିଲ। ଦ୍ୱିତୀୟ କ୍ୱାର୍ଟର ଅର୍ଥାତ୍ ମ୍ୟାଚର ୧୮ତମ ମିନିଟରେ ଡି' ଏରିଆ ମଧ୍ୟରେ ଦକ୍ଷିଣ ଆଫ୍ରିକା ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ଅଷ୍ଟ୍ରେଲିଆକୁ ପେନାଲ୍ଟି ଷ୍ଟ୍ରୋକ୍ ସୁଯୋଗ ଦିଆଯାଇଥିଲା। ଗୋଭର୍ସ ଏହାକୁ ଗୋଲରେ ପରିଣତ କରିବାରେ କୌଣସି ତ୍ରୁଟି କରି ନ ଥିଲେ। ତାଙ୍କ ବ୍ୟତୀତ ଟମ୍ କ୍ରେଗ୍ ୯ମ, ଜ୍ୟାକ ହାର୍ଭି ୨୧, ଡାନିଏଲ ବାଲେ ୨୭, ଜେରେମି ହେୱାର୍ଡ ୩୧ ଓ ଟିମ୍ ବ୍ରାଣ୍ଡ ୪୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଏନ୍‌କୋବିଲେ ଏନ୍‌ଟୁଲି ୭ମ ଏବଂ ଟେଭିନ୍ କୋକ୍ ୫୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିବାକୁ ସକ୍ଷମ ହୋଇଥିଲେ। ବିଶୃଙ୍ଖଳିତ ଆଚରଣ ପାଇଁ ଦକ୍ଷିଣ ଆଫ୍ରିକାର ନିକୋଲାସ ସ୍ପୁନରଙ୍କୁ ୩୨ତମ ମିନିଟରେ ୟେଲୋ ଏବଂ ଏନ୍‌କୋବିଲେ ଏନ୍‌ଟୁଲିଙ୍କୁ ୪୭ତମ ମିନିଟରେ ଗ୍ରୀନ୍ କାର୍ଡ ମିଳିଥିଲା। ଗୋଭର୍ସ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।

### ଦକ୍ଷିଣ ଆଫ୍ରିକାର ବିଦାୟ

ପୁଲ୍ 'ଏ'ର ଗ୍ରୁପ୍ ପର୍ଯ୍ୟାୟ ଶେଷରେ ଅଷ୍ଟ୍ରେଲିଆ ୩ ମ୍ୟାଚରୁ ୨ ବିଜୟ ଓ ୧ ଡ୍ର ସହ ୭ ପଏଣ୍ଟ ପାଇ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ସମାନ ସଂଖ୍ୟକ ମ୍ୟାଚ ଖେଳିଥିବା ଆର୍ଜେଣ୍ଟିନା ୧ ବିଜୟ ଓ ୨ ଡ୍ର ସହ ୫ ଏବଂ ଫ୍ରାନ୍ସ ୩ ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ଡ୍ର ସହିତ ୪ ପଏଣ୍ଟ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଫଳରେ ଏହି ଦୁଇ ଦଳ କ୍ରସ୍ ଓଭର ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଅନ୍ୟପକ୍ଷରେ ୩ ମ୍ୟାଚରୁ ୩ ପରାଜୟ ସହ ଦକ୍ଷିଣ ଆଫ୍ରିକା ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଛି। ଏହି ଦଳ ଏବେ ପୋଜିଶନ ପାଇଁ କ୍ଲାସିଫିକେଶନ ମ୍ୟାଚ ଖେଳିବ। ଫ୍ରାନ୍ସକୁ ୮-୦ ଗୋଲରେ ହରାଇ ଦମ୍‌ଦାର ଭାବେ ଅଭିଯାନ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ମ୍ୟାଚକୁ ଆର୍ଜେଣ୍ଟିନା ସହିତ ୩-୩ ଗୋଲରେ ଡ୍ର ରଖିଥିଲା। ଦକ୍ଷିଣ ଆଫ୍ରିକା ବିପକ୍ଷରେ ୯-୨ ଗୋଲରେ ବିଜୟ ଫଳରେ ଏହି ଦଳର ଗୋଲ ବ୍ୟବଧାନ +୧୫ ହୋଇଯାଇଛି। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକାକୁ ୧-୦ ଗୋଲରେ ହରାଇ ଅତ୍ୟନ୍ତ ଦୁର୍ବଳ ଆରମ୍ଭ କରିଥିବା ଆର୍ଜେଣ୍ଟିନା ଦ୍ୱିତୀୟ ମ୍ୟାଚରେ ଅଷ୍ଟ୍ରେଲିଆକୁ ଟକ୍କର ଦେଇଥିଲେ ହେଁ ତୃତୀୟ ମ୍ୟାଚକୁ ଅପେକ୍ଷାକୃତ ଦୁର୍ବଳ ଫ୍ରାନ୍ସ ବିପକ୍ଷରେ ୫-୫ ଗୋଲରେ ଡ୍ର ରଖିଛି। ଫ୍ରାନ୍ସ କିନ୍ତୁ ନିଜର ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆଠାରୁ ବଡ଼ ବ୍ୟବଧାନରେ ହାରିଥିଲେ ମଧ୍ୟ ପରେ ସଫଳ ପ୍ରତ୍ୟାବର୍ତ୍ତନ କରି କ୍ରସ୍ ଓଭର ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି।

## ହକି ବିଶ୍ୱକପ ପଏଣ୍ଟ ଟେବୁଲ

| ଦଳ | ଖେଳିଛି | ବିଜୟ | ଡ୍ର | ପରାଜୟ | ସ.ଗୋଲ | ବି.ଗୋଲ | ଗୋ.ବ୍ୟବଧାନ | ପଏଣ୍ଟ |
|---|---|---|---|---|---|---|---|---|
| ପୁଲ୍ 'ଏ' | | | | | | | | |
| ଅଷ୍ଟ୍ରେଲିଆ | ୩ | ୨ | ୧ | ୦ | ୨୦ | ୫ | +୧୫ | ୭ |
| ଆର୍ଜେଣ୍ଟିନା | ୩ | ୧ | ୨ | ୦ | ୯ | ୮ | +୧ | ୫ |
| ଫ୍ରାନ୍ସ | ୩ | ୧ | ୧ | ୧ | ୭ | ୧୪ | -୭ | ୪ |
| ଦକ୍ଷିଣ ଆଫ୍ରିକା | ୩ | ୦ | ୦ | ୩ | ୩ | ୧୨ | -୯ | ୦ |
| ପୁଲ୍ 'ବି' | | | | | | | | |
| ବେଲଜିୟମ | ୩ | ୨ | ୧ | ୦ | ୧୪ | ୩ | +୧୧ | ୭ |
| ଜର୍ମାନୀ | ୩ | ୨ | ୧ | ୦ | ୧୨ | ୪ | +୮ | ୭ |
| ଦକ୍ଷିଣ କୋରିଆ | ୩ | ୧ | ୦ | ୨ | ୪ | ୧୩ | -୯ | ୩ |
| ଜାପାନ | ୩ | ୦ | ୦ | ୩ | ୨ | ୧୨ | -୧୦ | ୦ |
| ପୁଲ୍ 'ସି' | | | | | | | | |
| ନେଦରଲାଣ୍ଡସ | ୩ | ୩ | ୦ | ୦ | ୨୨ | ୦ | +୨୨ | ୯ |
| ନ୍ୟୁଜିଲାଣ୍ଡ | ୩ | ୨ | ୦ | ୧ | ୬ | ୮ | -୨ | ୬ |
| ମାଲେସିଆ | ୩ | ୧ | ୦ | ୨ | ୫ | ୮ | -୩ | ୩ |
| ଚିଲି | ୩ | ୦ | ୦ | ୩ | ୩ | ୨୦ | -୧୭ | ୦ |
| ପୁଲ୍ 'ଡି' | | | | | | | | |
| ଇଂଲଣ୍ଡ | ୩ | ୨ | ୧ | ୦ | ୯ | ୦ | +୯ | ୭ |
| ଭାରତ | ୩ | ୨ | ୧ | ୦ | ୬ | ୨ | +୪ | ୭ |
| ସ୍ପେନ୍ | ୩ | ୧ | ୦ | ୨ | ୫ | ୭ | -୨ | ୩ |
| ୱେଲ୍ସ | ୩ | ୦ | ୦ | ୩ | ୩ | ୧୪ | -୧୧ | ୦ |

# ବୁନ୍‌ଙ୍କ ୫ ଗୋଲ: କ୍ୱାର୍ଟରରେ ବେଲଜିୟମ


ଜାପାନ ବିପକ୍ଷ ମ୍ୟାଚ ଅବସରରେ ବେଲଜିୟମ ପକ୍ଷରୁ ୫ ଗୋଲ ଦେଇଥିବା ଟମ୍ ବୁନ୍ (ବାମ)।

ରାଉରକେଲା ଅଫିସ/ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୨୦।୧

ଗତଥରର ଚାମ୍ପିୟନ ବେଲଜିୟମ ଏଥର ମଧ୍ୟ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ହକି ବିଶ୍ୱକପର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ପୁଲ୍ 'ବି'ର ଏକ ମ୍ୟାଚରେ ଏହି ଦଳ ୭-୧ ଗୋଲରେ ଏସୀୟ ଦଳ ଜାପାନକୁ ପରାସ୍ତ କରିଛି। ତାରକା ଖେଳାଳି ଟମ୍ ବୁନ୍ ୨୧, ୨୬, ୨୭, ୫୦ ଓ ୫୫ତମ ମିନିଟରେ ଏକାକୀ ୫ଟି ଗୋଲ ଦେଇ ବେଲଜିୟମକୁ ବୃହତ୍ ବିଜୟ ଦେବାରେ ମୁଖ୍ୟ ଭୂମିକା ତୁଲାଇଥିଲେ। ସେ ୪ଟି ଫିଲ୍ଡ ଗୋଲ ଦେଇଥିବାବେଳେ ୫୫ତମ ମିନିଟରେ ଜାପାନ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ବେଲଜିୟମକୁ ମିଳିଥିବା ପେନାଲ୍ଟି ଷ୍ଟ୍ରୋକ୍ ସୁଯୋଗର ସଦ୍‌ବ୍ୟବହାର କରିଥିଲେ। ବିଜୟୀ ଦଳ ପକ୍ଷରୁ ସେଡ୍ରିକ ଚାର୍ଲେର ୧୭ ଏବଂ ସେବାଷ୍ଟିଆନ ଡୋକେର ୫୧ତମ ମିନିଟରେ ଅନ୍ୟ ୨ଟି ଗୋଲ ଦେଇଥିଲେ। ଜାପାନ ପକ୍ଷରୁ କେନ୍ତାରୋ ଫୁକୁଡ଼ା ୪୫ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ୩ ମ୍ୟାଚରୁ ୨ ବିଜୟ ଓ ୧ ଡ୍ର ସହ ୭ ପଏଣ୍ଟ ପାଇ ବେଲ୍‌ଜିୟମ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଜର୍ମାନୀ ସମାନ ୭ ପଏଣ୍ଟ ପାଇଥିଲେ ହେଁ ଗୋଲ ବ୍ୟବଧାନ ଦୃଷ୍ଟିରୁ ଦ୍ୱିତୀୟ ସ୍ଥାନରେ ରହିଛି। ବେଲଜିୟମର ଗୋଲ ବ୍ୟବଧାନ +୧୧ ଥିବାବେଳେ ଜର୍ମାନୀର +୮ ରହିଛି। ଫଳରେ ଜର୍ମାନୀ ଦ୍ୱିତୀୟ ଏବଂ ଦକ୍ଷିଣ କୋରିଆ ୩ ପଏଣ୍ଟ ସହିତ ତୃତୀୟ ସ୍ଥାନରେ ରହି କ୍ରସ୍ ଓଭର ଖେଳିବାକୁ ଯୋଗ୍ୟତା ପାଇଛନ୍ତି। ଅନ୍ୟପକ୍ଷରେ ଜାପାନ ୩ ମ୍ୟାଚରୁ ତୃତୀୟ ବିଜୟ ସହ ବିଦାୟ ନେଇଛି। ଏବେ ଏହି ଦଳ କ୍ଲାସିଫିକେଶନ ମ୍ୟାଚ ଖେଳିବ। ବେଲଜିୟମ ପ୍ରଥମ ମ୍ୟାଚରେ ୫-୦ରେ ଦକ୍ଷିଣ କୋରିଆକୁ ହରାଇଥିବାବେଳେ ଜର୍ମାନୀ ବିପକ୍ଷ ଦ୍ୱିତୀୟ ମ୍ୟାଚକୁ ୨-୨ ଗୋଲରେ ଡ୍ର ରଖିଥିଲା। ତୃତୀୟ ମ୍ୟାଚରେ ବୃହତ୍ ବିଜୟ ହାସଲ କରି ଏହି ଦଳ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ଟାଇଟଲ ବଜାୟ ରଖିବା ଦିଗରେ ଗୋଟିଏ ପାଦ ଆଗକୁ ବଢ଼ିଛି।


ଜଣେ ମହିଳା ତାଙ୍କ ସନ୍ତାନ ମୁହଁକୁ ଚିତ୍ରିତ କରାଉଛନ୍ତି।


ବେଲଜିୟମ ଦଳର ନିଆରା ସମର୍ଥକ କ୍ରିସ୍।

## ମିଡିଆ ଗ୍ୟାଲେରିରେ ମ୍ୟାଚ୍ ଦେଖିଲେ ଜିଲାପାଳ

ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଶୁକ୍ରବାର ୪ଟି ମ୍ୟାଚ୍ ଖେଳାଯାଇଥଲା। ତେବେ ଫ୍ରାନ୍ସ ଓ ଆର୍ଜେଣ୍ଟିନା ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଚାଲିଥିବାବେଳେ ସୁନ୍ଦରଗଡ଼ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି ମିଡିଆ ଗ୍ୟାଲେରିକୁ ଆସିଥିଲେ। ସେଠାରେ ସେ ଖବରଦାତାଙ୍କ ସହ ମତ ବିନିମୟ କରି କିଛି ସମୟ ମ୍ୟାଚ୍ ଦେଖିବା ପରେ ଚାଲିଯାଇଥିଲେ। ପ୍ରଥମ ଥର ଜିଲାରେ ଏଭଳି ବିଶ୍ୱସ୍ତରୀୟ ହକି ମ୍ୟାଚ୍ ଖେଳାଯାଉଥିବାରୁ ଉକ୍ତ ଖେଳକୁ ସମର୍ଥନ କରିଥିବା ଜିଲା ତଥା ସହରବାସୀଙ୍କୁ ଜିଲାପାଳ ଗାଭାଲି ଶୁଭେଚ୍ଛା ଜଣାଇଥିଲେ।

## ରାଜଗାଙ୍ଗପୁରରୁ ଆସି ମ୍ୟାଚ୍ ଦେଖିଲେ ଭିନ୍ନକ୍ଷମ

ହକିର ଗଡ଼ ସୁନ୍ଦରଗଡ଼ରେ ହକି ମ୍ୟାଚ୍ ଆୟୋଜନକୁ ନେଇ ଜିଲାର କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଶୁକ୍ରବାର ମ୍ୟାଚ୍ ଦେଖିବା ପାଇଁ ରାଜଗାଙ୍ଗପୁରରୁ ଆଦିତ୍ୟ ସିଂ ଖୁସ୍‌ବା ବିର୍ସା ମୁଣ୍ଡା ଷ୍ଟାଡିୟମକୁ ଆସିଥିଲେ। ସେ ଷ୍ଟାଡିୟମର ଇଷ୍ଟ ନର୍ଥ ଭିନ୍ନକ୍ଷମ ଗ୍ୟାଲେରିରେ ବସି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆଦିତ୍ୟ ଭିନ୍ନକ୍ଷମ ହୋଇଥିଲେ ମଧ୍ୟ ପିଲାଟି ଦିନରୁ ତାଙ୍କର ହକି ପ୍ରତି ରୁଚି ରହିଛି। ସେ ଗ୍ୟାଲେରିରେ ବସି ବେଲଜିୟମ ଓ ଅଷ୍ଟ୍ରେଲିଆ ଦଳକୁ ସମର୍ଥନ କରିଥିଲେ।

## ରାଉରକେଲା ଗସ୍ତ ସାର୍ଥକ ହେଲା

ହକି ବିଶ୍ୱକପ୍ ଦେଖିବା ପାଇଁ ଗତ ଚାରି ସପ୍ତାହ ହେବ ବେଲଜିୟମରୁ ଓଡ଼ିଶା ଆସିଛନ୍ତି କ୍ରିସ୍। ସେ ଶୁକ୍ରବାର ନିଜ ଦେଶ ବେଲଜିୟମ ସମର୍ଥନରେ ଦେଶର ଜାତୀୟ ପତାକା ହାତରେ ଧରି ବିର୍ସା ମୁଣ୍ଡା ଷ୍ଟାଡିୟମକୁ ଯାଇଥିଲେ। ତାଙ୍କ ଦଳ ସୁନିଶ୍ଚିତ ଜିତିବ ଏବଂ ଦଳର ଫରୱାର୍ଡ ଖେଳାଳି କ୍ରେଡ୍ରିକ ଚାରଲିୟର ଓ ଅଧିନାୟକ ଫେଲିକ୍ସ ଡେନିୟର ବିପକ୍ଷ ଦଳ ଜାପାନ ଉପରେ ଭାରି ପଡ଼ିବେ ବୋଲି ସେ କହିଥିଲେ। କ୍ରିସ୍ ଷ୍ଟାଡିୟମର ଦକ୍ଷିଣ ଷ୍ଟାଣ୍ଡରେ ବସି ବେଲଜିୟମ ଦଳକୁ ସମର୍ଥନ କରିଥିଲେ। ଦଳ ବିଜୟୀ ହେବା ପରେ ତାଙ୍କର ରାଉରକେଲା ଆସିବା ସାର୍ଥକ ହେଲା ବୋଲି କ୍ରିସ୍ ମତପ୍ରକାଶ କରିଥିଲେ।

-ରିପୋର୍ଟ: ଦିନେଶ ମିଶ୍ର

# କ୍ରସ୍ ଓଭରରେ ଆର୍ଜେଣ୍ଟିନା, ଫ୍ରାନ୍ସ

ରାଉରକେଲା ଅଫିସ/ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୨୦।୧

ବିର୍ସା ମୁଣ୍ଡା ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଆର୍ଜେଣ୍ଟିନା-ଫ୍ରାନ୍ସ ହକି ବିଶ୍ୱକପ୍ ମ୍ୟାଚ ୫-୫ ଗୋଲରେ ଡ୍ର ରହିଛି। ଆର୍ଜେଣ୍ଟିନା (୯ମ) ତୁଳନାରେ ଫ୍ରାନ୍ସ (୧୧ଶ) ର୍ୟାଙ୍କିଙ୍ଗ୍‌ରେ ନିମ୍ନରେ ଥିଲେ ହେଁ ଏହି ମ୍ୟାଚରେ କଡ଼ା ଚ୍ୟାଲେଞ୍ଜ ଦେଇଥିଲା। ଦଳର ଅଧିନାୟକ ଭିକ୍ଟର ଚାର୍ଲେଟ ପ୍ରକୃତ ସେନାନାୟକ ଭଳି ପ୍ରଦର୍ଶନ କରିଥିଲେ। ସେ ୩୫, ୩୭, ୪୮ ଓ ୫୯ତମ ମିନିଟରେ ଏକାକୀ ୪ଟି ଗୋଲ ସ୍କୋର କରିଥିଲେ। ଏଥିରୁ ୨ଟି ଗୋଲ ପେନାଲ୍ଟି କର୍ନର ଓ ଅନ୍ୟ ୨ଟି ପେନାଲ୍ଟି ଷ୍ଟ୍ରୋକ୍‌ରୁ ଆସିଥିଲା। ୩୫ ଓ ୫୯ତମ ମିନିଟରେ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ଆର୍ଜେଣ୍ଟିନାକୁ ଦଣ୍ଡସ୍ୱରୂପ ଫ୍ରାନ୍ସକୁ ପେନାଲ୍ଟି ଷ୍ଟ୍ରୋକ୍ ସୁଯୋଗ ଦିଆଯାଇଥିଲା। ଚାର୍ଲେଟ ସଫଳତାର ସହ ଏହାକୁ ଗୋଲରେ ପରିଣତ କରିଥିଲେ। ଇଟିନେ ଟେନ୍‌ଭେଜ ୧୦ମ ମିନିଟରେ ଦଳ ପକ୍ଷରୁ ଅନ୍ୟ ଗୋଲଟି ସ୍କୋର କରିଥିଲେ। ଆର୍ଜେଣ୍ଟିନା ପକ୍ଷରୁ ନିକୋଲାସ ଡେଲା ଟୋରେ ୩୩, ୪୧ ଓ ୫୯ତମ ମିନିଟରେ ପେନାଲ୍ଟି କର୍ନରରୁ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ନିକୋଲାସ କିନାନ ୨ୟ ଏବଂ ମାର୍ଟିନ ଫେରେରୋ ୫୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଗ୍ରୁପ୍ ପର୍ଯ୍ୟାୟ ଶେଷରେ ପୁଲ୍ 'ଏ' ରୁ ଅଷ୍ଟ୍ରେଲିଆ ପଛକୁ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହି ଆର୍ଜେଣ୍ଟିନା ଓ ଫ୍ରାନ୍ସ କ୍ରସ୍ ଓଭର ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୩ଟି ଲେଖାଏ ମ୍ୟାଚ ଖେଳି ସାରିଥିବାବେଳେ ଆର୍ଜେଣ୍ଟିନା ଓ ଫ୍ରାନ୍ସ ଯଥାକ୍ରମେ ୫ ଓ ୪ ପଏଣ୍ଟ ପାଇ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। କ୍ରସ୍ ଓଭର ମ୍ୟାଚ ଜିତିଲେ ଏହି ଦୁଇ ଦଳ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହେବେ।

# କୋରିଆକୁ ୭-୨ରେ ହରାଇଲା ଜର୍ମାନୀ

ରାଉରକେଲା ଅଫିସ/ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୨୦।୧

ହକି ବିଶ୍ୱକପର ଶେଷ ଗ୍ରୁପ୍ ମ୍ୟାଚରେ ଶୁକ୍ରବାର ଦକ୍ଷିଣ କୋରିଆକୁ ୭-୨ ଗୋଲରେ ଜର୍ମାନୀ ପରାସ୍ତ କରିଛି। ମାତ୍ର ଏହି ବଡ଼ ବିଜୟ ଜର୍ମାନୀକୁ ସିଧାସଳଖ କ୍ୱାର୍ଟର ଫାଇନାଲ ଯୋଗ୍ୟତା ଦେଇ ପାରିନାହିଁ। ପୁଲ୍ 'ବି'ରେ ଦ୍ୱିତୀୟ ସ୍ଥାନରେ ରହିଥିବାରୁ ଜର୍ମାନୀ କ୍ରସ୍ ଓଭର ଖେଳିବ। ତୃତୀୟ ସ୍ଥାନ ହାସଲ କରିଥିବା କୋରିଆ ମଧ କ୍ରସ୍ ଓଭର ମ୍ୟାଚରେ ଅବତୀର୍ଣ୍ଣ ହେବ। ଜର୍ମାନୀ ସମକକ୍ଷ ୭ ପଏଣ୍ଟ ପାଇଥିଲେ ହେଁ ଏହି ଗ୍ରୁପ୍‌ରୁ ବେଲ୍‌ଜିୟମ ଗୋଲ ବ୍ୟବଧାନରେ ଆଗରେ ରହି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। କୋରିଆ ବିପକ୍ଷ ମ୍ୟାଚରେ ଜର୍ମାନୀ ପକ୍ଷରୁ ନିକ୍ଲାସ ୱେଲେନ ୧ମ, ୧୬ ଓ ୪୦ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଞ୍ଜାଲୋ ପିଲାଟ ୪୨, ଜୁସଟୁସ ୱେଗାଣ୍ଡ ୫୦, ମ୍ୟାଟ୍ସ ଗ୍ରାମବୁଶ୍ ୫୨ ଓ ମୋରିଜ ଲୁଡୱିଗ୍ ୫୨ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଦକ୍ଷିଣ କୋରିଆ ପକ୍ଷରୁ ଜାଙ୍ଗ୍ ଜୋଙ୍ଗହ୍ୟୁନ ୧୪ ଓ ୫୯ତମ ମିନିଟରେ ୨ଟି ଗୋଲ ପରିଶୋଧ କରିଥିଲେ। ୨୩ ତାରିଖରେ ଆର୍ଜେଣ୍ଟିନା ବିପକ୍ଷରେ କୋରିଆ ଏବଂ ଫ୍ରାନ୍ସ ବିପକ୍ଷରେ ଜର୍ମାନୀ କ୍ରସ୍ ଓଭର ମ୍ୟାଚ ଖେଳିବ।


ବିର୍ସା ମୁଣ୍ଡା ଷ୍ଟାଡିୟମକୁ ଶୁକ୍ରବାର ମ୍ୟାଚ ଦେଖିବା ପାଇଁ ପ୍ରବେଶ ଅବସରରେ ମହିଳା ଦର୍ଶକ। (ଫଟୋ: ବିବେକ ମହାନ୍ତି)


ଆର୍ଜେଣ୍ଟିନା-ଫ୍ରାନ୍ସ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।



ବିର୍ସା ମୁଣ୍ଡା ଷ୍ଟାଡିୟମରେ ଶୁକ୍ରବାର ତାମିଲନାଡୁ କ୍ରୀଡ଼ାମନ୍ତ୍ରୀ ଥିରୁ ଉଦୟନିଧି ଷ୍ଟାଲିନଙ୍କୁ ଏକ ସ୍ମାରକୀ ପ୍ରଦାନ କରୁଛନ୍ତି ଇଡ୍‌କୋ ଏମ୍‌ଡି ଭୂପେନ୍ଦ୍ର ସିଂ ପୁନିଆ। ନିକଟରେ ସୁନ୍ଦରଗଡ଼ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି, ରାଜ୍ୟ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ଓ ଅନ୍ୟ ଅତିଥିମାନେ ଉପସ୍ଥିତ ଅଛନ୍ତି।



ଷ୍ଟାଡିୟମକୁ ପ୍ରବେଶ ଅବସରରେ ଦୁଇ ବିଦେଶୀ ଦର୍ଶକ।



ଜାପାନ ଓ ବେଲ୍‌ଜିୟମ ମ୍ୟାଚ ଅବସରରେ ଦୁଇ ଦଳର ଅଧିନାୟକ।

# ଭାରତ ପାଇଁ କଷ୍ଟସାଧ୍ୟ ପଥ

(ତପନ ସ୍ୱାଇଁ)

**ଭୁବନେଶ୍ୱର, ୨୦।୧**

ଭୁବନେଶ୍ୱରର କଳିଙ୍ଗ ଏବଂ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟ ଶୁକ୍ରବାର ଶେଷ ହୋଇଛି। ଆରମ୍ଭରୁ ମାନ୍ଦା ଖେଳ ପାଇଁ ଘରୋଇ ଭାରତର ପଥ କଷ୍ଟସାଧ ହୋଇଯାଇଛି। ୧୯୭୫ ପରେ ଟାଇଟଲ ଜିତିବାର ସ୍ୱପ୍ନ ଦେଖୁଥିବା ଭାରତୀୟ ଦଳ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିପାରିନାହିଁ। ଗ୍ରୁପ୍ 'ଡି'ରେ ଏହି ଦଳ ଅପରାଜେୟ ରହିଥିଲେ ହେଁ ୩ ମ୍ୟାଚରୁ ୨ ବିଜୟ ଓ ୧ ଡ୍ର ସହ ୭ ପଏଣ୍ଟ ପାଇଛି। ଇଂଲଣ୍ଡ ୭ ପଏଣ୍ଟ ପାଇଥିଲେ ହେଁ ଗୋଲ ବ୍ୟବଧାନରେ ଆଗରେ ରହି ଏହି ଗ୍ରୁପ୍‌ରୁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିପାରିଛି। ଭାରତ ୩ ମ୍ୟାଚରେ ମାତ୍ର ୬ଟି ଗୋଲ ଦେବାରେ ସକ୍ଷମ ହୋଇଥିବାବେଳେ ଅପେକ୍ଷାକୃତ ଦୁର୍ବଳ ୱେଲ୍ସଠାରୁ ୨ଟି ଗୋଲ ବରଣ କରିଛି। ଗୋଲ ବ୍ୟବଧାନ +୪ ରହିଛି। ଅନ୍ୟପକ୍ଷରେ +୯ ଗୋଲ ବ୍ୟବଧାନରେ ଇଂଲଣ୍ଡ ଆଗକୁ ବଢ଼ିଛି। ସ୍ପେନ୍ ବିପକ୍ଷରେ ୨-୦ ଗୋଲରେ ବିଜୟରୁ ଅଭିଯାନ ଆରମ୍ଭ କରିଥିବା ଭାରତ ଇଂଲଣ୍ଡ ବିପକ୍ଷ ମ୍ୟାଚକୁ ଗୋଲଶୂନ୍ୟ ଡ୍ର ରଖିଥିଲା। ଦୁର୍ବଳ ୱେଲ୍ସ ବିପକ୍ଷରେ ମାତ୍ର ୪-୨ ଗୋଲ ବ୍ୟବଧାନରେ ବିଜୟ ଦଳ ପାଇଁ ମହଙ୍ଗା ପଡ଼ିଥିଲା। ଅନ୍ୟ ଦଳଗୁଡ଼ିକ ୩ ମ୍ୟାଚରେ ୨୨ ଓ ୨୦ ଗୋଲ ଦେଇଥିବାବେଳେ ଭାରତ ମାତ୍ର ୬ ଗୋଲ ସ୍କୋର କରିବା ଦଳର ସ୍କୋରିଂ ଦକ୍ଷତାକୁ ପଦାରେ ପକାଇଛି। ଘରୋଇ ପରିବେଶ, ଦର୍ଶକ ସମର୍ଥନରୁ ଫାଇଦା ନେଇପାରିନାହିଁ ହରମନ୍‌ପ୍ରୀତ ସିଂଙ୍କ ଦଳ। ଦଳର ପେନାଲ୍ଟି କର୍ନର କନଭର୍ସନ ହାର ମଧ୍ୟ ଅତି ଦୁର୍ବଳ ରହିଛି। କ୍ୱାର୍ଟର ଫାଇନାଲରେ ପ୍ରବେଶ ପାଇଁ ଭାରତକୁ ଏବେ କ୍ରସ୍ ଓଭର ମ୍ୟାଚ ଖେଳିବାକୁ ପଡ଼ିବ। ଏଥିପାଇଁ ପୁଲ୍ 'ସି'ର ତୃତୀୟ ଦଳ ନ୍ୟୁଜିଲାଣ୍ଡକୁ ୨୨ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଭେଟିବ। ଯଦି ଏହି ମ୍ୟାଚରେ ବିଜୟୀ ହେବାରେ ସକ୍ଷମ ହୁଏ ତେବେ କ୍ୱାର୍ଟର ଫାଇନାଲରେ ଗତଥରର ଚାମ୍ପିୟନ ବେଲ୍‌ଜିୟମକୁ ଭେଟିବ। ତେଣୁ ଆଗକୁ ବଡ଼ ଚ୍ୟାଲେଞ୍ଜ ଆସୁଥିବାରୁ ଭାରତୀୟ ଦଳକୁ ଏବେଠାରୁ ସତର୍କ ହେବାକୁ ପଡ଼ିବ।



କଳିଙ୍ଗ ଷ୍ଟାଡିୟମ୍‌ରେ ଭାରତୀୟ ଦଳର ଅଭ୍ୟାସ।

## ୨୪ ମ୍ୟାଚ, ୧୩୦ ଗୋଲ

୪ଟି ଗ୍ରୁପ୍‌ରେ ୨୪ଟି ମ୍ୟାଚ ଅନୁଷ୍ଠିତ ହୋଇଥିବାବେଳେ ମୋଟ ୧୩୦ଟି ଗୋଲ ସ୍କୋର ହୋଇଛି। ଏହା ମଧ୍ୟରେ ଫିଲ୍ଡ ଗୋଲ ୮୦, ପେନାଲ୍ଟି କର୍ନର ଗୋଲ ୪୩ ଓ ପେନାଲ୍ଟି ଷ୍ଟ୍ରୋକ୍ ଗୋଲ ୭ ରହିଛି। ଅର୍ଥାତ୍ ମ୍ୟାଚ ପ୍ରତି ଗୋଲ ପ୍ରତିଶତ ୫.୪୨। ଟାଇଟଲ ଦାବିଦାର ନେଦରଲାଣ୍ଡ୍ସ ଦଳ ୩ ମ୍ୟାଚରୁ ସର୍ବାଧିକ ୨୨, ଅଷ୍ଟ୍ରେଲିଆ ୨୦ ଓ ବେଲ୍‌ଜିୟମ ୧୪ ଗୋଲ ଦେଇ ଶୀର୍ଷ ୩ ସ୍ଥାନରେ ରହିଛନ୍ତି। ନେଦରଲାଣ୍ଡ୍ସ ଓ ଅଷ୍ଟ୍ରେଲିଆ ପେନାଲ୍ଟି କର୍ନରରୁ ସର୍ବାଧିକ ୭ଟି ଲେଖାଏ ଗୋଲ ଦେଇଛନ୍ତି। ଫ୍ରାନ୍ସର ଭିକ୍ଟର ଚାର୍ଲେଟ ୬ ଗୋଲ ଦେଇ ଟପ୍ ସ୍କୋରର ଅଛନ୍ତି। ଅଷ୍ଟ୍ରେଲିଆର ବ୍ଲେକ ଗୋଭର୍ସ, ଜେରେମି ହେୱାର୍ଡ, ବେଲଜିୟମର ଟମ୍ ବୁନ୍, ନେଦରଲାଣ୍ଡ୍ସର ଥିଏରୀ ବ୍ରିଙ୍କମାନ ଓ ଜିପ୍ ଜାନସେନ ୪ଟି ଲେଖାଏ ଗୋଲ ଦେଇ ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏ ସବୁ ତୁଳନାରେ ଭାରତ ବହୁ ପଛରେ ପଡ଼ିଛି। ୩ ମ୍ୟାଚରୁ ଦଳ ମାତ୍ର ୬ଟି ଗୋଲ ସ୍କୋର କରିପାରିଛି। ଏହା ମଧ୍ୟରେ ୩ଟି ଲେଖାଏ ଫିଲ୍ଡ ଓ ପେନାଲ୍ଟି କର୍ନର ଗୋଲ ସାମିଲ। ଆକାଶଦୀପ ସିଂ ସର୍ବାଧିକ ୨ଟି ଗୋଲ ଦେଇଛନ୍ତି। ଅମିତ ରୋହିଦାସ, ହରମନପ୍ରୀତ ସିଂ, ହାର୍ଦ୍ଦିକ ସିଂ ଓ ସମଶେର ସିଂ ଗୋଟିଏ ଲେଖାଏ ଗୋଲ ଦେବାରେ ସକ୍ଷମ ହୋଇଛନ୍ତି। ପ୍ରତିଯୋଗିତାରେ ଏପର୍ଯ୍ୟନ୍ତ ୪୪ ଖେଳାଳି ଗ୍ରୀନ୍ କାର୍ଡ ଏବଂ ୧୫ ଜଣ ୟେଲୋ କାର୍ଡ ପାଇଛନ୍ତି। ତେବେ ଭଲ କଥା ହେଲୋ କେହି ଜଣେ ମଧ୍ୟ ଖେଳାଳି ରେଡ୍ କାର୍ଡ ପାଇ ନାହାନ୍ତି।

## ଗ୍ରୁପ୍ ପର୍ଯ୍ୟାୟ ଶେଷ

- ବେଲ୍‌ଜିୟମ, ନେଦରଲାଣ୍ଡ୍ସ, ଅଷ୍ଟ୍ରେଲିଆ, ଇଂଲଣ୍ଡ କ୍ୱାର୍ଟର ଫାଇନାଲରେ
- କ୍ରସ୍ ଓଭରରେ ଭାରତ-ନ୍ୟୁଜିଲାଣ୍ଡ, ସ୍ପେନ୍-ମାଲେସିଆ, ଆର୍ଜେଣ୍ଟିନା-ଦକ୍ଷିଣ କୋରିଆ ଓ ଜର୍ମାନୀ-ଫ୍ରାନ୍ସ
- କ୍ରସ୍ ଓଭର ଜିତିଲେ କ୍ୱାର୍ଟର ଫାଇନାଲରେ ବେଲଜିୟମକୁ ଭେଟିବ ହରମନପ୍ରୀତ ସିଂଙ୍କ ଦଳ

## ପୁଲ୍ ପର୍ଯ୍ୟାୟର ଅନ୍ତିମ ଦିବସରେ ୫ ହ୍ୟାଟ୍ରିକ

ପୁଲ୍ ପର୍ଯ୍ୟାୟର କେବଳ ଅନ୍ତିମ ଦିବସରେ ୫ ଖେଳାଳି ୩ କିମ୍ବା ତଦୂର୍ଦ୍ଧ୍ୱ ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ୪ଟି ଯାକ ଗ୍ରୁପ୍ ମ୍ୟାଚରେ କେହି ନା କେହି ଜଣେ ଖେଳାଳି ହ୍ୟାଟ୍ରିକ କରିଛନ୍ତି। ଫ୍ରାନ୍ସ-ଆର୍ଜେଣ୍ଟିନା ମ୍ୟାଚରେ ୨ଟି ହ୍ୟାଟ୍ରିକ ହୋଇଛି। ଅଷ୍ଟ୍ରେଲିଆର ବ୍ଲେକ ଗୋଭର୍ସ, ଫ୍ରାନ୍ସର ଭିକ୍ଟର ଚାର୍ଲେଟ, ଆର୍ଜେଣ୍ଟିନାର ନିକୋଲାସ ଡେଲା ଟୋରେ, ବେଲ୍‌ଜିୟମର ଟମ୍ ବୁନ୍ ଏବଂ ଜର୍ମାନୀର ନିକ୍ଲାସ ୱେଲେନ ହ୍ୟାଟ୍ରିକ ଅର୍ଜନ କରିଛନ୍ତି। କେବଳ ଅନ୍ତିମ ଦିବସରେ ୪ ମ୍ୟାଚରେ ୩୮ଟି ଗୋଲ ହୋଇଛି। ମ୍ୟାଚ ପିଛା ଗୋଲ ହାର ହେଉଛି ୯.୫। ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆ ୯-୨ ଗୋଲରେ ଦକ୍ଷିଣ ଆଫ୍ରିକାକୁ ହରାଇଥିବାବେଳେ ଆର୍ଜେଣ୍ଟିନା ଓ ଫ୍ରାନ୍ସ ମଧ୍ୟରେ ଦ୍ୱିତୀୟ ମ୍ୟାଚ ୫-୫ ଗୋଲରେ ଡ୍ର ରହିଥିଲା। ତୃତୀୟ ମ୍ୟାଚରେ ବେଲଜିୟମ ୭-୧ ଗୋଲରେ ଜାପାନକୁ ଏବଂ ଅନ୍ତିମ ମ୍ୟାଚରେ ଜର୍ମାନୀ ୭-୨ ଗୋଲ ବ୍ୟବଧାନରେ ଦକ୍ଷିଣ କୋରିଆକୁ ପରାସ୍ତ କରିଥିଲା।

## କ୍ୱାର୍ଟରରେ ଶୀର୍ଷ ୪

ପୁଲ୍ ପର୍ଯ୍ୟାୟ ଶେଷରେ ପ୍ରତି ଗ୍ରୁପ୍‌ର ଶୀର୍ଷ ୪ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏହି କ୍ରମରେ ଗ୍ରୁପ୍ 'ଏ'ରୁ ଅଷ୍ଟ୍ରେଲିଆ, 'ବି'ରୁ ବେଲ୍‌ଜିୟମ, 'ସି'ରୁ ନେଦରଲାଣ୍ଡ୍ସ ଏବଂ 'ଡି'ରୁ ଇଂଲଣ୍ଡ କ୍ୱାର୍ଟର ଫାଇନାଲ ପ୍ରବେଶରେ ସଫଳ ହୋଇଛନ୍ତି। ନିୟମ ଅନୁସାରେ ପ୍ରତି ଗ୍ରୁପ୍‌ର ୨ୟ ଓ ୩ୟ ସ୍ଥାନୀୟ ଦଳ କ୍ରସ୍ ଓଭର ମଧ୍ୟଦେଇ କ୍ୱାର୍ଟର ଫାଇନାଲ ଯୋଗ୍ୟତା ପାଇବେ। ୪ କ୍ରସ୍ ଓଭର ମ୍ୟାଚ ପରେ କ୍ୱାର୍ଟର ଫାଇନାଲର ଅନ୍ୟ ୪ଟି ସ୍ଥାନ ପୂରଣ ହେବ। ଏଥିପାଇଁ ମାଲେସିଆ-ସ୍ପେନ୍, ଭାରତ-ନ୍ୟୁଜିଲାଣ୍ଡ, ଆର୍ଜେଣ୍ଟିନା-ଦକ୍ଷିଣ କୋରିଆ ଏବଂ ଜର୍ମାନୀ-ଫ୍ରାନ୍ସ ମଧ୍ୟରେ ମୁକାବିଲା ହେବ। କ୍ୱାର୍ଟର ଫାଇନାଲରେ ମାଲେସିଆ-ସ୍ପେନ୍ ମ୍ୟାଚର ବିଜେତା ଅଷ୍ଟ୍ରେଲିଆକୁ, ଭାରତ-ନ୍ୟୁଜିଲାଣ୍ଡର ବିଜେତା ବେଲ୍‌ଜିୟମକୁ, ଆର୍ଜେଣ୍ଟିନା-ଦକ୍ଷିଣ କୋରିଆର ବିଜେତା ନେଦରଲାଣ୍ଡ୍ସକୁ ଏବଂ ଜର୍ମାନୀ-ଫ୍ରାନ୍ସ ମ୍ୟାଚର ବିଜେତା ଇଂଲଣ୍ଡକୁ ଭେଟିବ।

## ହକି ବିଶ୍ୱକପ୍

### କ୍ରସ୍ ଓଭର କାର୍ଯ୍ୟସୂଚୀ

**ଜାନୁୟାରୀ ୨୨: ମାଲେସିଆ ବନାମ ସ୍ପେନ୍**
ସମୟ: ଅପରାହ୍ନ ୪ଟା ୩୦
**ଭାରତ ବନାମ ନ୍ୟୁଜିଲାଣ୍ଡ**
ସମୟ: ରାତି ୭ଟା, ସ୍ଥାନ: କଳିଙ୍ଗ ଷ୍ଟାଡିୟମ
**ଜାନୁୟାରୀ ୨୩: ଆର୍ଜେଣ୍ଟିନା ବନାମ ଦକ୍ଷିଣ କୋରିଆ**
ସମୟ: ଅପରାହ୍ନ ୪ଟା ୩୦
**ଜର୍ମାନୀ ବନାମ ଫ୍ରାନ୍ସ**
ସମୟ: ରାତି ୭ଟା, ସ୍ଥାନ: କଳିଙ୍ଗ ଷ୍ଟାଡିୟମ

### କ୍ୱାର୍ଟର ଫାଇନାଲ କାର୍ଯ୍ୟସୂଚୀ

**ଜାନୁୟାରୀ ୨୪: ଅଷ୍ଟ୍ରେଲିଆ ବନାମ ପ୍ରଥମ କ୍ରସ୍ ଓଭରର ବିଜେତା**
ସମୟ: ଅପରାହ୍ନ ୪ଟା ୩୦
**ବେଲଜିୟମ ବନାମ ଦ୍ୱିତୀୟ କ୍ରସ୍ ଓଭରର ବିଜେତା**
ସମୟ: ରାତି ୭ଟା, ସ୍ଥାନ: କଳିଙ୍ଗ ଷ୍ଟାଡିୟମ
**ଜାନୁୟାରୀ ୨୫: ନେଦରଲାଣ୍ଡ୍ସ ବନାମ ତୃତୀୟ କ୍ରସ୍ ଓଭରର ବିଜେତା**
ସମୟ: ଅପରାହ୍ନ ୪ଟା ୩୦
**ଇଂଲଣ୍ଡ ବନାମ ଚତୁର୍ଥ କ୍ରସ୍ ଓଭରର ବିଜେତା**
ସମୟ: ରାତି ୭ଟା, ସ୍ଥାନ: କଳିଙ୍ଗ ଷ୍ଟାଡିୟମ



ବିର୍ସା ମୁଣ୍ଡା ଷ୍ଟାଡିୟମରେ ଶୁକ୍ରବାର ଜର୍ମାନୀ ଓ ଦକ୍ଷିଣ କୋରିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ବିର୍ସା ମୁଣ୍ଡାରେ ମ୍ୟାଚ ଦେଖିଲେ ଭିନ୍ନକ୍ଷମ ଛାତ୍ରୀଛାତ୍ର

**ରାଉରକେଲା ଅଫିସ ୨୦।୧:** ଭୁବନେଶ୍ୱରର ବିଭିନ୍ନ ଭିନ୍ନକ୍ଷମ ବିଦ୍ୟାଳୟରୁ ୧୬ ଜଣ ଛାତ୍ରୀଛାତ୍ର ଶୁକ୍ରବାର ରାଉରକେଲା ଆସି ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ବିଶ୍ୱକପ୍ ମ୍ୟାଚ ଦେଖିଛନ୍ତି। ସେମାନେ ବିମାନ ଯୋଗେ ଆସିଥିଲେ ଏବଂ ବେଶ୍ ଉତ୍ସାହିତ ଥିଲେ। ଏହି ସୁଯୋଗ ପାଇଥିବାରୁ ସେମାନେ ରାଜ୍ୟ ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଏଥିଲାଗି ଧନ୍ୟବାଦ ଜଣାଇଛନ୍ତି। ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ତତ୍ତ୍ୱାବଧାନରେ ଏହି ଛାତ୍ରୀଛାତ୍ରମାନେ ଆସିଥିଲେ। ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ସ୍ୱତନ୍ତ୍ର ବସ୍‌ରେ ସେମାନଙ୍କୁ ବିର୍ସା ମୁଣ୍ଡା ଷ୍ଟାଡିୟମକୁ ନିଆଯାଇଥିଲା। ଷ୍ଟାଡିୟମରେ ଯେପରି ସୁବିଧାରେ ମ୍ୟାଚ ଦେଖିପାରିବେ ସେଥିଲାଗି ଭିନ୍ନକ୍ଷମମାନଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ସେମାନଙ୍କ ଲାଗି ସିଟ୍ ସଂରକ୍ଷିତ ଥିଲା। ବିମାନ ଯାତ୍ରା ସାଙ୍ଗକୁ ହକି ମ୍ୟାଚ ଦେଖା ସେମାନଙ୍କୁ ଆନନ୍ଦିତ କରିଥିଲା। ଭୁବନେଶ୍ୱରସ୍ଥିତ ଶ୍ରୀହର୍ଷ ମିଶ୍ର ମେମୋରିଆଲ ସ୍କୁଲ ଫର୍ ଦ ଏଚଆଇ, ଏସ୍‌ଆଇଇପି, ଜୁଏଲ୍ସ ଇଣ୍ଟରନ୍ୟାଶନାଲ ଚେତନା ଇନଷ୍ଟିଚ୍ୟୁଟ୍ ଫର ଇଣ୍ଟେଲେକଚୁଆଲ ଡିଜାବିଲିଟି ଏବଂ ଏନ୍‌ସିଏସ୍‌ଡିଏର ମୋଟ ୧୬ ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ର ସେମାନଙ୍କ ଅଭିଭାବକ ଏବଂ ସାମାଜିକ ସୁରକ୍ଷା ତଥା ସଶକ୍ତୀକରଣ ବିଭାଗର ଅଧିକାରୀମାନେ ରାଉରକେଲା ଆସିଛନ୍ତି। ରାଉରକେଲାରେ ଏହି ଛାତ୍ରୀଛାତ୍ରୀମାନଙ୍କୁ ସ୍ୱାଗତ କରାଯିବା ବେଳେ ସ୍କୁଲ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଭୈରବ ସିଂ ପଟେଲ, ସୁନ୍ଦରଗଡ଼ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ହାବଡ଼ାସିଂ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ବିର୍ସା ମୁଣ୍ଡା ଷ୍ଟାଡିୟମରେ ଶୁକ୍ରବାର ମ୍ୟାଚ୍ ଦେଖିବା ପୂର୍ବରୁ ଭିନ୍ନକ୍ଷମ ଛାତ୍ରୀଛାତ୍ର।



ଜଣେ ଦର୍ଶକ ଟିକେଟ ପ୍ରଦର୍ଶନ କରୁଛନ୍ତି।

# ୪ ଦଳର ଅଭିଯାନ ଶେଷ

**ଭୁବନେଶ୍ୱର, ୨୦।୧ (କ୍ରୀଡ଼ା ପ୍ରତିନିଧି):** ଚଳିତ ହକି ବିଶ୍ୱକପର ଗ୍ରୁପ୍ ପର୍ଯ୍ୟାୟ ପରେ ୪ ଦଳର ଅଭିଯାନ ଶେଷ ହୋଇଛି। ଅର୍ଥାତ୍ ପ୍ରତି ଗ୍ରୁପ୍‌ର ୪ର୍ଥ ସ୍ଥାନୀୟ ଦଳ ଏଣିକି ପୋଜିଶନ ପାଇଁ କେବଳ କ୍ଲାସିଫିକେଶନ ମ୍ୟାଚ ଖେଳିବେ। ଏହି ୪ ଦଳ ହେଉଛନ୍ତି ଦକ୍ଷିଣ ଆଫ୍ରିକା, ଜାପାନ, ଚିଲି ଓ ୱେଲ୍ସ। ୪ଟି ଯାକ ଦଳ ୩ଟି ଲେଖାଏ ମ୍ୟାଚ ଖେଳିଥିଲେ ମଧ୍ୟ ପଏଣ୍ଟ ଖାତା ଖୋଲିପାରି ନାହାନ୍ତି। ଏହା ମଧ୍ୟରେ ୨ ପଦାର୍ପଣକାରୀ ଦଳ ଚିଲି ଓ ୱେଲ୍ସ ମଧ୍ୟ ରହିଛନ୍ତି। ଦକ୍ଷିଣ ଆଫ୍ରିକା ୩ଟି ଗୋଲ ଦେଇଥିବାବେଳେ ୧୨ଟି ବରଣ କରିଛି। ଜାପାନ ୨ଟି ଗୋଲ ଦେଇଛି ଏବଂ ୧୨ଟି ବରଣ କରିଛି। ସେହି ତୁଳନାରେ ଦେଖିବାକୁ ଗଲେ ଚିଲିର ଗୋଲ ସଂଖ୍ୟା ୩-୨୦ ଥିବାବେଳେ ୱେଲ୍ସର ୩-୧୪ ରହିଛି।

ଧରିତ୍ରୀ
DHARITRI

# ମେଡଭେଡେଭଙ୍କୁ ହରାଇଲେ କୋର୍ଡା

**ଅଷ୍ଟ୍ରେଲିଆନ ଓପନ ଟେନିସ**

ମେଲବୋର୍ନ,୨୦।୧(ଏପି)

ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ଆମେରିକାର ଯୁବ ଖେଳାଳି ସେବାଷ୍ଟିଆନ କୋର୍ଡା ଏଠାରେ ଦୁଇଥର ରନରଅପ୍ ଡାନିଲ ମେଡଭେଡେଭଙ୍କୁ ୭-୬ (୭), ୬-୩, ୭-୬ (୪) ରେ ହରାଇ ଦେଇଛନ୍ତି। ଏଠାରେ ୨୯ତମ ସିଡ୍ ଫ୍ଲୋରିଡାର ୨୨ ବର୍ଷୀୟ କୋର୍ଡା ୧୯୯୮ ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ପିଟରଙ୍କ ପୁତ୍ର। ପୂର୍ବତନ ଖେଳାଳି ଆନ୍ଦ୍ରେ ଆଗାସୀ ହେଉଛନ୍ତି ତାଙ୍କର ଜଣେ ମେଣ୍ଟର। ପ୍ରଥମ ଗ୍ରାଣ୍ଡସ୍ଲାମ କ୍ୱାର୍ଟରଫାଇନାଲରେ ପ୍ରବେଶ କରିବାକୁ ହେଲେ କୋର୍ଡାଙ୍କୁ ରବିବାର ୧୦ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ହୁବର୍ଟ ହୁର୍କାଜଙ୍କୁ ଅତିକ୍ରମ କରିବାକୁ ହେବ। ଚତୁର୍ଥ ରାଉଣ୍ଡକୁ ଉନ୍ନୀତ ହୋଇଥିବା ଅନ୍ୟ ପୁରୁଷ ଖେଳାଳିମାନେ ହେଲେ ଷ୍ଟିଫାନସ ସିଟ୍‌ସିପାସ୍, ଜାନିକ ସିନର, ଫେଲିକ୍ସ ଅଗର-ଅଲିଆସିମ୍, ଜିରି ଲେହେକା, କାରେନ କାଚାନୋଭ ଓ ୟୋଶିହିତୋ ନିଶିଓକା। ମହିଳା ସିଙ୍ଗଲ୍ସରେ ଆମେରିକାର ଟାଇଟଲ ଫେଭରାଇଟ୍ ଜେସିକା ପେଗୁଲା ଓ କୋକୋ ଗଫ୍ ସେମାନଙ୍କ ତୃତୀୟ ରାଉଣ୍ଡ ମ୍ୟାଚରେ ସହଜ ବିଜୟ ହାସଲ କରିଛନ୍ତି। ମେଲବୋର୍ନ ପାର୍କରେ ଗତ ଦୁଇବର୍ଷର କ୍ୱାର୍ଟରଫାଇନାଲିଷ୍ଟ ତୃତୀୟ ସିଡ୍ ପେଗୁଲା ୬-୦-୬-୨ରେ ମାର୍ଟା କୋଷ୍ଟିଉକ୍‌ଙ୍କୁ ପରାସ୍ତ କରିଥିବା ବେଳେ ୭ମ ସିଡ୍ ଗଫ୍ ୬-୩, ୬-୨ରେ ବର୍ନାଡା ପେରାଙ୍କୁ ହରାଇ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିବା ଅନ୍ୟ ଖେଳାଳିମାନେ ହେଲେ ନମ୍ବର ୱାନ ଇଗାସ୍ୱିଟେକ୍, ଏଲେନା ରିବାକିନା, ବାର୍‌ବୋରା କ୍ରେଜିକୋଭା, ଜେଲେନା ଓଷ୍ଟାପେଙ୍କୋ, ଭିକ୍ଟୋରିଆ ଆଜାରେଙ୍କା।


ସେବାଷ୍ଟିଆନ କୋର୍ଡା

## ଓପନିଂ ମ୍ୟାଚରେ ଭାରତ ବିଜୟୀ

**ଇଷ୍ଟ ଲଣ୍ଡନ (ଦକ୍ଷିଣ ଆଫ୍ରିକା), ୨୦।୧ (ପି.ଟି.):** ପଦାର୍ପଣକାରୀ ଅମନଜୋତ୍ କୌର (୩୦ ବଲ୍‌ରୁ ୪୧ରନ), ଅଲରାଉଣ୍ଡର ଦୀପ୍ତି ଶର୍ମା (୩୩ ରନ ଓ ୩ ଉଇକେଟ)ଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ଏଠାରେ ଚାଲିଥିବା ତ୍ରିରାଷ୍ଟ୍ରୀୟ ଅନ୍ତର୍ଜାତୀୟ ମହିଳା ଟି୨୦ ସିରିଜରେ ଭାରତ ଏହାର ଓପନିଂ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ୨୭ ରନରେ ପରାସ୍ତ କରିଛି। ସ୍ଥାନୀୟ ବଫାଲୋ ପାର୍କର ଶୁଷ୍କ ଓ ଧିମା ପିଚ୍‌ରେ ଟସ୍ ଜିତିବା ପରେ ଦକ୍ଷିଣ ଆଫ୍ରିକା ବୋଲିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୧୨ ଓଭର ଭିତରେ ମାତ୍ର ୬୯ରନରେ ଏହାର ଅଧା ବ୍ୟାଟରଙ୍କୁ ହରାଇବସିଥିଲା। ପରେ ଦୀପ୍ତି ଏକ ଦାୟିତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ସେ ୨୩ ବଲ୍‌ରୁ ୩୩ ରନ ସଂଗ୍ରହ କରିଥିଲେ। ସେ ଓ ୨୩ ବର୍ଷୀୟା ଅମନଜିତ୍ ପାର୍ଟନରଶିପ୍‌ରେ ୫୦ ବଲ୍‌ରୁ ୭୬ ରନ ଯୋଗ କରିଥିଲେ, ଫଳରେ ଭାରତ ୧୪୭/୬ ସ୍କୋର କରିପାରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ଓଭରରେ ୯ଉଇକେଟ ବିନିମୟରେ ୧୨୦ ରନ କରିଥିଲା। ଭାରତ ତରଫରୁ ଦୀପ୍ତି ୩୦ ରନ ବିନିମୟରେ ୩ ଉଇକେଟ ନେଇଥିଲେ।

## ସାଇବର କ୍ରାଇମ୍ ଆଇସିସି ହରାଇଛି ୨.୫ ନିୟୁତ ଡଲାର

**ନୂଆଦିଲ୍ଲୀ, ୨୦।୧ (ପି.ଟି.):** ସାଇବର କ୍ରାଇମ୍‌ର ଶିକାର ହୋଇ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପାଖାପାଖି ୨.୫ ନିୟୁତ ଆମେରିକୀୟ ଡଲାର ହରାଇଛି। ଏକ ରିପୋର୍ଟରେ ଏହା ପ୍ରକାଶ ପାଇଛି। ଗତବର୍ଷ ଏହି ଘଟଣା ଘଟିଛି। ଆର୍ଥିକ ଘୋଟାଲା କରିବା ଲାଗି ଠକମାନଙ୍କ ଦ୍ୱାରା ବ୍ୟବହୃତ ମାର୍ଗ ହେଉଛି ବିଜନେସ ଇ-ମେଲ୍ କମ୍ପ୍ରୋମାଇଜ୍ (ବିଇସି)। ଏହାକୁ ଇ-ମେଲ ଆକାଉଣ୍ଟ କମ୍ପ୍ରୋମାଇଜ୍ ବୋଲି ମଧ୍ୟ କୁହାଯାଇଥାଏ। ଅନ୍‌ଲାଇନରେ ଏହାକୁ ଅନ୍ୟତମ ବଡ଼ ଆର୍ଥିକ ଅପରାଧ ବୋଲି କହିଛି ଫେଡେରାଲେ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ (ଏଫ୍‌ବିଆଇ)। ଏହା ଆମେରିକାରୁ ସଂଗଠିତ ହୋଇଛି। ଏହି ସ୍କାମ୍ କିପରି ଘଟିଲା ତାହା ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ତେବେ ଆଇସିସି ପକ୍ଷରୁ ଇତିମଧ୍ୟରେ ଏନେଇ ତଦନ୍ତ କାର୍ଯ୍ୟ ଆରମ୍ଭ ହୋଇଛି। ଠକମାନେ କେଉଁ ସୂତ୍ରରେ ଆଇସିସି ଆକାଉଣ୍ଟରୁ ଅର୍ଥ ଟ୍ରାନ୍ସଫର କଲେ ତାହା ଜଣାପଡ଼ି ନାହିଁ। ସେମାନଙ୍କର ହୁଏତ ଦୁବାଇସ୍ଥିତ ମୁଖ୍ୟ କାର୍ଯ୍ୟାଳୟର କାହା ସହିତ ସିଧାସଳଖ ସମ୍ପର୍କ ଥାଇପାରେ ସେମାନେ ଆଇସିସି ଭେଣ୍ଡର କିମ୍ବା ପରାମର୍ଶଦାତାଙ୍କ ସହାୟତା ନେଇ ପାରିଥାନ୍ତି ବୋଲି ଅନୁମାନ କରାଯାଉଛି। ଏହି କାରବାର ଏକ ସିଙ୍ଗଲ ପେମେଣ୍ଟ କିମ୍ବା ଏକାଧିକ ଓ୍ୱାର ଟ୍ରାନ୍ସଫର ଦ୍ୱାରା ହୋଇଛି ତାହା ମଧ୍ୟ ସ୍ପଷ୍ଟ ହୋଇ ନାହିଁ।




## ରଞ୍ଜିତ-ଜ୍ଞାନ ଚାମ୍ପିୟନ


ପୁରସ୍କାର ସହ ରଞ୍ଜିତ କୁମାର ବାଣ୍ଡ ଓ ଜ୍ଞାନ ଚାନ୍ଦ।

ଭୁବନେଶ୍ୱର, ୨୦।୧
(କ୍ରୀଡ଼ା ପ୍ରତିନିଧି)

ରାଜସ୍ଥାନର ଉଦୟପୁରରେ ଅନୁଷ୍ଠିତ ଆନ୍ତଃ ମାଷ୍ଟର ଡବଲ୍ସ ରାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ରଞ୍ଜିତ କୁମାର ବାଣ୍ଡ ଓ ଜ୍ଞାନ ଚାନ୍ଦ ଯୋଡ଼ି ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଏପରି ଏକ ସମ୍ମାନଜନକ ଟୁର୍ନାମେଣ୍ଟରେ ଚାମ୍ପିୟନ ହେବା ଓଡ଼ିଶା ପ୍ରତିଯୋଗୀଙ୍କ କ୍ଷେତ୍ରରେ ପ୍ରଥମ। ରଞ୍ଜିତ ଓ ଜ୍ଞାନ ଚାନ୍ଦ ଫାଇନାଲରେ ଟପ୍ ସିଡ୍ କର୍ନାଟକର ରାଘବନ୍ ଏବଂ ତାଙ୍କ ପାର୍ଟନରଙ୍କୁ ପରାସ୍ତ କରିଥିଲେ। ଦୁହେଁ ଆମେଚର ବ୍ୟାଡ୍‌ମିଣ୍ଟନ କ୍ଲବର ସଦସ୍ୟ।

## ଫୁଟ୍‌ବଲର ଆଲ୍‌ଭେସ୍ ସ୍ପେନ୍‌ରେ ଗିରଫ

**ବାର୍ସିଲୋନା, ୨୦।୧ (ଏପି):** ବ୍ରାଜିଲ ଫୁଟ୍‌ବଲ ଖେଳାଳି ଡାନି ଆଲ୍‌ଭେସ୍ ଶୁକ୍ରବାର ଗିରଫ ହୋଇଛନ୍ତି। ସ୍ପେନ୍‌ରେ ସେ ଜଣେ ମହିଳାଙ୍କୁ ଟଣାଓଟରା କରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ଡିସେମ୍ବର ୩୧ରେ ବାର୍ସିଲୋନାସ୍ଥିତ ଏକ ନାଇଟ୍ କ୍ଲବରେ ଘଟିଥିଲା। ଆଲ୍‌ଭେସ୍‌ଙ୍କୁ କୋର୍ଟରେ ହାଜର କରାଯିବ। ୩୯ ବର୍ଷୀୟ ଆଲଭେସ୍ ଜଣେ ଅନ୍ୟତମ ସଫଳ ଫୁଟ୍‌ବଲ ଖେଳାଳି। ସେ ତାଙ୍କ ଲମ୍ବା କ୍ୟାରିୟରରେ ବହୁ ଏଲିଟ୍ କ୍ଲବ ଯଥା ବାର୍ସିଲୋନା, ଜୁଭେଣ୍ଟସ ଓ ପ୍ୟାରିସ ସେଣ୍ଟ-ଜର୍ମେନ ସହ ଅନେକ ପ୍ରମୁଖ ଟୁର୍ନାମେଣ୍ଟ ଟାଇଟଲ ଜିତିଛନ୍ତି।



ବର୍ତ୍ତମାନ ସେ ମେକ୍ସିକାନ କ୍ଲବ ପୁମାସ୍ ତରଫରୁ ଖେଳୁଛନ୍ତି। ଏହି ଡିଫେଣ୍ଡର ବାର୍ସିଲୋନାର ସୁବର୍ଣ୍ଣ ବର୍ଷ (୨୦୦୮-୧୬)ରେ ଦଳର ଜଣେ ପ୍ରମୁଖ ଖେଳାଳି ଥିଲେ। ସେ ଲିଓନେଲ ମେସିଙ୍କ ସହ ରାଇଟ୍ ଫ୍ଲାଙ୍କରେ ଖେଳୁଥିଲେ। କାଟାଲାନ କ୍ଲବ ସହ ସେ ୩ଥର ଚାମ୍ପିୟନ୍ସ ଲିଗ୍ ଜିତିଛନ୍ତି।

## ଭାରତ-ନ୍ୟୁଜିଲାଣ୍ଡ ଦ୍ୱିତୀୟ ଦିନିକିଆ ଆଜି

ରାୟପୁର, ୨୦।୧ (ପି.ଟି.)

ଭାରତ ଓ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ମଧ୍ୟରେ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ଏଠାରେ ଶନିବାର ଖେଳାଯିବ। ଏଥିରେ ବିଜୟ ଲାଭ କରି ୨-୦ରେ ଅଗ୍ରଣୀ ସହ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ କବ୍‌ଜା କରିନେବାକୁ ଚାହିଁବ। ରାୟପୁର ସହର ପ୍ରଥମ ଥର ଏକ ଆନ୍ତର୍ଜାତୀୟ ମ୍ୟାଚ ଆୟୋଜନ କରିବାକୁ ଯାଉଛି। ଖେଳାଳିଙ୍କୁ ଉତ୍ସାହିତ କରିବା ଲାଗି ଷ୍ଟାଡିୟମରେ ୬୦,୦୦୦ରୁ ଉର୍ଦ୍ଧ୍ୱ ଦର୍ଶକ ଉପସ୍ଥିତ ରହିବେ ବୋଲି ଆଶା କରାଯାଉଛି। ଏହି ମ୍ୟାଚରେ ଭାରତ ମିଡିଲ ଅର୍ଡରରୁ ଅଧିକ ରନ ଆଶା କରିବ। ପୁନଶ୍ଚ ଡେଥ୍ ଓଭରଗୁଡ଼ିକରେ ଶୃଙ୍ଖଳିତ ବୋଲିଂ କରିବାକୁ ହେବ। ଗତ ମ୍ୟାଚରେ ୩୫୦ ରନର ବିଜୟ ଲକ୍ଷ୍ୟ ଚେଜ୍ କରୁଥିବା ବେଳେ ନ୍ୟୁଜିଲାଣ୍ଡ ଦଳ ଏକଦା ୧୩୧ ରନ୍‌ରେ ୬ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ମାତ୍ର ଦଳ ପରେ ଲଢୁଆ ପ୍ରତ୍ୟାବର୍ତ୍ତନ କରି ୨୦୬ ରନ ଯୋଗ କରିବାରେ ସମର୍ଥ ହୋଇଥିଲା, ଯାହାକି ଭାରତ ପାଇଁ ଚିନ୍ତାର ବିଷୟ। ଭ୍ରମଣକାରୀ ଦଳ ଏପରିକି ବିଜୟ ସମ୍ଭାବନା ସୃଷ୍ଟି କରିଥିଲା। ମାତ୍ର ମହମ୍ମଦ ସିରାଜ ଚମତ୍କାର ବୋଲିଂ କରି ସେଥିରେ ଅଙ୍କୁଶ ଲଗାଇଥିଲେ। ମ୍ୟାଚରେ ଶୁବମନ ଗିଲ୍‌ଙ୍କ ଚିତାକର୍ଷକ ଦ୍ୱିଶତକ ଯୋଗୁ ଭାରତ ଏକ ବଡ଼ ସ୍କୋର କରିପାରିଥିଲା। ବିରାଟ କୋହଲି, ଅଧିନାୟକ ରୋହିତ ଶର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଇଶାନ କିଶନ ଆଶାନୁରୂପ ବ୍ୟାଟିଂ କରିପାରି ନ ଥିଲେ। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ଗତ ମ୍ୟାଚରୁ କିଛି ଶିକ୍ଷା ଲାଭ କରିଛି। ଏଥର ସେଥିରେ ସୁଧାର ଆଣିବାକୁ ଚେଷ୍ଟା କରିବ। ପ୍ରଥମ ଦିନିକିଆରେ ଫିନ୍ ଆଲେନ୍ କେତୋଟି ଭଲ ଶଟ୍ ଖେଳିଥିଲେ ମାତ୍ର ବଡ଼ ସ୍କୋର କରିପାରି ନ ଥିଲେ। କେନ୍ ୱିଲିୟମ୍ସଙ୍କ ଅନୁପସ୍ଥିତିରେ ଜଣେ କେହି କ୍ରିଜ୍‌ରେ ଅଧିକ ସମୟ ମହଜୁଦ ରହି ଦଳର ଇନିଂସକୁ ଆଗେଇ ନେବା ଆବଶ୍ୟକତା ରହିଛି। ଗିଲ୍‌ଙ୍କଠାରୁ ପ୍ରହାର ଖାଇଥିଲେ ମଧ୍ୟ ହେନ୍‌ରୀ ଶିପ୍‌ଲୀ, ଲୋକି ଫର୍ଗୁସନ ଓ ବ୍ଲେୟାର ଟିକ୍‌ନର ଶନିବାର ମ୍ୟାଚରେ ଉନ୍ନତ ବୋଲିଂ କରିବାକୁ ଚେଷ୍ଟା କରିବେ। ଦଳ ପାଇଁ କର ଅବା ମର ମ୍ୟାଚ ପାଇଁ ଇଶ୍ ସୋଧି ସମ୍ପୂର୍ଣ୍ଣ ଫିଟ୍ ନେସ ଫେରିପାଉଛନ୍ତି କି ନା ତାହା ଶନିବାର ସ୍ପଷ୍ଟ ହେବ।

**ମ୍ୟାଚ ଆରମ୍ଭ: ଅପରାହ୍ଣ ୧ଟା ୩୦**




## ଡ୍ର ମ୍ୟାଚରେ ଶୁଭ୍ରାଂଶୁଙ୍କ ଶତକ

**ରଣଜୀ ଟ୍ରଫି**

ଭୁବନେଶ୍ୱର, ୨୦।୧
(କ୍ରୀଡ଼ା ପ୍ରତିନିଧି)

ମିରୁଟରେ ଶୁକ୍ରବାର ଶେଷ ହୋଇଥିବା ଓଡ଼ିଶା-ଉତ୍ତର ପ୍ରଦେଶ ରଣଜୀ ଟ୍ରଫି ମ୍ୟାଚ ଡ୍ର ରହିଛି। ଓଡ଼ିଶା ଦଳର ଅଧିନାୟକ ଶୁଭ୍ରାଂଶୁ ସେନାପତି ଶତକ ହାସଲ କରି ଉଲ୍ଲେଖନୀୟ ସଫଳତା ପାଇଥିବାବେଳେ ଓପନର ଅନୁରାଗ ଷଡ଼ଙ୍ଗୀ ୯୧ ରନର ଇନିଂସ ଖେଳିଛନ୍ତି। ତେବେ ପ୍ରଥମ ଇନିଂସରେ ଅଗ୍ରଣୀ ରହିଥିବାରୁ ଉତ୍ତର ପ୍ରଦେଶ ୩ ପଏଣ୍ଟ ହାସଲ କରିଛି। ଓଡ଼ିଶାକୁ ମାତ୍ର ୧ ପଏଣ୍ଟ ମିଳିଛି। ତୃତୀୟ ଦିବସର ଅସମାପ୍ତ ସ୍କୋର ୧୫୨/୧ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ୪ର୍ଥ ଦିବସ ଖେଳ ଶେଷ ବେଳକୁ ୪ ଉଇକେଟ ହରାଇ ୩୩୫ ରନ ସଂଗ୍ରହ କରିଥିଲା। ଶୁଭ୍ରାଂଶୁ ୧୭୯ ବଲ୍‌ରୁ ୨୦ ଚୌକା ଓ ୨ ଛକା ସହାୟତାରେ ସର୍ବାଧିକ ୧୪୫ ରନ ସଂଗ୍ରହ କରିଥିଲେ। ୯ ରନପାଇଁ ଶତକରୁ ବଞ୍ଚିତ ହୋଇଥିବା ଅନୁରାଗ ଷଡ଼ଙ୍ଗୀ ୯୧ ରନର ଇନିଂସ ମଧ୍ୟରେ ୧୦ ଚୌକା ଓ ୨ ଛକା ମାରିଥିଲେ। ଗୋବିନ୍ଦ ପୋଦ୍ଦାର ୫୩ ଓ ରାଜେଶ ଧୂପର ୨୨ ରନରେ ଅପରାଜିତ ରହିଥିଲେ। ଉତ୍ତର ପ୍ରଦେଶ ପକ୍ଷରୁ ସୌରଭ କୁମାର ୨ଟି ଏବଂ ଶିବମ୍ ମାଭି ଓ କରନ ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ ୨୨୬। ଉତ୍ତର ପ୍ରଦେଶ ପ୍ରଥମ ଇନିଂସ: ୩୬୨। ଓଡ଼ିଶା ଦ୍ୱିତୀୟ ଇନିଂସ: ୩୩୫/୪ (ଶୁଭ୍ରାଂଶୁ ସେନାପତି-୧୪୫, ଅନୁରାଗ ଷଡ଼ଙ୍ଗୀ-୯୧, ଗୋବିନ୍ଦ ପୋଦ୍ଦାର-୫୩*, ସୌରଭ କୁମାର-୨/୯୮, ଶିବମ୍ ମାଭି-୧/୧/୫୨, କରନ ଶର୍ମା-୧/୭୩)।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ମେଡଭେଡେଭଙ୍କୁ ହରାଇଲେ କୋର୍ଡା

**ଅଷ୍ଟ୍ରେଲିଆନ ଓପନ ଟେନିସ**

ମେଲବୋର୍ନ,୨୦।୧(ଏପି)

ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ଆମେରିକାର ଯୁବ ଖେଳାଳି ସେବାଷ୍ଟିଆନ କୋର୍ଡା ଏଠାରେ ଦୁଇଥର ରନରଅପ୍ ଡାନିଲ ମେଡଭେଡେଭଙ୍କୁ ୭-୬ (୭), ୬-୩, ୭-୬ (୪) ରେ ହରାଇ ଦେଇଛନ୍ତି। ଏଠାରେ ୨୯ତମ ସିଡ୍ ଫ୍ଲୋରିଡାର ୨୨ ବର୍ଷୀୟ କୋର୍ଡା ୧୯୯୮ ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ପିଟରଙ୍କ ପୁତ୍ର। ପୂର୍ବତନ ଖେଳାଳି ଆନ୍ଦ୍ରେ ଆଗାସୀ ହେଉଛନ୍ତି ତାଙ୍କର ଜଣେ ମେଣ୍ଟର। ପ୍ରଥମ ଗ୍ରାଣ୍ଡସ୍ଲାମ କ୍ୱାର୍ଟରଫାଇନାଲରେ ପ୍ରବେଶ କରିବାକୁ ହେଲେ କୋର୍ଡାଙ୍କୁ ରବିବାର ୧୦ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ହୁବର୍ଟ ହୁର୍କାଜଙ୍କୁ ଅତିକ୍ରମ କରିବାକୁ ହେବ। ଚତୁର୍ଥ ରାଉଣ୍ଡକୁ ଉନ୍ନୀତ ହୋଇଥିବା ଅନ୍ୟ ପୁରୁଷ ଖେଳାଳିମାନେ ହେଲେ ଷ୍ଟିଫାନସ ସିତ୍ସିପାସ୍, ଜାନିକ ସିନର, ଫେଲିକ୍ସ ଅଗର-ଅଲିଆସିମ୍, ଜିରି ଲେହେକା, କାରେନ କାଚାନୋଭ ଓ ୟୋଶିହିତୋ ନିଶିଓକା। ମହିଳା ସିଙ୍ଗଲ୍ସରେ ଆମେରିକାର ଟାଇଟଲ ଫେଭରାଇଟ୍ ଜେସିକା ପେଗୁଲା ଓ କୋକୋ ଗଫ୍ ସେମାନଙ୍କ ତୃତୀୟ ରାଉଣ୍ଡ ମ୍ୟାଚରେ ସହଜ ବିଜୟ ହାସଲ କରିଛନ୍ତି। ମେଲବୋର୍ନ ପାର୍କରେ ଗତ ଦୁଇବର୍ଷର କ୍ୱାର୍ଟରଫାଇନାଲିଷ୍ଟ ତୃତୀୟ ସିଡ୍ ପେଗୁଲା ୬-୦-୬-୨ରେ ମାର୍ଟା କୋଷ୍ଟିଉକ୍‌ଙ୍କୁ ପରାସ୍ତ କରିଥିବା ବେଳେ ୭ମ ସିଡ୍ ଗଫ୍ ୬-୩, ୬-୨ରେ ବର୍ନାଡା ପେରାଙ୍କୁ ହରାଇ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିବା ଅନ୍ୟ ଖେଳାଳିମାନେ ହେଲେ ନମ୍ବର ୱାନ ଇଗାସ୍ୱିଟେକ୍, ଏଲେନା ରିବାକିନା, ବାର୍‌ବୋରା କ୍ରେଜିକୋଭା, ଜେଲେନା ଓଷ୍ଟାପେଙ୍କୋ, ଭିକ୍ଟୋରିଆ ଆଜାରେଙ୍କା।



ସେବାଷ୍ଟିଆନ କୋର୍ଡା

# ଓପନିଂ ମ୍ୟାଚରେ ଭାରତ ବିଜୟୀ

**ଇଷ୍ଟ ଲଣ୍ଡନ (ଦକ୍ଷିଣ ଆଫ୍ରିକା), ୨୦।୧ (ପି.ଟି.):** ପଦାର୍ପଣକାରୀ ଅମନଜୋତ୍ କୌର (୩୦ ବଲ୍‌ରୁ ୪୧ରନ), ଅଲରାଉଣ୍ଡର ଦୀପ୍ତି ଶର୍ମା (୩୩ ରନ ଓ ୩ ଉଇକେଟ)ଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ଏଠାରେ ଚାଲିଥିବା ତ୍ରିରାଷ୍ଟ୍ରୀୟ ଅନ୍ତର୍ଜାତୀୟ ମହିଳା ଟି୨୦ ସିରିଜରେ ଭାରତ ଏହାର ଓପନିଂ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ୨୭ ରନରେ ପରାସ୍ତ କରିଛି। ସ୍ଥାନୀୟ ବଫାଲୋ ପାର୍କର ଶୁଷ୍କ ଓ ଧିମା ପିଚ୍‌ରେ ଟସ୍ ଜିତିବା ପରେ ଦକ୍ଷିଣ ଆଫ୍ରିକା ବୋଲିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୧୨ ଓଭର ଭିତରେ ମାତ୍ର ୬୯ରନରେ ଏହାର ଅଧା ବ୍ୟାଟରଙ୍କୁ ହରାଇବସିଥିଲା। ପରେ ଦୀପ୍ତି ଏକ ଦାୟିତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ସେ ୨୩ ବଲ୍‌ରୁ ୩୩ ରନ ସଂଗ୍ରହ କରିଥିଲେ। ସେ ଓ ୨୩ ବର୍ଷୀୟା ଅମନଜିତ୍ ପାର୍ଟନରଶିପ୍‌ରେ ୫୦ ବଲ୍‌ରୁ ୭୬ ରନ ଯୋଗ କରିଥିଲେ, ଫଳରେ ଭାରତ ୧୪୭/୬ ସ୍କୋର କରିପାରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ଓଭରରେ ୯ଉଇକେଟ ବିନିମୟରେ ୧୨୦ ରନ କରିଥିଲା। ଭାରତ ତରଫରୁ ଦୀପ୍ତି ୩୦ ରନ ବିନିମୟରେ ୩ ଉଇକେଟ ନେଇଥିଲେ।

# ସାଇବର କ୍ରାଇମ୍ ଆଇସିସି ହରାଇଛି ୨.୫ ନିୟୁତ ଡଲାର

**ନୂଆଦିଲ୍ଲୀ, ୨୦।୧ (ପି.ଟି.):** ସାଇବର କ୍ରାଇମ୍‌ର ଶିକାର ହୋଇ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପାଖାପାଖି ୨.୫ ନିୟୁତ ଆମେରିକୀୟ ଡଲାର ହରାଇଛି। ଏକ ରିପୋର୍ଟରେ ଏହା ପ୍ରକାଶ ପାଇଛି। ଗତବର୍ଷ ଏହି ଘଟଣା ଘଟିଛି। ଆର୍ଥିକ ଘୋଟାଲା କରିବା ଲାଗି ଠକମାନଙ୍କ ଦ୍ୱାରା ବ୍ୟବହୃତ ମାର୍ଗ ହେଉଛି ବିଜନେସ ଇ-ମେଲ୍ କମ୍ପ୍ରୋମାଇଜ୍ (ବିଇସି)। ଏହାକୁ ଇ-ମେଲ ଆକାଉଣ୍ଟ କମ୍ପ୍ରୋମାଇଜ୍ ବୋଲି ମଧ୍ୟ କୁହାଯାଇଥାଏ। ଅନ୍‌ଲାଇନରେ ଏହାକୁ ଅନ୍ୟତମ ବଡ଼ ଆର୍ଥିକ ଅପରାଧ ବୋଲି କହିଛି ଫେଡେରାଲେ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ (ଏଫ୍‌ବିଆଇ)। ଏହା ଆମେରିକାରୁ ସଂଗଠିତ ହୋଇଛି। ଏହି ସ୍କାମ୍ କିପରି ଘଟିଲା ତାହା ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ତେବେ ଆଇସିସି ପକ୍ଷରୁ ଇତିମଧ୍ୟରେ ଏନେଇ ତଦନ୍ତ କାର୍ଯ୍ୟ ଆରମ୍ଭ ହୋଇଛି। ଠକମାନେ କେଉଁ ସୂତ୍ରରେ ଆଇସିସି ଆକାଉଣ୍ଟରୁ ଅର୍ଥ ଟ୍ରାନ୍ସଫର କଲେ ତାହା ଜଣାପଡ଼ି ନାହିଁ। ସେମାନଙ୍କର ହୁଏତ ଦୁବାଇସ୍ଥିତ ମୁଖ୍ୟ କାର୍ଯ୍ୟାଳୟର କାହା ସହିତ ସିଧାସଳଖ ସମ୍ପର୍କ ଥାଇପାରେ ସେମାନେ ଆଇସିସି ଭେଣ୍ଡର କିମ୍ବା ପରାମର୍ଶଦାତାଙ୍କ ସହାୟତା ନେଇ ପାରିଥାନ୍ତି ବୋଲି ଅନୁମାନ କରାଯାଉଛି। ଏହି କାରବାର ଏକ ସିଙ୍ଗଲ ପେମେଣ୍ଟ କିମ୍ବା ଏକାଧିକ ଓ୍ୱାର ଟ୍ରାନ୍ସଫର ଦ୍ୱାରା ହୋଇଛି ତାହା ମଧ୍ୟ ସ୍ପଷ୍ଟ ହୋଇ ନାହିଁ।




# ରଞ୍ଜିତ-ଜ୍ଞାନ ଚାମ୍ପିୟନ



ପୁରସ୍କାର ସହ ରଞ୍ଜିତ କୁମାର ବାଣ୍ଡ ଓ ଜ୍ଞାନ ଚାନ୍ଦ।

ଭୁବନେଶ୍ୱର, ୨୦।୧
(କ୍ରୀଡ଼ା ପ୍ରତିନିଧି)

ରାଜସ୍ଥାନର ଉଦୟପୁରରେ ଅନୁଷ୍ଠିତ ଆନ୍ତଃ ମାଷ୍ଟର ଡବଲ୍ସ ରାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ରଞ୍ଜିତ କୁମାର ବାଣ୍ଡ ଓ ଜ୍ଞାନ ଚାନ୍ଦ ଯୋଡ଼ି ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଏପରି ଏକ ସମ୍ମାନଜନକ ଟୁର୍ନାମେଣ୍ଟରେ ଚାମ୍ପିୟନ ହେବା ଓଡ଼ିଶା ପ୍ରତିଯୋଗୀଙ୍କ କ୍ଷେତ୍ରରେ ପ୍ରଥମ। ରଞ୍ଜିତ ଓ ଜ୍ଞାନ ଚାନ୍ଦ ଫାଇନାଲରେ ଟପ୍ ସିଡ୍ କର୍ନାଟକର ରାଘବନ୍ ଏବଂ ତାଙ୍କ ପାର୍ଟନରଙ୍କୁ ପରାସ୍ତ କରିଥିଲେ। ଦୁହେଁ ଆମେଚର ବ୍ୟାଡ୍‌ମିଣ୍ଟନ କ୍ଲବର ସଦସ୍ୟ।

# ଫୁଟ୍‌ବଲର ଆଲ୍‌ଭେସ୍ ସ୍ପେନ୍‌ରେ ଗିରଫ

**ବାର୍ସିଲୋନା, ୨୦।୧ (ଏପି):** ବ୍ରାଜିଲ ଫୁଟ୍‌ବଲ ଖେଳାଳି ଡାନି ଆଲ୍‌ଭେସ୍ ଶୁକ୍ରବାର ଗିରଫ ହୋଇଛନ୍ତି। ସ୍ପେନ୍‌ରେ ସେ ଜଣେ ମହିଳାଙ୍କୁ ଟଣାଓଟରା କରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ଡିସେମ୍ବର ୩୧ରେ ବାର୍ସିଲୋନାସ୍ଥିତ ଏକ ନାଇଟ୍ କ୍ଲବରେ ଘଟିଥିଲା। ଆଲ୍‌ଭେସ୍‌ଙ୍କୁ କୋର୍ଟରେ ହାଜର କରାଯିବ। ୩୯ ବର୍ଷୀୟ ଆଲଭେସ୍ ଜଣେ ଅନ୍ୟତମ ସଫଳ ଫୁଟ୍‌ବଲ ଖେଳାଳି। ସେ ତାଙ୍କ ଲମ୍ବା କ୍ୟାରିୟରରେ ବହୁ ଏଲିଟ୍ କ୍ଲବ ଯଥା ବାର୍ସିଲୋନା, ଜୁଭେଣ୍ଟସ ଓ ପ୍ୟାରିସ ସେଣ୍ଟ-ଜର୍ମେନ ସହ ଅନେକ ପ୍ରମୁଖ ଟୁର୍ନାମେଣ୍ଟ ଟାଇଟଲ ଜିତିଛନ୍ତି।



ବର୍ତ୍ତମାନ ସେ ମେକ୍ସିକାନ କ୍ଲବ ପୁମାସ୍ ତରଫରୁ ଖେଳୁଛନ୍ତି। ଏହି ଡିଫେଣ୍ଡର ବାର୍ସିଲୋନାର ସୁବର୍ଣ୍ଣ ବର୍ଷ (୨୦୦୮-୧୬)ରେ ଦଳର ଜଣେ ପ୍ରମୁଖ ଖେଳାଳି ଥିଲେ। ସେ ଲିଓନେଲ ମେସିଙ୍କ ସହ ରାଇଟ୍ ଫ୍ଲାଙ୍କ୍‌ରେ ଖେଳୁଥିଲେ। କାଟାଲାନ କ୍ଲବ ସହ ସେ ୩ଥର ଚାମ୍ପିୟନ୍ସ ଲିଗ୍ ଜିତିଛନ୍ତି।

# ଭାରତ-ନ୍ୟୁଜିଲାଣ୍ଡ ଦ୍ୱିତୀୟ ଦିନିକିଆ ଆଜି

ରାୟପୁର, ୨୦।୧ (ପି.ଟି.)

ଭାରତ ଓ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ମଧ୍ୟରେ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ଏଠାରେ ଶନିବାର ଖେଳାଯିବ। ଏଥିରେ ବିଜୟ ଲାଭ କରି ୨-୦ରେ ଅଗ୍ରଣୀ ସହ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ କବ୍‌ଜା କରିନେବାକୁ ଚାହିଁବ। ରାୟପୁର ସହର ପ୍ରଥମ ଥର ଏକ ଆନ୍ତର୍ଜାତୀୟ ମ୍ୟାଚ ଆୟୋଜନ କରିବାକୁ ଯାଉଛି। ଖେଳାଳିଙ୍କୁ ଉତ୍ସାହିତ କରିବା ଲାଗି ଷ୍ଟାଡିୟମରେ ୬୦,୦୦୦ରୁ ଊର୍ଦ୍ଧ୍ୱ ଦର୍ଶକ ଉପସ୍ଥିତ ରହିବେ ବୋଲି ଆଶା କରାଯାଉଛି। ଏହି ମ୍ୟାଚରେ ଭାରତ ମିଡିଲ ଅର୍ଡରରୁ ଅଧିକ ରନ ଆଶା କରିବ। ପୁନଶ୍ଚ ଡେଥ୍ ଓଭରଗୁଡ଼ିକରେ ଶୃଙ୍ଖଳିତ ବୋଲିଂ କରିବାକୁ ହେବ। ଗତ ମ୍ୟାଚରେ ୩୫୦ ରନର ବିଜୟ ଲକ୍ଷ୍ୟ ଚେଜ୍ କରୁଥିବା ବେଳେ ନ୍ୟୁଜିଲାଣ୍ଡ ଦଳ ଏକଦା ୧୩୧ ରନ୍‌ରେ ୬ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ମାତ୍ର ଦଳ ପରେ ଲଢୁଆ ପ୍ରତ୍ୟାବର୍ତ୍ତନ କରି ୨୦୬ ରନ ଯୋଗ କରିବାରେ ସମର୍ଥ ହୋଇଥିଲା, ଯାହାକି ଭାରତ ପାଇଁ ଚିନ୍ତାର ବିଷୟ। ଭ୍ରମଣକାରୀ ଦଳ ଏପରିକି ବିଜୟ ସମ୍ଭାବନା ସୃଷ୍ଟି କରିଥିଲା। ମାତ୍ର ମହମ୍ମଦ ସିରାଜ ଚମତ୍କାର ବୋଲିଂ କରି ସେଥିରେ ଅଙ୍କୁଶ ଲଗାଇଥିଲେ। ମ୍ୟାଚରେ ଶୁବମନ ଗିଲ୍‌ଙ୍କ ଚିତାକର୍ଷକ ଦ୍ୱିଶତକ ଯୋଗୁ ଭାରତ ଏକ ବଡ଼ ସ୍କୋର କରିପାରିଥିଲା। ବିରାଟ କୋହଲି, ଅଧିନାୟକ ରୋହିତ ଶର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଇଶାନ କିଶନ ଆଶାନୁରୂପ ବ୍ୟାଟିଂ କରିପାରି ନ ଥିଲେ। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ଗତ ମ୍ୟାଚରୁ କିଛି ଶିକ୍ଷା ଲାଭ କରିଛି। ଏଥର ସେଥିରେ ସୁଧାର ଆଣିବାକୁ ଚେଷ୍ଟା କରିବ। ପ୍ରଥମ ଦିନିକିଆରେ ଫିନ୍ ଆଲେନ୍ କେତୋଟି ଭଲ ଶଟ୍ ଖେଳିଥିଲେ ମାତ୍ର ବଡ଼ ସ୍କୋର କରିପାରି ନ ଥିଲେ। କେନ୍ ୱିଲିୟମ୍ସଙ୍କ ଅନୁପସ୍ଥିତିରେ ଜଣେ କେହି କ୍ରିଜ୍‌ରେ ଅଧିକ ସମୟ ମହଜୁଦ ରହି ଦଳର ଇନିଂସକୁ ଆଗେଇ ନେବା ଆବଶ୍ୟକତା ରହିଛି। ଗିଲ୍‌ଙ୍କଠାରୁ ପ୍ରହାର ଖାଇଥିଲେ ମଧ୍ୟ ହେନ୍‌ରୀ ଶିପ୍‌ଲୀ, ଲୋକି ଫର୍ଗୁସନ ଓ ବ୍ଲେୟାର ଟିକ୍‌ନର ଶନିବାର ମ୍ୟାଚରେ ଉନ୍ନତ ବୋଲିଂ କରିବାକୁ ଚେଷ୍ଟା କରିବେ। ଦଳ ପାଇଁ କର ଅବା ମର ମ୍ୟାଚ ପାଇଁ ଇଶ୍ ସୋଧି ସମ୍ପୂର୍ଣ୍ଣ ଫିଟ୍ ନେସ ଫେରିପାଉଛନ୍ତି କି ନା ତାହା ଶନିବାର ସ୍ପଷ୍ଟ ହେବ।

**ମ୍ୟାଚ ଆରମ୍ଭ: ଅପରାହ୍ଣ ୧ଟା ୩୦**

# ଡ୍ର ମ୍ୟାଚରେ ଶୁଭ୍ରାଂଶୁଙ୍କ ଶତକ

**ରଣଜୀ ଟ୍ରଫି**

ଭୁବନେଶ୍ୱର, ୨୦।୧
(କ୍ରୀଡ଼ା ପ୍ରତିନିଧି)

ମିରୁଟରେ ଶୁକ୍ରବାର ଶେଷ ହୋଇଥିବା ଓଡ଼ିଶା-ଉତ୍ତର ପ୍ରଦେଶ ରଣଜୀ ଟ୍ରଫି ମ୍ୟାଚ ଡ୍ର ରହିଛି। ଓଡ଼ିଶା ଦଳର ଅଧିନାୟକ ଶୁଭ୍ରାଂଶୁ ସେନାପତି ଶତକ ହାସଲ କରି ଉଲ୍ଲେଖନୀୟ ସଫଳତା ପାଇଥିବାବେଳେ ଓପନର ଅନୁରାଗ ଷଡ଼ଙ୍ଗୀ ୯୧ ରନର ଇନିଂସ ଖେଳିଛନ୍ତି। ତେବେ ପ୍ରଥମ ଇନିଂସରେ ଅଗ୍ରଣୀ ରହିଥିବାରୁ ଉତ୍ତର ପ୍ରଦେଶ ୩ ପଏଣ୍ଟ ହାସଲ କରିଛି। ଓଡ଼ିଶାକୁ ମାତ୍ର ୧ ପଏଣ୍ଟ ମିଳିଛି। ତୃତୀୟ ଦିବସର ଅସମାପ୍ତ ସ୍କୋର ୧୫୨/୧ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ୪ର୍ଥ ଦିବସ ଖେଳ ଶେଷ ବେଳକୁ ୪ ଉଇକେଟ ହରାଇ ୩୩୫ ରନ ସଂଗ୍ରହ କରିଥିଲା। ଶୁଭ୍ରାଂଶୁ ୧୭୯ ବଲ୍‌ରୁ ୨୦ ଚୌକା ଓ ୨ ଛକା ସହାୟତାରେ ସର୍ବାଧିକ ୧୪୫ ରନ ସଂଗ୍ରହ କରିଥିଲେ। ୯ ରନପାଇଁ ଶତକରୁ ବଞ୍ଚିତ ହୋଇଥିବା ଅନୁରାଗ ଷଡ଼ଙ୍ଗୀ ୯୧ ରନର ଇନିଂସ ମଧ୍ୟରେ ୧୦ ଚୌକା ଓ ୨ ଛକା ମାରିଥିଲେ। ଗୋବିନ୍ଦ ପୋଦ୍ଦାର ୫୩ ଓ ରାଜେଶ ଧୂପର ୨୨ ରନରେ ଅପରାଜିତ ରହିଥିଲେ। ଉତ୍ତର ପ୍ରଦେଶ ପକ୍ଷରୁ ସୌରଭ କୁମାର ୨ଟି ଏବଂ ଶିବମ୍ ମାଭି ଓ କରନ ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ ୨୨୬। ଉତ୍ତର ପ୍ରଦେଶ ପ୍ରଥମ ଇନିଂସ: ୩୬୨। ଓଡ଼ିଶା ଦ୍ୱିତୀୟ ଇନିଂସ: ୩୩୫/୪ (ଶୁଭ୍ରାଂଶୁ ସେନାପତି-୧୪୫, ଅନୁରାଗ ଷଡ଼ଙ୍ଗୀ-୯୧, ଗୋବିନ୍ଦ ପୋଦ୍ଦାର-୫୩*, ସୌରଭ କୁମାର-୨/୯୮, ଶିବମ୍ ମାଭି-୧/୧/୫୨, କରନ ଶର୍ମା-୧/୭୩)।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ